# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଜୁନ୍ ୧୮/୨୦୧୯ (୧୬ ପୃଷ୍ଠା) | Bhubaneswar, Tuesday, June 18/2019 | ★★★★

୪୫ଶ ଭାଗ ୨୦୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**ଟାଇଟଲ୍ ସଙ୍ଗ୍‌ରେ ଶ୍ରେୟା**

ଆଗାମୀ ଫିଲ୍ମ 'ହମେ ତୁମ୍‌ସେ ପ୍ୟାର୍ କିତ୍‌ନା' ପାଇଁ ଏକ ଲଭ୍‌ସଙ୍ଗ୍ ଗାଇଛନ୍ତି ସୋନୁ ନିଗମଙ୍କ ସହିତ ଗାୟିକା ଶ୍ରେୟା ଘୋଷାଲ। ୦୨

୧୪ **ଶାକିବଙ୍କ ଶତକରେ ବାଂଲାଦେଶ ବିଜୟୀ**

ଟଣ୍ଟନଠାରେ ଅନୁଷ୍ଠିତ ଆଇସିସି ବିଶ୍ୱକପ୍ ମ୍ୟାଚରେ ଶତକ ହାସଲ କରି ୱେଷ୍ଟଇଣ୍ଡିଜ ବିପକ୍ଷରେ ବାଂଲାଦେଶକୁ ବିଜୟୀ କରାଇଛନ୍ତି ଶାକିବ-ଅଲ-ହାସନ।





ହାତୀବେଶରେ ସଜ୍ଜିତ ହୋଇଛନ୍ତି ଦାରୁଦିଅଁ।

# ହାତୀବେଶରେ ମହାପ୍ରଭୁ

**ପୁରୀ ଅଫିସ,୧୭।୬**

- ଦର୍ଶନ କଲେ ଲକ୍ଷାଧିକ ଭକ୍ତ
- ସଅଳ ହେଲା ନୀତିକାନ୍ତି
- ଅଣସରରେ ଚତୁର୍ଦ୍ଧାବିଗ୍ରହ
- ବାତ୍ୟା, ଖରା ପ୍ରଭାବରୁ କମିଲେ ଭକ୍ତ

ପବିତ୍ର ଦେବସ୍ନାନ ପୂର୍ଣ୍ଣିମାରେ ଦୁର୍ଲ୍ଲଭ ହାତୀବେଶରେ ଦର୍ଶନ ଦେଇଛନ୍ତି ଦାରୁଦିଅଁ। ସ୍ନାନବେଦିରେ ମହାପ୍ରଭୁଙ୍କ ଗଜାନନ ବେଶ ଦର୍ଶନ କରି କୃତାର୍ଥ ହୋଇଛନ୍ତି ଲକ୍ଷାଧିକ ଭକ୍ତ। ସ୍ନାନମଣ୍ଡପରେ ୧୦୮ ଗଡୁ ଅଭିମନ୍ତ୍ରିତ ଜଳରେ ସ୍ନାନ କରି ବିଳମ୍ବିତ ରାତିରେ ଅଣସର ଗୃହକୁ ବିଜେ କରିଛନ୍ତି ଚତୁର୍ଦ୍ଧାବିଗ୍ରହ। ମହାପ୍ରଭୁଙ୍କ ଏହି ସ୍ନାନଯାତ୍ରା ଲାଗି ସୋମବାର ଚଳଚଞ୍ଚଳ ହୋଇପଡ଼ିଥିଲା ଶ୍ରୀକ୍ଷେତ୍ର। ତେବେ ପ୍ରବଳ ଖରା ଓ ବାତ୍ୟାର ପ୍ରଭାବ ଯୋଗୁ ବିଗତ ବର୍ଷଗୁଡ଼ିକ ଅପେକ୍ଷା ଚଳିତବର୍ଷ ଭକ୍ତଙ୍କ ସଂଖ୍ୟା କମ୍ ରହିଥିଲା। ଅନ୍ୟପକ୍ଷରେ ସଅଳ ନୀତିକାନ୍ତି ଯୋଗୁ ସୁରୁଖୁରରେ ସରିଛି ରଥଯାତ୍ରାର ଏହି ଆଦ୍ୟପର୍ବ।

ରବିବାର ସେନାପଟା ଲାଗି ଶେଷ ପାଇଁ ପୂର୍ବାହ୍ନ ସାଢେ ୧୦ଟା ସମୟ ନିର୍ଘଣ୍ଟ ହୋଇଥିବାବେଳେ ଏହା ଅପରାହ୍ନ ସାଢେ ୧ଟାରେ ସରିଥିଲା। ଚତୁର୍ଦ୍ଦଶୀରେ ଅଧିକ ନୀତି ଯୋଗୁ କେତେକ ନୀତି ଏପରି କି ପହୁଡ଼ ସମ୍ଭବ ହୋଇପାରି ନ ଥିଲା। କିନ୍ତୁ ମହାପ୍ରଭୁଙ୍କ ସ୍ନାନଯାତ୍ରା ପାଇଁ ସମସ୍ତେ ନିଜକୁ ପ୍ରସ୍ତୁତ କରିଥିଲେ। ସୋମବାର ଭୋର ୫ଟା ୧୦ରେ ମଙ୍ଗଳାର୍ପଣ ନୀତି ପରେ ୫ଟା ୨୦ରେ ବାଜିଥିଲା ବିଜେ କାହାଳୀ। ଏହାପରେ ଆରମ୍ଭ ହୋଇଥିଲା ପହଣ୍ଡି ବିଜେ। ଧାଡ଼ି ପହଣ୍ଡିରେ ପ୍ରଥମେ ଶ୍ରୀସୁଦର୍ଶନ, ତା'ପରେ ବଡ଼ଠାକୁର ବଳଭଦ୍ର, ଦେବୀ ସୁଭଦ୍ରା ଏବଂ ଶେଷରେ ମହାପ୍ରଭୁ ଶ୍ରୀଜଗନ୍ନାଥ ସ୍ନାନମଣ୍ଡପକୁ ବିଜେ କରିଥିଲେ। ପହଣ୍ଡି ସକାଳ ୭ଟା ୪୦ରେ ଶେଷ ହୋଇଥିଲା। ମଦନମୋହନଙ୍କୁ ୮ଟା ୨୨ରେ ମହାଜନ ସେବକ ସ୍ନାନମଣ୍ଡପକୁ ବିଜେ କରାଇଥିଲେ। ସକାଳ ୭ଟାରେ ମଙ୍ଗଳ ଆଳତି ନୀତି ନିର୍ଘଣ୍ଟ ହୋଇଥିଲାବେଳେ ୮ଟା ୪୫ରେ ଏହା ସମ୍ପନ୍ନ ହୋଇଥିଲା। ମଇଲମ, ତଡ଼ପଲାଗି, ଅଧରପୋଛା ନୀତି ସରି ପୂର୍ବାହ୍ନ ୧୦ଟାରେ ଅବକାଶ ନୀତି ହୋଇଥିଲା। ଏହାପରେ ରୋଷହୋମ, ସୂର୍ଯ୍ୟପୂଜା ବଢ଼ି ☞ପୃଷ୍ଠା-୪

■ ଆରମ୍ଭ ହେଲା ସଂସଦର ବଜେଟ ଅଧିବେଶନ

# ପ୍ରଥମ ଦିନରେ ଶପଥଗ୍ରହଣ

**ନୂଆଦିଲ୍ଲୀ,୧୭।୬**

- ବୀରେନ୍ଦ୍ର କୁମାର କାମଚଳା ବାଚସ୍ପତି
- ୧୯ରେ ବାଚସ୍ପତି ନିର୍ବାଚନ
- ୨୦ରେ ରାଷ୍ଟ୍ରପତିଙ୍କ ଅଭିଭାଷଣ
- ସଂସ୍କୃତରେ ଶପଥପାଠ କଲେ ପ୍ରତାପ ଷଡ଼ଙ୍ଗୀ



ସପ୍ତଦଶ ଲୋକ ସଭାର ପ୍ରଥମ (ବଜେଟ) ଅଧିବେଶନ ସୋମବାରଠାରୁ ଆରମ୍ଭ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ନୂଆ ଲୋକ ସଭାର ସଦସ୍ୟମାନେ ଏହି ଅବସରରେ ଶପଥଗ୍ରହଣ କରିଛନ୍ତି। ଶପଥଗ୍ରହଣ ଲାଗି ମୋଦିଙ୍କ ନାମ ଡକାଯିବା ପରେ ଏନ୍‌ଡିଏ ସଦସ୍ୟମାନେ ଗୃହରେ 'ମୋଦି ମୋଦି' ଓ 'ଭାରତ ମାତା କି ଜୟ' ସ୍ଲୋଗାନ ଦେବା ସହ ଡେସ୍କ ବାଡ଼େଇ ତାଙ୍କୁ ସ୍ୱାଗତ କରିଥିଲେ। କାମଚଳା ବାଚସ୍ପତିଭାବେ ବୀରେନ୍ଦ୍ର କୁମାର ପ୍ରଥମେ ପଦଭାର ଗ୍ରହଣ କରି ନବନିର୍ବାଚିତ ସଦସ୍ୟଙ୍କୁ ଶପଥପାଠ କରାଇଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଶପଥଗ୍ରହଣ କରିଥିଲେ। ପରେ ଲୋକ ସଭାର ଅନ୍ୟ ସଦସ୍ୟମାନଙ୍କୁ କାମଚଳା ବାଚସ୍ପତି ଶପଥଗ୍ରହଣ କରାଇଥିଲେ। କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ସାମାନ୍ୟ ବିଳମ୍ବରେ ଗୃହରେ ପହଞ୍ଚିଥିବାବେଳେ ଇଂଲିଶରେ ଶପଥଗ୍ରହଣ କରିଥିଲେ। ଅମେଠିରୁ ରାହୁଲଙ୍କୁ ପରାଜିତ କରିଥିବା ସ୍ମୃତି ଇରାନି ଶପଥପାଠ କଲାବେଳେ ଲମ୍ବା କରତାଳି ଦେଖିବାକୁ ମିଳିଥିଲା। ପ୍ରଧାନମନ୍ତ୍ରୀ, ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ସହ ଅନ୍ୟମାନେ ଡେସ୍କ ବାଡେଇ ତାଙ୍କୁ ସ୍ୱାଗତ କରିଥିଲେ। ପଶ୍ଚିମବଙ୍ଗରୁ କେନ୍ଦ୍ରମନ୍ତ୍ରୀ ହୋଇଥିବା ବାବୁଲ ସୁପ୍ରିୟୋ ଓ ଦେବଶ୍ରୀ ଚୌଧୁରୀଙ୍କୁ ଶପଥଗ୍ରହଣ ଲାଗି ଡକାଯିବା ପରେ ଭାଜପା ସାଂସଦମାନେ 'ଜୟ ଶ୍ରୀରାମ' ସ୍ଲୋଗାନ୍ ଦେଇ ସେମାନଙ୍କୁ ସ୍ୱାଗତ କରିଥିଲେ। ସଦସ୍ୟମାନେ ବିଭିନ୍ନ ବେଶଭୂଷାରେ ଆସିଥିବାବେଳେ ବିଭିନ୍ନ ଭାଷାରେ ଶପଥପାଠ କରିଥିଲେ। କେତେକେ ହିନ୍ଦୀ, ସଂସ୍କୃତ ଓ ଇଂଲିଶ ଭାଷାରେ ଶପଥଗ୍ରହଣ କରିଥିବାବେଳେ ଆଉ କେତେକେ ଆଞ୍ଚଳିକ ଭାଷାରେ ଶପଥ ନେଇଥିଲେ। ଓଡ଼ିଶାର ବାଲେଶ୍ୱର ଏମ୍‌ପି ତଥା କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ ସଂସ୍କୃତରେ ଶପଥପାଠ କରିଥିବା ଦେଖିବାକୁ ମିଳିଥିଲା। ନବନିର୍ବାଚିତ ସାଂସଦଙ୍କ ଶପଥଗ୍ରହଣ ସମାରୋହ ଦୁଇଦିନ ଧରି ଚାଲିବ।

ଜୁନ୍ ୧୯ରେ ଲୋକ ସଭା ବାଚସ୍ପତି ପଦ ଲାଗି ନିର୍ବାଚନ କରାଯିବ। ୨୦ରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ସଂସଦର ମିଳିତ ଅଧିବେଶନରେ ଉଦ୍‌ବୋଧନ ଦେବେ। ଏହାପରେ ବଜେଟ ନେଇ ଆଲୋଚନା କରାଯିବ। ସରକାର ତିନି ତଲାକ୍ ବିଲ୍ ସହ ଅନ୍ୟ ପ୍ରମୁଖ ଏଜେଣ୍ଡା ସମ୍ପର୍କରେ ଆଲୋଚନା କରିବାର ମଧ୍ୟ ସମ୍ଭାବନା ରହିଛି।

ବଜେଟ ଅଧିବେଶନ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସମସ୍ତ ବିରୋଧୀ ଦଳଙ୍କ ସହଯୋଗ କାମନା କରିଛନ୍ତି। ଦେଶର ହିତ ଲାଗି ସମସ୍ତେ ମିଳିମିଶି କାର୍ଯ୍ୟ କରିବା ଲାଗି ସେ ଆହ୍ୱାନ ଦେଇଛନ୍ତି। ସଂଖ୍ୟାକୁ ନେଇ ଚିନ୍ତା କରିବାର ଆବଶ୍ୟକତା ନାହିଁ, ଆପଣମାନଙ୍କ ପ୍ରତ୍ୟେକ କଥା ସରକାର ଲାଗି ଗୁରୁତ୍ୱପୂର୍ଣ୍ଣ ବୋଲି

ପ୍ରଧାନମନ୍ତ୍ରୀ କହିଛନ୍ତି। ସଂସଦ ଚଳାଇବାରେ ବିରୋଧୀଙ୍କ ପ୍ରମୁଖ ଭୂମିକା ରହିଆସିଛି ବୋଲି ସେ ପ୍ରକାଶ କରିଛନ୍ତି। ଦଳମତ ନିର୍ବିଶେଷରେ ରାଜନୀତିରୁ ଊର୍ଦ୍ଧ୍ୱରେ ରହି ଆଗାମୀ ୫ ବର୍ଷ ସଂସଦର ଗରିମା ରକ୍ଷା ଲାଗି ପ୍ରୟାସ କରିବାକୁ ସେ ଅନୁରୋଧ କରିଛନ୍ତି।

## ୨୧ରେ ବାହାରିପାରେ ଯୁକ୍ତ୨ କଳା, ବାଣିଜ୍ୟ ପରୀକ୍ଷା ଫଳ

**ଭୁବନେଶ୍ୱର,୧୭।୬(ବ୍ୟୁରୋ)**

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ଦ୍ୱାରା ପରିଚାଳିତ ଯୁକ୍ତ୨ କଳା ଏବଂ ବାଣିଜ୍ୟ ପରୀକ୍ଷା ଫଳ ଆସନ୍ତା ୨୧ତାରିଖରେ ପ୍ରକାଶ ପାଇପାରେ। ଫଳ ପ୍ରକାଶନ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଯଦି ସବୁ ଠିକ୍ ଚାଲେ, ତେବେ ☞ପୃଷ୍ଠା-୪

# ୧.୩୪ ଲକ୍ଷ କୋଟି ଟପିପାରେ ରାଜ୍ୟ ବଜେଟ

**ଭୁବନେଶ୍ୱର,୧୭।୬(ବ୍ୟୁରୋ)**

- ପର୍ଯ୍ୟଟନ, ବିପର୍ଯ୍ୟୟ ପ୍ରଶମନ, କ୍ଷୁଦ୍ର ଜଳସେଚନଗୁଡ଼ିକୁ ଅଗ୍ରାଧିକାର ଦେବାକୁ ଅର୍ଥ ବିଶେଷଜ୍ଞଙ୍କ ପରାମର୍ଶ

ଆସନ୍ତା ୨୮ ତାରିଖରେ ବିଧାନସଭାରେ ୨୦୧୯-୨୦ ଆର୍ଥିକବର୍ଷ ଲାଗି ବଜେଟ ଉପସ୍ଥାପନ କରାଯିବ। ଏ ନେଇ ପ୍ରସ୍ତୁତି ଜୋରଦାର ଆରମ୍ଭ ହୋଇଛି। ଆସନ୍ତା ବଜେଟ ୧ ଲକ୍ଷ ୩୫ ହଜାର କୋଟି ଟଙ୍କାକୁ ଟପିଯିବ ବୋଲି ଅନୁମାନ କରାଯାଇଛି। ବଜେଟକୁ କିପରି ଲୋକାଭିମୁଖୀ କରିହେବ, ସେନେଇ ଅର୍ଥ ବିଭାଗ ପକ୍ଷରୁ ବିଭିନ୍ନ ବର୍ଗର ଲୋକମାନଙ୍କ ନିକଟରୁ ଜୁନ୍ ୪ରୁ ୧୫ ତାରିଖ ମଧ୍ୟରେ ମତାମତ ଲୋଡ଼ା ଯାଇଥିଲା। ହ୍ୱାଟସ୍‌ଆପ୍, ଇ-ମେଲ ଏବଂ ଏସ୍‌ଏମ୍‌ଏସ୍ ମାଧ୍ୟମରେ ମତାମତ ଦେବାକୁ ଅନୁରୋଧ କରାଯାଇଥିଲା। ମତାମତଗୁଡିକୁ ତର୍ଜମା କରାଯାଉଛି। ବଜେଟ ଉପସ୍ଥାପନ ପୂର୍ବରୁ ସୋମବାର ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କ ଅଧ୍ୟକ୍ଷତାରେ ଏକ ପ୍ରାକ୍ ବଜେଟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ପୂର୍ବତନ ଅର୍ଥମନ୍ତ୍ରୀ, ଅର୍ଥ ସଚିବ, ବିଶିଷ୍ଟ ଅର୍ଥନୀତିଜ୍ଞ, ଅର୍ଥନୈତିକ ଅନୁଷ୍ଠାନ, ରିଜର୍ଭ ବ୍ୟାଙ୍କ, ନାବାର୍ଡ, କୃଷି, ଶିଳ୍ପ, ବାଣିଜ୍ୟ ଏବଂ ବିଭିନ୍ନ ଶ୍ରମିକ ସଂଗଠନର ପ୍ରତିନିଧିମାନେ ଯୋଗଦେଇ ମତାମତ ଦେଇଛନ୍ତି। ବଜେଟର ରୂପରେଖ ପ୍ରସ୍ତୁତି କରିବାକୁ ବିଭିନ୍ନ ବର୍ଗର ଲୋକମାନଙ୍କଠାରୁ ମତାମତ ଲୋଡ଼ାଯାଇଥିଲା। ସେ ସବୁ ବିଭାଗୀୟ ଅଧିକାରୀମାନେ ସଂଗ୍ରହ କରିଛନ୍ତି। ବଜେଟ ପ୍ରସ୍ତୁତି ସମୟରେ ସମସ୍ତ ପ୍ରସଙ୍ଗକୁ ଦୃଷ୍ଟିରେ ରଖି ଏକ ଜନକଲ୍ୟାଣକାରୀ ବଜେଟ ପ୍ରସ୍ତୁତ କରାଯିବ ବୋଲି ଅର୍ଥମନ୍ତ୍ରୀ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ପିମ୍ପୁଡ଼ି ଦଳିଦେଲୁ

**ଆଜିର ମନ୍ତବ୍ୟ**

"ବିରୋଧୀ ଦଳ ସଂଖ୍ୟାକୁ ନେଇ ଚିନ୍ତା କରନ୍ତୁନାହିଁ, ସେମାନଙ୍କର ପ୍ରତିଟି ଶବ୍ଦ ମୂଲ୍ୟବାନ।

-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

**କିଛି ତଥ୍ୟ**

ଚଳିତ ବର୍ଷର ବର୍ତ୍ତମାନ ସମୟ ସୁଦ୍ଧା ଦେଶର କୃଷକମାନେ ୮.୨୨ ନିୟୁତ ହେକ୍ଟର ଜମିରେ ଖରିଫ ଚାଷ କରିଛନ୍ତି। ଏହା ଗତ ବର୍ଷ ସମାନ ସମୟ ତୁଳନାରେ ୯% କମ୍।

-କୃଷି ମନ୍ତ୍ରଣାଳୟ


NECC NATIONAL EGG CO-ORDINATION COMMITTEE | 17.06.2019 | Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 112 | 173 | 183 |
| CTC | 112 | 173 | 183 |
| DKL | 112 | 173 | 183 |
| BDK | 112 | 173 | 183 |
| BLS | 112 | 173 | 183 |
| ANG | 112 | 173 | 183 |

*Conditions Apply

Eggs Retail Price- 49/-Dozen
Issued in the Interest of Consumers


■ ପାରିବାରିକ କଳହର କରୁଣ ପରିଣତି

# ସ୍ତ୍ରୀ, ଶାଶୁଙ୍କୁ କୁରାଢ଼ିରେ ହାଣି ହତ୍ୟା

**ବାରିପଦା ଅଫିସ,୧୭।୬**

- ପୋଲିସର ଅବହେଳାକୁ ଦାୟୀ କଲେ ଗ୍ରାମବାସୀ
- କର୍ତ୍ତବ୍ୟରେ ଅବହେଳା ଯୋଗୁ କନଷ୍ଟେବଲ ନିଲମ୍ବିତ

ସାମାନ୍ୟ ପାରିବାରିକ କଳହରୁ ସ୍ତ୍ରୀ ଓ ଶାଶୁଙ୍କୁ କୁରାଢ଼ିରେ ହାଣି ନିର୍ମମ ଭାବେ ହତ୍ୟା କରିଛନ୍ତି ଜଣେ ବ୍ୟକ୍ତି। ଏଭଳି ଏକ ଘଟଣା ଘଟିଛି ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ଚିକିଟାମାଟିଆ ପଞ୍ଚାୟତ ଅଧୀନ ଖୁଣ୍ଟାପାଳ ଗ୍ରାମରେ। ପୂର୍ଣ୍ଣଚନ୍ଦ୍ର ମହାନ୍ତ ନାମକ ଏହି ବ୍ୟକ୍ତି ସୋମବାର ନିଜ ସ୍ତ୍ରୀ ଓ ଶାଶୁଙ୍କୁ କୁରାଢ଼ିରେ ହାଣି ହତ୍ୟା କରିଛନ୍ତି। ଗ୍ରାମବାସୀଙ୍କଠାରୁ ଖବରପାଇ ପୋଲିସ ଗ୍ରାମରେ ପହଞ୍ଚି ପୂର୍ଣ୍ଣଚନ୍ଦ୍ରଙ୍କୁ ଗିରଫ କରିଛି। ଏହି ଘଟଣାକୁ ନେଇ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଥିଲା। ତଦନ୍ତ ପାଇଁ ଆସିଥିବା ପୋଲିସ କର୍ମଚାରୀଙ୍କୁ ଗ୍ରାମବାସୀ କିଛି ସମୟ ଅଟକ ରଖିବାରୁ ପୋଲିସକୁ ହଟହଟା ହେବାକୁ ପଡ଼ିଥିଲା। ବୁଝାଶୁଝା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। କର୍ତ୍ତବ୍ୟରେ ଅବହେଳା କରିଥିବା ମୋରଡା ଥାନାର ଜଣେ କନେଷ୍ଟବଳଙ୍କୁ ମଧ୍ୟ ଚାକିରିରୁ ନିଲମ୍ବନ କରାଯାଇଛି।

ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ରଜ ପୂର୍ବରୁ ପୂର୍ଣ୍ଣଚନ୍ଦ୍ରଙ୍କ ଘରେ ପାରିବାରିକ କଳହ ଲାଗି ରହିଥିଲା। ସେ ଏକ କୁରାଢ଼ି ଧରି ସ୍ତ୍ରୀ ମମତା (୪୦) ଓ ଶାଶୁ ସୁନତୀ (୬୧)ଙ୍କୁ ହତ୍ୟା କରିବେ ବୋଲି ଧମକ ଦେଇଥିଲେ। ଫଳରେ ମା' ଝିଅ ଘର ଛାଡ଼ି ପଡ଼ୋଶୀଙ୍କ ଘରେ ଆତ୍ମଗୋପନ କରିଥିଲେ। ଏପରିକି ସୁନତୀ ଏନେଇ ମୋରଡ଼ା ଥାନାରେ ମଧ୍ୟ ଅଭିଯୋଗ କରିଥିଲେ। ହେଲେ ପୋଲିସ ଏହାକୁ ହାଲୁକା ଭାବେ ନେଇ କୌଣସି ପଦକ୍ଷେପ ନେଇ ନ ଥିଲା। ସୋମବାର ସକାଳେ ଉଭୟେ ଘରକୁ ଆସିଥିବା ଜାଣି ପୂର୍ଣ୍ଣଚନ୍ଦ୍ର ସେମାନଙ୍କୁ କୁରାଢ଼ିରେ ହାଣି ହତ୍ୟା କରିଥିଲେ। ହତ୍ୟାକାଣ୍ଡ ସମ୍ପର୍କରେ ସୂଚନାପାଇ ମୋରଡା ଥାନା ଅଧିକାରୀ ଯୋଗେନ୍ଦ୍ର ମଲ୍ଲିକ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତଙ୍କୁ ଗିରଫ କରି ଥାନାକୁ ଆଣୁଥିବା ବେଳେ ଗ୍ରାମବାସୀ ଥାନା ଗାଡିକୁ ଅଟକାଇ ପୋଲିସ ଅବହେଳାକୁ ଦାୟୀକରି ଥିଲେ। ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବରପାଇ ଆଡିସନାଲ ଏସପି ଅଭିମନ୍ୟୁ ନାୟକ ଏବଂ ବେତନଟୀ ଏସଡିପିଓ ଗୋବିନ୍ଦ ସେଠୀ ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଗ୍ରାମବାସୀଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ତେବେ କର୍ତ୍ତବ୍ୟରେ ଅବହେଳା କରିଥିବା ଥାନା କନଷ୍ଟେବଳ ଶଙ୍କର ଟୁଡୁଙ୍କୁ ଜିଲା ପୋଲିସ ପ୍ରଶାସନ ପକ୍ଷରୁ ଚାକିରିରୁ ନିଲମ୍ବିତ କରାଯାଇଥିବା ଜଣାପଡିଛି। ପୋଲିସ ଯଦି ଠିକ୍ ସମୟରେ ପଦକ୍ଷେପ ନେଇଥାନ୍ତା ତେବେ ମା' ଝିଅଙ୍କ ଜୀବନ ବଞ୍ଚିଯାଇଥାନ୍ତା ବୋଲି ଗ୍ରାମବାସୀ କହିଛନ୍ତି। ହତ୍ୟାକାଣ୍ଡ ପରେ ପୂର୍ଣ୍ଣଚନ୍ଦ୍ରଙ୍କ ଭଣଜା ମନୋଜ ଥାନାରେ ଲିଖିତ ଅଭିଯୋଗ ଦେଇଥିଲେ। ଅଭିଯୋଗକୁ ଭିତ୍ତିକରି ଥାନାରେ ମାମଲା(ନଂ.୫୦/୧୯) ରୁଜୁହୋଇ ତଦନ୍ତ ଜାରି ରହିଛି। ଅଭିଯୁକ୍ତ ପୂର୍ଣ୍ଣଚନ୍ଦ୍ରଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ ସୂଚନା ଦେଇଛି।


Baidyanath
100 years of caring

100% ବିଶୁଦ୍ଧ

GOODCARE® Way to Wellness ହର୍ବାଲ୍ ହେଲ୍‌ଥ ଜୁସ୍

ଏଲୋବେରା ଜୁସ୍
- ସୁନ୍ଦର ତ୍ୱଚା ଏବଂ ଘନ କେଶ ପାଇଁ ଉପଯୋଗୀ
- ଶକ୍ତି ପ୍ରଦାନ କରିଥାଏ ଏବଂ ଶରୀରକୁ କ୍ଷତିକାରକ ପଦାର୍ଥରୁ ମୁକ୍ତ କରିଥାଏ




ଅଁଳା ଜୁସ୍
- ପ୍ରାକୃତିକ ଭାବରେ ରୋଗ ପ୍ରତିରୋଧକ କ୍ଷମତା ବଢ଼ାଇଥାଏ
- ସର୍ଦ୍ଦି ଓ କାଶ ପାଇଁ ପ୍ରଭାବଶାଳୀ

ଶୁଦ୍ଧତାର ଶକ୍ତି

thinkpot

ଏହା ମଧ୍ୟ ଉପଲବ୍ଧ: କଲରା ଜାମୁନ ଜୁସ୍ • ତ୍ରିଫଳା ଜୁସ୍ • ହ୍ୱିଟ୍‌ଗ୍ରାସ୍ ଜୁସ୍ • ଗିଲୋୟ ତୁଳସୀ ଜୁସ୍

Shop online at: www.baidyanath.com | Toll Free: 1800 102 1855 (10am to 6pm)



"ସ୍ୱାସ୍ଥ୍ୟକେନ୍ଦ୍ରଗୁଡିକରେ ଡାକ୍ତର ଓ କର୍ମଚାରୀମାନଙ୍କ ସୁରକ୍ଷା ଲାଗି କେନ୍ଦ୍ରୀୟ ଆଇନ ପ୍ରଣୟନ ପ୍ରସଙ୍ଗର ପୁନର୍ବିଚାର କରିବେ ସରକାର ।
- ହର୍ଷ ବର୍ଦ୍ଧନ, କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ



## ସଂକ୍ଷେପରେ

### ଏମ୍ସ ଡାକ୍ତରଙ୍କୁ ମାଡ଼

ନୂଆଦିଲ୍ଲୀ,୧୭ା୬(ପି.ଟି.):ପଶ୍ଚିମବଙ୍ଗରେ ଦୁଇ ଜଣ ଡାକ୍ତରଙ୍କୁ ମାଡ଼ ଘଟଣା ପ୍ରତିବାଦରେ ଦେଶବ୍ୟାପୀ ଡାକ୍ତରମାନେ ଆନ୍ଦୋଳନକୁ ଓହ୍ଲାଇବା ସହ ସୋମବାର କାର୍ଯ୍ୟବନ୍ଦ କରିଥିବାବେଳେ ଦିଲ୍ଲୀର ଏମ୍ସ ଟ୍ରମା ସେଣ୍ଟର ଆଶୁ ଚିକିତ୍ସା ୱାର୍ଡରେ ଜଣେ ଜୁନିୟର ଡାକ୍ତରଙ୍କୁ ମାଡ଼ ହୋଇଛି। ରବିବାର ବିଳମ୍ବିତ ରାତିରେ ଏହି ଘଟଣା ଘଟିଛି। ରୋଗୀଙ୍କ ସମ୍ପର୍କୀୟମାନେ ଜୁନିୟର ଡାକ୍ତରଙ୍କ ସହ ପାଟିତୁଣ୍ଡ କରିବା ପରେ ମାଡ଼ ମାରିଥିଲେ। ଏହାର ପ୍ରତିବାଦରେ ଟ୍ରମା ସେଣ୍ଟର ପରିସରରେ ଉକ୍ତ ଡାକ୍ତରଙ୍କ ସହକର୍ମୀମାନେ ଧର୍ମଘଟରେ ବସିଥିଲେ। ମଙ୍ଗଳବାର ସକାଳ ପର୍ଯ୍ୟନ୍ତ ସେମାନେ କାର୍ଯ୍ୟ ବନ୍ଦ କରିଛନ୍ତି। ବହିର୍ବିଭାଗ ରୋଗୀ ସେବା, ନିୟମିତ ଅପରେଶନ ଥିଏଟର ଏବଂ ୱାର୍ଡ ପରିଦର୍ଶନ ବନ୍ଦ ରହିଥିବା ଏମ୍ସ ଆବାସିକ ଡାକ୍ତର ସଂଘ (ଆରଡିଏ) ପକ୍ଷରୁ କୁହାଯାଇଛି।

### ଏନ୍‌କାଉଣ୍ଟର ବେଳେ ମେଜର ଶହୀଦ

ଶ୍ରୀନଗର,୧୭ା୬(ପି.ଟି.):ଦକ୍ଷିଣ କଶ୍ମୀରରେ ସୋମବାର ଆତଙ୍କବାଦୀଙ୍କ ସହ ଏନ୍‌କାଉଣ୍ଟର ବେଳେ ଜଣେ ସେନା ମେଜର ଶହୀଦ ହୋଇଛନ୍ତି। ଏହି ଗୁଳିବିନିମୟ ବେଳେ ଅନ୍ୟ ଜଣେ ସେନା ଅଧିକାରୀ ଓ ୨ ଯବାନ ଆହତ ହୋଇଥିବା ଜଣାପଡିଛି। ଅନନ୍ତନାଗ ଜିଲାର ଅଚାବଲ ଅଞ୍ଚଳରେ ଆତଙ୍କବାଦୀ ଓ ସୁରକ୍ଷାବଳ ମଧ୍ୟରେ ଏନ୍‌କାଉଣ୍ଟର ହୋଇଥିଲା। ଆହତ ଅଧିକାରୀ ଓ ଯବାନଙ୍କୁ ଶ୍ରୀନଗରସ୍ଥିତ ସେନା ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଅଚାବଲ ଅଞ୍ଚଳର ବିଦୁରା ଗ୍ରାମରେ ଆତଙ୍କବାଦୀମାନେ ଆତ୍ମଗୋପନ କରିଥିବା ଗୋଇନ୍ଦା ସୂଚନା ଆଧାରରେ ସୋମବାର ସକାଳେ ରାଷ୍ଟ୍ରୀୟ ରାଇଫଲ୍ସ ବାହିନୀର ଯବାନ ଏବଂ ରାଜ୍ୟ ପୋଲିସର ସ୍ୱତନ୍ତ୍ର ଅପରେଶନ୍ ଗ୍ରୁପ ଉକ୍ତ ଅଞ୍ଚଳକୁ ଚାରିପଟୁ ଘେରିଯାଇ ତଲାସୀ ଅଭିଯାନ ଆରମ୍ଭ କରିଥିଲେ। ତେବେ ଆତଙ୍କବାଦୀମାନେ ସେମାନଙ୍କ ଉପରକୁ ଗୁଳି ଚଳାଇବାରୁ ସୁରକ୍ଷା ବାହିନୀ ଏହାର ଜବାବ ଦେଇଥିଲା। ଏନ୍‌କାଉଣ୍ଟରରେ ୨ ଆତଙ୍କବାଦୀ ନିହତ ହୋଇଛନ୍ତି। ସେମାନଙ୍କ ମୃତଦେହ ଜବତ ହୋଇଥିବାବେଳେ ପରିଚୟ ମିଳିନାହିଁ।

### ନାଇଜେରିଆରେ ବିସ୍ଫୋରଣ: ୩୦ ମୃତ

କାନୋ,୧୭ା୬(ଏଏଫ୍‌ପି): ନାଇଜେରିଆର ଉତ୍ତର-ପୂର୍ବ ଭାଗରେ ୩ ଆତ୍ମଘାତୀ ବିସ୍ଫୋରଣରେ ୩୦ ଜଣଙ୍କ ମୃତ୍ୟୁ ଘଟିବା ସହିତ ୪୦ ଆହତ ହୋଇଛନ୍ତି। ଏହି ଆକ୍ରମଣ ପାଇଁ କୌଣସି ଗୋଷ୍ଠୀ ନିଜକୁ ଦାୟୀ କରି ନ ଥିଲେ ହେଁ ବୋକୋ ହାରାମ ଜିହାଦୀ ଗ୍ରୁପ୍ ଦ୍ୱାରା ଏହା କରାଯାଇଥିବା ସୂଚନା ମିଳୁଛି। ବୋର୍ନୋ ଷ୍ଟେଟ୍ କ୍ୟାପିଟାଲ ମାଇଡୁଗୁରିଠାରୁ ୩୮ କିଲୋମିଟର ଦୂର କୋଣ୍ଡୁଗାଠାରେ ଫୁଟବଲ୍‌ପ୍ରେମୀମାନେ ଟିଭିରେ ମ୍ୟାଚ୍ ଦେଖୁଥିବାବେଳେ ଆତ୍ମଘାତୀ ବିସ୍ଫୋରଣ ଘଟାଯାଇଥିଲା। ମୃତ୍ୟୁ ସଂଖ୍ୟା ଆହୁରି ବୃଦ୍ଧି ପାଇବା ଆଶଙ୍କା ରହିଛି। ଜଣେ ଆତ୍ମଘାତୀ ହଲ୍ ଭିତରକୁ ପ୍ରବେଶ କରିବାକୁ ଉଦ୍ୟମ କରିବାବେଳେ ହଲ୍‌ର ମାଲିକ ଅଟକାଇବାରୁ ପ୍ରବଳ ଯୁକ୍ତିତର୍କ ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ଆତ୍ମଘାତୀ ଜଣକ ବିସ୍ଫୋରଣରେ ନିଜକୁ ଉଡାଇ ଦେଇଥିଲେ। ଅନ୍ୟ ଦୁଇଜଣ ଆତ୍ମଘାତୀ ଏକ ଟି ଷ୍ଟଲ୍ ନିକଟବର୍ତ୍ତୀ ଜନଗହଳି ମଧ୍ୟରେ ବିସ୍ଫୋରଣ ଘଟାଇଥିଲେ। ଫୁଟବଲ୍ ଖେଳ ଦେଖୁଥିବା ହଲ୍ ବାହାରେ ଅଧିକାଂଶ ଲୋକଙ୍କ ମୃତ୍ୟୁ ଘଟିଥିଲା। ଚଳିତ ବର୍ଷ ଏପ୍ରିଲରେ ବୋକୋ ହାରାମ୍ ଗୋଷ୍ଠୀ ପକ୍ଷରୁ ଶେଷଥର ଲାଗି ଆତ୍ମଘାତୀ ଆକ୍ରମଣ କରାଯାଇଥିଲା। ଦୁଇଜଣ ମହିଳା ଆତ୍ମଘାତୀ ଗାରିସନ୍ ସହରରେ ବିସ୍ଫୋରଣ ଘଟାଇବାରୁ ଦୁଇ ସୈନ୍ୟଙ୍କ ମୃତ୍ୟୁ ଘଟିଥିବାବେଳେ ଆଉ ଜଣେ ଆହତ ହୋଇଥିଲେ।

[ଇତିହାସର ଆଇନାରେ]

### ଜୁନ୍ ୧୮ର ପ୍ରମୁଖ ଘଟଣା

୧୯୬୫ ଜୁନ ୧୮ରେ ଆମେରିକା ଏହାର ବି-୫୨ ବମ୍ବର୍ସ ବ୍ୟବହାର କରି ସାଉଥ୍ ଭିଏତନାମ୍‌ରେ ନ୍ୟାସନାଲ ଲିବରେଶନ୍ ଫ୍ରଣ୍ଟ ଗରିଲା ଫାଇଟର୍ସଙ୍କ ଉପରେ ଆକ୍ରମଣ କରିଥିଲା। ବୋଇଂ ବି-୫୨ ଷ୍ଟ୍ରାଟୋଫୋର୍ଟ୍ରେସ ହେଉଛି ଏକ ଆମେରିକୀୟ ଦୂରଗାମୀ ସବ୍‌ସୋନିକ୍ ଜେଟ୍‌ଚାଳିତ ଲକ୍ଷ୍ୟଭେଦୀ ବୋମାବର୍ଷୀ ବିମାନ।

୨୦୦୯ ଜୁନ୍ ୧୮ରେ ନାସା ଦ୍ୱାରା ଏକ ରୋବୋଟିକ୍ ସ୍ପେସକ୍ରାଫ୍ଟ ଲୁନାର ରିକନାଇସାନ୍ସ ଅର୍ବିଟର (ଏଲ୍‌ଆରଓ) ଲଞ୍ଚ୍ କରାଯାଇଥିଲା। ବର୍ତ୍ତମାନ ଏଲ୍‌ଆରଓ ଚନ୍ଦ୍ରକୁ ପରିକ୍ରମା କରି ତଥ୍ୟ ସଂଗ୍ରହ କରୁଛି।



ପାର୍ଲାମେଣ୍ଟ ଅଧିବେଶନ ପୂର୍ବରୁ ପ୍ରଧାନମନ୍ତ୍ରୀ ଗଣମାଧ୍ୟମକୁ ସୂଚନା ଦେଉଛନ୍ତି।



ଲୋକ ସଭାର କାମଚଳା ବାଚସ୍ପତି ବୀରେନ୍ଦ୍ର କୁମାର ଗୃହରେ ଅଧ୍ୟକ୍ଷତା କରୁଛନ୍ତି।



କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଲୋକ ସଭା ସଦସ୍ୟ ଭାବେ ଶପଥ ନେଉଛନ୍ତି।

# ଡାକ୍ତରଙ୍କ ଧର୍ମଘଟରୁ ସ୍ୱାସ୍ଥ୍ୟସେବା ପ୍ରଭାବିତ

ନୂଆଦିଲ୍ଲୀ,୧୭ା୬(ପି.ଟି.)

ଭାରତୀୟ ମେଡିକାଲ ସଂଘ (ଆଇଏମ୍ଏ) ଡାକରାରେ ସୋମବାର ଦେଶବ୍ୟାପୀ ଡାକ୍ତର ଧର୍ମଘଟ ଯୋଗୁ ଉଭୟ ସରକାରୀ ଓ ଘରୋଇ ହସ୍ପିଟାଲଗୁଡିକରେ ସ୍ୱାସ୍ଥ୍ୟସେବା ପ୍ରଭାବିତ ହୋଇଛି। ପଶ୍ଚିମବଙ୍ଗରେ ଡାକ୍ତରଙ୍କୁ ଆକ୍ରମଣ ଘଟଣାରେ ସପ୍ତାହେ ହେଲା ଆନ୍ଦୋଳନ ଚାଲିଥିବାବେଳେ ଏହାକୁ ସମର୍ଥନ ଜଣାଇ ବିଭିନ୍ନ ରାଜ୍ୟରେ ସୋମବାର ଡାକ୍ତରମାନେ କାର୍ଯ୍ୟବନ୍ଦ ଆନ୍ଦୋଳନରେ ସାମିଲ ହୋଇଥିଲେ। ଫଳରେ ଜରୁରୀ ସ୍ୱାସ୍ଥ୍ୟସେବାକୁ ବାଦ୍ ଦେଲେ ଅନ୍ୟ ସମସ୍ତ ସେବା ବନ୍ଦ ରହିଥିଲା। ଦିଲ୍ଲୀ ଏମ୍ସର ଡାକ୍ତରମାନେ ଧର୍ମଘଟରେ ସାମିଲ ହେବା ସହ ପ୍ରତିବାଦ




ଜମ୍ମୁର ସରକାରୀ ମେଡ଼ିକାଲ କଲେଜ ଡାକ୍ତର ଓ କର୍ମଚାରୀ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ଶୋଭାଯାତ୍ରା ବାହାର କରିଥିଲେ। ଏହା ବ୍ୟତୀତ ଦିଲ୍ଲୀର ସଫଦରଜଙ୍ଗ ହସ୍ପିଟାଲ, ଲେଡି ହରଡିଞ୍ଜ ମେଡିକାଲ କଲେଜ ହସ୍ପିଟାଲ, ଆର୍‌ଏମ୍‌ଏଲ୍ ହସ୍ପିଟାଲ, ଜିଟିବି ହସ୍ପିଟାଲ, ଡ. ବାବାସାହେବ ଆମ୍ବେଦକର ହସ୍ପିଟାଲ, ସଞ୍ଜୟ ଗାନ୍ଧୀ ମେମୋରିଆଲ ହସ୍ପିଟାଲ, ଦୀନଦୟାଲ ଉପାଧ୍ୟାୟ ହସ୍ପିଟାଲର ଡାକ୍ତରମାନେ ଧର୍ମଘଟରେ ସାମିଲ ହୋଇଥିଲେ। ଉତ୍ତରପ୍ରଦେଶ, ରାଜସ୍ଥାନ, ପଞ୍ଜାବ, ହରିୟାଣା, ବିହାର, ଓଡିଶା, ଝାଡଖଣ୍ଡ, ଆନ୍ଧ୍ରପ୍ରଦେଶ, ଛତିଶଗଡ, କେରଳ ସମେତ ପ୍ରାୟ ସବୁ ରାଜ୍ୟରେ ଡାକ୍ତର ଧର୍ମଘଟ ଯୋଗୁ ରୋଗୀ ଚିକିତ୍ସା ବାଧାପ୍ରାପ୍ତ ହୋଇଥିଲା। ଲୁଧିଆନା, ପଟିଆଲା ଭଟିଣ୍ଡା, ହିସାର, ଫରିଦାବାଦ, ଗୁରଗାଓଁ ଓ ଚଣ୍ଡିଗଡରେ ଡାକ୍ତରମାନେ ପ୍ରତିବାଦ ଶୋଭାଯାତ୍ରା ବାହାର କରିଥିଲେ। ତାମିଲନାଡୁରେ ଡାକ୍ତରମାନେ ଏକ ମାନବ ଶୃଙ୍ଖଳ କରିବା ସହ କଳାବ୍ୟାଜ୍ ଓ ହେଲମେଟ୍ ପିନ୍ଧି ଆନ୍ଦୋଳନରେ ସାମିଲ ହୋଇଥିଲେ। ଡାକ୍ତରଙ୍କ ଧର୍ମଘଟ ଯୋଗୁ ଚିକିତ୍ସା ସେବା ପାଇ ନ ପାରି ହଜାର ହଜାର ରୋଗୀ ଫେରିଯାଇଥିଲେ।

# ନଡ୍ଡା ଭାଜପା କାର୍ଯ୍ୟକାରୀ ଅଧ୍ୟକ୍ଷ

ନୂଆଦିଲ୍ଲୀ,୧୭ା୬



ପୂର୍ବତନ କେନ୍ଦ୍ରମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡା (୫୮)ଙ୍କୁ ଭାଜପାର ଜାତୀୟ କାର୍ଯ୍ୟକାରୀ ଅଧ୍ୟକ୍ଷ ଭାବେ ନିର୍ବାଚିତ କରାଯାଇଛି। ସୋମବାର ଦଳର ସଂସଦୀୟ ବୋର୍ଡ ବୈଠକ ବସି ନଡ୍ଡାଙ୍କୁ ଏହି ଗୁରୁଦାୟିତ୍ୱ ଅର୍ପଣ କରାଯାଇଛି। ମୋଦି କ୍ୟାବିନେଟରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଦାୟିତ୍ୱ ନେଇଥିବା ଅମିତ ଶାହ ଭାଜପା ଅଧ୍ୟକ୍ଷ ଭାବେ କାର୍ଯ୍ୟ ଜାରି ରଖିବେ। ଚଳିତ ବର୍ଷ ଶେଷଭାଗରେ ହେବାକୁ ଥିବା ମହାରାଷ୍ଟ୍ର, ହରିୟାଣା ଓ ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନ ଦାୟିତ୍ୱ ମଧ୍ୟ ଦଳ ତରଫରୁ ସେ ବୁଝିବେ। ଅମିତ ଶାହଙ୍କ ନେତୃତ୍ୱରେ ଦଳ ବହୁ ନିର୍ବାଚନ ଜିଣିଆସିଛି। କିନ୍ତୁ ମୋଦି ତାଙ୍କୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଦାୟିତ୍ୱ ଦେବା ପରେ ଦଳର ଅଧ୍ୟକ୍ଷ ପଦ ଅନ୍ୟ କାହାକୁ ଦେବା ଉଚିତ ବୋଲି ସେ କହିଥିଲେ। ଶାହଙ୍କୁ ସହଯୋଗ କରିବା ଲାଗି ନଡ୍ଡାଙ୍କୁ ଭାଜପାର ଜାତୀୟ କାର୍ଯ୍ୟକାରୀ ଅଧ୍ୟକ୍ଷ ପଦରେ ଅବସ୍ଥାପିତ କରାଯାଇଛି ବୋଲି ପ୍ରତିରକ୍ଷା ମନ୍ତ୍ରୀ ତଥା ଦଳର ବରିଷ୍ଠ ସଦସ୍ୟ ରାଜନାଥ ସିଂ ପ୍ରକାଶ କରିଛନ୍ତି। ହିମାଚଳ ପ୍ରଦେଶର ବ୍ରାହ୍ମଣ ସମାଜ ନେତା ନଡ୍ଡା ଆର୍‌ଏସ୍ଏସ୍ ଓ ଭାଜପା ଆଦର୍ଶରେ ଅନୁପ୍ରାଣିତ। ଏହାସହ ତାଙ୍କର ନିର୍ମଳ ଭାବମୂର୍ତ୍ତି ରହିଆସିଛି। ମୋଦି ସରକାର (ପ୍ରଥମ ପାଳି)ରେ ସେ ସ୍ୱାସ୍ଥ୍ୟମନ୍ତ୍ରୀ ଭାବେ ଗୁରୁଦାୟିତ୍ୱ ତୁଲାଇଥିଲେ।

■ ମମତାଙ୍କ ସହ ଡାକ୍ତରଙ୍କ ଆଲୋଚନା

# ସୁରକ୍ଷା ପ୍ରତିଶ୍ରୁତି ପରେ ଆନ୍ଦୋଳନ ପ୍ରତ୍ୟାହୃତ

କୋଲକାତା,୧୭ା୬(ପି.ଟି.)

**ହସ୍ପିଟାଲରେ ନିଯୁକ୍ତ ହେବେ ନୋଡାଲ ଅଫିସର**

ପଶ୍ଚିମବଙ୍ଗରେ ୨ ଜଣ ଡାକ୍ତରଙ୍କୁ ମରଣାନ୍ତକ ଆକ୍ରମଣ ପ୍ରତିବାଦରେ ସପ୍ତାହେ ହେଲା ଆନ୍ଦୋଳନ ଜାରି ରହିଥିବାବେଳେ ସୋମବାର ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସେମାନଙ୍କ ପାଇଁ ନୂଆ ସୁରକ୍ଷା ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ମମତାଙ୍କ ସହ ଆଲୋଚନା ପରେ ଡାକ୍ତରମାନେ ଆନ୍ଦୋଳନ ପ୍ରତ୍ୟାହାର କରିନେଇଛନ୍ତି। ରାଜ୍ୟ ସଚିବାଳୟରେ ମୁଖ୍ୟମନ୍ତ୍ରୀ ଆନ୍ଦୋଳନରତ ଡାକ୍ତରମାନଙ୍କ ପ୍ରତିନିଧିଙ୍କୁ ଭେଟି ସୁରକ୍ଷା ସଂକ୍ରାନ୍ତରେ ଆଲୋଚନା କରିଥିଲେ। ରାଜ୍ୟର ସମସ୍ତ ସରକାରୀ ହସ୍ପିଟାଲରେ ଡାକ୍ତରମାନଙ୍କ ସୁରକ୍ଷା ଲାଗି ନୋଡାଲ ଅଫିସର ନିଯୁକ୍ତ କରିବାକୁ ସେ ପୋଲିସ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ସ୍ୱାସ୍ଥ୍ୟ ସଚିବ, ସ୍ୱାସ୍ଥ୍ୟ ରାଷ୍ଟ୍ରମନ୍ତ୍ରୀ ଚନ୍ଦ୍ରିମା ଭଟ୍ଟାଚାର୍ଯ୍ୟ ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ମମତା ଗଣମାଧ୍ୟମ ସମ୍ମୁଖରେ ଆଲୋଚନା ପାଇଁ ରାଜି ହୋଇଥିଲେ। କୌଣସି ଆନ୍ଦୋଳନରତ ଡାକ୍ତରଙ୍କ ବିରୋଧରେ ମାମଲା ରୁଜୁ ହେବନି ବୋଲି ମମତା ପ୍ରତିଶ୍ରୁତି ଦେଇଥିଲେ। ଆଲୋଚନାରେ ସନ୍ତୁଷ୍ଟ ବୋଲି ଡାକ୍ତରମାନଙ୍କର ଜଣେ ପ୍ରତିନିଧି ଗଣମାଧ୍ୟମକୁ କହିଛନ୍ତି। ଏନ୍‌ଆର୍‌ଏସ୍ ମେଡିକାଲ କଲେଜ ଓ ହସ୍ପିଟାଲଠାରେ ଆନ୍ଦୋଳନ ପ୍ରତ୍ୟାହାର ସମ୍ପର୍କରେ ଆନୁଷ୍ଠାନିକ ଘୋଷଣା କରାଯାଇଛି। ଉକ୍ତ ହସ୍ପିଟାଲରେ ସୋମବାର ରାତିରେ ଜଣେ ରୋଗୀଙ୍କ ମୃତ୍ୟୁକୁ ନେଇ ତାଙ୍କର ସମ୍ପର୍କୀୟମାନେ ଦୁଇଜଣ ଜୁନିୟର ଡାକ୍ତରଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏହାର ପ୍ରତିବାଦରେ ଏବଂ ଡାକ୍ତରମାନଙ୍କ ସୁରକ୍ଷା ଦାବି କରି ସେଠାରେ ସପ୍ତାହେ ହେଲା ଆନ୍ଦୋଳନ ଜାରି ରହିବା ଫଳରେ ରୋଗୀସେବା ବାଧାପ୍ରାପ୍ତ ହୋଇଥିଲା। କାର୍ଯ୍ୟରେ ତୁରନ୍ତ ଯୋଗଦେବା ପାଇଁ ମୁଖ୍ୟମନ୍ତ୍ରୀ ମମତାଙ୍କ ଚେତାବନୀକୁ ଡାକ୍ତରମାନେ ଗ୍ରହଣ କରି ନ ଥିଲେ। ପଶ୍ଚିମବଙ୍ଗ ଡାକ୍ତରଙ୍କ ସମର୍ଥନରେ ଭାରତୀୟ ମେଡିକାଲ ସଂଘ ଏବଂ ବିଭିନ୍ନ ସଂଗଠନ ବାହାରିବା ପରେ ମମତ ମୁଣ୍ଡ ନୁଆଁଇଥିଲେ। ସେ ଡାକ୍ତରମାନଙ୍କ ସମସ୍ତ ଦାବି ପୂରଣ କରିବେ ବୋଲି କହିବା ପରେ ସୋମବାର ଆଲୋଚନା ପାଇଁ ଜୁନିୟର ଡାକ୍ତର ସଂଘ ରାଜି ହୋଇଥିଲା।

## ଡାକ୍ତରଙ୍କ ସୁରକ୍ଷା ନେଇ ସୁପ୍ରିମକୋର୍ଟରେ ଶୁଣାଣି ଆଜି

ନୂଆଦିଲ୍ଲୀ,୧୭ା୬

ଡାକ୍ତରଙ୍କ ସୁରକ୍ଷା ନେଇ କରାଯାଇଥିବା ଆବେଦନର ଶୁଣାଣି ସୁପ୍ରିମକୋର୍ଟରେ ମଙ୍ଗଳବାର କରାଯିବ। ବିଚାରପତି ଦୀପକ ଗୁପ୍ତା ଓ ବିଚାରପତି ସୂର୍ଯ୍ୟକାନ୍ତଙ୍କୁ ନେଇ ଗଠିତ ଅବକାଶକାଳୀନ ଖଣ୍ଡପୀଠ ଏଥିଲାଗି ରାଜି ହୋଇଛନ୍ତି। ଆବେଦନକାରୀଙ୍କ ଓକିଲ ଏ.ଏ. ଶ୍ରୀବାସ୍ତବ ମାମଲାର ତ୍ୱରିତ ଶୁଣାଣି ଲାଗି ଅନୁରୋଧ କରିଥିଲେ। ପଶ୍ଚିମବଙ୍ଗରେ ଡାକ୍ତରଙ୍କୁ ମାଡ଼ ପ୍ରତିବାଦରେ ଆନ୍ଦୋଳନ କରାଯାଇଥିବାବେଳେ ଶୁକ୍ରବାର ଏହି ଆବେଦନ କରାଯାଇଥିଲା। ସବୁ ସରକାରୀ ଡାକ୍ତରଖାନାରେ ସୁରକ୍ଷା କର୍ମୀ ନିଯୁକ୍ତ କରିବା ଲାଗି ଆବେଦନକାରୀ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀ ଓ ପଶ୍ଚିମବଙ୍ଗ ସରକାରଙ୍କଠାରୁ ନିର୍ଦ୍ଦେଶନାମା ଦାବି କରିଛନ୍ତି। ଡାକ୍ତରଙ୍କ ଆନ୍ଦୋଳନ ଯୋଗୁ ସ୍ୱାସ୍ଥ୍ୟସେବା ବ୍ୟାହତ ହୋଇଛି।

# ପୁଲ୍‌ୱାମାରେ ପୁଣି ଆତଙ୍କବାଦୀ ଆକ୍ରମଣ



ଶ୍ରୀନଗର,୧୭ା୬(ଆଇଏଏନ୍‌ଏସ୍)

■ ୪ ଯବାନ ଆହତ

■ କାସ୍‌ପର ଯାନ କ୍ଷତିଗ୍ରସ୍ତ

ଜମ୍ମୁ-କଶ୍ମୀରର ପୁଲ୍‌ୱାମା ଜିଲାରେ ଆତଙ୍କବାଦୀମାନେ ପୁଣି ଥରେ ସୁରକ୍ଷା କର୍ମୀଙ୍କୁ ଆକ୍ରମଣ କରିଛନ୍ତି। ସେମାନଙ୍କ ଆକ୍ରମଣରେ ୪ ଜଣ ଯବାନ ଆହତ ହୋଇଛନ୍ତି। ସୋମବାର ୪୪ ରାଷ୍ଟ୍ରୀୟ ରାଇଫଲ୍ସର ଗାଡ଼ିଗୁଡିକୁ ଆତଙ୍କବାଦୀମାନେ ଟାର୍ଗେଟ କରି ଆଇଇଡି (ଉନ୍ନତ ମାନର ବିସ୍ଫୋରକ)ରେ ଆକ୍ରମଣ କରିଥିଲେ। ଅରିହାଲ-ଲସିପୋରା ରାସ୍ତା ଦେଇ ଯବାନମାନଙ୍କ ଯାନ ଯାଉଥିବାବେଳେ ଅରିହାଲ ଗ୍ରାମ ନିକଟରେ ଆଇଇଡି ବିସ୍ଫୋରଣ ହୋଇଥିଲା ବୋଲି ପୋଲିସ କହିଛି। ବିସ୍ଫୋରଣରେ ସେନାର ବୁଲେଟ ଓ ଲ୍ୟାଣ୍ଡମାଇନ୍ ନିରୋଧୀ କାସ୍‌ପର ଯାନ କ୍ଷତିଗ୍ରସ୍ତ ହୋଇଛି। ଏହା ପରେ ସୁରକ୍ଷା ବଳ ଓ ଆତଙ୍କବାଦୀଙ୍କ ମଧ୍ୟରେ ଦୀର୍ଘ ସମୟ ଧରି ଗୁଳି ବିନିମୟ ହୋଇଥିଲା। ଲ୍ୟାଣ୍ଡମାଇନ ଆକ୍ରମଣରୁ ଅନ୍ୟ ଗାଡ଼ିଗୁଡିକୁ ସୁରକ୍ଷା ଦେବା ଲାଗି କାସ୍‌ପର ଯାନ ଆଗରେ ଯାଇଥାଏ। ତେବେ ବିସ୍ଫୋରକ ଏତେ ଶକ୍ତିଶାଳୀ ଥିଲା ଯେ ତାହା କାସ୍‌ପର ଯାନକୁ ମଧ୍ୟ କ୍ଷତିଗ୍ରସ୍ତ କରିଦେଇଛି। ସେନା ଉକ୍ତ ଅଞ୍ଚଳକୁ ଘେରାବନ୍ଦୀ କରିଛି। ଗତ ଫେବୃୟାରୀ ୧୪ରେ ସିଆରପିଏଫ୍‌ର ଏକ ବସ୍‌କୁ ଆତଙ୍କବାଦୀ ଆତ୍ମଘାତୀ ବିସ୍ଫୋରଣରେ ଉଡାଇ ଦେଇଥିଲେ। ଏଥିରେ ୪୦ରୁ ଊର୍ଦ୍ଧ୍ୱ ଯବାନ ଶହୀଦ ହୋଇଥିଲେ। ଉକ୍ତ ଆକ୍ରମଣସ୍ଥଳଠାରୁ ୨୭ କିଲୋମିଟର ଦୂରରେ ସୋମବାର ବିସ୍ଫୋରଣ ହୋଇଛି।




# ସଲମାନ୍ ଦୋଷମୁକ୍ତ

**ଜାଲ୍ ସତ୍ୟପାଠ ମାମଲା**

ଯୋଧପୁର,୧୭ା୬(ଆଇଏଏନ୍‌ଏସ୍): ଅଦାଲତରେ ମିଥ୍ୟା ସତ୍ୟପାଠ ଦାଖଲ ମାମଲାରେ ସ୍ଥାନୀୟ ଅଦାଲତ ସୋମବାର ଅଭିନେତା ସଲମାନ୍ ଖାନ୍‌ଙ୍କୁ ଦୋଷମୁକ୍ତ କରିଛନ୍ତି। ୨୦୦୬ରେ ରାଜସ୍ଥାନ ସରକାର ତାଙ୍କ ବିରୋଧରେ କରିଥିବା ଆବେଦନକୁ ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ଅଙ୍କିତ ରମନ୍ ଖାରଜ କରିଦେଇଛନ୍ତି। ୧୯୯୮ରେ 'ହମ୍ ସାଥ୍ ସାଥ୍ ହେଁ' ଫିଲ୍ମ ଶୁଟିଂ ବେଳେ କୃଷ୍ଣସାର ମୃଗ ଶିକାର ବେଳେ ପାଖରେ ମାରଣାସ୍ତ୍ର ରଖିଥିଲେ। ଏହାର ଲାଇସେନ୍ସ ରେନ୍ୟୁଆଲ୍ କରିବାକୁ ଦିଆଯାଇଥିଲେ ହେଁ ତାହା ହଜିଯାଇଛି ବୋଲି କୋର୍ଟରେ ମିଥ୍ୟା ସତ୍ୟପାଠ ଦାଖଲ କରିଥିଲେ।

## ଆମେରିକାରେ ୪ ଭାରତୀୟଙ୍କୁ ହତ୍ୟା ସନ୍ଦେହ

ୱାଶିଂଟନ,୧୭ା୬(ପି.ଟି.)- ଆମେରିକାରେ ରହୁଥିବା ଜଣେ ଭାରତୀୟ ସୂଚନା ପ୍ରଯୁକ୍ତି ପେସାଦାର ଓ ତାଙ୍କ ପରିବାରର ୩ ଜଣଙ୍କ ମୃତଦେହ ସେମାନଙ୍କ ଘରୁ ଉଦ୍ଧାର କରାଯାଇଛି। ସମସ୍ତଙ୍କ ଦେହରେ ଗୁଳି ଚିହ୍ନ ରହିଥିବାରୁ ସେମାନଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି।

■ ବିହାରରେ ଅଂଶୁଘାତ ମୃତ୍ୟୁ ସଂଖ୍ୟା ୧୧୭

# ଗୟାରେ ୧୪୪ ଧାରା ଜାରି

ନୂଆଦିଲ୍ଲୀ,୧୭ା୬

■ ସରକାରୀ ସ୍କୁଲ ୨୨ ଯାଏ ବନ୍ଦ ନିର୍ଦ୍ଦେଶ

■ ମୃତକଙ୍କ ପରିବାରକୁ ୪ ଲକ୍ଷ ଟଙ୍କା ସହାୟତା

ମୌସୁମୀର ଲୁଚକାଳି ଖେଳ ସହ ଦେଶର ବିଭିନ୍ନ ସ୍ଥାନରେ ଗ୍ରୀଷ୍ମଲହରି ଜାରି ରହିଛି। ଦିଲ୍ଲୀ, ମଧ୍ୟପ୍ରଦେଶ, ରାଜସ୍ଥାନ, ଓଡ଼ିଶା, ବିହାର ଆଦି ରାଜ୍ୟଗୁଡ଼ିକରେ ପ୍ରଚଣ୍ଡ ରୌଦ୍ରତାପ ଯୋଗୁ ଜନଜୀବନ ଦୁର୍ବିଷହ ହୋଇପଡ଼ିଛି। ବିହାରରେ ପରିସ୍ଥିତି ଅଣାୟତ୍ତ ହୋଇପଡ଼ିଥିବାବେଳେ ଗୟା ଜିଲାରେ ସୋମବାର ୧୪୪ ଧାରା ଜାରି କରାଯାଇଛି। ଜଲାପାଳ ଅଭିଷେକ ସିଂ ଲୋକଙ୍କୁ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଘରଭିତରେ ରହିବା ଲାଗି ପରାମର୍ଶ ଦେଇଛନ୍ତି। ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ସମୟରେ ସମସ୍ତ ନିର୍ମାଣ କାର୍ଯ୍ୟ ବନ୍ଦ ରଖାଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ମନରେଗା କାର୍ଯ୍ୟ ପୂର୍ବାହ୍ନ ୧୦.୩୦ ପରେ ବନ୍ଦ ରଖାଯିବ ଓ କୌଣସି ସଭାସମିତି ଖୋଲାରେ କରାଯାଇ ପାରିବ ନାହିଁ ବୋଲି ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି। ସବୁ ସରକାରୀ ବିଦ୍ୟାଳୟକୁ ଆସନ୍ତା ୨୨ ତାରିଖ ପର୍ଯ୍ୟନ୍ତ ବନ୍ଦ କରାଯାଇଛି। ପ୍ରକାଶଥାଉ କି, ଗ୍ରୀଷ୍ମପ୍ରବାହ ଯୋଗୁ ଏପର୍ଯ୍ୟନ୍ତ ବିହାରରେ ଏଥିଯୋଗୁ ୧୧୭ ଜଣଙ୍କ ମୃତ୍ୟୁ ହୋଇସାରିଲାଣି। ଗତ ୪୮ ଘଣ୍ଟା ମଧ୍ୟରେ ମୁଙ୍ଗେରରେ ୫ଜଣଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଔରଙ୍ଗାବାଦରେ ରୌଦ୍ରତାପଜନିତ ମୃତ୍ୟୁସଂଖ୍ୟା ୬୦ରେ ପହଞ୍ଚିଥିବାବେଳେ ଗୟାରେ ୩୫, ନୱାଡ଼ାରେ ୭, ନାଳନ୍ଦାରେ ୬, କଇମୁରରେ ୨, ସମସ୍ତିପୁର ଓ ଆରାରେ ଜଣେ ଲେଖାଏ ପ୍ରାଣ ହରାଇଥିବା ଜଣାପଡ଼ିଛି।

ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଏଭଳି ମୃତ୍ୟୁକୁ ନେଇ ଦୁଃଖପ୍ରକାଶ କରିଥିବାବେଳେ ମୃତକଙ୍କ ନିକଟ ସମ୍ପର୍କୀୟଙ୍କୁ ୪ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରାଯିବ ବୋଲି ଘୋଷଣା କରିଛନ୍ତି। କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଡ. ହର୍ଷବର୍ଦ୍ଧନ ଏଭଳି ମୃତ୍ୟୁ ଦୁର୍ଭାଗ୍ୟଜନକ ବୋଲି କହି ତାତି କମିବା ପର୍ଯ୍ୟନ୍ତ ଲୋକମାନେ ଘରୁ ନ ବାହାରିବା ଲାଗି ପରାମର୍ଶ ଦେଇଛନ୍ତି।

'ହମ୍ ତୁମ୍‌ସେ ପ୍ୟାର୍ କିତ୍‌ନା'

# ଟାଇଟଲ୍ ସଙ୍ଗ୍‌ରେ ଶ୍ରେୟା, ସୋନୁ

**ମୁମ୍ବାଇ:** ଆଗାମୀ ଫିଲ୍ମ 'ହମ୍ ତୁମ୍‌ସେ ପ୍ୟାର୍ କିତ୍‌ନା' ପାଇଁ ଏକ ଲଭ୍ ସଙ୍ଗ୍ ଗାଇଛନ୍ତି ଗାୟିକା ଶ୍ରେୟା ଘୋଷାଲ ଏବଂ ସୋନୁ ନିଗମ। 'ଡୁବି ଡୁବି' ଏବଂ 'ଦିଲ୍ ଦୁବା' ଭଳି ଫିଲ୍ମଗୀତ ଗାଇ ଶ୍ରୋତାଙ୍କୁ ମୁଗ୍ଧ କରିବା ପରେ ଦୁହେଁ ଏକ ଟାଇଟଲ୍ ସଙ୍ଗ୍ ଏକାଠି ଗାଇଛନ୍ତି। କରନ୍‌ବୀର ବୋହରାଙ୍କ ଅଭିନୀତ 'ହମ୍ ତୁମ୍‌ସେ ପ୍ୟାର କିତ୍‌ନା'ର ଟାଇଟଲ ସଙ୍ଗ୍‌ରେ ଉଭୟେ ସ୍ୱର ଦେଇଛନ୍ତି। ଶ୍ରେୟା ପ୍ରଥମ ଥର ପାଇଁ ଏକ ରିକ୍ରିଏଟେଡ ସଙ୍ଗ୍ ଗାଇଛନ୍ତି। ଏ ସଂକ୍ରାନ୍ତରେ କରନ୍‌ବୀର କହନ୍ତି, ଶ୍ରେୟା ଆମ ଟାଇଟଲ୍ ଗୀତ ଗାଇଥିବାରୁ ଅଧିକ ଖୁସି ଅନୁଭବ କରୁଛି। ଶ୍ରେୟାଙ୍କ ଜୀବନରେ ଏହି ଗୀତ ଏକ ସ୍ୱତନ୍ତ୍ର ମର୍ଯ୍ୟାଦା ବହନ କରେ, କାରଣ ସେ ପ୍ରଥମ ଥର ପାଇଁ 'ହମ୍ ତୁମ୍‌ସେ ପ୍ୟାର କିତ୍‌ନା' ଟାଇଟଲ୍ ସଙ୍ଗ୍‌କୁ ମଞ୍ଚରେ ଗାଉଛନ୍ତି। ଜୁନ୍ ୧୭ରେ ଏହି ଟାଇଟଲ୍ ଟ୍ରାକ୍ ରିଲିଜ ହେବାକୁ ଯାଉଛି। ଉକ୍ତ ଗୀତକୁ ୧୯୮୧ରେ 'କୁଦରତ' ଫିଲ୍ମରେ କିଶୋର କୁମାର ହିଁ ଗାଇଥିଲେ।

ଲଳିତ ମୋହନଙ୍କ ନିର୍ଦ୍ଦେଶିତ ଏବଂ ମହେନ୍ଦ୍ର ବୋହ୍‌ରା ଓ ବେଲ୍‌ଭି ପ୍ରଡକ୍‌ସନ୍ସ ଦ୍ୱାରା ପ୍ରସ୍ତୁତ 'ହମ୍ ତୁମ୍‌ସେ ପ୍ୟାର କିତ୍‌ନା' ଜୁନ୍ ୨୮ରେ ରିଲିଜ ହେବାକୁ ଯାଉଛି।








## ବିଚାରପତି ଚୟନ ପ୍ରକ୍ରିୟା ପ୍ରସଙ୍ଗ

# ହାଇକୋର୍ଟ ଖୋଲିବା ଦିନରେ ଆନ୍ଦୋଳନ

**କଟକ ଅଫିସ,୧୭।୬**

- ୨୬ ତାରିଖ ପର୍ଯ୍ୟନ୍ତ ୩ କୋର୍ଟ ବର୍ଜନ କରାଯିବ
- ପ୍ରଧାନମନ୍ତ୍ରୀଙ୍କୁ ଭେଟିବ ସ୍ୱତନ୍ତ୍ର ଟିମ୍

ଦୀର୍ଘ ୧ ମାସର ଗ୍ରୀଷ୍ମ ଅବକାଶ ପରେ ସୋମବାର ହାଇକୋର୍ଟ ଖୋଲିଥିଲା। ହେଲେ ପ୍ରଥମ ଦିନରୁ ହିଁ ଓକିଲମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ହାଇକୋର୍ଟ ବାର୍ ବାହାରୁ ବିଚାରପତି ଚୟନ ପ୍ରକ୍ରିୟାକୁ ନେଇ ହାଇକୋର୍ଟ ବାର୍ ପକ୍ଷରୁ ୩ଟି କୋର୍ଟକୁ ବର୍ଜନ କରାଯାଇଛି। ଏହି ଆନ୍ଦୋଳନ ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ ଜାରି ରହିବ। ୨୬ ତାରିଖ ମଧ୍ୟରେ ହାଇକୋର୍ଟ ବାର୍‌ର ଏକ ପ୍ରତିନିଧିମଣ୍ଡଳୀ ପ୍ରଧାନମନ୍ତ୍ରୀ, ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ଓ କେନ୍ଦ୍ର ଆଇନ ମନ୍ତ୍ରୀଙ୍କୁ ଭେଟିବା ପାଇଁ କାର୍ଯ୍ୟକ୍ରମ ସ୍ଥିର କରାଯାଇଛି। ଏହାପରେ ପୁନର୍ବାର ବାର୍‌ର ସାଧାରଣ ପରିଷଦ ବୈଠକ ଡକାଯାଇ ପରବର୍ତ୍ତୀ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରାଯିବ ବୋଲି ସୋମବାର ହାଇକୋର୍ଟ ବାର୍ ପରିସରରେ ଆୟୋଜିତ ସାଧାରଣ ପରିଷଦ ବୈଠକରେ ବାର୍ ସଭାପତି ଗୋପାଳକୃଷ୍ଣ ମହାନ୍ତି କହିଛନ୍ତି। ତେବେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଇତିମଧ୍ୟରେ ଏକ ସ୍ୱୀକୃତିପତ୍ର (ଆକ୍‌ନଲେଜମେଣ୍ଟ) ମିଳିଥିବା ସଭାପତି ମହାନ୍ତି କହିଛନ୍ତି। ସୂଚନାଥାଉ କି, ହାଇକୋର୍ଟ ବାର୍‌ରେ ନିୟମିତ ପ୍ରାକ୍ଟିସ କରୁ ନ ଥିବା କିମ୍ବା ମକଦ୍ଦମା ପରିଚାଳନା କରୁ ନ ଥିବା ବ୍ୟକ୍ତିବିଶେଷଙ୍କୁ ହାଇକୋର୍ଟ କଲେଜିୟମ ବିଚାରପତି ଭାବେ ଚୟନ କରିଛି। ହାଇକୋର୍ଟରେ ଅନେକ ବିଚକ୍ଷଣ ଓ ବରିଷ୍ଠ ଓକିଲମାନେ ଥିବାବେଳେ ବାହାର ବ୍ୟକ୍ତିଙ୍କୁ ବିଚାରପତି ଚୟନ କରାଯିବାକୁ ହାଇକୋର୍ଟ ବାର୍ ବିରୋଧ କରିଛି। କଲେଜିୟମର ଏଭଳି ନିଷ୍ପତ୍ତିକୁ ବିରୋଧ କରି ହାଇକୋର୍ଟ ବାର୍ ଆସୋସିଏଶନ ଆନ୍ଦୋଳନକୁ ଓହ୍ଲାଇଛି। ସୂଚନାଥାଉ କି, ଓଡ଼ିଶା ହାଇକୋର୍ଟରେ ୨୭ ଜଣ ବିଚାରପତିଙ୍କ ସ୍ଥାନରେ ୧୪ ଜଣ କାର୍ଯ୍ୟ କରୁଛନ୍ତି। ଯଦ୍ୱାରା ୧ ଲକ୍ଷ ୭ହଜାର ମାମଲା ବିଚାର ଅପେକ୍ଷାରେ ରହିଛି। କେବଳ ସେତିକି ନୁହେଁ ବିଚାରପତିଙ୍କ ଅଭାବ ଯୋଗୁ ନ୍ୟାୟିକ ପ୍ରକ୍ରିୟାରେ ସ୍ଥାଣୁତା ଦେଖାଦେଇଛି। ଗତ ୩ ବର୍ଷ ଧରି ବିଚାରପତି ନିଯୁକ୍ତି ପାଇଁ ବାର୍ ଆସୋସିଏଶନ ବାରମ୍ବାର ଦାବି ଓ ପ୍ରତିବାଦ ଜଣାଇ ଆସିଛି। ଏଭଳି ସ୍ଥିତିରେ ହାଇକୋର୍ଟ କଲେଜିୟମ୍ ପକ୍ଷରୁ କେତେଜଣ ଆଇନଜୀବୀ ଏବଂ ଜିଲାଜଜ୍‌ଙ୍କ ନାମକୁ ହାଇକୋର୍ଟ ବିଚାରପତି ନିମନ୍ତେ ସୁପାରିସ କରାଯାଇଛି। ଜଣେ ଆଇନଜୀବୀ ବିଚାରପତି ହେବା ପୂର୍ବରୁ ଅତି କମ୍‌ରେ ୧୦ ବର୍ଷ ନିୟମିତ ଭାବେ ପ୍ରାକ୍ଟିସ କରିଥିବା ଆବଶ୍ୟକ। କିନ୍ତୁ ଏଭଳି ବ୍ୟକ୍ତିଙ୍କ ନାମ ସୁପାରିସ କରାଯାଇଛି, ଯେଉଁମାନେ ୪ ବର୍ଷ ମଧ୍ୟରେ ମାତ୍ର ୪ଟି ମାମଲା ପରିଚାଳନା କରିଥିବା ହାଇକୋର୍ଟ ବାର୍ ପକ୍ଷରୁ କୁହାଯାଇଛି। ଏପରି କି ଯେଉଁମାନଙ୍କ ନାମ ସୁପାରିସ ହୋଇଥିବା ଶୁଣାଯାଉଛି, ସେମାନଙ୍କ ମଧ୍ୟରୁ ଜଣେ ହାଇକୋର୍ଟରେ ପ୍ରାକ୍ଟିସ କରୁ ନ ଥିବା ଅଭିଯୋଗ ହୋଇଛି। ତେଣୁ କଲେଜିୟମର ଏଭଳି ସୁପାରିସକୁ ବାତିଲ କରିବାକୁ ସଭାପତି ମହାନ୍ତି କହିଛନ୍ତି।

## ହାତୀ ଆକ୍ରମଣରେ ବୃଦ୍ଧ ମୃତ

**ବାରିପଦା ଅଫିସ,୧୭।୬**

ମୟୂରଭଞ୍ଜ ଜିଲା ବାରିପଦା ବନଖଣ୍ଡ ଅଧୀନ ରାସଗୋବିନ୍ଦପୁର ରେଞ୍ଜର ଡାଙ୍ଗରବିଲା ଗ୍ରାମରେ ଜଣେ ବୃଦ୍ଧଙ୍କୁ ସୋମବାର ହାତୀ ଦଳି ଦେବାରୁ ତାଙ୍କର ମୃତ୍ୟୁ ଘଟିଛି। ମୃତକ ହରିଆ ସୋରେନ ବୋଲି ଜଣାପଡିଛି। ସୋମବାର ସକାଳେ ସେ ଜଙ୍ଗଲକୁ ଯାଇଥିବା ବେଳେ ହାତୀପଲ ହାବୁଡ଼ରେ ପଡ଼ିଯାଇଥିଲେ। ଏକ ହାତୀ ତାଙ୍କୁ ପାଦରେ ଦଳିଦେବାରୁ ସେ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ହାତୀପଲକୁ ଘଉଡାଇ ତାଙ୍କୁ ଉଦ୍ଧାରକରି ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଗ୍ରାମରେ ଗତ କିଛିଦିନ ହେଲା ହାତୀ ଆତଙ୍କ ଲାଗି ରହିଛି। ମୃତକଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।







## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଆୟୁଷ
ପରିବାରବର୍ଗ


ପୂଜା
ପରିବାରବର୍ଗ


ଶୁଭ୍ରାଂଶୁ ଶେଖର
ପରିବାରବର୍ଗ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

ପ୍ରଥମ ପୃଷ୍ଠାରୁ...

## ୧.୩୫ ଲକ୍ଷ...

ପୂଜାରୀ କହିଛନ୍ତି। ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ କହିଛନ୍ତି ଯେ, ରାଜସ୍ୱ କାହିଁକି କମୁଛି। ଏହାକୁ କିପରି ବଢ଼ାଯାଇପାରିବ। ବଜେଟ ଖର୍ଚ୍ଚ କିଭଳି ବଢ଼ାଯାଇପାରିବ ସେ ନେଇ ବୈଠକରେ ଆଲୋଚନା ହୋଇଛି। ପର୍ଯ୍ୟଟନ, ବିପର୍ଯ୍ୟୟ ପ୍ରଶମନ, କ୍ଷୁଦ୍ର ଜଳସେଚନଗୁଡିକୁ ଆସନ୍ତା ବଜେଟରେ ଅଗ୍ରାଧିକାର ଦେବାକୁ ପରାମର୍ଶ ଦିଆଯାଇଛି। ରାଜ୍ୟ ସରକାର ବିପର୍ଯ୍ୟୟ ପରିଚାଳନା ପାଇଁ ଆଗାମୀ ବର୍ଷଗୁଡିକ ନିମନ୍ତେ ସ୍ୱତନ୍ତ୍ର ପ୍ୟାକେଜ ପ୍ରସ୍ତୁତ କରିବା ଆବଶ୍ୟକ ବୋଲି ବୈଠକରେ ଅର୍ଥନୀତିଜ୍ଞମାନେ ପରାମର୍ଶ ଦେଇଛନ୍ତି। ଆସନ୍ତା ବଜେଟରେ ସ୍ୱାସ୍ଥ୍ୟ ଓ ଶିକ୍ଷା ଆଦି ଭିତ୍ତିଭୂମି ପାଇଁ ଅଧିକ ଅର୍ଥ ବ୍ୟୟ କରିବା ଉପରେ ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଘଡ଼ାଇ ମତ ଦେଇଛନ୍ତି। ଏହାଛଡ଼ା ଶ୍ରମିକମାନଙ୍କର ମଜୁରି ମଧ୍ୟ ବଢ଼ିବା ଦରକାର ବୋଲି ସେ କହିଛନ୍ତି।

ବୈଠକରେ ପୂର୍ବତନ ଅର୍ଥମନ୍ତ୍ରୀ ଯୁଗଳ କିଶୋର ପଟ୍ଟନାୟକ, ପୂର୍ବତନ ପ୍ରଶାସନିକ ଅଧିକାରୀ ଅର୍ଦ୍ଧେନ୍ଦୁ ଶେଖର ଷଡ଼ଙ୍ଗୀ, ରବି ନାରାୟଣ ସେନାପତି, କେ.ସି. ବଡୁ, ଶ୍ରମିକ ନେତା ସୌରୀବନ୍ଧୁ କର, ଅର୍ଥନୀତିଜ୍ଞ ନଟବର ଖୁଣ୍ଟିଆ, ପ୍ରଫେସର ଏସ୍.ଏସ୍. ରଥ, ୟୁନିସେଫ୍‌ର ସୌମେନ ରାୟ, ସିଓ୍ୱାଇଏସ୍‌ଡିର ବସନ୍ତ ନାୟକ, ୟୁସିସିଆଇର କିଶୋର ମହାନ୍ତି, ରିଜର୍ଭ ବ୍ୟାଙ୍କର ଡିଜିଏମ୍ ଡି.ପାତ୍ର, ନାବାର୍ଡର ସିଜିଏମ୍ ଏ. ଚନ୍ଦ୍ରଶେଖର, ଅର୍ଥନୀତି ସାମ୍ବାଦିକ ଦିଲୀପ ବିଶୋୟୀ, କୃଷକ ସଂଗଠକ ସୀମାଚଳ ନାହାକ, କେଶବ ଚନ୍ଦ୍ର ପାତ୍ର, ବ୍ୟବସାୟୀ ମହାସଂଘର ସୁଧାକର ପଣ୍ଡା ଏବଂ ଶକ୍ତିଶଙ୍କର ପଣ୍ଡା ପ୍ରମୁଖ ଯୋଗଦେଇ ନିଜ ମତ ରଖିଥିଲେ।

## ୨୧ରେ ବାହାରିପାରେ...

ଫଳ ପ୍ରକାଶ କରିବାରେ କୌଣସି ଅସୁବିଧା ହେବ ନାହିଁ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି। ମନ୍ତ୍ରୀ କହିଛନ୍ତି, ପରୀକ୍ଷା ଫଳ ପ୍ରକାଶ ପାଇଁ ସବୁ ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ରହିଛି। ନିର୍ଭୁଲ ଭାବେ କିପରି ଫଳ ପ୍ରକାଶନ ହେବ, ତାହା ଉପରେ ଗୁରୁତ୍ୱ ଦିଆଯାଉଛି। ପ୍ରଥମେ ନିର୍ବାଚନ ପରେ ବାତ୍ୟା, ଇ-ମୂଲ୍ୟାୟନ ପାଇଁ ଯାନ୍ତ୍ରିକ ତ୍ରୁଟି, ଅଧ୍ୟାପକଙ୍କ ଅନୁପସ୍ଥିତି ଏ ସବୁ କାରଣ ପାଇଁ ଫଳ ପ୍ରକାଶନ ବିଳମ୍ବ ହେଉଛି ବୋଲି ପରିଷଦ ପକ୍ଷରୁ କୁହାଯାଇଛି। ଏ ନେଇ ଉପ ପରୀକ୍ଷା ନିୟନ୍ତ୍ରକ ପ୍ରଶାନ୍ତ କୁମାର ଦାଶ କହିଛନ୍ତି, ତୃତୀୟ ସପ୍ତାହ ସୁଦ୍ଧା କଳା, ବାଣିଜ୍ୟ ଓ ଧନ୍ଦାମୂଳକ ପରୀକ୍ଷା ଫଳ ପ୍ରକାଶ ପାଇବ। ସେପଟେ ରେଜଲ୍ଟ ବାହାରି ପାରୁ ନ ଥିବାରୁ ଛାତ୍ରୀଛାତ୍ର ଉଚ୍ଚ ଶିକ୍ଷା ପାଇଁ ଆବେଦନ କରିପାରୁ ନାହାନ୍ତି। ପାଖାପାଖି ସାଢ଼େ ୩ଲକ୍ଷ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଏବେ ସରକାରଙ୍କ ହାତରେ ରହିଛି। ସୂଚନାଯୋଗ୍ୟ, ଚଳିତବର୍ଷ ୨ଲକ୍ଷ ୩୫ହଜାର ୧୮୩ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ବାଣିଜ୍ୟରେ ୨୮ହଜାର ପରୀକ୍ଷା ଦେଇଛନ୍ତି।

# ଶ୍ରୀବଳଦେବଜୀଉଙ୍କୁ ଦର୍ଶନ କଲେ ମୁଖ୍ୟମନ୍ତ୍ରୀ


ଶ୍ରୀବଳଦେବଜୀଉଙ୍କୁ ସ୍ନାନମଣ୍ଡପରୁ ମୁଖ୍ୟମନ୍ତ୍ରୀ ଦର୍ଶନ ସାରି ଫେରୁଛନ୍ତି।

**କେନ୍ଦ୍ରାପଡା ଅଫିସ,୧୭ା୬**

କେନ୍ଦ୍ରାପଡା ଜିଲା ତୁଳସୀ କ୍ଷେତ୍ରାଧିପତି ଶ୍ରୀ ବଳଦେବଜୀଉଙ୍କୁ ସୋମବାର ସ୍ନାନ ମଣ୍ଡପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦର୍ଶନ କରିଛନ୍ତି। ଶ୍ରୀଜୀଉଙ୍କ ଦର୍ଶନ ପରେ ମନ୍ଦିରର ଉନ୍ନତୀକରଣ ପାଇଁ ସେ ୨ କୋଟି ଟଙ୍କାର ପ୍ରକଳ୍ପ ମଞ୍ଜୁର କରିଥିବା ପ୍ରକାଶ କରିଛନ୍ତି ।

ଅପରାହ୍ନ ୫ଟା୮ରେ ସହରର ଇଚ୍ଛାପୁରସ୍ଥିତ ମାଉସୀମା ମନ୍ଦିର ନିକଟରେ ସେ ହେଲିକପ୍ଟରରୁ ଓହ୍ଲାଇଥିଲେ। ସେଠାରୁ ମନ୍ଦିର ଯାଇ ସ୍ନାନମଣ୍ଡପରେ ଶ୍ରୀଜୀଉଙ୍କ ଗଜବଦନ ବେଶ ଦର୍ଶନ କରିଥିଲେ । ପରେ ମନ୍ଦିର ବାହାରକୁ ଆସି ଗଣମାଧ୍ୟମକୁ ପ୍ରକାଶ କରି କହିଥିଲେ, ମନ୍ଦିର ମଧ୍ୟରେ ଥିବା ଝୁଲଣ ମଣ୍ଡପର ପୁନରୁଦ୍ଧାର, ସାନ୍ତସାହିଠାରେ ଶ୍ରୀ ବଳଦେବଜୀଉ କଲ୍ୟାଣମଣ୍ଡପ, ମନ୍ଦିରର ଉତ୍ତର ପାର୍ଶ୍ୱରେ ପ୍ରାଚୀର ନିର୍ମାଣ, ବିବାହ ମଣ୍ଡପ

### ମନ୍ଦିରର ବିଭିନ୍ନ ପ୍ରକଳ୍ପ ପାଇଁ ୨ କୋଟି ଟଙ୍କା ମଞ୍ଜୁର

ନିକଟରେ ଶୌଚାଳୟ ନିର୍ମାଣ, ଗଭୀର ନଳକୂପ ଏବଂ ଓଭରହେଡ ଟ୍ୟାଙ୍କ ଜରିଆରେ ୨୪ ଘଣ୍ଟିଆ ଜଳ ଯୋଗାଣ ଆଦି ପ୍ରକଳ୍ପ କାର୍ଯ୍ୟ ହେବ । ଏହାପରେ ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ଭୁବନେଶ୍ୱର ଫେରି ଯାଇଥିଲେ। ତାଙ୍କର ଏହି ଗସ୍ତ ସମୟରେ ଏମପି ଅନୁଭବ ମହାନ୍ତି, ମହାକାଳପଡା ବିଧାୟକ ଅତନୁ ସବ୍ୟସାଚୀ ନାୟକ, କେନ୍ଦ୍ରାପଡା ବିଧାୟକ ଶଶିଭୂଷଣ ବେହେରା, ରାଜନଗର ବିଧାୟକ ଧ୍ରୁବଚରଣ ସାହୁ, ଆଳି ବିଧାୟକ ପ୍ରତାପ କେଶରୀ ଦେବଙ୍କ ସମେତ ବହୁ ବିଧାୟକ ଓ ମନ୍ତ୍ରୀ ସାମିଲ ହୋଇଥିଲେ । ତାଙ୍କର ଏହି ଗସ୍ତ ସମୟରେ କେନ୍ଦ୍ରାପଡା, ପାଟକୁରା ଓ ମହାକାଳପଡାର ୫ ହଜାରରୁ ଊର୍ଦ୍ଧ୍ୱ ଲୋକ ଉପସ୍ଥିତ ଥିଲେ।

## ୫୦୦ ଏଏସ୍‌ଓ ନିଯୁକ୍ତିକୁ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ

**ଭୁବନେଶ୍ୱର,୧୭ା୬(ବ୍ୟୁରୋ)**

ଓଡ଼ିଶା ପବ୍ଲିକ ସର୍ଭିସ କମିଶନ(ଓପିଏସ୍‌ସି) ଦ୍ୱାରା ପରିଚାଳିତ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ୫୦୦ ସଫଳ ପ୍ରାର୍ଥୀଙ୍କୁ ରାଜ୍ୟ ସଚିବାଳୟରେ ଆସିଷ୍ଟାଣ୍ଟ ସେକ୍ସନ ଅଫିସର(ଏଏସ୍‌ଓ) ପଦବୀରେ ନିଯୁକ୍ତି ପାଇଁ ଅନୁମୋଦନ ମିଳିଛି। ଓପିଏସ୍‌ସିର ସୁପାରିସ କ୍ରମେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ଅନୁମୋଦନ କରିଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ଗତ ଜାନୁୟାରୀ ୨୦ରେ ଖାଲିପଡ଼ିଥିବା ଏହି ୫୦୦ ପଦବୀ ପାଇଁ ପରୀକ୍ଷା ହୋଇଥିଲା।

ପ୍ରଥମ ପୃଷ୍ଠାରୁ...

## ହାତୀବେଶରେ...

ପୂର୍ବାହ୍ନ ୧୦ଟା ୫୫ରେ ସ୍ନାନମଣ୍ଡପରେ ଠାକୁରଙ୍କ ବେଶ ସରିଥିଲା। ପ୍ରାତଃରେ ସୁନା ଗୋସାଇଁ ସୁନା କୂଅରୁ ୧୦୮ ଗଡ଼ୁ ଜଳ ଆଣି ଜଳଗୃହରେ ରଖିଥିଲେ। ସେଥିରେ ଚନ୍ଦନ, କର୍ପୁର, ଅଗରୁ, ସୁଗନ୍ଧିତ ପୁଷ୍ପ ପକାଯାଇ ଅଧିବାସ କରାଯାଇଥିଲା। ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୨ଟା ମଧ୍ୟରେ ଜଳବିଜେ, ଜଳପୂଜା ଏବଂ ସ୍ନାନ ଲାଗି ନୀତି ନିର୍ଘଣ୍ଟ ହୋଇଥିଲା। ମଧ୍ୟାହ୍ନ ୧୨ଟାରୁ ଗରାବଡୁ ସେବକମାନେ ବାଘମୁହାଁ ବାନ୍ଧି ଅଧିବାସ ଜଳ ସ୍ନାନବେଦିକୁ ବିଜେ କରାଇଥିଲେ। ସାଢେ ୧୨ଟା ମଧ୍ୟରେ ୧୦୮ ଗଡ଼ୁ ଜଳ ବିଜେ ହୋଇଥିଲା। ୧୨ଟା ୪୦ରେ ଜଳପୂଜା ବସି ଅପରାହ୍ନ ୧ଟା ୧୦ରେ ସରିଥିଲା।

ଅପରାହ୍ନ ୧ଟା ୨୦ରେ ଜୟ ଜଗନ୍ନାଥ ଧ୍ୱନିରେ କମ୍ପି ଉଠିଥିଲା ବଡ଼ଦାଣ୍ଡ। ହରିବୋଲ, ହୁଳହୁଳିରେ ସୃଷ୍ଟି ହୋଇଥିଲା ଆଧ୍ୟାତ୍ମିକ ପରିବେଶ। ଆରମ୍ଭ ହୋଇଥିଲା ମହାପ୍ରଭୁଙ୍କ ସ୍ନାନ। ରୂପା ପିଙ୍ଗଣରେ ପୂଜା ହୋଇଥିବା ସୁବାସିତ ଜଳରେ ଠାକୁରଙ୍କୁ ସ୍ନାନ କରାଇଥିଲେ ପୂଜାପଣ୍ଡା ସାମନ୍ତ। ପ୍ରତ୍ୟହ ବିମ୍ବସ୍ନାନ କରୁଥିବା ଦାରୁଦିଅଁ ସ୍ନାନବେଦିରେ କରିଥିଲେ ପ୍ରତ୍ୟକ୍ଷ ସ୍ନାନ। ଶ୍ରୀବଳଭଦ୍ର ୩୩ ଗଡ଼ୁ, ଦେବୀ ସୁଭଦ୍ରା ୨୨ଗଡ଼ୁ, ଶ୍ରୀଜଗନ୍ନାଥ ୩୫ ଗଡ଼ୁ ଏବଂ ଶ୍ରୀସୁଦର୍ଶନ ୧୮ ଗଡ଼ୁ ଜଳରେ ସ୍ନାନ କରିଥିଲେ। ଅପରାହ୍ନ ୨ଟା ୪୦ରେ ଗଜପତି ମହାରାଜା ଦିବ୍ୟସିଂହ ଦେବ ଛେରାପହଁରା ନୀତି ନିମନ୍ତେ ସ୍ନାନମଣ୍ଡପକୁ ବିଜେ କରିଥିଲେ। ୩ଟା ୧୦ରେ ଛେରାପହଁରା ନୀତି ସରିଥିଲା। ଅପରାହ୍ନ ୩ଟା ୩୫ରେ ପୁଷ୍ପାଳକ ସେବକମାନେ ମହାପ୍ରଭୁଙ୍କୁ ହାତୀବେଶ (ଗଜାନନ ବେଶ)ରେ ସଜ୍ଜିତ କରିଥିଲେ। ନୀତି ନିର୍ଘଣ୍ଟର ୩୦ମିନିଟ୍ ପୂର୍ବରୁ ଅର୍ଥାତ ଅପରାହ୍ନ ୪ଟା ୩୦ରେ ଏହି ବେଶ ସରିଥିଲା। ହାତୀବେଶ ଥାଇ ଘଣ୍ଟଛତା ସକାଳ ଧୂପ ହୋଇଥିଲା। ଦେବସ୍ନାନ ପୂର୍ଣ୍ଣିମାରେ ଠାକୁରଙ୍କ ପାଖରେ ଏହି ଗୋଟିଏ ଥର ହିଁ ଭୋଗ ହୋଇଥାଏ। ସନ୍ଧ୍ୟା ୭.୧୦ରୁ ସାହାଣମେଳା ଦର୍ଶନ ଆରମ୍ଭ ହୋଇଥିଲା। ଏହା ବିଳମ୍ବିତ ରାତି ପର୍ଯ୍ୟନ୍ତ ଚାଲିଥିଲା। ରାତିରେ ହାତୀବେଶ ଓଲାଗି ହୋଇଥିଲା। ସୋମବାର ସକାଳୁ ପହଣ୍ଡି ଦର୍ଶନ ଲାଗି ଟିକେଟ ନେଇଥିବା ଶ୍ରଦ୍ଧାଳୁମାନେ ଦକ୍ଷିଣଦ୍ୱାର ଦେଇ ଶ୍ରୀମନ୍ଦିରକୁ ପ୍ରବେଶ କରିଥିଲେ। ପହଣ୍ଡି ସମୟରେ କୀର୍ତ୍ତନ ଚକଡ଼ା ବ୍ୟାରିକେଡ ବାହାରେ ରହି ସେମାନେ ପହଣ୍ଡି ଦର୍ଶନ କରିଥିଲେ। ସ୍ନାନବେଦିରେ ଚତୁର୍ଦ୍ଧାବିଗ୍ରହଙ୍କ ମଙ୍ଗଳ ଆଳତି ନୀତି ସରିବା ପରେ ସର୍ବସାଧାରଣ ଦର୍ଶନ ଆରମ୍ଭ ହୋଇଥିଲା। ଭକ୍ତମାନେ ସିଂହଦ୍ୱାର ଦେଇ ଯାଇ ସ୍ନାନବେଦି ତଳ ର୍‍ୟାମ୍ପରେ ରହି ଦର୍ଶନ କରି ଉତ୍ତର ଦ୍ୱାର ଦେଇ ବାହାରକୁ ବାହାରିଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି କର୍ମକ୍ଷେତ୍ରର ପ୍ରତ୍ୟେକ ପରିସ୍ଥିତିକୁ କୌଶଳରେ ସଜାଡ଼ିନେବେ। କିନ୍ତୁ କୌଣସି ବନ୍ଧୁଙ୍କୁ ଟଙ୍କା ପଇସା ଦେଇ ଫେରିପାଇବା କମ୍ ସମ୍ଭାବନାକୁ ଦେଖି ମାନସିକ ଚିନ୍ତା ବଢ଼ିଯିବ। କ୍ରମଶଃ ଦୂରେଇଯାଉଥିବା କୌଣସି ଆତ୍ମୀୟଙ୍କ ପାଇଁ ମନ ଛଟପଟ ହେବ। ହାତରୁ ଖାଇ ପର ପାଇଁ ଖଟିବେ ଓ ପରେ ଅନୁତାପ କରିବେ।

**ବୃଷ** ବହୁଦିନ ହେଲା ଯାହା ପାଇବାକୁ ଚେଷ୍ଟାକରି ପାଇ ନ ଥିଲେ ଆଜି ତାହା ପାଇବାରେ ଅସୁବିଧା ହେବନାହିଁ । ଇଚ୍ଛା ନ ଥିଲେ ମଧ୍ୟ କର୍ମକ୍ଷେତ୍ରରେ ଦାୟିତ୍ୱ ହାତକୁ ନେବାକୁ ବାଧ ହେବେ । ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନରେ ଉନ୍ନତମାନର ଫଳ ପାଇବେ। ପୁରାତନ ରୋଗର ପ୍ରାଦୁର୍ଭାବ ବଢ଼ିବା କାରଣରୁ ମାନସିକ ଦୁର୍ବଳତା ଅନୁଭବ କରିପାରନ୍ତି।

**ମିଥୁନ** ଭୁଲ୍ ବୁଝାମଣା କାରଣରୁ ନିକଟ ସମ୍ପର୍କୀୟମାନଙ୍କ ସହ ମିତ୍ରତା ବଢ଼ାଇବା ସକାଶେ ଚେଷ୍ଟାକଲେ ମଧ୍ୟ ସେମାନେ ଆପଣଙ୍କୁ ଅସ୍ୱୀକାର କରିବେ। କର୍ମକ୍ଷେତ୍ରରେ ପ୍ରଶାସନିକ କିମ୍ବା ପରିଚାଳନାଗତ ତ୍ରୁଟିକୁ ସୁଧାରିବାକୁ ପ୍ରସ୍ତୁତି ଆରମ୍ଭ କରିବେ। ସାଧାରଣ କଥାକୁ ନେଇ ମାନସିକ ଦ୍ୱନ୍ଦ୍ୱ ମଧ୍ୟରେ ଗତି କରିବେ। ଆଜିର ଯାତ୍ରା,ବାଣିଜ୍ୟ,ବ୍ୟବସାୟାଦି ମନ୍ଦ ହେବନାହିଁ।

**କର୍କଟ** ଆନୁଷ୍ଠାନିକ କାମରେ କୌଣସି ବିଶିଷ୍ଟ ବ୍ୟକ୍ତିମାନଙ୍କ ଅନୁକମ୍ପା ଲାଭକରି ମନ କଥାକୁ ପ୍ରକାଶ କରିପାରନ୍ତି। ଅଭାବ ନ ଥିଲେ ମଧ୍ୟ ଖୋଲା ମନନେଇ ଖର୍ଚ୍ଚରୁ ଦୂରେଇ ରହିବା ପାଇଁ ଚେଷ୍ଟିତ ହୋଇପାରନ୍ତି। କେତେକ ପରିସ୍ଥିତିରେ ନିଜ ଲୋକଙ୍କୁ ସନ୍ଦେହ କରିବା ଭଳି ପରିସ୍ଥିତି ସୃଷ୍ଟି ହେବ। ପାରିବାରିକ ସ୍ତରରେ ସମସ୍ୟା ସୃଷ୍ଟି ହୋଇପାରେ।

**ସିଂହ** ପରିସ୍ଥିତିର ତାଡ଼ନାରେ କଠିନ ପରିଶ୍ରମଜନିତ କାରଣରୁ ଅପରାହ୍ନରେ ସାମାନ୍ୟ ଶାରୀରିକ ଅସୁସ୍ଥି ଅନୁଭବ କରିପାରନ୍ତି। କଳା, ସାହିତ୍ୟ, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରୁ ସୁଫଳ ପାଇବେ। ସନ୍ତାନମାନଙ୍କର କିଛି ରହିଥିବା ସମସ୍ୟାର ସମାଧାନ ସକାଶେ ବ୍ୟସ୍ତତା ବଢ଼ିପାରେ। ଆର୍ଥିକ ଅନଟନ ରହିଥିଲେ ମଧ୍ୟ କାମ କରି ବିଭିନ୍ନ ବର୍ଗର ବ୍ୟକ୍ତିମାନଙ୍କ ଦ୍ୱାରା ପ୍ରଶଂସିତ ହେବେ।

**କନ୍ୟା** ଦୀର୍ଘଦିନର କଳ୍ପନାପ୍ରସୂତ ନୂତନ କାମଟି ପାଇଁ ପ୍ରସ୍ତୁତି ଜୋର୍‌ସୋରରେ ଆରମ୍ଭ କରିବାକୁ ମନସ୍ଥ କରିବେ। ପରିସ୍ଥିତିର ସାମ୍ନା କରିବାକୁ ଯାଇ ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବାକୁ ବାଧ ହେବେ। ପରିବାରରେ ପିଲାଙ୍କ ପାଇଁ ଜଞ୍ଜାଳ କ୍ରମଶଃ ବୃଦ୍ଧି ପାଇବା ହେତୁ ସାମୟିକ ଦୁଶ୍ଚିନ୍ତାଗ୍ରସ୍ତ ହେବେ।

**ତୁଳା** କଠିନ ଶ୍ରମ ଓ ଭ୍ରମଣଜନିତ ସାମୟିକ ଶାରୀରିକ ଅସୁସ୍ଥତା ହେତୁ ମନ ବିଚଳିତ ରହିପାରେ। ବ୍ୟବସାୟ କ୍ଷେତ୍ରରେ କିଛି ନୂତନ ଚୁକ୍ତିପତ୍ର ସ୍ୱାକ୍ଷରିତ ହେବା ସମ୍ଭାବନା ରହିଛି। କଚେରି ମାମଲାରେ ସମସ୍ୟା କ୍ରମଶଃ ବୃଦ୍ଧି ପାଇବାକୁ ନେଇ ଚିନ୍ତିତ ରହିପାରନ୍ତି। ଶତ୍ରୁତା ହଠାତ୍ ପ୍ରଶମିତ ନ ହୋଇପାରେ, କିନ୍ତୁ କିଛି ସମୟ ପାଇଁ ମଳିନ ରହିବ।

**ବିଛା** ବହୁ କାମ ଅସମ୍ପୂର୍ଣ୍ଣ ରହିବା କାରଣରୁ ବିଚଳିତବୋଧ କରିପାରନ୍ତି। ସଭାସମିତି, ଜମିଜମା ଏବଂ ପିଲାଙ୍କ କଥା ନେଇ ପାଖ ପଡ଼ୋଶୀଙ୍କ ସହ ଆଲୋଚନା କଲେ ଉପକୃତ ହେବେ । ପାରିବାରିକ କ୍ଷେତ୍ରରେ ସବୁକଥାରେ ହଁ ଭରିବେ। କର୍ମକ୍ଷେତ୍ରରେ ସାଧାରଣ କଥାକୁ ବଡ଼ ଆକାରରେ ଚିନ୍ତାକରି ବ୍ୟସ୍ତତା ଅନୁଭବ କରିପାରନ୍ତି।

**ଧନୁ** ସକାଳୁ ସକାଳୁ ହଠାତ୍ କୌଣସି ବନ୍ଧୁଙ୍କ ନିମନ୍ତ୍ରଣ ରକ୍ଷାକରି ଦୂରଯାତ୍ରା ପାଇଁ ପ୍ରସ୍ତୁତି କରିବେ। ପରିବାରରେ ସ୍ତ୍ରୀ କିମ୍ବା ସ୍ୱାମୀଙ୍କ ଚିଡ଼ା ସ୍ୱଭାବ ପାଇଁ କ୍ଷୁବ୍ଧ ହୋଇପାରନ୍ତି। ସନ୍ତାନଙ୍କ ଦୁର୍ବଳ ସ୍ୱାସ୍ଥ୍ୟ ଓ ଅମନଯୋଗୀ ସ୍ୱଭାବରେ ପରିବର୍ତ୍ତନ ପାଇଁ ଯଥାସାଧ୍ୟ ଚେଷ୍ଟା କରିପାରନ୍ତି। ନିର୍ଦ୍ଦିଷ୍ଟ ସ୍ଥାନରେ ବନ୍ଧୁଙ୍କୁ ଅପେକ୍ଷାକରି ବିରକ୍ତି ଅନୁଭବ କରିବେ।

**ମକର** ଆଜିର ପ୍ରତ୍ୟୁଷ ଯାତ୍ରା, ସଭାସମିତି, ନୂତନ କର୍ମାରମ୍ଭ ବିନା ବାଧାବିଘ୍ନରେ ସମାପନ ହେବ। କର୍ମକ୍ଷେତ୍ରରେ କିଛି ମିଥ୍ୟା ଗୁଜବ ମାନସିକ ସ୍ଥିତିକୁ ଦୋହଲାଇ ଦେଇପାରେ। ବ୍ୟବସାୟ କ୍ଷେତ୍ରରେ ଚେଷ୍ଟା କରୁଥିବା କାମରେ ଆଂଶିକ ସଫଳତା ପାଇବେ। ଅନ୍ୟମାନଙ୍କ ପ୍ରେରଣାରେ ଉଦ୍‌ବୁଦ୍ଧ ହୋଇ ଜନହିତକର କାର୍ଯ୍ୟରେ ନିଜକୁ ଲଗାଇପାରନ୍ତି।

**କୁମ୍ଭ** ବନ୍ଧୁମାନଙ୍କ ନିକଟରୁ କିଛି ଖରାପ ଖବର ପାଇ ସାମୟିକ ଭାବରେ ବିବ୍ରତ ହେବାକୁ ପଡ଼ିପାରେ। ରୋଗଣା ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ କିଛିଟା ଆଶ୍ୱସ୍ତି ଅନୁଭବ କରିବେ। ବ୍ୟୟ ବୃଦ୍ଧି କିମ୍ବା ପରିବହନରେ ସମସ୍ୟା ଯୋଗୁ ବ୍ୟସ୍ତ ରହି ପାରନ୍ତି। ବହୁ ବିଳମ୍ବରେ ହେଲେ ମଧ୍ୟ କାମଗୁଡ଼ିକ ଠିକ୍ ଭାବରେ ସମ୍ପନ୍ନ ହୋଇପାରିବ।

**ମୀନ** ଆଜି କୌଣସି ବିଶିଷ୍ଟ ବ୍ୟକ୍ତିଙ୍କ ସାନ୍ନିଧ୍ୟରେ ଆସି ଖୁସି ରହିବେ। ବିବାଦୀୟ କ୍ଷେତ୍ର କିମ୍ବା କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ । ପରିବାରର ଖର୍ଚ୍ଚ ପରିମାଣ ଦିଗୁଣା ହୋଇପାରେ। ଏଣୁ ସରକାରୀସ୍ତରରୁ ଋଣ ଆଣିବା ସକାଶେ ମନ ବଳାଇପାରନ୍ତି। ପରୋକ୍ଷ ଭାବେ ଶତ୍ରୁ କେହି ଅସୁବିଧାରେ ପକାଇପାରନ୍ତି।

ଆଜି ଆଷାଢ଼ କୃଷ୍ଣ ପ୍ରତିପଦା ଯୁକ୍ତ ଦ୍ୱିତୀୟା ମଙ୍ଗଳବାର, ଜୁନ୍ ୧୮ ତାରିଖ, ଅନ୍ତର୍ଜାତୀୟ ବଣଭୋଜି ଦିବସ, ରାଶି ନକ୍ଷତ୍ର-ଦିବା ଘ୧୨ ।୩୪ମି. ଗତେ ପୂର୍ବାଷାଢ଼ା/ଧନୁ, ମକର ରାଶିର ଘାତବାର, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ୮ ।୨୮ମି. ଗତେ ଘ୧୦ ।୦୭ମି. ମଧ୍ୟେ, ଘ୧୧ ।୪୬ମି. ଗତେ ଘ୧୨ ।୨୫ମି. ମଧ୍ୟେ ଅମୃତବେଳା। ଦିବା ଘ୧୦ ।୦୭ମି. ଗତେ ଘ୧୧ ।୪୬ମି. ମଧ୍ୟେ, ଘ୩ ।୪୦ମି. ଗତେ ଘ୫ ।୦୧ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୩ ।୦୬ମି. ଗତେ ଘ୪ ।୧୫ମି. ମଧ୍ୟେ ରାହୁକାଳ।

## CLASSIFIED NEW TARIFF

w.e.f. 18.06.2019

| | |
|---|---|
| All Edition | ₹25/- Per Word (Min. 10 Words) |
| Bold | ₹100/- Extra |
| Box | ₹100/- Extra |
| Bold + Box | ₹150/- Extra |
| Top Booking | 50% Extra |
| Repeat | 50% Discount |
| For Long Term Booking | 5 + 3 Free, 10 + 5 Free |
| Birthday / Thread Ceremony / Marriage | ₹200/- (B/W), ₹400/- (Color) |
| Obituary | ₹500/- (B/W), ₹1000/- (Color) |
| P.HD Award | ₹2000/- |
| Legal Notice/Personal Notice | ₹25/- Per Word |

(N.B.: 5% Extra GST, As per Govt. norms)

*For Clarification Please Contact:*
CLASSIFIED STATION nearest you OR
E-mail: classifieddharitri@gmail.com | Telephone: 0674-2548348/2549302

N.B.: For special occassion like Raja, Durga Puja, Rakhi etc., Staff is empowered to publish an advertisement in Classified Page and give discount of ₹5/- (Five) per word for special wishes.

## classifieds Everyday
0674-2580101, 2549302



**SALE**

ଭୁବନେଶ୍ୱର ପିତାପଲ୍ଲୀ ଛକଠାରେ possession/ ପାଚେରି ଥାଇ sqft.550/-, Xavier University- 250/-, 6371922931 D-66705

ମଙ୍ଗୁଳି ଫାର୍ମା କଲେଜ ରୋଡ଼ରେ 4.5K.m କମ୍ପ୍ଲେକ୍ସ ପାଖରେ ସ୍ଥିତିବାନ ଜାଗା ଡ଼ି. 90,000 ବିକ୍ରି। Contact: 8908492594. D-12707

**Plot sale at Bailo, Cuttack (Officers complex) @ 120/- per sqft with road 20k.m from Cuttack/ Bhubaneswar. 7809525452, 8249851363.** D-66903

Bhubaneswar Patia new Railway station ଠାରେ ସ୍ଥିତିବାନ demarcated plot sqft 500/-, 700/-. 9938501324, 7064471511. D-66706

4BHK duplex with gated community at Balianta (land-1400 construction-2200 @ 55Lakh and 2600 @ 65Lakh). Contact Mplanets: 9938219397, 9861022055. D-12932

ଭୁବନେଶ୍ୱର ଉତ୍ତରା/ Kru-pajal ପାଖରେ ଘରବାଡି ପାଚେରି ପ୍ଲଟ ପଞ୍ଚାରୁ ବିକ୍ରିହେବ। 9178660666. D-66570

Bhubaneswar ସନ୍ନିକଟ Pitapalli ଛକଠାରେ BDA Commercial Plot 60', 40', 30'ର ରାସ୍ତା ଥାଇ Electric Pole, Boundary Wall ସହିତ ମାତ୍ର 6,60,000/- ଟଙ୍କାରେ କିଣନ୍ତୁ। Contact: 9439101373, 7750068828. D-13011



Tolet 3BHK, 1500sqft. at ShreeVihar. Contact: 9437017426, 7205859421. D-66488



Fully refreshed/ relaxed body massage by expert therapist, Shastri nagar. 7377984773. D-66550

Rejuvenate and ayurvedic full body massage by smart therapist: 9114402304. D-66551

Kajal ayurvedic massage club fully relaxed by smart lady, home service available. 9937637219. D-66904

Full body massage with refreshment, expert therapist. 7381239385, 0674-2540855. D-66573

Experience full body massage with us (expert). Call: 7377048581, 0674- 2597822. D-66574

Herbal full body massage by smart/expert therapist. Contact: 8338067247. D-66575

Newly opening ayurvedic body massage smart therapist, Shree herbal. 7750020754. D-66576

### AFFIDAVIT

By virtue of an affidavit before Notary, Bhubaneswar, I Biswajit Sarangi, At: Chatumari, Po: Bhurunga, Ps.: Binjharpur, Dist: Jajpur, Pin: 755017, do declared that my actual and correct name is Biswajit Sarangi as per all documents, but in HSC certificate it is mentioned as Bishwajit Sarangi instead of Biswajit Sarangi. Henceforth, Biswajit Sarangi and Bishwajit Sarangi one and same person for all purpose. D-13007

**40th Marriage Anniversary**



**Indiramani Patnaik**
**Purnachandra Patnaik**

The good times and the bad times of 40 year have withstood the true test of time, every year growing with each other and growing closer together.
**Happy Anniversary!**
Congratulations both on 40th spent together. May your life continue to be filled with love, laughter and happiness.
D-66603

### ଜନ୍ମଦିନ ଶୁଭେଚ୍ଛା



**ସୁଚିତ୍ରା ବିଶ୍ୱାଳ (ପୂଜା)**
ଗ୍ରାମ- ଚଅଁରପୁର,
ଜିଲ୍ଲା- ଜଗତସିଂହପୁର
ଆଜି ପବିତ୍ର ଜନ୍ମଦିନ ଅବସରରେ ମୁଁ ତୁମର ଶୁଭକାମନା କରୁଛି। ଭଗବାନ ତୁମର ଚଲାପଥ କୁସୁମିତ କରନ୍ତୁ।
**ଶୁଭେଚ୍ଛା ସହ:**
ମାମା, ଦିଦି, ପପୁ, ଟିକି, ପିଙ୍କି, ତନୁ, ସାଲୁ, ଅନୁ, ଟୁଇଙ୍କିଲ, ରୁପା, ମୁନି।
ଧ-୧୩୦୦୯

### ଜନ୍ମଦିନ ଶୁଭେଚ୍ଛା



**ଆୟୁଷ ପଟ୍ଟନାୟକ**
ବଡ଼ଗଡ଼, ଭୁବନେଶ୍ୱର
ତୋର ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥ ତୋତେ ଭଲରେ ରଖନ୍ତୁ।
**ଶୁଭେଚ୍ଛା ସହ:**
ବାପା, ମା, ଭାଇ, ଭଉଣୀ, ଦାଦା, ଖୁଡ଼ୀ, ମାମୁ, ମାଇଁ, ବନ୍ଧୁବାନ୍ଧବ ଓ ପରିବାରବର୍ଗ।
ଧ-୧୩୦୦୮

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ରାଜ୍ୟରେ ଖୋଲିବ ଆଉ ୩ ସାଇବର ଥାନା

ଭୁବନେଶ୍ୱର,୧୭।୬(ବ୍ୟୁରୋ)

- ଭୁବନେଶ୍ୱର ସାଇବର ଥାନାରେ ଲାବ୍ ସହ ପ୍ରଶିକ୍ଷଣ କେନ୍ଦ୍ର
- ସାଇବର ଅପରାଧରୁ ଶିଶୁଙ୍କୁ ମୁକ୍ତ କରିବା ବଡ଼ ଚ୍ୟାଲେଞ୍ଜ: ଡିଜିପି
- ପରିବାର ଲୋକେ ସତର୍କ ରହିବା ସହ ସଚେତନ ହେବାକୁ ପରାମର୍ଶ



ସିଆଇଡି ଦ୍ୱାରା ପ୍ରସ୍ତୁତ ବୁକ୍‌ଲେଟ୍‌କୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

ଗତ କିଛିବର୍ଷ ହେବ ବଢ଼ି ଚାଲିଛି ସାଇବର ଅପରାଧ। କେବଳ ଓଡ଼ିଶା ନୁହେଁ, ଦେଶ ପାଇଁ ଏହା ଏକ ବଡ଼ ସମସ୍ୟା ଭାବେ ଉଭା ହୋଇଛି। ରାଜ୍ୟରେ ସାଇବର ଅପରାଧ ରୋକିବାକୁ ଆଉ ୩ ସାଇବର ଥାନା ଖୋଲିବ। ବର୍ତ୍ତମାନ କଟକ, ବ୍ରହ୍ମପୁର, ରାଉରକେଲା ଓ ସମ୍ବଲପୁରରେ ସାଇବର ଥାନା ରହିଛି। ଏବେ ଭୁବନେଶ୍ୱର, ବାଲେଶ୍ୱର ଓ କୋରାପୁଟରେ ଖୁବ୍‌ଶୀଘ୍ର ସାଇବର ଥାନା ଖୋଲିବାକୁ ଯାଉଛି। ଭୁବନେଶ୍ୱର ସାଇବର ଥାନାରେ ଫରେନ୍‌ସିକ୍ ଲ୍ୟାବ୍ ସହ ଟ୍ରେନିଂ ସେଣ୍ଟର ରହିବ। ଏହାଦ୍ୱାରା ସାଇବର ଅପରାଧର ତଦନ୍ତ ଲାଗି ଆବଶ୍ୟକ ପରୀକ୍ଷାନିରୀକ୍ଷା ପାଇଁ ଆଉ ରାଜ୍ୟ ବାହାରକୁ ଯିବାକୁ ପଡିବନି। ଏଠାରୁ ରାଜ୍ୟ ପୋଲିସ ଆବଶ୍ୟକ ପ୍ରଶିକ୍ଷଣ ନେଇ ସାଇବର ଅପରାଧ ରୋକିବାକୁ ଦକ୍ଷତା ଅର୍ଜନ କରିପାରିବେ ବୋଲି ପୋଲିସ ଡିଜି ଡା. ଆର୍.ପି. ଶର୍ମା କହିଛନ୍ତି।

ସୋମବାର ପୋଲିସ ଭବନଠାରେ କ୍ରାଇମବ୍ରାଞ୍ଚ ଓ ୟୁନିସେଫ୍ ପକ୍ଷରୁ ଆରମ୍ଭ ହୋଇଥିବା ସାଇବର ଅପରାଧ ସଂକ୍ରାନ୍ତ ଚାରିଦିନିଆ ରାଜ୍ୟସ୍ତରୀୟ କର୍ମଶାଳାକୁ ଉଦ୍‌ଘାଟନ କରି ଡିଜିପି ଶର୍ମା କହିଲେ, ଆତଙ୍କବାଦୀମାନେ ଇଣ୍ଟରନେଟ୍ ମାଧ୍ୟମରେ ଆକ୍ରମଣ କରୁଥିବାବେଳେ ୱେବ୍‌ସାଇଟ୍ ହ୍ୟାକିଂ, ଭିଡିଓ ଭାଇରାଲ ଓ କୋଟି କୋଟି ଟଙ୍କା ଠକେଇ ଘଟଣା ବଢ଼ି ଚାଲିଛି। ତେବେ ସାଇବର ଅପରାଧ ସହ ନିରୀହ ନାବାଳକ ଓ ନାବାଳିକା ଯୋଡ଼ିହେବା ସବୁଠୁ ଉଦ୍‌ବେଗର ବିଷୟ ହୋଇଛି। ସେମାନଙ୍କୁ ଅପରାଧୀମାନେ ଫସାଇବା ସହ ନାନା ନିର୍ଯାତନା ଦେଉଥିବାର ଅନେକ ଘଟଣା ନଜରକୁ ଆସିଛି। ସାଇବର ଅପରାଧରୁ ଶିଶୁଙ୍କୁ ମୁକ୍ତ କରିବା ବର୍ତ୍ତମାନ ପୋଲିସ ପାଇଁ ବଡ଼ ଚ୍ୟାଲେଞ୍ଜ ହୋଇଛି। ଏଥିପାଇଁ ପିତାମାତା ଓ ପରିବାର ଲୋକେ ମଧ୍ୟ ସଚେତନ ହେବା ଆବଶ୍ୟକ ବୋଲି ଡିଜିପି କହିଛନ୍ତି। ଏହି ଅବସରରେ ସାଇବର ଅପରାଧର ଫରେନ୍‌ସିକ୍ ତଦନ୍ତ ଓ ଆପରାଧିକ ରେକର୍ଡ ଉପରେ ସିଆଇଡି ଦ୍ୱାରା ପ୍ରସ୍ତୁତ ଏକ ବୁକ୍‌ଲେଟ୍ ଉନ୍ମୋଚିତ ହୋଇଥିଲା।

ୟୁନିସେଫ୍‌ର ଓଡିଶା ମୁଖ୍ୟ ଡ. ମୋନିକା ନେଲଶନ୍ କହିଲେ, ଇଣ୍ଟରନେଟ୍ ଜରିଆରେ ସାଇବର ଅପରାଧୀମାନେ ନିରୀହ ଶିଶୁମାନଙ୍କୁ ଟାର୍ଗେଟ କରୁଛନ୍ତି। ଏଭଳି ଅପରାଧରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଧରିବାକୁ ରାଜ୍ୟ ପୋଲିସକୁ ସାଇବର ଅପରାଧ ଉପରେ ଦକ୍ଷତା ଆଣିବାକୁ ପଡିବ। ଏଭଳି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଓଡିଶା ପୋଲିସକୁ ୟୁନିସେଫ୍ ସମ୍ପୂର୍ଣ୍ଣ ସହଯୋଗର ହାତ ବଢ଼ାଇବ ବୋଲି ସେ କହିଥିଲେ। ଅତିରିକ୍ତ ଡିଜିପି ସନ୍ତୋଷ ଉପାଧ୍ୟାୟ କହିଲେ, ଦିଲ୍ଲୀରୁ ଆସିଥିବା ଦକ୍ଷ ପ୍ରଶିକ୍ଷକମାନେ ପୋଲିସ ଅଧିକାରୀମାନଙ୍କୁ ପ୍ରଶିକ୍ଷଣ ଦେବେ। ପ୍ରଥମ ଦୁଇଦିନ ୧୩୦ ଜଣ ଏବଂ ଶେଷ ଦୁଇଦିନ ଅନ୍ୟ ୧୩୦ ଜଣ ପୋଲିସ ଅଧିକାରୀ ଟ୍ରେନିଂ ନେବେ। ଶେଷରେ ଦୁଇ ବ୍ୟାଚ୍‌ର ପରୀକ୍ଷା ହେବ ଓ ଶ୍ରେଷ୍ଠ ୩ ଅଧିକାରୀଙ୍କୁ ଅଧିକ ପ୍ରଶିକ୍ଷଣ ପାଇଁ ଦେଶ ବାହାରକୁ ପଠାଯିବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ବିଗତ ୪ବର୍ଷରେ ହୋଇଥିବା ସାଇବର ଅପରାଧ ସଂକ୍ରାନ୍ତରେ ସେ ସୂଚନା ଦେଇଥିଲେ। କ୍ରାଇମବ୍ରାଞ୍ଚ ଏସ୍‌ପି ସନ୍ଦୀପ ମାଡକେର ପରିଚାଳନା ଓ ଆଇଜିପି ଅରୁଣ ବୋଥ୍ରା ଧନ୍ୟବାଦ ଦେଇଥିଲେ।

## ଜିଲା ଚିଠି
### ଭଦ୍ରକ



## ସହରର ଦୁଃଖ କୃତ୍ରିମ ବନ୍ୟା

ଭଦ୍ରକ ସହରାଞ୍ଚଳ ମଧ୍ୟଭାଗ ଦେଇ ସାଳନ୍ଦୀ ନଦୀ ପ୍ରବାହିତ। ନଦୀ ଦୁଇପଟକୁ ଲାଗିରହିଛି ଭଦ୍ରକ ପୌରାଞ୍ଚଳ ସୀମା। ବର୍ଷାଋତୁ ଆସିଲେ ପ୍ରତିବର୍ଷ ସହରର ୫୦ ଭାଗ ଅଞ୍ଚଳ ମନୁଷ୍ୟକୃତ ବନ୍ୟାରେ ଉବୁଟୁବୁ ହୁଏ। ସହରବାସୀଙ୍କ ପାଇଁ ଏଭଳି କୃତ୍ରିମ ବନ୍ୟା ପରିସ୍ଥିତି ଏକପ୍ରକାର ଦେହସୁହା ହୋଇଗଲାଣି। ସ୍ଥାୟୀ ପ୍ରତିକାର ଲାଗି ପୌରାଞ୍ଚଳବାସୀ ଦାବି କରୁଥିଲେ ମଧ୍ୟ ଏହା ଅରଣ୍ୟରୋଦନ ପାଲଟୁଛି। ସହରର ନାଳନର୍ଦ୍ଦମା ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇରହିଛି। କେତେକ ସ୍ଥାନରେ ଏହା ପୋତିହୋଇଯାଇଥିବା ବେଳେ ଆଉ କେତେକ ସ୍ଥାନ ଜବରଦଖଲକାରୀଙ୍କ କବ୍‌ଜାରେ ରହିଛି। ଫଳରେ ବର୍ଷାଜଳ ନଦୀକୁ ନିଷ୍କାସିତ ହୋଇପାରୁ ନାହିଁ। ବର୍ଷାଋତୁ ଆସିବା ଆଗରୁ ପୌରପାଳିକା, ଜିଲା ପ୍ରଶାସନ, ଡ୍ରେନେଜ ବିଭାଗ ଲୋକଦେଖାଣିଆ ଭାବେ ତତ୍ପର ହୋଇ ନାଳନର୍ଦ୍ଦମା ମରାମତି କାମ ଆରମ୍ଭ କରନ୍ତି। ଏ ବାବଦରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଥିଲେ ମଧ୍ୟ ସ୍ଥିତି ବଦଳୁ ନାହିଁ। ବରଂ ମରାମତି ନାଁରେ ସରକାରୀ ଅର୍ଥ 'ଚଳୁ' ହେଉଛି। ବାବୁମାନଙ୍କ ପକେଟ ଗରମ ରହୁଛି। ପୌର ନିର୍ବାଚନ ହେଉ କି ସାଧାରଣ ନିର୍ବାଚନ, ନେତାମାନେ ଆସି ସହରର ନାଳନର୍ଦ୍ଦମା ସମସ୍ୟା ଓ ବର୍ଷାଜଳ ନିଷ୍କାସନ ବ୍ୟବସ୍ଥାକୁ ପ୍ରାଥମିକତା ଦିଆଯିବ କହି ଭୋଟ ହାତେଇ ନିଅନ୍ତି। ପରେ କାହାରି ଦେଖା ମିଳେ ନାହିଁ। ଏଥିଲାଗି ସହରବାସୀଙ୍କ ଦୁଃଖ ଲାଘବ ହେବା ପରିବର୍ତ୍ତେ ବଢ଼ି ଚାଲିଛି। କେବଳ ପୌରବାସୀ ନୁହଁନ୍ତି, ଲଗାଣ ବର୍ଷା ହେଲେ ଅନେକ ସରକାରୀ ଅଫିସ ପାଣିଘେରରେ ପଡ଼ିରହିଥାଏ। ଏଥିରୁ ଡାକ୍ତରଖାନା ମଧ୍ୟ ବାଦ୍ ପଡ଼େ ନାହିଁ। ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟ, ଏସ୍‌ପିଙ୍କ ଆବାସିକ କାର୍ଯ୍ୟାଳୟ ସମେତ ଜିଲା ପ୍ରକଳ୍ପ ନିର୍ଦ୍ଦେଶକଙ୍କ ଆବାସିକ କାର୍ଯ୍ୟାଳୟ ପରିସରରେ ବର୍ଷାପାଣି ଦିନ ଦିନ ଧରି ଜମି ରହେ। ବିଭାଗୀୟ କର୍ମଚାରୀ ଓ ଲୋକେ ଯାଆସ କରିପାରନ୍ତି ନାହିଁ। ସେହିପରି ସହରର କଚେରି ବଜାର, ଗବସାହି, ସାହାପୁର, ମଠସାହି, କୁଆଁସ ସୁଇପର କଲୋନୀ, ପୁରୁଣାବଜାର ଜଗନ୍ନାଥପୁର, ବାଗୁରାଇ, ସାମରାଇପୁର, ଗେଲପୁର ଓ ବୁଦ୍ଧନଗର ଜଳମଗ୍ନ ହୋଇପଡ଼େ। ଅପର୍ତ୍ତିବିନ୍ଧା, ଚରମ୍ପା ଆର୍‌ସିବିଏଲ୍ ହାଇସ୍କୁଲ ଅଞ୍ଚଳ ମଧ୍ୟ ଉଦ୍‌ବୃତ୍ତ ବର୍ଷାପାଣିରେ ଉବୁଟୁବୁ ହୁଏ। ଅଧିକାଂଶ ଅଞ୍ଚଳରୁ ପାଣି ନିଷ୍କାସନ ହେବାକୁ ପ୍ରାୟ ଏକ ସପ୍ତାହ ଲାଗିଥାଏ। ସହରରେ ମୋଟ ୩୫ କି.ମି. ପକ୍କା ରାସ୍ତା ଥିବାବେଳେ ୨୦୦ କି.ମି. ଡ୍ରେନ ରହିଛି। ଅନେକ ସ୍ଥାନରେ ଡ୍ରେନକୁ ଜବରଦଖଲ କରି ଦୋକାନ ଗୃହ ନିର୍ମାଣ କରାଯାଇଥିଲେ ମଧ୍ୟ ସେଗୁଡ଼ିକୁ ହଟାଯାଇପାରୁନି। ରାଜନୈତିକ ଚାପ କାରଣରୁ ପ୍ରଶାସନ ଜବରଦଖଲ ହଟାଇବାକୁ ଭୟ କରୁଥିବା ଲୋକେ ଅଭିଯୋଗ କରିଆସୁଛନ୍ତି। ପ୍ରତିବର୍ଷ ବର୍ଷାଜଳ ନିଷ୍କାସନ ଲାଗି ମାଷ୍ଟରପ୍ଲାନ ପ୍ରସ୍ତୁତ ହେଉଥିବା ଜିଲା ପ୍ରଶାସନ, ଡ୍ରେନେଜ ବିଭାଗ ଓ ପୌରପାଳିକା କହୁଥିଲେ ମଧ୍ୟ କାମରେ କିଛି ଦେଖିବାକୁ ମିଳୁନାହିଁ। ସହରର ବରିଷ୍ଠ ନାଗରିକ ସଂଘ ଓ ବହୁ ସାମାଜିକ ସଙ୍ଗଠନ ଏ ନେଇ ବାରମ୍ବାର ଦାବି କରି ଲିଖିତ ଅଭିଯୋଗ କରୁଥିବା ସତ୍ତ୍ୱେ ସରକାରୀ ବାବୁ ନୀରବଦ୍ରଷ୍ଟା ସାଜୁଛନ୍ତି। ପ୍ରଶାସନ ପକ୍ଷରୁ ଏହି ସମସ୍ୟାର ସ୍ଥାୟୀ ପ୍ରତିକାର କରାଯିବା ଜରୁରୀ ହୋଇପଡ଼ିଛି।

– ବିଭୁପ୍ରସାଦ ବେହେରା

## ସମଲେଇ ମନ୍ଦିରରେ ହେବ ଲାଇଟ୍, ସାଉଣ୍ଡ ଶୋ

**ସମ୍ବଲପୁର,୧୭।୬ (ବ୍ୟୁରୋ):** ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ ମା'ସମଲେଇ ମନ୍ଦିର ପରିସରରେ ଲାଇଟ୍ ଓ ସାଉଣ୍ଡ ଶୋ କରାଯିବ। ଏଥିପାଇଁ ରାଜ୍ୟ ପର୍ଯ୍ୟଟନ ଓ ସଂସ୍କୃତି ବିଭାଗ ପକ୍ଷରୁ ୭ କୋଟି ୪୦ ଲକ୍ଷ ଟଙ୍କାର ବ୍ୟୟ ଅଟକଳ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ପ୍ରାୟ ୨ କୋଟି ଟଙ୍କା ମଞ୍ଜୁର ହୋଇ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ଲାଇଟ୍ ଓ ସାଉଣ୍ଡ ଶୋରେ ସମଲେଇ ମନ୍ଦିରର ଇତିହାସ, ପରମ୍ପରା, ପୂଜାବିଧି, ନୂଆଁଖାଇ, ଦଶହରା, ନବରାତ୍ର ଭଳି ବିଭିନ୍ନ ପର୍ବପର୍ବାଣୀ, ସମ୍ବଲପୁରର ଅନ୍ୟାନ୍ୟ ପର୍ଯ୍ୟଟନସ୍ଥଳଗୁଡିକ ଉପରେ ମଧ୍ୟ ସୂଚନା ଦିଆଯିବ, ଯାହା ଭକ୍ତ ତଥା ପର୍ଯ୍ୟଟକ ଜାଣିପାରିବେ। ମନ୍ଦିର ଟ୍ରଷ୍ଟ ସଭାପତି ସଞ୍ଜୟ କୁମାର ବାବୁ ଏହି ସୂଚନା ଦେଇଛନ୍ତି। ପ୍ରକାଶଯୋଗ୍ୟ, ୨୦୧୭ରେ ଏଥିପାଇଁ ଅନୁଦାନ ଘୋଷଣା ହୋଇଥିଲା। ୨୦୧୮ରେ ଏହି ପ୍ରକଳ୍ପ ପାଇଁ ଏକ ଘରୋଇ ସଂସ୍ଥାକୁ ଦାୟିତ୍ୱ ଦିଆଯାଇଥିଲା। ସମ୍ପୃକ୍ତ ସଂସ୍ଥାର ଅଧିକାରୀମାନେ ୨୦୧୯ ଏପ୍ରିଲରେ ଆସି ସମଲେଇ ମନ୍ଦିର ପରିସର ପରିଦର୍ଶନ କରିଥିଲେ।

## ଲୋକ ସଭାରେ ଶପଥ ନେଲେ ଓଡ଼ିଶାର ୧୬ ଏମ୍‌ପି

ଭୁବନେଶ୍ୱର, ୧୭।୬(ବ୍ୟୁରୋ)

- ଆଜି ଶପଥ ନେବେ ବାକି ୫ ଏମ୍‌ପି
- ପ୍ରତାପ ସଂସ୍କୃତ, ଚନ୍ଦ୍ରାଣୀ ସାନ୍ତାଳୀ ଭାଷାରେ ନେଲେ ଶପଥ

ସପ୍ତଦଶ ଲୋକ ସଭାର ପ୍ରଥମ ଅଧିବେଶନ ସୋମବାରଠାରୁ ଆରମ୍ଭ ହୋଇଛି। ଏହି ଅବସରରେ ନବନିର୍ବାଚିତ ସଦସ୍ୟମାନଙ୍କ ଶପଥ ଉତ୍ସବ ଅନୁଷ୍ଠିତ ହୋଇଛି। ପ୍ରଥମେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୃହର ନେତାଭାବେ ଶପଥ ନେଇଥିଲେ। ଏହାପରେ ଅନ୍ୟ ସଦସ୍ୟମାନେ ଶପଥ ନେଇଛନ୍ତି। ଓଡ଼ିଶାରୁ ନିର୍ବାଚିତ ହୋଇଯାଇଥିବା ଏମ୍‌ପିମାନେ ମଧ୍ୟ ଶପଥ ଗ୍ରହଣ କରିଛନ୍ତି। ବାଲେଶ୍ୱର ଲୋକ ସଭା ଆସନରୁ ଏମ୍‌ପି ହୋଇଥିବା ତଥା କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ ସଂସ୍କୃତରେ ଶପଥ ନେଇଛନ୍ତି। ଲୋକ ସଭାର ଅସ୍ଥାୟୀ ବାଚସ୍ପତି ବୀରେନ୍ଦ୍ର କୁମାର ସଦସ୍ୟମାନଙ୍କୁ ଶପଥ ପାଠ କରାଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବିଜେଡି ବରିଷ୍ଠ ନେତା ତଥା ଏମ୍‌ପି ଭର୍ତ୍ତୃହରି ମହତାବ ଓଡ଼ିଆରେ ଶପଥ ଗ୍ରହଣ କରିଛନ୍ତି। ସେହିପରି କେନ୍ଦୁଝର ଏମ୍‌ପି ଚନ୍ଦ୍ରାଣୀ ମୁର୍ମୁ, ଭଦ୍ରକ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ଯାଜପୁର ଏମ୍‌ପି ଶର୍ମିଷ୍ଠା ସେଠୀ, ଢେଙ୍କାନାଳ ଏମ୍‌ପି ମହେଶ ସାହୁ, ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝୀ, କନ୍ଧମାଳ ଏମ୍‌ପି ଅଚ୍ୟୁତ ସାମନ୍ତ, ଜଗତ୍‌ସିଂହପୁର ଏମ୍‌ପି ରାଜଶ୍ରୀ ମଲିକ, ପୁରୀ ଏମ୍‌ପି ପିନାକୀ ମିଶ୍ର, ଆସ୍କା ଏମ୍‌ପି ପ୍ରମିଳା ବିଶୋୟୀ, ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ ଓଡ଼ିଆରେ ଶପଥ ନେଇଛନ୍ତି। ଚନ୍ଦ୍ରାଣୀ ମୁର୍ମୁ ସାନ୍ତାଳୀ ଭାଷାରେ ଶପଥ ନେଇଛନ୍ତି। ସେହିପରି ଭାଜପା ଏମ୍‌ପି ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ, ବସନ୍ତ ପଣ୍ଡା, ଅପରାଜିତା ଷଡ଼ଙ୍ଗୀ ମଧ୍ୟ ଶପଥ ଗ୍ରହଣ କରିଛନ୍ତି। ସେହିପରି ଓଡ଼ିଶାରୁ ନିର୍ବାଚିତ ହୋଇଥିବା ଏକମାତ୍ର କଂଗ୍ରେସ ଏମ୍‌ପି ସପ୍ତଗିରି ଉଲ୍ଲାକା ଇଂରାଜୀରେ ଶପଥ ଗ୍ରହଣ କରିଛନ୍ତି। ଓଡ଼ିଶାର ୨୧ ଏମ୍‌ପିଙ୍କ ମଧ୍ୟରୁ ୫ଜଣ ଶପଥ ଗ୍ରହଣ କରିନାହାନ୍ତି। ବରଗଡ଼ ଏମ୍‌ପି ସୁରେଶ ପୂଜାରୀ, ବଲାଙ୍ଗୀର ଏମ୍‌ପି ସଙ୍ଗୀତା ସିଂ ଦେଓ, ମୟୂରଭଞ୍ଜ ଏମ୍‌ପି ବିଶ୍ୱେଶ୍ୱର ଟୁଡୁ, ସମ୍ବଲପୁର ଏମ୍‌ପି ନିତୀଶ ଗଙ୍ଗଦେବ ଏବଂ କେନ୍ଦ୍ରାପଡ଼ା ଏମ୍‌ପି ଅନୁଭବ ମହାନ୍ତି ମଙ୍ଗଳବାର ଶପଥ ନେବେ ବୋଲି ଜଣାପଡ଼ିଛି।

ରାଜ୍ୟ ସଭାର ୩ ଆସନରେ ଉପନିର୍ବାଚନ ପ୍ରସଙ୍ଗ

## ଆଜିଠୁ ନାମାଙ୍କନ ଦାଖଲ

**ଭୁବନେଶ୍ୱର, ୧୭।୬(ବ୍ୟୁରୋ):** ଓଡ଼ିଶାର ୩ ରାଜ୍ୟ ସଭା ଆସନରେ ଉପନିର୍ବାଚନ ପାଇଁ ନିର୍ବାଚନ କମିଶନ ତାରିଖ ଘୋଷଣା କରିଛନ୍ତି। ମଙ୍ଗଳବାର ଏନେଇ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ନାମାଙ୍କନ ଦାଖଲ ଆରମ୍ଭ ହେବ। ୨୫ତାରିଖ ନାମାଙ୍କନପତ୍ର ଦାଖଲର ଶେଷଦିନ। ଜୁଲାଇ ୫ତାରିଖରେ ଆବଶ୍ୟକ ପଡ଼ିଲେ ଉପନିର୍ବାଚନ ଏବଂ ସେହିଦିନ ହିଁ ଭୋଟ ଗଣତି। ଜୁଲାଇ ୯ସୁଦ୍ଧା ସମସ୍ତ ପ୍ରକ୍ରିୟା ଶେଷ କରିବା ପାଇଁ ନିର୍ବାଚନ କମିଶନ ନିର୍ଦ୍ଦେଶ ଦେଇଛନ୍ତି। ସୋମବାର ରାଜ୍ୟ ସଭା ଉପନିର୍ବାଚନ ପାଇଁ ରିଟର୍ନିଂ ଅଫିସର ନିଯୁକ୍ତ ହୋଇଛନ୍ତି। ଓଡ଼ିଶା ଷ୍ଟାଫ୍ ସିଲେକ୍ସନ ସଚିବ ଭାବେ କାର୍ଯ୍ୟ କରୁଥିବା ବିଷ୍ଣୁପ୍ରସାଦ ମିଶ୍ର ରିଟର୍ନିଂ ଅଫିସର ହୋଇଛନ୍ତି। ଅନ୍ୟପଟେ ଶିଶିରକାନ୍ତ ସ୍ୱାଇଁ ଉପନିର୍ବାଚନର ସହକାରୀ ରିଟର୍ନିଂ ଅଫିସର ଭାବେ ନିଯୁକ୍ତ ହୋଇଛନ୍ତି। ସେ ଏବେ ବିଧାନସଭା ଯୁଗ୍ମ ସଚିବ ଅଛନ୍ତି। ରାଜ୍ୟ ବିଧାନସଭାର ସଂଖ୍ୟା ଦୃଷ୍ଟିରୁ ୩ଟି ଯାକ ଆସନ ବିଜେଡି ଖାତାକୁ ଯିବା ଏକ ପ୍ରକାର ନିଶ୍ଚିତ। ହେଲେ ଏ ପର୍ଯ୍ୟନ୍ତ ବିଜେଡି କେଉଁ ୩ ଚେହେରାଙ୍କୁ ରାଜ୍ୟ ସଭା ପଠାଇବ ସେ ନେଇ ସ୍ପଷ୍ଟ କରିନାହିଁ। ଆଶାୟୀଙ୍କ ସଂଖ୍ୟା ଅଧିକ ଥିବାରୁ ଦଳ ମୁଖିଆଙ୍କ ପାଇଁ ପ୍ରାର୍ଥୀ ଚୟନ କାଠିକର ପାଠ ହେଉଛି ବୋଲି ଚର୍ଚ୍ଚା ଜୋର୍ ଧରିଛି।


## ମନେ ପଡ଼ନ୍ତି

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ଅଜିତ୍ କୁମାର ବରାଇ(ପିଣ୍ଟୁ)
ରଙ୍ଗାଢିପା, ନ୍ୟୁ- କଲୋନି, ସୁନ୍ଦରଗଡ଼
ଆବିର୍ଭାବ: ୨୯।୦୧।୧୯୭୩
ତିରୋଧାନ: ୨୯।୦୬।୨୦୧୮
ଚାହୁଁ ଚାହୁଁ ଏକବର୍ଷ ବିତିଗଲା ତୋର ଅବର୍ତ୍ତମାନରେ ତୋର ଧର୍ମ, କର୍ମ, ସ୍ନେହ, ଶ୍ରଦ୍ଧା ଓ କର୍ତ୍ତବ୍ୟନିଷ୍ଠାକୁ ପାଥେୟକରି ଆମେମାନେ କାଳାତିପାତ କରୁଛୁ। ତୋର ଅନୁପସ୍ଥିତି ସର୍ବଦା ହୃଦୟରେ ଏକ ଶୂନ୍ୟତା ସୃଷ୍ଟିକରେ। ତୋର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁପାଦେ ବିନମ୍ର ପ୍ରାର୍ଥନା କରୁଛୁ।
**ଶୋକସନ୍ତପ୍ତ:**
ବାପା, ମାଆ, ଭାଇ, ଭଉଣୀ, ଭାଉଜ, ଆଶୁ, ସୁମି, ବରାଇ ପରିବାର, ବନ୍ଧୁବାନ୍ଧବ ଓ ଆତ୍ମୀୟସ୍ୱଜନ।
ଧ-୧୩୦୧୫

**ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ଗୋପବନ୍ଧୁ ପ୍ରଧାନ
ଆବିର୍ଭାବ: ୦୩।୧୧।୧୯୫୦
ତିରୋଧାନ: ୦୭।୦୬।୨୦୧୯
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ।
ତୁମର ନୀତି, ଆଦର୍ଶ, କର୍ତ୍ତବ୍ୟନିଷ୍ଠା, ପରୋପକାର ଓ ଅତୁଟ ସ୍ନେହ, ଶ୍ରଦ୍ଧା, ଦିଗ୍‌ଦର୍ଶନ ସର୍ବଦା ଆମ ପରିବାର ପାଇଁ ପ୍ରେରଣାର ଉତ୍ସହୋଇ ରହିଥାଉ। ତୁମେ ସ୍ଥୁଳ ଶରୀରରେ ଆମ ଗହଣରେ ନଥିଲେ ମଧ୍ୟ ତୁମ ସ୍ମୃତି ଆମ ପାଇଁ ସଦା ଜୀବନ୍ତ। ଆଜିର ପୁଣ୍ୟ ତିଥିରେ ତୁମର ପବିତ୍ର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଧ-୧୩୦୧୨

## CLASSIFIED DISPLAY







**ADMISSION OPEN**
**INDUSTRIAL SAFETY ENGINEERING**
DURATION - ONE YEAR
10TH/10+2/+3, ITI, DIPLOMA/DEGREE
Approved by Bharat Sevak Samaj, Govt. of India
Job opportunities in India & Abroad on Petrochemical Industries, Oil Refinery, Construction Textiles, Shipping Sectors, Industrial Sectors, etc.
**EEURO MARITIME ACADEMY**
Estd.2000
(ISO 9001 : 2015 CERTIFIED)
166, Soubhagya Nagar, Siripur, Unit-8, Bhubaneswar
logon : www.eeuromaritime.org
Ph.0674-2385773, M:9437114882, 9090366575

**MORE SPACE • SAME PRICE**
**CLASSIFIED DISPLAY**
(On Tuesday & Friday All Orissa Edition)

| | SIZE | COLOR | B/W |
|---|---|---|---|
| For 15 insertions | 6 × 8 | 40,000 | 35,000 |
| 8 insertions in a month | 6 × 8 | 20,000 | 18,000 |
| 4 insertions in a month | 6 × 8 | 11,000 | 10,000 |
| Single day | 6 × 8 | 2,800 | 2,500 |

**For Booking Contact:**
Pusparaj-7894447148, Santosh-7894447131
Ajaya- 7894447165, Tapan- 7894447166
5% GST Applicable


## ODISHA JOINT ENTRANCE EXAMINATION-2019 (OJEE - 2019)

No. OJEE2019/264 Dt. 17/06/2019

### TENTATIVE SCHEDULE FOR COUNSELING AND ADMISSION FOR MBBS / BDS COURSES 2019-20

| Activity | Date |
|---|---|
| Registration and Online Application | 20-06-2019 12:00 NOON to 25-06-2019 11:59PM |
| Publication of list of Registered Candidates | 26-06-2019 |
| Document Verification at Nodal Centres | 26-06-2019 to 29-06-2019 (10:00AM to 5:00PM) |
| Medical Board for Physically Challenged Candidates | 26-06-2019 and 27-06-2019 |
| Ex-Service Man Board for ES Candidates | 21-06-2019 and 28-06-2019 |
| Publication of State Merit List | 01-07-2019 |
| Choice Filling and Locking | 01-07-2019 11:00AM to 02-07-2019 11:59PM |
| 1st Round Allotment Publication and Down loading of Provisional Allotment Letter | 04-07-2019 |
| Provisional Admission (1st Round) at OJEE CELL, Gandamunda, Bhubaneswar. | 05-07-2019 to 09-07-2019 (10.00 AM to 05.00 PM) |
| Joining Allotted Institutions | By 12.07.2019 5.00 PM |
| Vacant Seat display (including returned All India Quota seats) | 24-07-2019 |
| Choice filling and Choice locking | 24-07-2019 10.00 AM to 25-07-2019 11.59 PM |
| 2nd Round Allotment and Downloading Provisional Allotment cum Admission Letter | 26-07-2019 |
| 2nd Round Provisional Admission at OJEE CELL, Gandamunda, Bhubaneswar. | 27-07-2019 to 30-07-2019 (10.00 AM to 05.00 PM) |
| Withdrawal (Resignation) from Admission (no resignation is allowed after this date) | 31.07.2019 (10.00 AM to 05.00 PM) |
| Joining Allotted Institutions | 03.08.2019 |
| A Spot Counselling and Admission may be done if vacancy arises due to any reason after 2nd round counselling Admission Venue : OJEE Cell, Gandamunda, Bhubaneswar | 04.08.2019 to 08.08.2019 (10.00 AM to 5.00 PM) |
| Last date of Joining Allotted Institutions | 12-08-2019 |
| Transfer of vacant seats to Private Medical College for final mop up admission | 13.08.2019 after 5.00 PM |
| Last date of joining in private institutions | 18-08-2019 |

Mail id of OJEE2019: www.odishaojee@gmail.com
Website : ojee.nic.in, odishajee.com

NB: The candidates who have taken admission in 1st or 2nd round of counselling (All India / State) are not eligible to participate in Spot counselling. (As per MCI and Hon'ble Apex Court directives)

Sd/-
CHAIRMAN, OJEE

ମାତଃ ଦୁର୍ଗେ ! ଜୀବନ ସଂଗ୍ରାମରେ, ଭାରତ ସଂଗ୍ରାମରେ ତୋର ପ୍ରେରିତ ଯୋଦ୍ଧା ଆମ୍ଭେମାନେ। ଦିଅ ମା ! ମନେ ପ୍ରାଣେ ଅସୁରର ଶକ୍ତି- ଅସୁରର ଉଦ୍ୟମ। ଦିଅ ମା, ହୃଦୟରେ ବୁଦ୍ଧିରେ ଦେବ ଚରିତ୍ର, ବିଦ୍ୟାଜ୍ଞାନ !! -ଶ୍ରୀଅରବିନ୍ଦ



# ପିମ୍ପୁଡ଼ି ଦଳିଦେଲୁ

ଇଂଲଣ୍ଡର ମାଞ୍ଚେଷ୍ଟରଠାରେ ୧୬ ଜୁନ୍‌ରେ ହୋଇଥିବା ବିଶ୍ୱକପ୍ କ୍ରିକେଟ୍‌ର ଏକ ମ୍ୟାଚରେ ପାକିସ୍ତାନକୁ ଭାରତ ୮୯ ରନ୍‌ରେ ପରାସ୍ତ କରିଛି। ବିଶ୍ୱକପ୍ ଆରମ୍ଭ ହେବା ଦିନରୁ ଅଦ୍ୟାବଧି ଦୁଇ ଟିମ୍ ମଧ୍ୟରେ ହୋଇଥିବା ମ୍ୟାଚରେ ପାକିସ୍ତାନଠାରୁ କେବେ ହାରି ନ ଥିବାର ରେକର୍ଡ ଭାରତ ରଖିଆସିଛି। ଏହା ନିଶ୍ଚିତ ଭାବେ ଭାରତୀୟଙ୍କ ପାଇଁ ଖୁସି ଖବର। ଟିମ୍ ଇଣ୍ଡିଆର ଉତ୍କୃଷ୍ଟ ଖେଳକୁ ସବୁଆଡୁ ଶୁଭେଚ୍ଛା ମିଳିବା ସ୍ୱାଭାବିକ। କିନ୍ତୁ ଭାରତର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହ ଟିମ୍ ଇଣ୍ଡିଆର ବିଜୟକୁ ପାକିସ୍ତାନ ଉପରେ ଆଉ ଏକ 'ଷ୍ଟ୍ରାଇକ୍' ବା ମାଡ଼ ହେଲା ବୋଲି ଅଭିହିତ କରି ଟୁଇଟରରେ ଉଲ୍ଲେଖ କରିବା ପରେ ତାଙ୍କୁ ସୋସିଆଲ ମିଡିଆରେ ସମାଲୋଚନା କରାଯାଇଛି। କ୍ରିକେଟ୍‌ରେ ଭାରତର ବିଜୟକୁ ଶାହ ପାକିସ୍ତାନ ବିପକ୍ଷରେ ଅତି ଆକ୍ରମଣାତ୍ମକ ଢଙ୍ଗରେ ବର୍ଣ୍ଣନା କରିବାକୁ ଯାଇ ଏଭଳି ମତ ରଖିବାକୁ ଅନେକେ ଗ୍ରହଣ କରିପାରିନାହାନ୍ତି। ହର୍ସନ ସିଂ ନାମକ ଜଣେ ବ୍ୟକ୍ତି ଟୁଇଟରରେ କହିଛନ୍ତି, 'ଦେଶର ସ୍ୱରାଷ୍ଟ୍ରମନ୍ତ୍ରୀ ଭାରତର ବିଜୟ ନେଇ ଯେଭଳି ଆକ୍ରମଣଶୀଳ ବିବୃତି ରଖିଛନ୍ତି, ତାହା ଦ୍ୱାରା ତାଙ୍କର ରାଷ୍ଟ୍ର ନେତୃତ୍ୱରେ ଅଭାବ ଏବଂ ପ୍ରତିଦ୍ୱନ୍ଦ୍ୱିତାମୂଳକ କ୍ରୀଡ଼ାକୁ ବୁଝିବାରେ ଅକ୍ଷମ ଥିବା ଜଣାପଡୁଛି'। ସେହିପରି ବୈଭବ ଚାଓ୍ୱଲା ଲେଖିଛନ୍ତି, 'କ୍ରିକେଟ୍‌ର ଷ୍ଟ୍ରାଇକ୍‌କୁ ଅନ୍ୟ କୌଣସି ଷ୍ଟ୍ରାଇକ୍ ସହ ତୁଳନା କରାଯିବା ଉଚିତ ନୁହେଁ। ଏଠାରେ ଆପଣଙ୍କ ଯୁଦ୍ଧପ୍ରିୟ ଅବାନ୍ତର କଥା ଶୁଣିବାକୁ ଆମେ ପସନ୍ଦ କରୁନାହୁଁ। ଖେଳକୁ ଅନ୍ୟ ସବୁଥିରୁ ପୃଥକ୍ ରଖାଯାଉ'। ଶାହଙ୍କ ବିରୋଧରେ ଏଭଳି ଏକାଧିକ ସମାଲୋଚନାମୂଳକ ମନ୍ତବ୍ୟ ପ୍ରକାଶ ପାଇବାରେ ଲାଗିଛି। ଅନ୍ୟପଟେ ବିହାରର ମୁଜାଫରପୁରରେ ଏନ୍‌ସେଫାଲାଇଟିସ୍ ବା ମସ୍ତିଷ୍କ ଜ୍ୱରରେ ୧୦୦ରୁ ଊର୍ଦ୍ଧ୍ୱ ଶିଶୁଙ୍କ ଜୀବନ ଗଲାଣି। କ୍ରିକେଟ୍‌ରେ ଜିତିବା ନେଇ କେନ୍ଦ୍ର ମନ୍ତ୍ରୀମାନେ ଯେଭଳି ଉତ୍ସାହିତ ହୋଇ ମନ୍ତବ୍ୟ ଦେଇଛନ୍ତି, ଏନ୍‌ସେଫାଲାଇଟିସ୍ ଦ୍ୱାରା ମୃତ୍ୟୁମୁଖରେ ପଡୁଥିବା ପିଲାଙ୍କ କଥା ଉଠାଉ ନାହାନ୍ତି। ଏହା ନିଶ୍ଚିତ ଚିନ୍ତାର ବିଷୟ।

ସ୍କୁଲ ଅବସ୍ଥାରୁ ପିଲାମାନେ ଖେଳରେ ଭାଗ ନେଲା ବେଳେ ଶିକ୍ଷୟିତ୍ରୀଶିକ୍ଷକ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିବାକୁ ଯାଇ କହିଥାଆନ୍ତି- 'ଜିତିବା ହାରିବା କିଛି ନୁହେଁ, ଅଂଶଗ୍ରହଣ କରିବା ହେଉଛି ବଡ଼ କଥା'। ଏଥିରୁ ବୁଝିବାକୁ ହେବ ଯେ ଖେଳୁଆଡ଼ ମନୋବୃତ୍ତିକୁ ଗୁରୁତ୍ୱ ଦିଆଯାଇଥାଏ। ଖେଳ ରାଷ୍ଟ୍ର-ରାଷ୍ଟ୍ର ମଧ୍ୟରେ ବନ୍ଧୁତ୍ୱ ବୃଦ୍ଧିରେ ସହାୟକ ହୋଇଥାଏ। ହେଲେ ଆଜିର ପରିସ୍ଥିତିରେ ଗୋଟିଏ ଦେଶର ଟିମ୍ ଅନ୍ୟ ରାଷ୍ଟ୍ରର ଟିମ୍ ଉପରେ ବିଜୟଲାଭ କଲେ ଅନେକେ ଏହାକୁ ରାଜନୈତିକ ଢଙ୍ଗରେ ଚିତ୍ରଣ କରୁଛନ୍ତି। ବାସ୍ତବରେ ଦେଖିବାକୁ ଗଲେ ଭାରତର ବିରାଟକାୟ ଜନସଂଖ୍ୟା ମଧ୍ୟରୁ ଅନ୍ତର୍ଜାତୀୟ କ୍ରୀଡ଼ାରେ ଏହି ଦେଶର ନାମଗନ୍ଧ ଶୁଣିବାକୁ ମିଳେ ନାହିଁ। ଗୋଟିଏ ପଟେ କ୍ରିକେଟ୍‌କୁ ନେଇ ମନ୍ତ୍ରୀବୃନ୍ଦ ଗୌରବାନ୍ୱିତ ହେଉଥିବା ବେଳେ ହକି ଏବଂ ଅନ୍ୟ ଖେଳ ପ୍ରତି କାହାରି ଦୃଷ୍ଟି ପଡୁନାହିଁ। ୧୫ ଜୁନ୍‌ରେ ଭୁବନେଶ୍ୱରଠାରେ ଶେଷ ହୋଇଥିବା ପୁରୁଷ ଏଫ୍‌ଆଇଏଚ୍ ସିରିଜ୍ ଫାଇନାଲ୍ସ ହକି ଟୁର୍ନାମେଣ୍ଟରେ ଦକ୍ଷିଣ ଆଫ୍ରିକାକୁ ହରାଇ ଭାରତ ଚାମ୍ପିୟନ ହୋଇଥିବା କଥା ସମ୍ଭବତଃ ଅଧିକାଂଶ ଭାରତୀୟ ଜାଣି ନ ଥିବେ। ତା'ର ଏକମାତ୍ର କାରଣ ଭାବେ କୁହାଯାଇପାରେ ଯେ, ହକି ପଛରେ କୌଣସି ରାଜନୀତି ଏପର୍ଯ୍ୟନ୍ତ ଯୋଡ଼ି ହୋଇ ନାହିଁ। ହେଲେ କ୍ରିକେଟ ଭାରତବାସୀଙ୍କ ପାଇଁ ଅତ୍ୟଧିକ ମହତ୍ତ୍ୱ ରଖିଥାଏ। ଏହି ଖେଳରେ ଭାରତ-ପାକିସ୍ତାନ ଭେଟ ହେଲେ ସମସ୍ତଙ୍କ ଆଶା ଅଭିଳାଷ ଗୋଟିଏ ମ୍ୟାଚରେ କେନ୍ଦ୍ରିତ ହୋଇଯାଏ। ବେଟିଂଠାରୁ ଆରମ୍ଭ କରି ବିଜ୍ଞାପନରେ ଦର ପର୍ଯ୍ୟନ୍ତ ସବୁକିଛି ଆକାଶଛୁଆଁ ହୋଇଯାଏ। ଯେପରିକି ଭାରତ ମ୍ୟାଚ ଜିତିଲେ କୂଟନୈତିକ ଓ ସାମରିକ ସ୍ତରରେ ପାକିସ୍ତାନକୁ ମାତ୍ ଦେଲା ବୋଲି ଧରାଯିବ, ହାରିଲେ ଅସଂଖ୍ୟ ଭାରତୀୟଙ୍କ କ୍ରୋଧ ଟିମ୍ ଇଣ୍ଡିଆ ଉପରେ ପଡ଼ିଥାଏ।

ଏବେ ଶାହଙ୍କ ଟୁଇଟରକୁ ବିଶ୍ଳେଷଣ କଲେ ସେଥିରେ ଅନ୍ତର୍ନିହିତ ଭାବକୁ ବୁଝିହେଉଛି। ପାକିସ୍ତାନର ବାଲାକୋଟ୍ ଉପରେ ସେନା ସର୍ଜିକାଲ ଷ୍ଟ୍ରାଇକ୍ କରିଥିବା ବିଷୟ ଗତ କିଛିମାସ ଧରି ଭାରତୀୟଙ୍କ ମନରେ ବସା ବାନ୍ଧି ରହିଛି। ବର୍ତ୍ତମାନ କ୍ରିକେଟ୍‌ରେ ପାକିସ୍ତାନ ଉପରେ ଭାରତର ବିଜୟ ଆଉ ଏକ ଷ୍ଟ୍ରାଇକ୍ ହେଲା ବୋଲି ଶାହ ଯାହା କହିଛନ୍ତି, ସେଥିରେ ତାଙ୍କ ବିବୃତି ମାଧ୍ୟମରେ କିଛି ଅବାଞ୍ଛିତ ବ୍ୟକ୍ତିଙ୍କ ଦେଶପ୍ରେମ ଜାଗ୍ରତ ହୋଇଥାଇପାରେ। କିନ୍ତୁ ଜଣେ ଦାୟିତ୍ୱସମ୍ପନ୍ନ ରାଜନେତାଙ୍କଠାରୁ ଏଭଳି ଆଶା କରାଯାଇ ନ ଥାଏ। ଭାରତରେ ସାଧାରଣ ନିର୍ବାଚନ ଥିବାରୁ ଭାରତୀୟ ଜନତା ପାର୍ଟି (ଭାଜପା) ବାଲାକୋଟ ଷ୍ଟ୍ରାଇକ୍‌କୁ ଆୟୁଧ କରି ଭୋଟ ଜିତିଥିବା କୁହାଯାଇଥିଲା। ନିର୍ବାଚନ ସରି ସରକାର ଗଢ଼ାଯିବା ପରେ ଶାହଙ୍କ ଏଭଳି ତୁଳନା କେଉଁ ଉଦ୍ଦେଶ୍ୟ ଚରିତାର୍ଥ କରିବ ତାହା ବୁଝିବା କଷ୍ଟକର ନୁହେଁ। ଏଠାରେ ସ୍ତମ୍ଭକାର ମନଦୀପ୍ ସିଂ ବାଜଓ୍ୱାଙ୍କ ଟୁଇଟ୍‌କୁ ଲକ୍ଷ୍ୟ କରାଯାଇପାରେ। ସେ କହିଛନ୍ତି ଯେ ଜମ୍ମୁ ଓ କଶ୍ମୀରର ଅନନ୍ତନାଗଠାରେ ୫ ସିଆର୍‌ପିଏଫ୍ ଯବାନ ଶହୀଦ ଏବଂ ଭାରତୀୟ ବାୟୁସେନାର ଏଏନ୍-୩୨ ଏୟାରକ୍ରାଫ୍ଟ ଧ୍ୱଂସ ପାଇ ୧୩ ଜଣଙ୍କ ପ୍ରାଣହାନି ଘଟିବା ଉପରେ ଅମିତ ଶାହ ଓ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ କିଛି କହି ନ ଥିଲେ। ଏଥିରୁ ସରକାର କେଉଁ ଘଟଣାକୁ ଅଗ୍ରାଧିକାର ଦେଉଛନ୍ତି, ତାହା ଉପରେ ମନଦୀପ୍ ପ୍ରଶ୍ନ ଉଠାଇଛନ୍ତି। ଉଲ୍ଲେଖଯୋଗ୍ୟ, ଏନ୍-୩୨ ଏୟାରକ୍ରାଫ୍ଟରେ ପ୍ରାଣ ହରାଇଥିବା ୧୩ ଜଣଙ୍କ ମଧ୍ୟରେ ଓଡ଼ିଆ ଯୁବକ ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ବ୍ଲକ ବଳିଆପଲ୍ଲୀ ଗ୍ରାମର ସୁନୀତ୍ ମହାନ୍ତି ଥିଲେ।

ଭାରତ ଓ ପାକିସ୍ତାନ ମଧ୍ୟରେ ଦୀର୍ଘବର୍ଷ ଧରି ଅପଡ଼ ରହିଆସିଛି। ଦୁଇ ଦେଶ ଏକାଧିକ ଯୁଦ୍ଧ ଲଢ଼ି ପ୍ରତିଶୋଧପରାୟଣ ହୋଇଛନ୍ତି। ହେଲେ କ୍ରୀଡ଼ା କ୍ଷେତ୍ରକୁ ଏଭଳି ଚିନ୍ତାଧାରା ଦ୍ୱାରା କଳୁଷିତ କରାଯିବା ଉନ୍ନତ ମସ୍ତିଷ୍କର ପରିଚୟ ଦେଉ ନାହିଁ। ଏହାବ୍ୟତୀତ ପ୍ରତ୍ୟେକ ଭାରତୀୟଙ୍କୁ ମନେରଖିବାକୁ ହେବ ଯେ ମଣିଷ ପିମ୍ପୁଡ଼ିକୁ ଦଳିଦେବା ଯାହା, ଭାରତ ଦ୍ୱାରା ପାକିସ୍ତାନକୁ ପରାଜିତ କରିବା ସମାନ ଗୁରୁତ୍ୱ ରଖିଥାଏ। ଆମ ଦେଶବାସୀଙ୍କ ସାଧାରଣ ମାନସିକତା ହେଉଛି ଦୁର୍ବଳକୁ ପିଟି ପକାଇବା। ଯେତେବେଳେ ଅମିତ ଶାହ କିମ୍ବା ତାଙ୍କର ବନ୍ଧୁମାନେ ଭାରତର ପ୍ରକୃତ ଶତ୍ରୁ ଚାଇନା ବିରୋଧରେ ଏଭଳି ମନ୍ତବ୍ୟ ପ୍ରକାଶ କରିପାରିବେ, ସେତେବେଳେ ଜାଣିବା ଯେ ମୁସଲମାନ ବିରୋଧୀ ଭୋଟ ନୁହେଁ, ଶକ୍ତିଶାଳୀ ଭାରତ ସୃଷ୍ଟି କରିବା ଦିଗରେ ଏମାନେ କାର୍ଯ୍ୟ କରୁଛନ୍ତି।

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | | C | | | B | | D | | | 6 | 9 |
| | | | 6 | A | | | | | | | 4 | | | B |
| | 0 | | D | | | 8 | | 5 | | | | | A | C |
| | D | | | | 2 | | 0 | E | 9 | 1 | 5 | | | |
| | | | 0 | | | | 7 | D | | C | | | | 2 |
| | 9 | 0 | 3 | C | | | | 4 | 1 | | | 8 | | |
| | 2 | 7 | | | | | | 3 | | B | | | | 0 |
| | B | E | | 7 | 6 | | 1 | | | | | D | | |
| | 3 | 5 | 1 | | | | | | A | 0 | 9 | | C | 7 |
| 1 | C | | | | | 5 | | | | | | 6 | 3 | |
| | | D | | 0 | | | | | | | 6 | | 9 | 3 |
| | 4 | 9 | | | | B | | | | | | | | |
| | E | 1 | | 3 | 5 | | | | 0 | | 7 | | 2 | |
| | | | | | | | 4 | 7 | | 2 | B | | E | |
| A | | | | | 7 | 0 | | | 4 | | D | | | 5 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 0 | 7 | A | 3 | C | 9 | D | 2 | 8 | B | 5 | 6 | 4 | 1 | E |
| 1 | C | 3 | 8 | 6 | 4 | E | 7 | 0 | A | 2 | D | 5 | B | 9 |
| 4 | 6 | 5 | E | 0 | B | 9 | A | 3 | C | 1 | 7 | 8 | D | 2 |
| B | 9 | E | 2 | 5 | D | 1 | C | 6 | 0 | 8 | 4 | 3 | 7 | A |
| D | 2 | 8 | A | 1 | 7 | B | 4 | 5 | E | 9 | 3 | 0 | 6 | C |
| 6 | A | 0 | 4 | B | 1 | C | 9 | 7 | 8 | 3 | E | D | 2 | 5 |
| 7 | 1 | 2 | 5 | D | 6 | 0 | E | B | 4 | C | A | 9 | 3 | 8 |
| 5 | 8 | 4 | 9 | E | C | 6 | 3 | D | 2 | 0 | 1 | 7 | A | B |
| 9 | E | B | 7 | 2 | 3 | 4 | 8 | A | D | 6 | 5 | 1 | C | 0 |
| C | 3 | D | 0 | A | 8 | 2 | 5 | 1 | 7 | B | 9 | 6 | E | 4 |
| A | B | 9 | D | 7 | E | 5 | 1 | C | 3 | 4 | 0 | 2 | 8 | 6 |
| 2 | 4 | C | 1 | 3 | 5 | 7 | B | 9 | 6 | E | 8 | A | 0 | D |
| 3 | 0 | 7 | B | 4 | A | 8 | 6 | 2 | 9 | D | C | E | 5 | 1 |
| 8 | D | 1 | 6 | 9 | 2 | A | 0 | E | 5 | 7 | B | C | 4 | 3 |
| E | 5 | 6 | C | 8 | 0 | 3 | D | 4 | 1 | A | 2 | B | 9 | 7 |

ଗତକାଲିର ଉତ୍ତର

# କଂଗ୍ରେସ ତ୍ରୁଟି ସୁଧାରୁ



ବୈକୁଣ୍ଠନାଥ ମିଶ୍ର

ସ୍ୱାଧୀନତା ଆନ୍ଦୋଳନ, ସ୍ୱାଧୀନତା ପ୍ରାପ୍ତି ଓ ସ୍ୱାଧୀନତୋତ୍ତର ଭାରତବର୍ଷରେ ଲୋକତାନ୍ତ୍ରିକ ଶାସନ ପ୍ରତିଷ୍ଠା କରିବାରେ ଜାତୀୟ କଂଗ୍ରେସର ଅବଦାନ ସର୍ବଜନବିଦିତ। ସ୍ୱାଧୀନତାର ପ୍ରାକ୍‌ପ୍ରସ୍ତୁତିସ୍ୱରୂପ କଂଗ୍ରେସର ସର୍ବଭାରତୀୟ ସ୍ତରରେ ଅଧ୍ୟକ୍ଷ ନିର୍ବାଚନ ଓ ସ୍ୱାଧୀନ ଭାରତର ପ୍ରଧାନମନ୍ତ୍ରୀ ମନୋନୟନ କାର୍ଯ୍ୟ ସମାପନ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇସାରିଥାଏ। କଂଗ୍ରେସ କାର୍ଯ୍ୟନିର୍ବାହୀ କମିଟିର ସୁପାରିସ ଅନୁସାରେ ପ୍ରଦେଶ କମିଟିମାନଙ୍କୁ ଦୁଇଜଣଙ୍କ ମଧ୍ୟରୁ ଜଣକର ନାମ ପସନ୍ଦ କରି ଗୁପ୍ତ ଭାବରେ ଜଣାଇବାକୁ କୁହାଗଲା। ଦୁଇଜଣଙ୍କ ମଧ୍ୟରୁ ଜଣେ ଥିଲେ ପଣ୍ଡିତ ଜବାହରଲାଲ ନେହେରୁ ଓ ଅନ୍ୟ ଜଣେ ଥିଲେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ। କିନ୍ତୁ ଆଶ୍ଚର୍ଯ୍ୟର କଥା କୌଣସି ଗୋଟିଏ ପ୍ରଦେଶ କଂଗ୍ରେସ କମିଟି ପଣ୍ଡିତ ନେହେରୁଙ୍କ ନାମ ପ୍ରସ୍ତାବ କରି ନ ଥିଲେ। ତିନୋଟି ପିସିସି କାହାରି ନାମ ପ୍ରସ୍ତାବ ନ କରି ଏହାକୁ ଆଇସିସି ଉପରେ ଛାଡ଼ି ଦେଇଥିଲେ। ଏପରି ଏକ ସମ୍ବେଦନଶୀଳ ଘଟଣାକୁ ଅତି ରହସ୍ୟପୂର୍ଣ୍ଣ ଭାବେ ଗୁପ୍ତ ରଖାଗଲା। ଦେଶ ସ୍ୱାଧୀନ ହେବା ପରେ ନେହେରୁ ପ୍ରଧାନମନ୍ତ୍ରୀ ହୁଅନ୍ତୁ ବୋଲି ମହାତ୍ମା ଗାନ୍ଧୀ ଇଚ୍ଛାବ୍ୟକ୍ତ କରିବାରୁ ଅନ୍ୟମାନେ ବିରୋଧ କରି ନ ପାରି ନୀରବ ରହିଲେ। ଏହି ଘଟଣା ସୂଚିତ କରେ ଯେ, ନେହେରୁ ଗଣତନ୍ତ୍ର ପ୍ରତି କେତେ ଉଦାର ଥିଲେ! ପରବର୍ତ୍ତୀ କାଳରେ ନେହେରୁଙ୍କ ସ୍ୱେଚ୍ଛାଚାରିତା ଓ ଅନୀତି ପ୍ରତି କଂଗ୍ରେସର ମୁଷ୍ଟିମେୟ ନିଷ୍ପାପର ସଦସ୍ୟ ନୀରବତାକୁ ଶ୍ରେୟଃ ମଣିଲେ। ମୁଦ୍ରା ଦୁର୍ନୀତି, ଖଣି ଦୁର୍ନୀତି, ଏପରି କି ଚାଇନା ଯୁଦ୍ଧରେ ଅସଫଳତା ସତ୍ତ୍ୱେ କେହି ସ୍ୱର ଉତ୍ତୋଳନ କରିବାକୁ ସାହସ କରି ନ ଥିଲେ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଲା ଭାରତକୁ ସେତେବେଳେ ଜାତିସଂଘ ନିରାପତ୍ତା ପରିଷଦର ସଭ୍ୟପଦ ଯଚାଯାଇଥିଲେ ମଧ୍ୟ ନେହେରୁ ଚାଇନାକୁ ଅସନ୍ତୁଷ୍ଟ ନ କରିବା ଉଦ୍ଦେଶ୍ୟରେ ତାକୁ ପ୍ରତ୍ୟାଖ୍ୟାନ କରିଥିଲେ।

ଇନ୍ଦିରା ଗାନ୍ଧୀ ଏକ ସଂଯୋଗକ୍ରମେ ଭାରତର ପ୍ରଧାନମନ୍ତ୍ରୀ ପଦ ଅଳଂକୃତ କଲେ। ଲାଲବାହାଦୁର ଶାସ୍ତ୍ରୀଙ୍କର ତାସ୍‌କେଣ୍ଟଠାରେ ରହସ୍ୟଜନକ ମୃତ୍ୟୁ ହିଁ ଇନ୍ଦିରାଙ୍କ ପଥ ପରିଷ୍କାର କରିଦେଲା। ଇନ୍ଦିରା ତାଙ୍କ ଶାସନକାଳ ମଧ୍ୟରେ ଅନେକ ଅଗଣତାନ୍ତ୍ରିକ ଘଟଣାର ସଂସ୍ଥାପିକା ସାଜିଛନ୍ତି। ନ୍ୟାୟପାଳିକା ଉପରେ ନିଜର ପ୍ରଭାବ ବିସ୍ତାର କରି ଚାରିଜଣ ବିଚାରପତିଙ୍କୁ ଅନ୍ୟମାନଙ୍କ ବରିଷ୍ଠତାକୁ ଉପେକ୍ଷା କରି ପଦୋନ୍ନତି ଦେଲେ, ଯେଉଁଥିପାଇଁ ନ୍ୟାୟପାଳିକା କଂଗ୍ରେସ ଦଳ ଓ ଇନ୍ଦିରାଙ୍କ ପାଇଁ ପ୍ରତିବଦ୍ଧ ରହିଲେ। ୧୯୭୫ରେ ଅପ୍ରତିହତ ଜନ-ଅସନ୍ତୋଷ ଓ ବିରୋଧୀଙ୍କ ବିରୋଧକୁ ନିଷ୍ପ୍ରଭ କରିବାକୁ ଯାଇ ନିଜର ସ୍ୱାର୍ଥ ପୂରଣ ଅଭୀପ୍ସାରେ ଦେଶରେ ଜାରି କଲେ ଐତିହାସିକ ଜରୁରୀ ପରିସ୍ଥିତି। କଂଗ୍ରେସକୁ ବିରୋଧ କରୁଥିବା ଦେଶର ସମସ୍ତ ବିଶିଷ୍ଟ ନେତାଙ୍କୁ କାରାରୁଦ୍ଧ କରାଗଲା। ଇନ୍ଦିରା ଗାନ୍ଧୀଙ୍କ ସମୟରେ ପାର୍ଲାମେଣ୍ଟରେ କୋରମ୍ (ଆବଶ୍ୟକ ସଂଖ୍ୟକ ସଭ୍ୟଙ୍କ ଉପସ୍ଥିତି) ନିୟମକୁ ଉଚ୍ଛେଦ କରାଗଲା; ଯଦ୍ଵାରା ସୀମିତ ସଂଖ୍ୟକ ଅନୁଗତ କଂଗ୍ରେସ ସଦସ୍ୟଙ୍କ ଉପସ୍ଥିତିରେ ଦେଶ ଶାସନ ସମ୍ବନ୍ଧୀୟ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରାଗଲା। ଇନ୍ଦିରାଙ୍କ ଭାବମୂର୍ତ୍ତିକୁ ନେଇ ସାଧାରଣରେ ଏପରି ଚିତ୍ର ଆଙ୍କି ଦିଆଗଲା ଯେ, ତାଙ୍କ ବ୍ୟତିରେକେ ଯେପରି ଭାରତ ଶାସନ ଅକଳ୍ପନୀୟ! ଏହି ଚିତ୍ରକୁ ଅଧିକ ରସାଣିତ କଲେ ଏକଦା କଂଗ୍ରେସର ଅଧ୍ୟକ୍ଷ ଥିବା ଦେବକାନ୍ତ ବରୁହା, ଯିଏ କହିଲେ 'ଇନ୍ଦିରା ଇଜ୍ ଇଣ୍ଡିଆ ଆଣ୍ଡ୍ ଇଣ୍ଡିଆ ଇଜ୍ ଇନ୍ଦିରା'। ଏଭଳି ତୋଷାମଦରେ ଇନ୍ଦିରା ଉଲ୍ଲସିତ ହେଉଥିଲେ ଓ ତାଙ୍କ ଭିତରେ ଏକଛତ୍ରବାଦର ସ୍ଥିତି କ୍ରମେ ସୁଦୃଢ଼ ହେଉଥିଲା।

ନେହେରୁ-ଗାନ୍ଧୀ ପରିବାରର ତୃତୀୟ ଉତ୍ତରାଧିକାରୀ ରାଜୀବ ଗାନ୍ଧୀ ହେଉଛନ୍ତି ଏକମାତ୍ର ପ୍ରଧାନମନ୍ତ୍ରୀ, ଯାହାଙ୍କ ନାମରେ ପ୍ରତିରକ୍ଷା ନିମିତ୍ତ ଅସ୍ତ୍ର ଖରିଦ୍ ବାବଦରେ ବିଦେଶୀ କମ୍ପାନୀଠାରୁ ପ୍ରତ୍ୟକ୍ଷ ଲାଞ୍ଚ ଗ୍ରହଣର ଆରୋପ ଲଗାଯାଇଥିଲା। ତାଙ୍କ ପୂର୍ବ କିମ୍ବା ପର କୌଣସି ପ୍ରଧାନମନ୍ତ୍ରୀ ସିଧାସଳଖ ଲାଞ୍ଚ ଗ୍ରହଣ କରିବାର ଉଦାହରଣ ନାହିଁ। ସବୁଠାରୁ ଅଧିକ ଆର୍ଥିକ ଅନିୟମିତତା ଯଥା ମଧ୍ୟପ୍ରଦେଶ ଲଟେରି ସ୍କାମ୍, ମହାରାଷ୍ଟ୍ର ସରକାରୀ ପ୍ଲଟ୍ ବିକ୍ରି ଓ ଏୟାର୍ ବସ୍ କିଣା ସ୍କାମ୍ ରାଜୀବଙ୍କ ପ୍ରଧାନମନ୍ତ୍ରିତ୍ୱ ସମୟର ଲଜ୍ଜାକର ଘଟଣା। ନେହେରୁ-ଗାନ୍ଧୀ ପରିବାର କ୍ଷମତା ଅଳିନ୍ଦ ମଧ୍ୟରେ ନିଜକୁ ସର୍ବେସର୍ବା ମନେକରୁଥିଲେ ଏବଂ ତାଙ୍କୁ ବିରୋଧ କରୁଥିବା କୌଣସି ନେତା ବା ଅଧିକାରୀଙ୍କୁ ସେ ଶାନ୍ତିରେ ନିଃଶ୍ୱାସ ମାରିବାକୁ ଦେଉ ନ ଥିଲେ। ଜବାହରଲାଲ ନେହେରୁ ଓ କନ୍ୟା ଇନ୍ଦିରା ନିଜ ପାଇଁ ସର୍ବଶ୍ରେଷ୍ଠ ସମ୍ମାନ 'ଭାରତରତ୍ନ' ପ୍ରଦାନର ପଥ ପରିଷ୍କାର କରିଥିଲେ। ସେ ସମୟରେ ଯୋଗ୍ୟ ବ୍ୟକ୍ତିଙ୍କର ଅଭାବ ନ ଥିଲେ ମଧ୍ୟ ଅନ୍ୟ କାହାକୁ ଉକ୍ତ ସମ୍ମାନ ଦେବାକୁ ସେମାନେ ଆଦୌ କୌଣସି ପଦକ୍ଷେପ ନେଇନାହାନ୍ତି। ରାଜୀବଙ୍କୁ ମଧ୍ୟ ମରଣୋତ୍ତର ଭାବେ ଭାରତରତ୍ନ ପ୍ରଦାନ କରାଯାଇଛି। କଂଗ୍ରେସର ଏହି ତିନି ପ୍ରଧାନମନ୍ତ୍ରୀ ଭାରତର ସୁଯୋଗ୍ୟ ସନ୍ତାନ ସର୍ଦ୍ଦାର ପଟେଲ କିମ୍ବା ବି.ଆର୍. ଆମ୍ବେଡକର କିମ୍ବା ଅନ୍ୟ କୌଣସି ଉଚ୍ଚ ମୂଲ୍ୟବୋଧସମ୍ପନ୍ନ ବ୍ୟକ୍ତିଙ୍କୁ ସମ୍ପୂର୍ଣ୍ଣ ଉପେକ୍ଷା କରିଥିଲେ। ସର୍ଦ୍ଦାର ପଟେଲ ଓ ଡ. ଆମ୍ବେଡକରଙ୍କୁ ପରବର୍ତ୍ତୀ ସମୟରେ ଅଣକଂଗ୍ରେସ ସରକାରଙ୍କ ଦ୍ୱାରା ମରଣୋତ୍ତର ଭାରତରତ୍ନ ପ୍ରଦାନ କରାଯାଇଛି। ନେହେରୁ-ଗାନ୍ଧୀ ପରିବାର ଭାରତରେ ଏକମାତ୍ର ପରିବାର, ଯେଉଁମାନଙ୍କ ନାମରେ ଅଧିକାଂଶ ଯୋଜନା, ସଡ଼କ, ବିମାନବନ୍ଦର, କ୍ରୀଡ଼ା ପୁରସ୍କାର ନାମିତ କରାଯାଇଛି।

ରାଜୀବଙ୍କ ତିରୋଧାନ ପରେ ଦେଶରେ ଯେତେବେଳେ ବି କଂଗ୍ରେସ ଶାସନ କରିଛି, ସେ ପ୍ରଧାନମନ୍ତ୍ରୀମାନେ ଛାୟା ପ୍ରଧାନମନ୍ତ୍ରୀ ଭାବେ ଗାନ୍ଧୀ ପରିବାରର ଇଚ୍ଛାକୁ ଫଳବତୀ କରିଛନ୍ତି ମାତ୍ର। ବିଗତ ଲୋକ ସଭାରେ ସୋନିଆ ଗାନ୍ଧୀ ଏବଂ ରାହୁଲ ଗାନ୍ଧୀ ସଦସ୍ୟ ଥିଲେ ମଧ୍ୟ ପାର୍ଲାମେଣ୍ଟ ଅଧିବେଶନ କାଳରେ ଗୋଟିଏ ହେଲେ ପ୍ରଶ୍ନ ପଚାରିନାହାନ୍ତି। ପିଆର୍‌ଏସ୍ ଇଣ୍ଡିଆର ଏକ ସର୍ବେକ୍ଷଣ ଅନୁସାରେ, ଗତ ଷୋଡ଼ଶ ଲୋକ ସଭାରେ ସଭ୍ୟମାନେ ହାରାହାରି ପଚାରିଥିଲେ ମୁଣ୍ଡପିଛା ୨୯୩ଟି ପ୍ରଶ୍ନ। ଏପରି କି ଜଣେ ସଦସ୍ୟ ପଚାରିଥିଲେ ୧୧୮୧ଟି ପ୍ରଶ୍ନ। ମାତ୍ର ମାତାପୁତ୍ର ଦୁହେଁ ଏଥିରୁ ସମ୍ପୂର୍ଣ୍ଣ ବିରତ ରହିଛନ୍ତି। କୁହାଯାଏ, ସୋନିଆ ଗାନ୍ଧୀ ସମ୍ପ୍ରତି ପୃଥିବୀର ଚତୁର୍ଥ ଧନୀ ବ୍ୟକ୍ତି। ଇଟାଲୀର ଏକ ସାଧାରଣ ଲଳନା ଗାନ୍ଧୀ ପରିବାରର କୁଳବଧୂ ସାଜି ଭାରତ ଆସିବା ପରେ ଭାଗ୍ୟଦେବୀଙ୍କ ପ୍ରସନ୍ନତାରୁ ଏକ ବୃହତ୍ ଧନଭଣ୍ଡାରର ମାଲିକ ବନିଗଲେ। ସୋନିଆଙ୍କର ସର୍ବଶ୍ରେଷ୍ଠ ଅଗଣତାନ୍ତ୍ରିକ କାର୍ଯ୍ୟ ଥିଲା ସୀତାରାମ କେଶରୀଙ୍କ ପରି ଜଣେ ବୟୋଜ୍ୟେଷ୍ଠ ତ୍ୟାଗପୂତ କଂଗ୍ରେସୀ ନେତାଙ୍କୁ ଦଳର ଅଧ୍ୟକ୍ଷ ପଦରୁ ଅପମାନଜନକ ଭାବେ ବହିଷ୍କାର କରି ଅଧ୍ୟକ୍ଷ ପଦକୁ ନିଜ ହାତକୁ ନେବା। ତାଙ୍କ ବିଦେଶିନୀ ଛାପ ସିନା ତାଙ୍କୁ ପ୍ରଧାନମନ୍ତ୍ରୀ ପଦରୁ ଦୂରେଇ ରଖିଲା, କିନ୍ତୁ ନେହେରୁ-ଗାନ୍ଧୀ ପରିବାରର ଧନଭଣ୍ଡାରର ମାଲିକାଣୀ ହେବାର ସୌଭାଗ୍ୟ ତାଙ୍କୁ ଅନାୟାସରେ ପ୍ରାପ୍ତ ହେଲା। ଗାନ୍ଧୀ ପରିବାରର ଅନ୍ୟତମ କୁଳବଧୂ ମାନେକା ଗାନ୍ଧୀ ଓ ତାଙ୍କ ପୁତ୍ର ବରୁଣଙ୍କୁ ଏଥିରୁ ବଞ୍ଚିତ କରାଗଲା।

ସ୍ୱାଧୀନତୋତ୍ତର ଭାରତବର୍ଷରେ ରାଜା, ଜମିଦାରମାନଙ୍କ ଯୋଗଦାନରେ କଂଗ୍ରେସ ପରିପୁଷ୍ଟତା ଲାଭକଲା। ସାଧାରଣ ଜନତା ଦେଶ ଶାସନ ସମ୍ବନ୍ଧରେ ଅଜ୍ଞ ଥିଲେ। ପୁଣି ସେମାନଙ୍କ ଶରୀରରେ ରାଜଭକ୍ତିର ରକ୍ତ ପ୍ରବହମାନ ଥିଲା। ସେମାନେ ଥିଲେ କଂଗ୍ରେସର ପକେଟ ଭୋଟ। କ୍ରମେ ଶିକ୍ଷାର ପ୍ରସାର ଘଟିଲା। ଲୋକେ ବୁଝିଲେ ଯେ ଆଜିପର୍ଯ୍ୟନ୍ତ ଗୋଟିଏ ଦଳ ତାଙ୍କୁ ଜଡ଼ତା ମଧ୍ୟରେ ରଖିଆସିଥିଲା। ପରଦା ଅନ୍ତରାଳରେ ଥିବା ସତ୍ୟକୁ ସେମାନେ ଉପଲବ୍ଧି କଲେ। କଂଗ୍ରେସଠାରୁ ସେମାନଙ୍କ ଦୂରତା ବୃଦ୍ଧି ପାଇଲା। ନେହେରୁ-ଗାନ୍ଧୀ ପରିବାରର ସର୍ବକନିଷ୍ଠ ଦାୟାଦ ରାହୁଲଙ୍କୁ ଏହା ଭୀଷଣ ପ୍ରଭାବିତ କଲା। ପୂର୍ବଜଙ୍କ କୃତକର୍ମର ଫଳ ତାଙ୍କୁ ଭୋଗିବାକୁ ହେଲା। ସେ କିମ୍ବା ତାଙ୍କ ଦଳ ଜନତାଙ୍କର ନିକଟତର ହୋଇପାରିଲେ ନାହିଁ। କଂଗ୍ରେସର ପରିବାରବାଦକୁ ୨୦୧୯ ନିର୍ବାଚନରେ ଲୋକେ ଅଗ୍ରାହ୍ୟ କଲେ। ବିଶେଷକରି ରାହୁଲଙ୍କ ଅପରିପକ୍ୱତା ତାଙ୍କ ପାଇଁ ବଇରୀ ସାଜିଲା। ରାହୁଲଙ୍କ ପାଇଁ ଏବେ ସମୟ ଉପଗତ। ପୂର୍ବଜଙ୍କ ତ୍ରୁଟିକୁ ସୁଧାରି ସେ କଂଗ୍ରେସ ପାଇଁ ଏକ ସମ୍ଭାବନାମୟ ଭବିଷ୍ୟତ ଗଠନ କରିବା ଦରକାର। ଆଜିର ପରାଜୟ ଭବିଷ୍ୟତ ପାଇଁ ଗଠନମୂଳକ ସମ୍ଭାବନା ସୃଷ୍ଟି କରିପାରେ। ଜନ୍ କେନେଡିଙ୍କ ଭାଷାରେ 'ଡିଫିଟ୍ ମେ ବି ଆନ୍ ଅରଫାନ୍, ବଟ ଇଟ୍ ଇଜ୍ ଏ ଫେକଣ୍ଡ ପ୍ୟାରେଣ୍ଟ।' ଅର୍ଥାତ୍ ପରାଜୟ ହୋଇପାରେ ଏକ ଅନାଥ ଶିଶୁ- କିନ୍ତୁ ଏହି ଅନାଥ ଶିଶୁ ହୋଇପାରେ ଦିନେ ବହୁପ୍ରସୂ ମାତାପିତା ସଦୃଶ। କଂଗ୍ରେସ ପାଇଁ ତ୍ରୁଟି ସଂଶୋଧନ ସର୍ବାଦୌ ବାଞ୍ଛନୀୟ।

ସିଦ୍ଧଳ, ଜଗତ୍‌ସିଂହପୁର, ମୋ-୯୯୩୭୪୫୦୫୪୦

# ଛତା ନୁହେଁ ଛାତ



ସଂଗ୍ରାମ କେଶରୀ ପୃଷ୍ଟି

ମାଟିରୁ ଆକାଶ, ଅନ୍ତରରୁ ଅନ୍ତରୀକ୍ଷ ପୁଣି ଦରିଆରୁ ଦିଗ୍‌ବଳୟ ପର୍ଯ୍ୟନ୍ତ ବ୍ୟାପ୍ତ ଶବ୍ଦଟିଏ ବାପା। ନା କଳିହୁଏ ନା ମାପିହୁଏ ତାଙ୍କ ବ୍ୟକ୍ତିତ୍ୱକୁ। ସନ୍ତାନ ଓ ପରିବାର ପାଇଁ ସମର୍ପିତ ଜୀବନଟିଏ। ସବୁ ଝଡ଼ଝଞ୍ଜା ମଧ୍ୟରେ ଦୁନିଆର ସବୁ ସୁଖଶାନ୍ତିକୁ ପିଲାଙ୍କ ପାଇଁ ସାଉଁଟି ଆଣିବାରେ ଲହୁଲୁହାଣ ହୋଇପଡ଼ିଥିଲେ ମଧ୍ୟ ନିରନ୍ତର ପ୍ରୟାସ ଜାରିରଖିଥିବା ମଣିଷ ବାପାଙ୍କ ଛଡ଼ା ଆଉ କିଏ ହୋଇପାରନ୍ତା ଯେ!

ମା' ଘରର ଗୌରବ ହେଲେ ବାପା ଏହାର ଅସ୍ତିତ୍ୱ। ମା'ଙ୍କ ଆଖିରେ ଅଶ୍ରୁଧାରା ଥାଏ ହେଲେ ବାପାଙ୍କ ଆଖିରେ ଥାଏ ସଂଯମ । ମା' ଖାଦ୍ୟପ୍ରସ୍ତୁତ କରନ୍ତି, ବାପା କିନ୍ତୁ ପରିବାର ପାଇଁ ସାରାଜୀବନ ଖାଦ୍ୟର ବନ୍ଦୋବସ୍ତ କରିଥାନ୍ତି। ଟିକିଏ ଅସୁବିଧାରେ ମା' ମନେପଡ଼ନ୍ତି କିନ୍ତୁ ଭୟଙ୍କର ବିପଦରେ ବାପାଙ୍କୁ ହିଁ ଖୋଜାପଡ଼େ। କୋଳରେ ଲଗାଇ ମା' ଦେଖାନ୍ତି ଆକାଶର ଜହ୍ନ, ବାପା କିନ୍ତୁ ଛାତିରେ ବସାଇ ସ୍ୱପ୍ନ ଦେଖାନ୍ତି। ମା' ଲୋରୀ ଶୁଣାନ୍ତି ଓ ବାପା ଶୁଣାନ୍ତି ଜୀବନର ସଙ୍ଗୀତ।

ସମଗ୍ର ପରିବାର ପାଇଁ ବାପା ହେଉଛନ୍ତି ବିଶ୍ୱାସର ବଟବୃକ୍ଷଟିଏ, ଗଭୀର ଆସ୍ଥା ଓ ଭରସାର ମଧୁମୟ ଜହ୍ନଟିଏ ପୁଣି ଅସୀମ ଆକାଶର ଆଶ୍ୱାସନାଟିଏ। ତାଙ୍କ ସୁଶୀତଳ ଛାୟାରେ ସମ୍ପୂର୍ଣ୍ଣ ପରିବାରରେ ଅନବରତ ଖେଳିଯାଏ ପ୍ରସନ୍ନତା। ତାଙ୍କ ଅନାବିଳ ସ୍ନେହ ଓ ସ୍ୱର୍ଗୀୟ ପ୍ରେମ ହିଁ ଘରକୁ ବୈକୁଣ୍ଠରେ ବଦଳାଇ ଦେଇପାରେ। ଯେପର୍ଯ୍ୟନ୍ତ ବଟବୃକ୍ଷ ତୁଲ୍ୟ ବାପାଙ୍କ ଛାଇ ଆମ ଉପରେ ଥାଏ, ସେ ପର୍ଯ୍ୟନ୍ତ ନିଜକୁ ଆମେ ସୁରକ୍ଷିତ ମଣୁ। ତାଙ୍କ ମଧୁମୟ ଆଶ୍ଳେଷରେ ରାସ୍ତାର ଯେତେସବୁ କଣ୍ଟା ଫୁଲ ପାଲଟିଯାଏ ଓ ଦୁଃଖସବୁ ବଦଳିଯାଏ ସୁଖରେ। ସେ ନିଜେ ପଛେ ବାଡ଼ିଧରି ଚାଲନ୍ତି କିନ୍ତୁ ପିଲାମାନଙ୍କୁ ନିଜ ଗୋଡ଼ରେ ଛିଡ଼ା କରାଇବାକୁ ଅନବରତ ଚେଷ୍ଟା କରନ୍ତି। ସେ ଚଷମାରେ ଦୁନିଆ ଦେଖନ୍ତି କିନ୍ତୁ ପିଲାମାନଙ୍କୁ ସ୍ୱଚକ୍ଷୁରେ ଦୁନିଆ ଦେଖିବାକୁ ପ୍ରବର୍ତ୍ତାନ୍ତି। ସବୁ ଦୁଃଖକୁ ଗରଳ ପରି ପାନ କରି ନୀଳକଣ୍ଠ ସାଜିବାରେ ପଛଘୁଞ୍ଚା ଦେଉ ନ ଥିବା ମହନୀୟ ବ୍ୟକ୍ତିତ୍ୱ ବାପାଙ୍କ ଛଡ଼ା ଆଉ କିଏ ହୋଇପାରେ!

ଏ ସଂସାରରେ ଜୀବନ୍ତ ଦେବତାର ଆଖ୍ୟା ଯଦି କାହାକୁ ଦିଆଯାଏ ସେ ହେଉଛନ୍ତି ମା' ଓ ବାପା। ସନ୍ତାନର ସଫଳତାର ପ୍ରତ୍ୟେକଟି ସୋପାନରେ ଯେଉଁ ପରିଚୟଟି ସାମ୍ନାକୁ ଆସେ, ତାହା ହେଲା ବାପାଙ୍କ ପରିଚୟ। ଅଜସ୍ର ଅନ୍ଧାର ଭିତରେ ଦିକ୍‌ଦିକ୍ ହୋଇ ଜଳୁଥିବା ଅଲିଭା ଦୀପଶିଖାଟିଏ ସେ, ଯିଏ କି ତିଳତିଳ ହୋଇ ଦଗ୍ଧ ହୋଇ ମଧ୍ୟ ସମଗ୍ର ପରିବାର ପାଇଁ ଦେଖାଇଥାନ୍ତି ଆଲୋକର ରାହା। ପୁଣି ଉଦ୍‌ବୋଧନ ଦେଇଥାନ୍ତି ସେହି କାଳଜୟୀ ମହାମନ୍ତ୍ର- "ଆଗରେ ପଡ଼ିଛି ପଥ ବହୁ ଦୂର ଯିବାକୁ ଅଛିରେ ବାକି/ଚାଲିବି ଚାଲିବି ନ ପଡ଼ିବି ଥକି ମୁଦିବା ଆଗରୁ ଆଖି।"

ଅକପଟ ସେ ବାପାଙ୍କ ଆକଟ। ଯାହାଙ୍କ କଡ଼ାଶାସନ, ନାଲିଆଖି, ମାଡ଼ଗାଳି ପୁଣି ଶୃଙ୍ଖଳା ଜୀବନଧାରାରେ ସାଜିଥାଏ ପଥପ୍ରଦର୍ଶକ। ଆଖିରେ ତାଙ୍କର ଲହଡି ମାରୁଥାଏ ସୁନେଲି ଭବିଷ୍ୟତର ସ୍ୱପ୍ନ। ସଙ୍କଳ୍ପବଦ୍ଧ ମଣିଷଟିଏ ହେବା ପାଇଁ ସେ ଅନବରତ ଦେଇ ଚାଲିଥାନ୍ତି ଉତ୍ସାହ ଓ ପ୍ରେରଣା। ସମ୍ଭବତଃ ସେଥିପାଇଁ ଈଶ୍ୱରଙ୍କ ସଂକ୍ଷିପ୍ତ ସଂଜ୍ଞା ଭାବରେ ବାପାଙ୍କୁ ହିଁ ନିଆଯାଏ। କାରଣ ଈଶ୍ୱରଙ୍କୁ ମାଗିଲେ କିଛି ମିଳୁ ବା ନ ମିଳୁ କିନ୍ତୁ ଯାହାଙ୍କୁ ମାଗିଲେ ନିଶ୍ଚୟ କିଛି ମିଳିଯାଏ, ସେ ହେଉଛନ୍ତି ବାପା। ଏପରିକି ସନ୍ତାନର ସୁଖ ପାଇଁ ଆକାଶରୁ ଚାନ୍ଦ ତୋଳିବାରେ ସାମର୍ଥ୍ୟ ରଖନ୍ତି ସେ। ଡେଙ୍ଗାମୁଣ୍ଡରେ ଠେଙ୍ଗାର ଗୁରୁଦାୟିତ୍ୱ ନିର୍ବାହରେ ବ୍ରତୀ ଥିବା ବାପା ସନ୍ତାନଜୀବନର ପ୍ରତ୍ୟେକଟି ସୋପାନକୁ ତନ୍ନତନ୍ନ କରି ଅନୁଧ୍ୟାନ କରିଚାଲିଥାନ୍ତି ଅନବରତ। ସମୟଚକ୍ରରେ କେତେବେଳେ ଖୁସିରେ ଆତ୍ମହରା ହୋଇପଡ଼ନ୍ତି ତ କେତେବେଳେ ଦୁଃଖରେ ଭାଙ୍ଗିପଡ଼ନ୍ତି। ଏସବୁ ଭିତରେ ଆଖିରେ ତାଙ୍କର ପୂରି ରହିଥାଏ କର୍ତ୍ତବ୍ୟବୋଧ ସହ ମମତ୍ୱବୋଧ।

ନିରୋଳା ଲୁହଲହୁକୁ ଏକାକାର କରି ନିଜ ପ୍ରଶସ୍ତ ଛାତିରେ ଦୁଃଖକୁ ଆଲିଙ୍ଗନ କରିବାକୁ ଡରୁ ନ ଥିବା ମଣିଷ ବାପା। ଗୋଟିଏ ଘରେ ଏକାଠି ରହୁଥିବା ମଣିଷଙ୍କ ପାଇଁ ସେ ଛତା ନୁହେଁ, ଛାତ। ପାଦ ପାଇଁ ଜୋତା ନୁହେଁ, କବଚ। ଘରର ମଝିଖୁଣ୍ଟ ସାଜି ଯାବତୀୟ ବୋଝକୁ ମୁଣ୍ଡେଇ ପାରୁଥିବା ଓ ଜଞ୍ଜାଳରେ ପେଷି ହୋଇଯାଉଥିବା ଶକ୍ତିଶାଳୀ ଦର୍ପଟିଏ। ତାଙ୍କରି ପାଇଁ ତ ଦପ୍‌ଦପ୍ ଦିଶେ ମାଆଙ୍କ ମଥାର ଲାଲ ଟହ ଟହ ସିନ୍ଦୂର ଓ ହାତର ଝଲମଲ ପାଣିକାଚ। ଜୀବନସାରା ଗଧପରି ବୋଝ ବୋହି ବୋହି ସେ ଗଧ ବନିଯାନ୍ତି। ଏସବୁ ଭିତରେ ସନ୍ତାନକୁ ପିଠିରେ ବସାଇ ଘୋଡ଼ା ପାଲଟି ଯିବାରେ ଥାଏ ତାଙ୍କର ଅଜସ୍ର ଆନନ୍ଦ। ତାଙ୍କ ପିଠିରେ ଲାଉଟିଏ ହୋଇ ଝୁଲିପଡ଼ିଲେ ମିଳିଥାଏ ଅପୂର୍ବ ପୁଲକ। କାନ୍ଧରେ ସବାର ହେଲେ ଜମିଯାଏ ଯାତ୍ରାର ମଜା।

ବାପାଙ୍କ ମହାନତାକୁ ସବୁଠୁ ଅନୁଭବ ସିଏ କରିପାରିଥାଏ, ଯାହାର ବାପା ନ ଥାଏ। ବାପାଙ୍କ ବିନା ଦୁନିଆଟା ଖାଁ ଖାଁ ଲାଗେ। ମନ ଭିତରେ କେଉଁଠି କେଜାଣି ଲୁଚିଯାଏ ଦାମ୍ଭିକତା। ହତାଶାଭାବଟା ଆବୋରି ବସେ ମନକୁ। ସବୁ ସୀମାସରହଦ ଡେଇଁ ଦୁଃଖ ମାଡିଆସେ। ଦୁନିଆ ଆଖିରେ ବାପଛେଉଣ୍ଡ ପିଲାଟିଏ ଅଜାଣତରେ ହରାଇବସେ ତା' ପରିଚୟ। ଜୀବନର ଚଲାପଥରେ ଝୁଣ୍ଟି ପଡ଼ିବାକୁ ହୁଏ ବାରମ୍ବାର। ଘୋର ବିପଦରେ ମୁହଁରୁ ଉଚ୍ଚାରିତ ବାପା ଶବ୍ଦଟି ମିଳେଇଯାଏ ଶୂନ୍ୟରେ। ସବୁ ସାମର୍ଥ୍ୟ ଥାଇ ସୁଦ୍ଧା ସଭାରେ ହାରିବା ହିଁ ସାରହୁଏ। 'ପିତା ଧର୍ମଃ ପିତା ସ୍ୱର୍ଗଃ ପିତା ହି ପରମଂ ତପଃ, ପିତରି ପ୍ରୀତିମାପନ୍ନେ ପ୍ରିୟନ୍ତେ ସର୍ବଦେବତାଃ।' ପରି ପବିତ୍ର ମହାମନ୍ତ୍ର ବାପାଙ୍କ ବିନା କେମିତି ଅଧୁରା ଅଧୁରା ଲାଗେ। ଏସବୁ ସତ୍ତ୍ୱେ ଶେଷ ବୟସରେ ବାପା କାହିଁକି ଯେ ବର୍ଣ୍ଣା ହୁଅନ୍ତି, ପୁଅଙ୍କ ଭିତରେ ଓ କାହିଁକି ଜରାଶ୍ରମ ପାଲଟିଯାଏ ତାଙ୍କ ଶେଷ ଠିକଣା, ଏ କଥା ବୁଝାପଡ଼େ ନାହିଁ। ଏପରି ଦେବତାଙ୍କୁ ହତାଦର କରି ପାଷାଣ ଦେବତାଙ୍କୁ ଉପାସନା କଲେ ଏହାର ଫଳ ପରବର୍ତ୍ତୀ ପିଢ଼ି ଭୋଗିବାର ଯଥେଷ୍ଟ ସମ୍ଭାବନା ଅଛି।

ରାଜକିଶୋର ନଗର, ଅନୁଗୋଳ,
ମୋ-୯୪୩୭୫୪୭୧୪୬

## ଏଇ ଭାରତରେ

ଗଛ ବଞ୍ଚିଲେ ପରିବେଶ ପ୍ରଦୂଷଣମୁକ୍ତ ରହିବା ସହ ମଣିଷ ମଧ୍ୟ ସୁସ୍ଥ ରହିପାରିବ। ପରିବେଶ ପାଇଁ ଉଦ୍ଭିଦ ଅତ୍ୟନ୍ତ ଉପଯୋଗୀ। ଆସାମରେ ଥିବା ୨୦୭ ବର୍ଷର ପୁରାତନ ଏକ ବରଗଛର ସୁରକ୍ଷା ପାଇଁ ପ୍ରତିବର୍ଷ ଜନ୍ମଦିନ ପାଳନ କରୁଛନ୍ତି ଗ୍ରାମବାସୀ। ସେମାନେ ଏହାର ସୁରକ୍ଷା ନିମିତ୍ତ ଅଣ୍ଟା ଭିଡ଼ିଛନ୍ତି। ସେମାନେ ପ୍ରତିବର୍ଷ ବରଗଛର ଜନ୍ମଦିନ ଖୁବ୍ ଆଡମ୍ବର ସହକାରେ ପାଳନ କରୁଛନ୍ତି। ସ୍ଥାନୀୟ ବାରପେଟା ଜିଲାର ଜଲିଖେତି ଗାଁରେ ଏହି ବରଗଛ ରହିଛି। ପ୍ରତିବର୍ଷ ଜୁନ୍ ୫ ପରିବେଶ ଦିବସ ଅବସରରେ ଗାଁ ଲୋକେ ଏକତ୍ର ହୋଇ ବରଗଛର ଜନ୍ମଦିନ ପାଳନ କରନ୍ତି। ୨୦୧୨ରେ ବରଗଛକୁ ୨ଶହ ବର୍ଷ ପୂରଣ ହୋଇଥିଲା। ସେବେଠାରୁ ଗ୍ରାମବାସୀ ଏଭଳି କରିଆସୁଛନ୍ତି। ୨ଶହ ବର୍ଷ ପୂରଣ ଅବସରରେ ୬୨ କିଲୋଗ୍ରାମ୍‌ର ଏକ ବଡ଼ କେକ୍ କଟାଯାଇଥିଲା। ଗଛର ସୁରକ୍ଷା ପାଇଁ ଏକ କମିଟି ଗଠନ କରାଯାଇଛି। କମିଟି ସଦସ୍ୟ ଭାବେ ସ୍ଥାନୀୟ ନେତା, ଶିକ୍ଷକ, ଯବାନ ଆଦିଙ୍କୁ ଅନ୍ତର୍ଭୁକ୍ତ କରାଯାଇଛି। ପରିବେଶ ସୁରକ୍ଷା ଦିଗରେ ଏହି ଗାଁ ଲୋକଙ୍କର ବୃକ୍ଷ ବଞ୍ଚାଇବା ଉଦ୍ୟମ ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛି।

## ଚିରନ୍ତନୀ

ତୁମକୁ ଭୁଲେ ଯେବେ ଜୀବନ ସାଧନାରେ
ପରାଣ ଜଳଇ ଯେ ବିଷମ ବେଦନାରେ,
ସକଳ ହତଶିରୀ
ମରମ ପୋଡେ ଚିରି
ଜୀବନ ସାଧନାରେ
ବିଷମ ବେଦନାରେ। (ଆଶ୍ୱାସନା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୧୮ ଜୁନ୍ ୧୯୯୪

- ଯୁକ୍ତରାଷ୍ଟ୍ର ଆମେରିକାର ଚିକାଗୋ ସହରର ସୋଲିଜିଏ ଷ୍ଟାଡିୟମରେ ପଞ୍ଚଦଶତମ ବିଶ୍ୱକପ ଫୁଟବଲ ଚାମ୍ପିୟନଶିପ ଉଦ୍‌ଘାଟିତ।
- କାବୁଲରେ ପୁଣି ପରସ୍ପର ବିରୋଧୀ ନେତା ରାଷ୍ଟ୍ରପତି ବୁରାହନୁଦ୍ଦିନ ରବାନୀ ଓ ପ୍ରଧାନମନ୍ତ୍ରୀ ଗୁଲବୁଦ୍ଦିନ ହେକମତିୟାରଙ୍କ ସମର୍ଥକଙ୍କ ମଧ୍ୟରେ ଘମାଘୋଟ ଲଢେଇରେ ୧୦୦ ଜଣ ନିହତ।

## ପାଠକ ଶ୍ରେଷ୍ଠ ବିଚାରକ

### ରାଜନେତାଙ୍କ ସମ୍ପତ୍ତି ବୃଦ୍ଧି

ମହାଶୟ,

ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟ ଅନୁସାରେ, ଓଡ଼ିଶାରେ ଅନୁଷ୍ଠିତ ଷୋଡ଼ଶ ବିଧାନସଭା ନିର୍ବାଚନରେ ପୁନଃନିର୍ବାଚିତ ୫୬ ଜଣ ବିଧାୟକଙ୍କ ସମ୍ପତ୍ତି ଗତ ୫ ବର୍ଷରେ ୨ ଗୁଣରୁ ଅଧିକ ବୃଦ୍ଧି ପାଇଛି। ୨୦୧୪ରେ ଏମାନଙ୍କର ହାରାହାରି ସମ୍ପତ୍ତି ପରିମାଣ ୨ କୋଟିରୁ ଅଧିକ ଥିବା ବେଳେ ୨୦୧୯ରେ ଏହା ବୃଦ୍ଧି ପାଇ ୫ କୋଟିରୁ ଅଧିକ ହୋଇଛି। ଏହି ବୃଦ୍ଧିହାର ୧୨୭ ପ୍ରତିଶତ। ଯେଉଁମାନଙ୍କର ସମ୍ପତ୍ତି ୧୦୦ ପ୍ରତିଶତରୁ ଅଧିକ, ସେମାନଙ୍କ ସମ୍ପତ୍ତି ବୃଦ୍ଧିର ତଦନ୍ତ ହେବା ଦରକାର। ତଦନ୍ତ କରା ନ ଗଲେ ସାଂସଦ ଓ ବିଧାୟକ ପ୍ରାର୍ଥୀଙ୍କ ପାଇଁ ସମ୍ପତ୍ତି ତାଲିକା ପ୍ରଦାନ କରିବାର ଯେଉଁ ବ୍ୟବସ୍ଥା ରହିଛି, ତାହା ମୂଲ୍ୟହୀନ ହୋଇପଡ଼ିବ।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର

### ଅଭିଜ୍ଞ ଡାକ୍ତର ଅଭାବ

ସାକ୍ଷୀଗୋପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅଭିଜ୍ଞ ଡାକ୍ତର ନ ଥିବାରୁ ଅଞ୍ଚଳର ଜନସାଧାରଣ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସାମୁଦ୍ରିକ ଝଡ଼ 'ଫନୀ' ପରେ ସ୍ଥାନୀୟ ଶ୍ରୀରାମଚନ୍ଦ୍ରପୁର ପଞ୍ଚାୟତର ଜଣେ ମହିଳା ସର୍ବସ୍ୱ ହରାଇ ପଲିଥିନ ଜରି ତଳେ ବସିଥିବା ବେଳେ ଏକ ବିଷାକ୍ତ ସାପ ତାଙ୍କ ଗୋଡ଼କୁ କାମୁଡ଼ିଲା। ପରିବାରବର୍ଗ ତୁରନ୍ତ ସାକ୍ଷୀଗୋପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଲେ। ଡାକ୍ତର ତାଙ୍କୁ ଇଞ୍ଜେକ୍ସନ ଦେଇ ପୁରୀ ମେଡିକାଲକୁ ରେଫର କରିଥିଲେ। ପୁରୀରେ ପହଞ୍ଚିବା କ୍ଷଣି ତାଙ୍କର ମୃତ୍ୟୁ ଘଟିଲା। ଏହି ଡାକ୍ତରଖାନାରେ ବର୍ଷ ବର୍ଷ ଧରି ପୁରୁଣା କର୍ମଚାରୀ ରହିଆସୁଥିଲେ ମଧ୍ୟ ସେମାନଙ୍କର ବଦଳି ହେଉନାହିଁ। ଏଠାରେ ତୁରନ୍ତ ଅଭିଜ୍ଞ ଡାକ୍ତରଙ୍କୁ ନିଯୁକ୍ତି ଦେବା ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି।

ଦେବବ୍ରତ ମିଶ୍ର, ଦେବଭବନ, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ସୁକିନ୍ଦା ପ୍ରିମିୟର ଲିଗ ଉଦ୍‌ଯାପିତ: ୧୯୯୮ ମାଟ୍ରିକ୍ ବ୍ୟାଚ୍ ଚାମ୍ପିୟନ

**କାଳିଆପାଣି, ୧୭।୬(ଡି.ଏନ୍.ଏ.):** ସୁକିନ୍ଦା ଗଡ଼ ଷ୍ଟାଡ଼ିୟମରେ ଆୟୋଜିତ ସୁକିନ୍ଦା ପ୍ରିମିୟର ଲିଗ୍ ୨୦୧୯ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ୧୯୯୮ ସିନିୟର ମାଟ୍ରିକ୍ ବ୍ୟାଚ୍ ସୁପର ଓଭର ଜରିଆରେ ୧୯୯୦ ବ୍ୟାଚ୍ ସିନିୟରଙ୍କୁ ହରାଇ ଚାମ୍ପିୟନ ହୋଇଛି। ପୁରସ୍କାର ବିତରଣୀ ଉତ୍ସବରେ ଜଗନ୍ନାଥ ହାଇସ୍କୁଲ ଅବସରପ୍ରାପ୍ତ ଶିକ୍ଷକ ଜୟନ୍ତ କୁମାର ଦାସ, କ୍ରୀଡ଼ା ଶିକ୍ଷକ ଅଜୟ କୁମାର ବେହେରା, ସହ ଶିକ୍ଷକ ଦୁଃଖବନ୍ଧୁ ବେଜ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ବିଜୟ ଦଳ ଓ ରନର୍ସ ଅପ୍ ଦଳଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ରବିବାର ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ଟି ୨୦ ଓଭର ବିଶିଷ୍ଟ ରହିଥିବା ବେଳେ ୧୯୯୦ ବ୍ୟାଚ୍ ଟସ୍ ଜିତି ବ୍ୟାଟିଂ କରି ୫ ଉଇକେଟ ହରାଇ ୧୫୨ ରନ୍ କରିଥିଲା। ଜବାବ୍‌ରେ ୧୯୯୮ ବ୍ୟାଚ ସମସ୍ତ ଓଭର ଖେଳି ମଧ୍ୟ ବିଜୟୀ ହୋଇପାରି ନ ଥିବା ବେଳେ ସୁପର ଓଭର ଖେଳ ହୋଇଥିଲା। ସୁପର ଓଭର୍‌ରେ ୧୯୯୮ ବ୍ୟାଚ୍ ୨୭ ରନ୍ କରିଥିବା ବେଳେ ୧୯୯୦ ବ୍ୟାଚ୍ ମାତ୍ର ୬ ରନ୍ କରିବାକୁ ସକ୍ଷମ ହୋଇଥିଲା। ଅମ୍ପାୟାର ଭାବେ ଛାୟାକାନ୍ତ ଦ୍ୱିବେଦୀ ଓ ଦ୍ୱିବେନ୍ଦ୍ର ଘୋଷ ଖେଳ ପରିଚାଳନା କରିଥିଲେ। ପ୍ରକାଶ ଯେ, ଜଗନ୍ନାଥ ଉଚ୍ଚବିଦ୍ୟାଳୟର ୧୯୮୮ ବ୍ୟାଚ୍‌ରୁ ୨୦୦୭ ବ୍ୟାଚ୍ ଭିତରେ ୨୦୦୮ରୁ ସୁକିନ୍ଦା ପ୍ରିମିୟମ ଲିଗ ସିନିୟର ଆରମ୍ଭ ହୋଇଥିଲା।

ପଶ୍ଚିମବଙ୍ଗ ଡାକ୍ତରଙ୍କୁ ମାଡ଼ ଘଟଣା

### ବ୍ୟାସନଗର ଭାରତୀୟ ଚିକିତ୍ସକ ସଂଘର ପ୍ରତିବାଦ

**ଯାଜପୁର ଅଫିସ,୧୭।୬-** ପଶ୍ଚିମବଙ୍ଗର ନୀଳରତନ ସରକାରୀ ମେଡିକାଲ କଲେଜ ଓ ହସ୍‌ପିଟାଲରେ ଜଣେ ଡାକ୍ତରଙ୍କୁ ମାଡ଼ ଘଟଣା ପ୍ରତିବାଦରେ ବ୍ୟାସନଗର ଭାରତୀୟ ଚିକିତ୍ସିକ ସଂଘ ପକ୍ଷରୁ ସୋମବାର ସମସ୍ତ ସରକାରୀ ଓ ବେସରକାରୀ ଡାକ୍ତରଖାନାର ବର୍ହିବିଭାଗ ଚିକିତ୍ସା ବନ୍ଦ କରାଯାଇଥିଲା। ଏଥିରେ ଯାଜପୁରରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଟାଟା ମେଡିକା ହସପିଟାଲ୍, ଷ୍ଟିଲ ସିଟି ହସପିଟାଲ୍, ପ୍ରଭା କେୟାର ମଲ୍‌ଟି ସ୍ପେସିଆଲିଟି ହସପିଟାଲ୍, ଲକ୍ଷ୍ମୀ ହସ୍‌ପିଟାଲ୍, ଶର୍ମିଷ୍ଠା ହସ୍‌ପିଟାଲ ଓ ଅନିମା ନର୍ସିଂହୋମ କର୍ତ୍ତୃପକ୍ଷ ସାମିଲ ହୋଇଥିଲେ। ବିଭିନ୍ନ ବିଭାଗର ବିଶେଷଜ୍ଞ ପ୍ରସନ୍ନ କୁମାର ସାହୁ, ବସନ୍ତ ତ୍ରିପାଠୀ, ଅରୁଣ କୁମାର ବିଶ୍ୱାଳ, କୁଳମଣି ବାରିକ, ଗୌରୀ ଶଙ୍କର ଷଡଙ୍ଗୀ ପ୍ରମୁଖ ଡାକ୍ତରଙ୍କ କ୍ଲିନିକ ସମ୍ପୂର୍ଣ୍ଣ ରୂପେ ବନ୍ଦ ରହିଥିଲା। ସଂଘ ସମ୍ପାଦକ ଗୌରୀଶଙ୍କର ଷଡଙ୍ଗୀ ଜଣାଇଛନ୍ତି ଯେ, ଡାକ୍ତର ଓ ଚିକିତ୍ସା ପ୍ରତିଷ୍ଠାନରେ ଆକ୍ରମଣ କୌଣସି ପ୍ରକାରରେ ଗ୍ରହଣୀୟ ନୁହେଁ। ଏହା ବିରୋଧରେ ଜାତୀୟସ୍ତରରେ କଠୋର ଆଇନ ପ୍ରଣୟନ କରି ଦୋଷୀଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡାଦେଶ ପ୍ରଦାନ କରିବା ପାଇଁ ସଂଘ ପକ୍ଷରୁ ଦାବି ହୋଇଛି।

■ ଅବାଧରେ ଚାଲିଛି ଚୋରା ମଦ, ବ୍ରାଉନସୁଗାର କାରବାର

# ଆନ୍ଦୋଳନକୁ ଓହ୍ଲାଇବେ ମହିଳା

■ରମ୍ଭାଦେଇପୁରରେ ତେଜିଲା ମଦ ବିରୋଧୀ ଆନ୍ଦୋଳନ
■୭ ଦିନ ମଧ୍ୟରେ ବନ୍ଦ କରିବାକୁ ଦାବି

**ଜଗତ୍‌ସିଂହପୁର ଅଫିସ,୧୭।୬**

ଜଗତ୍‌ସିଂହପୁର ଜିଲାରେ ବ୍ୟାପକ ଭାବେ ଚୋରା ମଦ, ଗଞ୍ଜେଇ, ଅଫିମ ଓ ବ୍ରାଉନ ସୁଗାର କାରବାର ଚାଲିଛି। ଏହାକୁ ରୋକିବା କ୍ଷେତ୍ରରେ ଅବକାରୀ ବିଭାଗ ଓ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରି ନୀରବ ଦ୍ରଷ୍ଟା ସାଜିଛି। ମୋଟା ଅଙ୍କର ଉତ୍କୋଚ ବଳରେ ଏହି ଦୁଇ ବିଭାଗର ଅଧିକାରୀମାନେ ଚୋରା ମାଦକ ଦ୍ରବ୍ୟ କାରବାରକୁ ପ୍ରୋତ୍ସାହିତ କରୁଥିବା ମଧ୍ୟ ଅଭିଯୋଗ ଉଠିଲାଣି। ଗାଁ ଗାଁରେ ମାଦକ ଦ୍ରବ୍ୟ ସେବନକାରୀ ସଂଖ୍ୟା ଏତେ ବଢିବାରେ ଲାଗିଛି ଯେ ତାହାକୁ ନିୟନ୍ତ୍ରଣକୁ ଆଣିବା କଷ୍ଟକର। ଏହାଦ୍ୱାରା ନିଶା ସେବନକାରୀଙ୍କ ପରିବାରରେ ଅଶାନ୍ତିର ଝଡ ସୃଷ୍ଟି ହେଉଛି। ଏପରି କି ଅନେକଙ୍କ ପରିବାର ଭୟଙ୍କର ଆର୍ଥିକ ଅନାଟନ ଦେଇ ଗତି କରୁଛି। ବିଶେଷକରି ମହିଳାମାନେ ନିର୍ଯାତନାର ଶିକାର ହେଉଛନ୍ତି। ସେମାନଙ୍କ ପିଲାମାନେ ଆବଶ୍ୟକ ଶିକ୍ଷା ନ ପାଇ ଭୁଲ ବାଟକୁ ଚାଲି ଯାଉଛନ୍ତି। ଏ ପରିସ୍ଥିତିରେ ଅନେକ ଗାଁରେ ଲୋକେ ପ୍ରତିବାଦ ପାଇଁ ସଜବାଜ ହେଲେଣି। ପ୍ରତିବର୍ଷ କେଉଁଠି ନା କେଉଁଠି ମଦ ବିରୋଧୀ ଆନ୍ଦୋଳନ ସାଙ୍ଗକୁ ପୋଡାଜଳା ହେଉଛି। ଉତ୍ତେଜନା ଦେଖି ପୋଲିସ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରୁଛି। କେତେକ ସ୍ଥାନରେ ପୋଲିସ ମଧ୍ୟ ହଟହଟାର ସମ୍ମୁଖୀନ ହେଉଛି। ଜଗତ୍‌ସିଂହପୁର ବ୍ଲକ ଅନ୍ତର୍ଗତ ରମ୍ଭାଦେଇପୁର ପଞ୍ଚାୟତରେ ଅନୁରୂପ ଅସନ୍ତୋଷର ନିଆଁ କୁହୁଳିଲାଣି। ସୋମବାର ପଞ୍ଚାୟତର ଏକାଧିକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟା ଅବକାରୀ ସୁପରିଣ୍ଟେଣ୍ଡେଣ୍ଟ ଦାୟିତ୍ୱରେ ଥିବା ରତିକାନ୍ତ ପଣ୍ଡାଙ୍କୁ ସାକ୍ଷାତ କରି ଏ ସମ୍ପର୍କରେ ଜଣାଇଛନ୍ତି। ସେମାନେ କହିଛନ୍ତି ଯେ, ପଞ୍ଚାୟତରେ ଦିନକୁ ଦିନ ଚୋରା ମଦ ଓ ବ୍ରାଉନ ସୁଗାର କାରବାର ବଢିଚାଲିଛି। ବିଶେଷକରି ରମ୍ଭାଦେଇପୁର ଭୋଇ ସାହିରେ ବହୁ ପରିମାଣର ରନ୍ଧା ମଦ ବିକ୍ରି ହେଉଛି। ଏହାଦ୍ୱାରା ପୁରୁଷମାନେ ମଦ୍ୟପାନ ସହ ବ୍ରାଉନ ସୁଗାର ସେବନ କରି ବରବାଦ ହୋଇ ଯାଉଛନ୍ତି। ପ୍ରତ୍ୟହ ସେମାନଙ୍କ ପରିବାରରେ ଅଶାନ୍ତି ସୃଷ୍ଟି ହେଉଛି। ଅନନ୍ତବଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଖୋଲାଖୋଲି ବ୍ରାଉନ ସୁଗାର କାରବାର ଚାଲିଛି। କେତେଜଣ ଅସାମାଜିକ ବ୍ୟକ୍ତି ସ୍ଥାନୀୟ ଯୁବକମାନଙ୍କ ସହାୟତାରେ ବ୍ରାଉନ ସୁଗାର ବିକ୍ରି କରି ଚାଲିଛନ୍ତି। ଏହାଦ୍ୱାରା କମ ବୟସର ଯୁବକମାନେ ଏହାର ଶିକାର ହେଉଛନ୍ତି। ତେଣୁ ୭ ଦିନ ମଧ୍ୟରେ ଏହାର ସ୍ଥାୟୀ ସମାଧାନ କରା ନ ଗଲେ ବାଧ୍ୟ ହୋଇ ସେମାନେ ଆଇନକୁ ହାତକୁ ନେବେ ବୋଲି ଚେତାବନୀ ଶୈଳୀରେ ଉଲ୍ଲେଖ କରିଛନ୍ତି। ତେବେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅବକାରୀ ସୁପରିଣ୍ଟେଣ୍ଡେଣ୍ଟ ପଣ୍ଡା ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି।

## ବୃଦ୍ଧିପାଉଛି ଚୋରା ମଦ କାରବାର

**ରାହାମା,୧୭।୬(ଡି.ଏନ୍.ଏ.)**

ତିର୍ତ୍ତୋଲ ବ୍ଲକ କୃଷ୍ଣାନନ୍ଦପୁର ପଞ୍ଚାୟତ ପାଲଟିଛି ଚୋରା ମଦ କାରବାରର ପେଣ୍ଠସ୍ଥଳୀ। ସରକାରୀ ଲାଇସେନ୍ସପ୍ରାପ୍ତ ମଦ ଦୋକାନରେ ଯେତିକି ମଦ ବିକ୍ରି ହେଉ ନ ଥିବ, ତା'ଠାରୁ ଢେର୍ ଅଧିକ ମଦ ଚୋରାରେ ଏହି ଅଞ୍ଚଳରେ ବିକ୍ରି ଚାଲିଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ବିଳମ୍ବିତ ରାତି ପର୍ଯ୍ୟନ୍ତ ମଦ କାରବାର ଚାଲୁଥିବା ଦେଖିବାକୁ ମିଳିଛି। କୃଷ୍ଣାନନ୍ଦପୁର ଅଞ୍ଚଳରେ ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନ ଗଢ଼ି ଉଠିଥିବାବେଳେ ଆହ୍ଲାବାଦ ବ୍ୟାଙ୍କ, ଆଇସିଆଇ ବ୍ୟାଙ୍କ ଓ ମେଡ଼ିକାଲ ମଧ୍ୟ ରହିଛି। ଏହାର ଖୁବ୍ ନିକଟରେ ଚୋରାମଦ ବେପାର ଚାଲୁଥିବାରୁ ମଦ୍ୟପଙ୍କ ଦୌରାତ୍ମ୍ୟରେ ଲୋକେ ଅତିଷ୍ଠ ହୋଇପଡିଲେଣି। ଚୋରାମଦ ବ୍ୟବସାୟ କରୁଥିବା ବ୍ୟକ୍ତି ପୋଲିସ ଓ ଅବକାରୀ ବିଭାଗ କର୍ମଚାରୀଙ୍କୁ ହାତ କରି ଏହି କାରବାର ଚଳାଇଛନ୍ତି। ତିର୍ତ୍ତୋଲ ବ୍ଲକରେ ଅବକାରୀ ବିଭାଗ ଓ କୃଷ୍ଣାନନ୍ଦପୁର ଅଞ୍ଚଳରେ ପୋଲିସ ଫାଣ୍ଡି ଥିଲେ ମଧ୍ୟ ଏହି ଚୋରାମଦ ବ୍ୟବସାୟ ଅବାଧରେ ଚାଲିଛି। ସମ୍ପୃକ୍ତ ବ୍ୟବସାୟୀ ବିଲହାଟ ସମେତ ବିଭିନ୍ନ ସ୍ଥାନରୁ ମଦ ଆଣି ବେପାର କରୁଥିବା ସ୍ଥାନୀୟ ଲୋକେ କହିଛନ୍ତି। ତେଣୁ ଏ ଦିଗରେ ପୋଲିସ ଓ ଅବକାରୀ ବିଭାଗର ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସେମାନେ ଦାବି କରିଛନ୍ତି।

■ ବୋଲେରୋ ଚଢ଼ାଇ ହତ୍ୟା ଉଦ୍ୟମ ଘଟଣା

## ଅଭିଯୁକ୍ତଙ୍କୁ ଗିରଫ ଦାବିରେ ରାସ୍ତାରୋକୋ

**କୁଜଙ୍ଗ,୧୭।୬(ସ୍ୱ.ପ୍ର.)**

କୁଜଙ୍ଗ ଥାନା ଅନ୍ତର୍ଗତ ଚଟୁଆରେ ୧୦ ଦିନ ତଳେ ଏକ ପରିବାରକୁ ବୋଲେରୋ ଚଢାଇ ହତ୍ୟା ଉଦ୍ୟମ କରାଯାଇଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାରେ ଅଭିଯୁକ୍ତ ପ୍ରଦୀପ ନାୟକଙ୍କୁ ଗିରଫ କରିବା ଦାବିରେ ସୋମବାର ଚଟୁଆଠାରେ ସ୍ଥାନୀୟ ଲୋକେ ଟାୟାର ଜାଳି ରାସ୍ତା ଅବରୋଧ କରିଛନ୍ତି। ସକାଳ ୭ଟାରୁ ଏହି ପ୍ରତିବାଦ ହୋଇଥିବାବେଳେ ଖବରପାଇ କୁଜଙ୍ଗ ଥାନା ଅଧିକାରୀ ଦିଲୀପ କୁମାର ସାହୁ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିଥିଲେ। ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ସହ ତୁରନ୍ତ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ପ୍ରତିଶ୍ରୁତି ଦେବାରୁ ପୂର୍ବାହ୍ନ ୧୦ଟାରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ସୂଚନାଯୋଗ୍ୟ, ଏହି ବୋଲେରୋ ଦୁର୍ଘଟଣାରେ ସ୍ଥାନୀୟ ଚଟୁଆର ସୁମନ ସ୍ୱାଇଁ, ରୀନା ନାୟକ ପ୍ରମୁଖ ଗୁରୁତର ଆହତ ହୋଇଥିଲେ। ଅଭିଯୁକ୍ତ ପ୍ରଦୀପ ଫେରାର ଥିବାବେଳେ ତାଙ୍କୁ ତୁରନ୍ତ ଗିରଫ କରା ନ ଗଲେ ଆନ୍ଦୋଳନ ତୀବ୍ର କରାଯିବ ବୋଲି ଗ୍ରାମର ସଂଗ୍ରାମ ନାୟକ, ସଞ୍ଜୟ ବାରିକ, ମାନସ ସ୍ୱାଇଁ, ଫକୀର ବାରିକ, ମଙ୍ଗୁଳି ମଲିକ, ବୀରେନ୍ଦ୍ର ପରିଡା, ରଞ୍ଜନ ବାରିକ, ବାଇନ ସାମଲ, ପ୍ରକାଶ ବାରିକ, ମହେଶ୍ୱର ନାୟକ ପ୍ରମୁଖ ଚେତାବନୀ ଦେଇଛନ୍ତି।

## ସିଦ୍ଧିଦାତ୍ରୀ ଦିବ୍ୟ ଜୀବନ ସେବାଶ୍ରମରେ ସ୍ନାନପୂର୍ଣ୍ଣିମା



ମା' ସିଦ୍ଧିଦାତ୍ରୀ ଦିବ୍ୟ ଜୀବନ ସେବାଶ୍ରମରେ ପବିତ୍ର ଦେବସ୍ନାନ ପୂର୍ଣ୍ଣିମାରେ ଶ୍ରୀଜୀଉଙ୍କ ଗଜାନନ ବେଶ।

**ନାଉଗାଁ,୧୭।୬(ସ୍ୱ.ପ୍ର.)**

ଜଗତ୍‌ସିଂହପୁର ବ୍ଲକ ସରାଫ୍ୟୋସ୍ଥିତ ମା' ସିଦ୍ଧିଦାତ୍ରୀ ଦିବ୍ୟ ଜୀବନ ସେବାଶ୍ରମରେ ପବିତ୍ର ଦେବସ୍ନାନ ପୂର୍ଣ୍ଣିମା ଅନୁଷ୍ଠିତ ହୋଇଛି। ଏହି ଅବସରରେ ସୋମବାର ସକାଳୁ ଯଥାରୀତି ପୂଜାର୍ଚ୍ଚନା କରାଯାଇ ବଡ଼ ଠାକୁର ବଳଭଦ୍ର, ମହାପ୍ରଭୁ ଜଗନ୍ନାଥ ଓ ଦେବୀ ସୁଭଦ୍ରାଙ୍କୁ ବିଧି ମୁତାବକ ୧୦୮ କଳସ ପାଣିରେ ସ୍ନାନ କରାଯାଇଥିଲା। ପରେ ପୂଜକଙ୍କ ଦ୍ୱାରା ଠାକୁରଙ୍କ ଗଜାନନ ବେଶ କରାଯାଇଥିଲା। ଠାକୁର ରାଜା ଭାବେ ଆଶ୍ରମର ସମ୍ପାଦକ ଅକ୍ଷୟ କୁମାର ମିଶ୍ର ଛେରା ପହଁରା କରିଥିଲେ। ଆଶ୍ରମର ପ୍ରତିଷ୍ଠାତା ସ୍ୱାମୀ ଗୋକୁଳାନନ୍ଦ ସରସ୍ୱତୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ସମ୍ପାଦନ ହୋଇଥିବାବେଳେ ସମସ୍ତ ଆଶ୍ରମବାସୀ ସହଯୋଗ କରିଥିଲେ। ସେହିପରି ଗାରୋଇ ଗୋବର୍ଦ୍ଧନ ପୀଠ, ଅଲଣା ଧର୍ମକ୍ଷେତ୍ର, ଗୋଠଦା ମଠ, ତିହୁଡ଼ା-ବାଲିସାହିସ୍ଥିତ ଶ୍ରୀ ପତିତପାବନ ମନ୍ଦିର, ଚାନ୍ଦଖାଁ ପାଟଣାମଠସ୍ଥିତ ଶ୍ରୀ ବଳଦେବ ଜୀଉ ମନ୍ଦିରରେ ରୀତିନୀତି ଅନୁସାରେ ଦେବସ୍ନାନ ପୂର୍ଣ୍ଣିମା ଓ ଗଜାନନ ବେଶ ଅନୁଷ୍ଠିତ ହୋଇଛି।

## 'ଉତ୍କଳୀୟ ସଂସ୍କୃତିରେ ରଜ ଏକ ଗଣପର୍ବ'

**ଧର୍ମଶାଳା,୧୭।୬(ଡି.ଏନ୍.ଏ.)**

ଧର୍ମଶାଳା ସାହିତ୍ୟ ସମାଜ ପକ୍ଷରୁ ରଜ ଉତ୍ସବ ଓ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ଜୟନ୍ତୀ ରବିବାର ସନ୍ଧ୍ୟାରେ ଜାରକା ଉ.ପ୍ରା ବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି । ସାହିତ୍ୟ ସମାଜ ସଭାପତି ଜଗନ୍ନାଥ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ବିଶିଷ୍ଟ ସାହିତ୍ୟିକ କାମଦେବ ଶତପଥୀ ମୁଖ୍ୟଅତିଥିଭାବେ ଯୋଗଦେଇ ରଜ ଉତ୍ସବ ପାଳନ ଓ ଉପେନ୍ଦ୍ର ଭଞ୍ଜଙ୍କ ସାହିତ୍ୟ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ପ୍ରାବନ୍ଧିକ ବାମଦେବ ପାଢୀ ଓ ଶିକ୍ଷକ ନେତା ଯୁଧିଷ୍ଠିର ସ୍ୱାଇଁ ଯୋଗଦେଇ ଉତ୍କଳୀୟ ସଂସ୍କୃତିରେ ରଜ ଏକ ଗଣପର୍ବ ବୋଲି କହିଥିଲେ। ଉପସଭାପତି ବେଣୁଧର ନାୟକ ଅତିଥି ପରିଚୟ ପ୍ରଦାନ, ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ସ୍ୱାଇଁ ସମ୍ପାଦକୀୟ ଅଭିଭାଷଣ ଦେଇଥିଲେ। ସାହିତ୍ୟିକ ଅଭିମନ୍ୟୁ ଧଳ, ଅର୍ଜୁନ ପୃଷ୍ଟି, ଚନ୍ଦନ ପ୍ରଧାନ, ଧ୍ରୁବ ଚରଣ ବିଶ୍ୱାଳ, ନୃସିଂହ ଚରଣ ମିଶ୍ର, ଗୋବିନ୍ଦ ଚନ୍ଦ୍ର ସାହୁ, ଯୁଗଳ କିଶୋର ଦାସ ଓ ଗୋଲକ ଚନ୍ଦ୍ର ପଲେଇ ରଜ ଉତ୍ସବ ଓ ଭଞ୍ଜଙ୍କ ଜୀବନାଦର୍ଶ ସମ୍ପର୍କରେ ଆଲୋକପାତ କରିଥିଲେ। କବିତା ପାଠୋତ୍ସବରେ କବି ନାରାୟଣ ଦତ୍ତ, ରତ୍ନାକର ନାୟକ, ବ୍ରଜ କିଶୋର ଦାଶ, ବନଗିରି ମୁଦୁଲି, ପ୍ରଶାନ୍ତ ସ୍ୱାଇଁ ପ୍ରମୁଖ ବହୁ କବି ସ୍ୱରଚିତ କବିତା ପାଠ କରିଥିଲେ। ଶେଷରେ ସ୍ତମ୍ଭକାର ନବଘନ ଜେନା ଧନ୍ୟବାଦ ଦେଇଥିଲେ।

## କମେଣ୍ଟ ମରାକୁ ନେଇ ଆକ୍ରମଣ ଘଟଣା: ୨ ଅଭିଯୁକ୍ତ ଗିରଫ

**ଯାଜପୁର ଟାଉନ,୧୭।୬(ଡିଏନଏ)**

ଯାଜପୁରସହର ନିକଟସ୍ଥ ଚିତାଳୋ ଛକରେ କମେଣ୍ଟ ମରା ଘଟଣାକୁ କେନ୍ଦ୍ରକରି ଶନିବାର ରାତିରେ ନିରଞ୍ଜନ ଜେନା ନାମକ ଜଣେ ଯୁବକଙ୍କୁ କଟୁରୀରେ ଆକ୍ରମଣ ହୋଇଥିବା ଯାଜପୁର ଥାନାରେ ଅଭିଯୋଗ ହୋଇଥିଲା। ଏ ସଂକ୍ରାନ୍ତରେ ପୋଲିସ ଏକ ମାମଲା (ନଂ. ୧୬୧/୧୯) ରୁଜୁ କରି ତଦନ୍ତ ଜାରି ରଖିଥିବାବେଳେ ମାଧିଆ ଓରଫ କୈଳାସ ଜେନା (୪୫), ବୁଲାରାମ ଜେନା (୬୫)ଙ୍କୁ ସୋମବାର ଗିରଫ କରି କୋର୍ଟ ଚାଲାଣ କରିଛି। ଅନ୍ୟ ଅଭିଯୁକ୍ତମାନେ ଫେରାର ଅଛନ୍ତି। ପୋଲିସ ସେମାନଙ୍କୁ ଗିରଫ କରିବା ପାଇଁ ଉଦ୍ୟମ ଜାରି ରଖିଛି। ନିରଞ୍ଜନ କଟକରେ ଚିକିତ୍ସିତ ହେଉଛନ୍ତି।

## ସର୍ବଭାରତୀୟ କବାଡ଼ି ମଞ୍ଚରେ ମନସ୍ୱିନୀ ସମ୍ମାନିତ

**ରସୁଲପୁର,୧୭।୬(ଡିଏନଏ)**

ଖେଳାଳିରୁ ଖେଳ ପରିଚାଳିକା ପାଲଟିଛନ୍ତି ମନସ୍ୱିନୀ। ସଫଳ ଖେଳ ପରିଚାଳନା କରି ସର୍ବଭାରତୀୟ ଏ ଗ୍ରେଡ କବାଡି ପ୍ରତିଯୋଗିତା ମଞ୍ଚରେ କ୍ରୀଡାମନ୍ତ୍ରୀ ତୁଷାରକାନ୍ତ ବେହେରାଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହୋଇଛନ୍ତି। ଯାଜପୁର ଜିଲା ରସୁଲପୁର ବ୍ଲକ ଖଣ୍ଡିତରଠାରେ ଅନୁଷ୍ଠିତ ସର୍ବଭାରତୀ କବାଡି ପ୍ରତିଯୋଗିତା ମଞ୍ଚରେ ୫ଜଣ ପ୍ରତିଭାଙ୍କୁ ସମ୍ମାନିତ କରାଯାଇଥିଲା। ସେମାନଙ୍କ ମଧ୍ୟରେ ରହିଥିଲେ ପ୍ରୋ-କବାଡି ପରିଚାଳିକା ମନସ୍ୱିନୀ।

## ରାସ୍ତା ନିର୍ମାଣରେ ବିଳମ୍ବ, ପଥଚାରୀ ହୀନସ୍ତା

**ରାହାମା,୧୭।୬(ଡି.ଏନ୍.ଏ.)**

ଆର୍ ଆଣ୍ଡ ବି ଅଧୀନ କୁଜଙ୍ଗ ବ୍ଲକର ଖୋସାଲପୁର - ଗୋବର୍ଦ୍ଧନପୁର ରାସ୍ତା ନିର୍ମାଣ ଚାଲିଛି। ୩୨ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ନିର୍ମାଣ ହେଉଥିବା ଏ ରାସ୍ତା କାର୍ଯ୍ୟ ନିମ୍ନମାନର ହେଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏହି ରାସ୍ତା ଉପରେ କେନ୍ଦ୍ରାପଡା ଜିଲାର ପାଇଲୋ, ଅନ୍ତେଇ, ନୂଆପଡା, ବଟିରା, ମଙ୍ଗରାଜପୁର ସହିତ ଜଗତସିଂହପୁର ଜିଲାର ସାମନ୍ତରାପୁର, ହଂସୁରା, କାଠକୋଟ, ବାଲିକଣି, କୋଳର, ପୋରଗଦେଇ ଓ ରାହାମାର ଲୋକେ ବିଶେଷ ଭାବେ ନିର୍ଭରଶୀଳ। କିନ୍ତୁ ରାସ୍ତା କାମ ନିମ୍ନମାନର ହେଉଥିବାରୁ ଏହାର ସ୍ଥାୟିତ୍ୱକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ରାସ୍ତା କାର୍ଯ୍ୟର କୌଣସି ସୂଚନା ଫଳକ ଲଗାଯାଇନାହିଁ। ସମ୍ପୃକ୍ତ ଠିକାଦାର ୧୫ ଦିନ ହେଲା ରାସ୍ତାକୁ ପୋକ୍‌ଲିନ୍ ମେଶିନ୍ ଲଗାଇ ଖୋଳିବା ସହିତ ରାସ୍ତା ଉପର ପିଚୁ ଅଂଶ ତାଡି ଦେଇଛନ୍ତି। ଏହା ଉପରେ ମେଟାଲ୍, ଡଷ୍ଟ, ବଜୁରି ଆଦି ପକାଇବା ପରିବର୍ତ୍ତେ କିଛି ଅଂଶରେ ୩ ଇଞ୍ଚ ବହଳରେ ବାଲି ବିଛାଯାଇଥିବା ଦେଖିବାକୁ ମିଳିଛି। ଅବଶିଷ୍ଟ ଅଂଶରେ ପିଚୁ ତଡ଼ା ଗୋଡ଼ି ପକାଯାଇଛି। ଦୀର୍ଘଦିନ ଧରି କାମ ବନ୍ଦ ରଖିବା ଫଳରେ ପଥଚାରୀମାନେ ହଇରାଣ ହେଉଛନ୍ତି। ଜରୁରୀକାଳୀନ ପରିସ୍ଥିତିରେ ଦମକଳ ଗାଡି, ଆମ୍ବୁଲାନ୍ସ ଆଦି ଏହି ରାସ୍ତାରେ ଚଳାଚଳ କରିବାରେ ଅସୁବିଧା ହେଉଛି। ବିଭାଗୀୟ ଯନ୍ତ୍ରୀ କ୍ଷୀରୋଦ କୁମାର ସ୍ୱାଇଁଙ୍କୁ ଏ ସମ୍ପର୍କରେ ପଚାରିବାରୁ ଠିକାଦାରଙ୍କୁ ଆବଶ୍ୟକ ଶ୍ରମିକ ଓ ମେଶିନ ଆଦି ମିଳୁ ନ ଥିବାରୁ କାମରେ ବିଳମ୍ବ ହେଉଥିବା କହିଛନ୍ତି। ତେବେ ଶୀଘ୍ର ରାସ୍ତା କାର୍ଯ୍ୟ ତ୍ୱରାନ୍ୱିତ କରାଯିବ ବୋଲି ସେ କହିଛନ୍ତି। ଅପରପକ୍ଷରେ ଯନ୍ତ୍ରୀ ଓ ଠିକାଦାରଙ୍କ ସଲାସୁତରାରେ ରାସ୍ତା କାମରେ ବିଳମ୍ବ କରାଯାଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

**ଖୋସାଲପୁର-ଗୋବର୍ଦ୍ଧନପୁର ରାସ୍ତା**



ନିର୍ମାଣାଧୀନ ରାସ୍ତା।

## ରାଜ୍ୟସ୍ତରୀୟ ସଂଗୀତ ପ୍ରତିଯୋଗିତା

**ଯାଜପୁର ଟାଉନ,୧୭।୬(ଡିଏନଏ)**

ଯାଜପୁରର ସଂଗୀତ ଅନୁଷ୍ଠାନ 'ସଂଗୀତ ସାଧନାଶ୍ରମ' ଆନୁକୂଲ୍ୟରେ ସଂଗୀତଜ୍ଞ ସ୍ୱର୍ଗତ ଯୋଗେନ୍ଦ୍ର ନାଥ ପତିଙ୍କ ସ୍ମୃତିରେ ସ୍ଥାନୀୟ ଗୌତମ ବୁଦ୍ଧ ସଂସ୍କୃତି ଭବନରେ ୨ଦିନ ବ୍ୟାପି ରାଜ୍ୟସ୍ତରୀୟ ସଂଗୀତ ପ୍ରତିଯୋଗିତା ଓ ମହାସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ ଜିଲାରୁ ବହୁ ଖ୍ୟାତନାମା ସଂଗୀତ ଶିଳ୍ପୀ ଓ ଶତାଧିକ ପ୍ରତିଭାଗୀମାନେ ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାରେ ମୁଖ୍ୟଅତିଥି ଭାବେ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ଶାସ୍ତ୍ରୀୟ ସଂଗୀତଜ୍ଞ ତବଲାବାଦକ ପଣ୍ଡିତ ଉମେଶ ଚନ୍ଦ୍ର କର, ଶାସ୍ତ୍ରୀୟ କଣ୍ଠ ସଂଗୀତ ରଘୁନାଥ ସାହୁ, ଓଡ଼ିଶୀ ଓ ହିନ୍ଦୁସ୍ଥାନୀ କଣ୍ଠ ସଂଗୀତ ହରିଶ ଚନ୍ଦ୍ର ଧଳ ପ୍ରମୁଖ ଯୋଗଦେଇ କହିଥିଲେ ଯେ, ଯାଜପୁର କଳା ଓ ସଂସ୍କୃତି ପୀଠର ପରିଚାୟକ। ଏହି ମାଟିରୁ ବହୁ ଖ୍ୟାତନାମା କଳାକାର ଜନ୍ମ ହୋଇ ରାଜ୍ୟ, ଦେଶ ଓ ବିଦେଶରେ କଳା ପରିବେଷଣ କରି ନିଜ ମାଟି ପାଇଁ ଗୌରବ ଆଣିପାରିଛନ୍ତି। ଏହି ୨ଦିନ ସଂଗୀତ ସନ୍ଧ୍ୟା ଆସରରେ ଗାୟକ ଭାବେ ରଘୁନାଥ ସାହୁ, ଓଡ଼ିଶୀ ସଂଗୀତରେ ନିମାକାନ୍ତ ରାଉତରାୟ, ମର୍ଦ୍ଦଳ ବାଦକରେ ସୀତାକାନ୍ତ ଜେନା, ସୀତାର ବାଦକରେ ଭୀମସେନ ମହାରଣା, ଭଜନ ଓ ଗଜଲରେ ଶ୍ରୀକର ପାଢ଼ୀ ଓ ସୀମା ପାଢ଼ୀ, ସବଲାରେ ସମରେନ୍ଦ୍ର ନାୟକ, ବେହେଲାରେ ମନୋରଞ୍ଜନ ପଣ୍ଡା ପ୍ରମୁଖଙ୍କ ସଂଗୀତ ଆସରରେ ଦର୍ଶକମାନେ ମନମୁଗ୍ଧ ହୋଇଥିଲେ। ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିବା କଣ୍ଠଶିଳ୍ପୀଙ୍କୁ ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ପ୍ରତିଯୋଗିତାରେ ଜୁନିୟର ଗ୍ରୁପ୍‌ର ସତ୍ୟଜିତ୍ କର ଓ ସିନିୟର ଗ୍ରୁପ୍‌ର ସଚ୍ଚିଦାନନ୍ଦ ସାହୁଙ୍କୁ ଚାମ୍ପିୟନ ଟ୍ରଫି ମୁଖ୍ୟଅତିଥିଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ଅନୁଷ୍ଠାନ ସମ୍ପାଦକ କଣ୍ଠଶିଳ୍ପୀ ଓ ସଂଗୀତ ନିର୍ଦ୍ଦେଶକ ପୃଥ୍ୱୀରାଜ ପଣ୍ଡା ଓ କର୍ମକର୍ତ୍ତା ଦାମୋଦର ନନ୍ଦ, ଗୌରାଙ୍ଗ ପାଣିଗ୍ରାହୀ, ନିଳକଣ୍ଠ ପଣ୍ଡା, ସନାତନ ସାହୁ, ଚିତ୍ତରଞ୍ଜନ ପଣ୍ଡା, ଅରୁଣ ନାଥ ଶର୍ମା ପ୍ରମୁଖ ସହଯୋଗ କରିଥିଲେ। ଅନୁଷ୍ଠାନର ସଭ୍ୟ ବିରଜା କିଙ୍କର ପତି ଧନ୍ୟବାଦ ଅର୍ପଣ କରିଥିଲେ।

# ଜରାଜୀର୍ଣ୍ଣ ଅବସ୍ଥାରେ ସଂଗ୍ରାମୀ ଭବନ

**ରତ୍ନଗିରି,୧୭।୬(ଡି.ଏନ.ଏ.)**

ଭାରତ ଇତିହାରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ଘଟଣାବଳୀକୁ ଜନମାନସରେ ଉଜ୍ଜୀବିତ କରି ରଖିବା ଓ ଉକ୍ତ ସ୍ମୃତି ଆଧାରରେ ଆଗାମୀ ପିଢ଼ି ସଂଗ୍ରାମୀଙ୍କ ପ୍ରେରଣାରେ ଉଦ୍‌ବୁଦ୍ଧ ହୋଇ କିପରି ଦେଶ ପାଇଁ ଆଗେଇ ଆସିବେ, ସେହି ଲକ୍ଷ୍ୟ ନେଇ ବରୀ ବ୍ଲକର ବରୀପାଳଠାରେ ସଂଗ୍ରାମୀ ଭବନ ନିର୍ମାଣ ହୋଇଥିଲା। ମାତ୍ର ରାଜନୈତିକ ଇଚ୍ଛା ଶକ୍ତି ଓ ପ୍ରଶାସନିକ ଅବହେଳା ଯୋଗୁ ଏହା ବର୍ତ୍ତମାନ ଜରାଜୀର୍ଣ୍ଣ ହୋଇ ପଡ଼ିରହିଛି। ୧୯୪୨ ଅଗଷ୍ଟ ୨୬ ତାରିଖ ଗହ୍ମାପୂର୍ଣ୍ଣମାର ଜହ୍ନ ଉଠିବା ପୂର୍ବରୁ ଦେଶ ମାତୃକାର ସ୍ୱାଧୀନତା ସଂଗ୍ରାମୀ ଇଂରେଜଙ୍କ ବିରୋଧରେ ଲଢ଼ି କଳାମାଟିଆ ନିକଟରେ ଶହୀଦ୍ ହୋଇଥିଲେ। ସେହି ସ୍ୱାଧୀନତା ସଂଗ୍ରାମୀମାନେ ହେଉଛନ୍ତି ଶ୍ରୀରାମପୁରର ସାଉଣ୍ଟି ମଲ୍ଲିକ, ସେରପୁରର ସାନନ୍ଦ ସ୍ୱାଇଁ, କୃଷ୍ଣନଗରର ହାଡିବନ୍ଧୁ ପଣ୍ଡା ଓ ହାଟସାହିର ମାୟାଧର ଭୂୟାଁ। ସେମାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ରାଜ୍ୟ ସରକାରଙ୍କ ସଂସ୍କୃତି ଓ ପର୍ଯ୍ୟଟନ ବିଭାଗ ତରଫରୁ ଅର୍ଥ ମଞ୍ଜୁର କରାଯାଇ ୧୨।୧୨।୨୦୦୬ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ତତ୍କାଳୀନ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଦେବୀପ୍ରସାଦ ମିଶ୍ର ଓ ତତ୍କାଳୀନ ବରୀ ବିଧାୟକ ଦେବାଶିଷ ନାୟକ ଉକ୍ତ ସ୍ମୃତି ଭବନକୁ ଉଦ୍‌ଘାଟନ କରିଥିଲେ। ଶହୀଦ୍ ସ୍ମୃତି ରକ୍ଷା ପାଇଁ ଏହି ସଂଗ୍ରାମୀ ଭବନ ପରିସରରେ ନିର୍ମାଣ ହୋଇଥିଲା ଏକ ସ୍ମୃତି ସ୍ତମ୍ଭ। ଯାହାକୁ କି ବର୍ତ୍ତମାନ ଏକ ଝଙ୍କାଳିଆ ବର ଗଛ ଆଡୁଆଳରେ ରଖିଛି। ଏଠାରେ ନିର୍ମାଣ ହୋଇଥିବା ଗୃହ ମଧ୍ୟ ବନ୍ଦ ଥିବା ଦେଖିବାକୁ ମିଳିଛି। ରକ୍ଷଣାବେକ୍ଷଣ ଅଭାବରୁ ସଂଗ୍ରାମୀ ଭବନ ପରିସରରେ ଅନାବନା ଗଛ ଉଠି ସରୀସୃପଙ୍କ ବାସସ୍ଥଳୀ ପାଲଟିଛି। ବରୀ ପାଇଁ ଶହୀଦ ହୋଇଥିବା ୪ ଜଣ ବୀର ପୁରୁଷଙ୍କ ତୈଳଚିତ୍ର ପାଇଁ ପିଣ୍ଡି ନିର୍ମାଣ ହୋଇଥିଲା। ଦୀର୍ଘ ୧୨ ବର୍ଷ ବିତିଯାଇଥିଲେ ବି ଅଦ୍ୟାବଧି ସେମାନଙ୍କ ପ୍ରତିମୂର୍ତ୍ତି ସ୍ଥାପନ ହୋଇନାହିଁ। ନିର୍ବାଚନ ସମୟରେ ବିଭିନ୍ନ ରାଜନୈତିକ ଦଳର ନେତାମାନେ ବରୀ ଏକ ସଂଗ୍ରାମୀ ପୀଠ। ସେମାନଙ୍କ ପରିଚୟରେ କେବଳ ବରୀ ନୁହେଁ, ସାରା ଭାରତ ବର୍ଷ ଗର୍ବ ଅନୁଭବ କରେ ବୋଲି ମତ ରଖିଥାନ୍ତି। ହେଲେ ପରବର୍ତ୍ତୀ ଅବସ୍ଥାରେ ସେମାନଙ୍କୁ ଭୁଲିଯିବା ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ବୋଲି ବହୁ ବୁଦ୍ଧିଜୀବୀ କହିଛନ୍ତି। ଚଳିତ ସାଧାରଣ ନିର୍ବାଚନରେ ବରୀରୁ ନିର୍ବାଚିତ ହୋଇଥିବା ବିଧାୟିକା ସୁନନ୍ଦା ଦାସ, ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ (ବବି) ବହୁ ବରିଷ୍ଠ ଅଧିକାରୀଙ୍କୁ ନେଇ ଘଟଣାସ୍ଥଳ ପରିଦର୍ଶନ କରିଥିବା ଜଣାପଡିଛି। ଏହି ସ୍ମାରକୀର ରକ୍ଷଣାବେକ୍ଷଣ ଓ ଉନ୍ନତୀକରଣ ପାଇଁ ଖୁବ୍‌ଶୀଘ୍ର ପଦକ୍ଷେପ ନିଆଯିବ ଓ ଅନ୍ୟ ପର୍ଯ୍ୟଟନ ସ୍ଥଳୀ ଭଳି ଏହା ଏକ ସ୍ୱତନ୍ତ୍ର ସ୍ଥାନର ମର୍ଯ୍ୟାଦା ପାଇବ ବୋଲି ବିଧାୟିକା ଦାସ ପ୍ରକାଶ କରିଛନ୍ତି। ବିଗତ ଦିନରେ ରାଜନେତାଙ୍କ ପ୍ରତଶ୍ରୁତି ପାଣିର ଗାର ହୋଇଥିବାବେଳେ ବର୍ତ୍ତମାନର ବିଧାୟିକା ସଂଗ୍ରାମୀ ଭବନର ଉନ୍ନତି ପାଇଁ କି ପଦକ୍ଷେପ ନେବେ ତାହା ସମୟ କହିବ। ସ୍ୱାଧୀନତା ସଂଗ୍ରାମୀଙ୍କ ବଂଶଧର ଗଗନ ବିହାରୀ ଜେନା କୁହନ୍ତି, ସଂଗ୍ରାମୀ ଭବନର ରକ୍ଷଣାବେକ୍ଷଣ ଓ ୪ ଜଣ ସହୀଦଙ୍କ ପ୍ରତିମୂର୍ତ୍ତି ସ୍ଥାପନ ହେବାର ଆବଶ୍ୟକତା ରହିଛି। ଛାତ୍ର ସୌମ୍ୟ ସ୍ୱାଇଁ କୁହନ୍ତି, ଇତିହାସ ପଢ଼ି ସଂଗ୍ରାମୀ ଭବନ ଦେଖିବାକୁ ଯାଇଥିଲେ। ହେଲେ ସହୀଦଙ୍କ ପ୍ରତିମୂର୍ତ୍ତି ନ ଥିବାରୁ ଦୁଃଖ ଲାଗିଲା। ଯାଜପୁରର ପୂର୍ବତନ ପ୍ରଶାସନିକ ଓ ଜନଗଣନା ଅଧିକାରୀ ସୁରେଶ ଚନ୍ଦ୍ର ସାମଲ କୁହନ୍ତି, ସରକାରଙ୍କ ପକ୍ଷରୁ ଅର୍ଥ ମଞ୍ଜୁର ପରେ ଏଭଳି ଦୂରବସ୍ଥା ଉପରେ ରାଜନେତା ଓ ପ୍ରଶାସନ ନଜର ଦେବା ଉଚିତ।



■ଅଦ୍ୟାବଧି ନିର୍ମାଣ ହୋଇନି ଶହୀଦଙ୍କ ପ୍ରତିମୂର୍ତ୍ତି
■ରାଜନୈତିକ ଇଚ୍ଛାଶକ୍ତି ଓ ପ୍ରଶାସନିକ ଅବହେଳା
■ସରୀସୃପଙ୍କ ବାସସ୍ଥାନ ପାଲଟିଛି ସଂଗ୍ରାମୀ ଭବନ ପରିସର

# ଶ୍ରୀଜୀଉଙ୍କ ଦେବସ୍ନାନ ନୀତି ସମ୍ପନ୍ନ

ଡେରାବିଶ, ୧୭ା୬ (ସ୍ୱ.ପ୍ର.)


ଡେରାବିଶର ଶ୍ରୀଶ୍ରୀ ଦଧିବାମନଜୀଉଙ୍କ ଗଜାନନ ବେଶ ।

ପବିତ୍ର ଦେବସ୍ନାନ ପୂର୍ଣ୍ଣିମା ଅବସରରେ ସୋମବାର ଡେରାବିଶ ବ୍ଲକରେ ବିଭିନ୍ନ ଜଗନ୍ନାଥ ମନ୍ଦିରରେ ସ୍ନାନପୂର୍ଣ୍ଣିମା ନୀତି ସମ୍ପନ୍ନ ହୋଇଛି। ପ୍ରାତଃରୁ ମଙ୍ଗଳଆଳତୀ ପରେ ବିଭିନ୍ନ ସେବା ନୀତି ସମ୍ପନ୍ନ ହୋଇଥିଲା। ମଧ୍ୟାହ୍ନରେ ପହଣ୍ଡି ବିଜେ କରି ଶ୍ରୀଜୀଉଙ୍କୁ ସ୍ନାନବେଦିକୁ ଅଣାଯାଇଥିଲା। ଏହି ଉପଲକ୍ଷେ ଡେରାବିଶର ଶ୍ରୀଶ୍ରୀ ଦଧିବାମନଜୀଉ ମନ୍ଦିରରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ସ୍ନାନ ପରେ ଶ୍ରୀଜୀଉ ଗଜାନନ ବେଶରେ ଦର୍ଶନ ଦେଇଥିଲେ। ମୁଖ୍ୟ ପୂଜକ ଶରତଚନ୍ଦ୍ର ମହାପାତ୍ର ଛେରା ପହଁରା କରିଥିଲେ। ସେବାୟତ କରୁଣାକର କର, ଗୋବିନ୍ଦ ପଣ୍ଡା, ବଂଶୀଧର ପଣ୍ଡା, ରତ୍ନାକର ପଣ୍ଡା, ନାରାୟଣ ପଣ୍ଡା ଓ ରଘୁନାଥ ପଣ୍ଡା ପ୍ରମୁଖ ଗୋଟି ପହଣ୍ଡିରେ ଶ୍ରୀଜୀଉଙ୍କୁ ସ୍ନାନ ମଣ୍ଡପକୁ ଆଣିବା ସହ ସମସ୍ତ ପୂଜାର୍ଚ୍ଚନା କାର୍ଯ୍ୟରେ ସହଯୋଗ କରିଥିଲେ। ସେହିପରି ପ୍ରସିଦ୍ଧ ଓଳକଣା ମେଲଣ ପଡ଼ିଆଠାରେ ଥିବା ଜଗନ୍ନାଥ ମନ୍ଦିରରେ ଦେବ ସ୍ନାନ ନୀତି ବହୁ ଆଡମ୍ବରରେ ଅନୁଷ୍ଠିତ ହୋଇଯାଇଛି।

**ରାଜନଗର, (ଡି.ଏନ୍.ଏ.)**
ରାଜନଗର ବ୍ଲକ କେରଡାଗଡର ଶ୍ରୀ ଜଗନ୍ନାଥ ଜୀଉଙ୍କ ଦେବ ସ୍ନାନ ନୀତି ସୋମବାର ସମ୍ପନ୍ନ ହୋଇଛି। ବଡପଣ୍ଡା ନିତ୍ୟାନନ୍ଦ ଦାସ ଓ ମଦନମୋହନ ରଥଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଶ୍ରୀଜୀଉଙ୍କ ସମସ୍ତ ନୀତି ଅନୁଷ୍ଠିତ ହୋଇଥିଲା। ସ୍ନାନ କରିବା ପରେ ଶ୍ରୀଜୀଉଙ୍କୁ ଗଜାନନ ବେଶରେ ସଜ୍ଜିତ କରାଯାଇଥିଲା। ଶ୍ରୀଜୀଉଙ୍କ ଏହି ବେଶ ଦେଖିବାକୁ ଆଖପାଖ ଅଞ୍ଚଳର ଶତାଧିକ ଶ୍ରଦ୍ଧାଳୁ ମନ୍ଦିର ପରିସରରେ ଭିଡ଼ ଜମାଇଥିଲେ। ସେହିପରି ଏହି ବ୍ଲକ ଅଧୀନ ପେଣ୍ଠସ୍ଥିତ ଶ୍ରୀ ବନବିହାରୀଜୀଉ, ରିଘାଗଡ଼ସ୍ଥିତ ଶ୍ରୀବଳଦେବଜୀଉ ଏବଂ ରାଜନଗରସ୍ଥିତ ଶ୍ରୀଦଧିବାମନ ଜୀଉଙ୍କ ଦେବସ୍ନାନ ନୀତି ସମ୍ପନ୍ନ ହୋଇଛି। ଏହାଛଡା ବ୍ରାହ୍ମଣସାହି ପଞ୍ଚାୟତର ଗଜରାଜପୁରସ୍ଥିତ ଶ୍ରୀନିଳାଦ୍ରୀନାଥ ମନ୍ଦିର (ଇସ୍କନ)ରେ ଶହ ଶହ ଶ୍ରଦ୍ଧାଳୁଙ୍କ ଉପସ୍ଥିତିରେ ତିନିଦିଅଁଙ୍କ ସ୍ନାନ ପୂର୍ଣ୍ଣିମା ଅନୁଷ୍ଠିତ ହୋଇଯାଇଛି।

**ଆଳି, (ଡି.ଏନ୍.ଏ)**
ଆଳିର ଆରାଧ୍ୟ ଦେବତା ଶ୍ରୀ ଲକ୍ଷ୍ମୀବରାହ ଜୀଉଙ୍କ ଦେବସ୍ନାନ ନୀତି ସୋମବାର ସମ୍ପନ୍ନ ହୋଇଛି। ଏଥିପାଇଁ ପ୍ରାତଃରୁ ଶ୍ରୀଜୀଉଙ୍କୁ ରତ୍ନ ସିଂହାସନରୁ ଅଣାଯାଇ ସ୍ନାନବେଦିରେ ଅଧିଷ୍ଠିତ କରାଯାଇଥିଲା। ପରେ ଅଭିମନ୍ତ୍ରିତ ହୋଇରହିଥିବା ଜଳରେ ଠାକୁରଙ୍କୁ ସ୍ନାନ କରାଯାଇଥିଲା। ଏହାପରେ ଆଳତୀ କରି ବାଲ୍ୟଧୂପ, ସନ୍ଧ୍ୟାଧୂପ, ପ୍ରସାଦ ଧୂପ କରାଯିବା ପରେ ସେବକମାନଙ୍କ ଦ୍ୱାରା ପହଣ୍ଡି କରାଯାଇ ଠାକୁରଙ୍କୁ ଅଣସର ଘରକୁ ନିଆଯାଇଥିଲା। ଠାକୁରଙ୍କର ଏହି ସ୍ନାନଯାତ୍ରା ଦେଖିବା ନିମନ୍ତେ ଆଳିର ବିଭିନ୍ନ ପ୍ରାନ୍ତରୁ ହଜାର ହଜାର ଭକ୍ତ ମନ୍ଦିର ପରିସରରେ ରୁଣ୍ଡ ହୋଇଥିଲେ।

# ରୋଟାରୀ କ୍ଲବ ବାର୍ଷିକ ଉତ୍ସବ

**ପଟ୍ଟାମୁଣ୍ଡାଇ, ୧୭ା୬ (ସ୍ୱ.ପ୍ର)**
ପଟ୍ଟାମୁଣ୍ଡାଇ ରୋଟାରୀ କ୍ଲବର ବାର୍ଷିକ ଉତ୍ସବ ସ୍ଥାନୀୟ ମ୍ୟୁନିସିପାଲିଟି କଲ୍ୟାଣ ମଣ୍ଡପଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ ସଭାରେ ରୋଟାରୀ କ୍ଲବ ସଭାପତି ରୋଟାରିଆନ୍ ସୂର୍ଯ୍ୟରଞ୍ଜନ ରାଉଳ ଅଧ୍ୟକ୍ଷତା କରିଥିଲେ । ମୁଖ୍ୟଅତିଥି ଭାବେ ରୋଟାରୀ ଗଭର୍ନର ଭବାନୀ ପ୍ରସାଦ ଚୌଧୁରୀ, ମୁଖ୍ୟବକ୍ତା ଭାବେ ଦେବାଶିଷ ମିଶ୍ର ଯୋଗଦେଇଥିଲେ। ସେହିପରି ସମ୍ମାନିତ ଅତିଥିଭାବେ ସୁଶାନ୍ତ କୁମାର ମହାପାତ୍ର, ପ୍ରତିଭା ମହାନ୍ତି, ଶିବବ୍ରତ ଦାଶ, ଶିକ୍ଷାବିତ୍ ଲକ୍ଷ୍ମୀଧର ପାତ୍ର, ପରାମର୍ଶଦାତା ରୋଟାରିଆନ୍ ମୃଣାଳକାନ୍ତ ନାୟକ ପ୍ରମୁଖ ଯୋଗଦେଇ ରୋଟାରୀ କ୍ଲବ ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ସମ୍ପାଦକ ରୋଟାରିଆନ୍ ତପନ ମିଶ୍ର ରୋଟାରୀ କ୍ଲବର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ସଭାରେ ଅରୁଣ କୁମାର ରାଉତ, ବସନ୍ତ ନାୟକ, ବୀରେନ୍ ପ୍ରତାପ ଜେନା, ଚିନ୍ମୟ ରଞ୍ଜନ ସ୍ୱାଇଁ, ପ୍ରତାପ ଚନ୍ଦ୍ର ପାଢୀ, ଦାମୋଦର ସାହୁ, ଡ଼ା. ସତ୍ୟବ୍ରତ ପ୍ରଧାନ, ନରହରି ଲେଙ୍କା ଓ ହେମନ୍ତ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ଆଇନଜୀବୀ ଭୀମସେନ ପ୍ରଧାନ ଧନ୍ୟବାଦ ଦେଇଥିଲେ ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଏଇଁଡି ଏତେ,**
**ମୁଦି ନାଇ ଗୋଡ଼ କଚାଡୁ କେତେ,**
**ପିତଳ ଗୁଣାକୁ ନାକ ଟାଉଁ ଟାଉଁ;**
**ସୁନା ଗୁଣା ହେଲେ ହୁଅନ୍ତୁ କେତେ ।**

ଗୋଡ଼ରେ ମୁଦି ନ ଥାଇ ଗୋଡ଼ କଚାଡିହେବା ନିରର୍ଥକ। ସୁନା ବଦଳରେ ସାମାନ୍ୟ ପିତଳ ଗୁଣା ପିନ୍ଧି ଅନ୍ୟ ଆଗରେ ନିଜକୁ ଦେଖେଇ ହେବାରେ ଲାଭ କିଛି ମିଳି ନ ଥାଏ। ନିଃସ୍ୱ ବ୍ୟକ୍ତିଙ୍କ ପକ୍ଷେ ଏପରି ଫୁଲାଣିଆ ଭାବଭଙ୍ଗୀ ଶୋଭାପାଉ ନ ଥିବା ସ୍ଥଳେ ସାମାନ୍ୟ ଅଳଙ୍କାର ଟିକେ ପିନ୍ଧି ଅନ୍ୟ ଆଗରେ ଫୁଲେଇ ହୋଇ ନିଜର ବୃଥା ଆତ୍ମବଡ଼ିମା ଦେଖେଇ ହେଉଥିବା ମହିଳାଙ୍କ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଏକୁଟିଆ ବାହାରା, ମୁଣ୍ଡି ମୁଣ୍ଡି ସାହାଡ଼ା;**
**ଖରାଦିନେ ଦଉ ପତର ଝଡ଼ା,**
**ଆଷାଢ଼ରେ ଧରୁ କଷି,**
**ଅକାଳେ ସକାଳେ ଟିକିଏ କହିଲେ,**
**ଯାଉ ଥାଉ ରୁଷି ରୁଷି ।**

ସବୁବେଳେ ଏକୁଟିଆ। କାହା ସାଙ୍ଗରେ ମିଳାମିଶା ନାହିଁ କି କାହାକୁ ସାହାଯ୍ୟ କରିବାର ମନୋବୃତ୍ତି ନାହିଁ। ଏପରି ବ୍ୟକ୍ତିଙ୍କୁ କିଏ ଟିକିଏ କ'ଣ କହିଦେଲେ ସେଇ କଥାକୁ ଧରି ରୁଷିଯିବା ସେମାନଙ୍କ ଏକ ମନ୍ଦ ପ୍ରକୃତି ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ


# CLASSIFIED DISPLAY

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

FINANCE

All INDIA FINANCIAL SERVICES
ଏବେ କରିବ
ଗ୍ରାମ/ସହର ପାଇଁ ସବୁ ବଡ଼ ଋଣ
50,000-95 ଲକ୍ଷ ପର୍ଯ୍ୟନ୍ତ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ,
ଆଧାର କାର୍ଡ ଏବଂ ସବୁ ପ୍ରକାର
ଋଣ ବ୍ୟାଙ୍କ ଦ୍ୱାରା ।
1% ସୁଧ, 40% ରିହାତି
(ମହିଳା ଗ୍ରୁପ୍ ଋଣ ପାଇଁ ଯୋଗାଯୋଗ କରନ୍ତୁ)
Helpline
09499108259
PETUMALI, JHARMUNDA, PETUPALI, BARGARH, ODISHA - 968034

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD.
(Registration No. - U6519TN198PLC008555)
ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି ଏବଂ ସମସ୍ତ ଋଣ ୩ରୁ ୪ ଦିନରେ ଘରେ ବସି ପାଆନ୍ତୁ ୨% ସୁଧ, ୪୦% ରିହାତି (ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ)।
- Helpline Number -
8859690149
PETUMALI, JHARMUNDA, PETUPALI, BARGARH, ODISHA- 768034

BASUDHA FINANCE
BASUDHA FINANCE ଦ୍ୱାରା ମାର୍କସିଟ୍, ପର୍ସନାଲ ବିଜ୍‌ନେସ୍, ଗୃହ, କୃଷି, ବ୍ୟବସାୟ, ସମ୍ପତ୍ତି ଓ କୁକୁଡା ପାଳନ ସମସ୍ତ ପ୍ରକାର LOAN 1% ସୁଧରେ ମିଳେ।
Mo- 8114631815 7749967517
Jain Market South Part-4, Vigyan Nagar, Delhi-110051, Mundagohira, Gohira Dyam site, Raimal, Debagarh-768121

!! ଋଣ ଋଣ ଋଣ !!
ସତ୍ୟମ ଫାଇନାନ୍ସ
ଦ୍ୱାରା ସବୁ ପ୍ରକାର ଋଣ କରାନ୍ତୁ
ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, ଆଧାରକାର୍ଡ, ରାଶନକାର୍ଡ ସମସ୍ତ ଋଣ
5,00,000-50,00,000 ପର୍ଯ୍ୟନ୍ତ ଘରେ ବସି ପାଆନ୍ତୁ
!! ନୋ ଏଗ୍ରିମେଣ୍ଟ, ନୋ ଗ୍ୟାରେଣ୍ଟର !!
2% ସୁଧ 50% ରିହାତି
ଥରେ ନିଶ୍ଚୟ ଯୋଗାଯୋଗ କରନ୍ତୁ
8810477974
Add : - 41/14, Sec-1 Pushp Vihar, Delhi

ବିଶ୍ୱାସର ପ୍ରତୀକ, ଲୋନ୍ ଗ୍ୟାରେଣ୍ଟି
Shree Finance ଦ୍ୱାରା ପ୍ରପର୍ଟି, ପର୍ସନାଲ, BPL, Aadhar Card ଲୋନ୍ ୨୪ ଘଣ୍ଟାରେ ପାଆନ୍ତୁ ଘରେବସି।
Mob.: 09351833615
Infinity Benchmark, Plot -G1, Sector-V, Kolkata - 09

ଭାରତର ନଂ.1 କମ୍ପାନୀ
1988 ଠାରୁ ଆପଣଙ୍କ ସେବାରେ
MAHALAXMI FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL, ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ଛାଡ଼
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
7894704743
B-36/7, A-Block Vijay Enclave Burari, New Delhi-74

FINANCE
Balaji ଋଣ ଲିମିଟେଡ୍ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ଘରେ ବସି ପାଆନ୍ତୁ।
3% ସୁଧ 25% ଛାଡ
Online Facility Available
Plot No 4542, Shahnajaf Rd, Lucknow, Uttar Pradesh 226001
Ph. No 09598246628 09517415755
9454715754

ଆଡ୍‌ଭାନ୍ସ ନେଉନୁ, ଧୋକା ଦେଉନୁ
CAPITAL ONE FINANCE
ଆଧାର କାର୍ଡ ଋଣ, ଗୃହ ଋଣ, ମାର୍କଶିଟ୍ ଋଣ, ପର୍ସନାଲ ଋଣ, ବ୍ୟବସାୟ ଋଣ
ସବୁ ପ୍ରକାର ଋଣ ମାତ୍ର 24 ଘଣ୍ଟାରେ
2% ସୁଧ, 50% ରିହାତି
ସରକାରୀ କର୍ମଚାରୀ ଓ ମହିଳାଙ୍କ ପାଇଁ ବିଶେଷ ରିହାତି
ଠକାମିର ଶିକାର ବ୍ୟକ୍ତି ଯୋଗାଯୋଗ କରନ୍ତୁ
8887072616 8887076388
Add- T-51, Gautampuri Delhi-53

AXIC FINANCE LTD.
ଆମେ ସବୁ ପ୍ରକାର ଋଣ ଯୋଗାଉଛୁ, ଯେପରି ପ୍ରପର୍ଟି, ପର୍ସନାଲ, ବ୍ୟବସାୟ, ଗୃହ ଋଣ @ ସର୍ବନିମ୍ନ ଦରରେ 1% ସୁଧ ସବ୍‌ସିଡି @ 50%।
ମହିଳାମାନେ ମଧ୍ୟ ଆବେଦନ କରିପାରିବେ।
HEAD OFFICE
G-79, Adarsh Nagar Karol Bagh, New Delhi-5
8986532690, 9117913124

ଲୋନ! ଲୋନ! ଲୋନ
BFC FINANCE
୧ ରୁ୫୦ ଲକ୍ଷ୍ୟ ଲୋନ
ଗୃହଋଣ, ମାର୍କସିଟ ପର୍ସନାଲ, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813 85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

ବେଦାଂଶୀ ଫାଇନାନ୍ସ ପ୍ରା.ଲି.
100% ଲୋନ ପ୍ରାପ୍ତ କରନ୍ତୁ 7 ଦିନରେ।
ସୁଧ 2%, ଛାଡ଼ 40%
ଡିଲରଶିପ୍ / ଏଜେଣ୍ଟ ପାଇଁ କମ୍ପାନୀକୁ ସମ୍ପର୍କ କରନ୍ତୁ।
Balasore: 7409536767, Jajpur: 9084652616, Dhenkanal: 7409543249, Angul: 7252964716, Jeypore: 9084652615


DHARITRI Career appointment Every Wednesday and Saturday

BUSINESS

GOLD CASH
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

Indus Tower Co.
ଖାଲି ଜମି, ଛାତ, ପ୍ଲଟ୍‌ରେ ହାଇ କ୍ୱାଲିଟି ଟାୱାର ଲଗାନ୍ତୁ। ଅଗ୍ରିମ 70 ଲକ୍ଷ, ଭଡ଼ା 40,000/- + 20 ହଜାରର ଅନ୍ୟାନ୍ୟ ସୁବିଧା + ବାଇକ୍ + କୋର୍ଟ ଏଗ୍ରିମେଣ୍ଟ।
08278484548 08126562722
Add.: Sector-1, Pushp Vihar, Delhi

BUSINESS
JDT DIGITAL GROUP LTD.
ସରକାରୀ ପଞ୍ଜୀକୃତ କମ୍ପାନୀ ଦ୍ୱାରା ଡିଜିଟାଲ ଉପକରଣ ନିଜ ଖାଲି ପଡ଼ିଥିବା ଜମି, ଛାତ, ପ୍ଲଟ୍‌ରେ ସାରା ଭାରତର ଯେକୌଣସି ସ୍ଥାନରେ ଲଗାନ୍ତୁ ଏବଂ ପାଆନ୍ତୁ ଅଗ୍ରିମ ୯୦ ଲକ୍ଷ , ଭଡ଼ା ୭୦ ହଜାର + ମାସିକ ୩୦,୦୦୦/-ର ଅନ୍ୟାନ୍ୟ ସୁବିଧା ।
(କୌଣସି ପଞ୍ଜୀକରଣ ଶୁଳ୍କ ନାହିଁ)
Helpline Numbers
09027220980 09027945420
Building No.-86, Room No.-05, C.R. Patil Estate, Near C.R. Patil Road, Dindoli, Surat City, Surat, Gujarat-394210

ଭାରତର ନଂ.1 ଗୋଲ୍ଡ ମେଡାଲିଷ୍ଟ
INDUS TOWER
କମ୍ପାନୀରୁ ଡିଜିଟାଲ ଟାୱାର ପ୍ଲଟ୍, ଜମିରେ ଲଗାନ୍ତୁ
- ପାଆନ୍ତୁ -
୯୦ ଲକ୍ଷ ଅଗ୍ରିମ + ୯୦ ହଜାର ଭଡ଼ା ୨୦୦୦୦/-ର ଅନ୍ୟାନ୍ୟ ସୁବିଧା + ମୋବାଇଲ + ଲାପ୍‌ଟପ୍
9450268843 9499322173
H. No. 412, Subhash Nagar Jind, Haryana.

REGISTRATION FREE | GOVT. APPROVED
BHARTIYA TELECOM GROUP
ଦ୍ୱାରା ନିଜର ଖାଲି ପଡ଼ିଥିବା ଜମି, ଛାତ, ପ୍ଲଟ୍ ଉପରେ ଉପକରଣ ଲଗାନ୍ତୁ ଏବଂ ପାଆନ୍ତୁ ଅଗ୍ରିମ ୬୦ ଲକ୍ଷ, ଭଡ଼ା 45000 + ଅନ୍ୟାନ୍ୟ ସୁବିଧା ସୁଯୋଗ
କାମ ଆମର ବିଶ୍ୱାସ ଆପଣଙ୍କର
(ଠକମାନଙ୍କ ପ୍ରତି ସାବଧାନ)
08417868634 08417868647
PETUMALI, JHARMUNDA, PETUPALI, BARGARH, ODISHA, 768034

BUSINESS
ନୋ ଫାଇଲଚାର୍ଜ, ପଞ୍ଜୀକୃତ କମ୍ପାନୀ ଦ୍ୱାରା ସର୍ଭେ କରାଇ 72 ଘଣ୍ଟାରେ ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍‌ରେ ଯାନ୍ତ୍ରିକ ଉପକରଣ ଲଗାନ୍ତୁ । ଅଗ୍ରିମ ୫୦ ଲକ୍ଷ, ଭଡ଼ା ୫୦,000 + ବାଇକ୍ + ଆହୁରି ଅନେକ ସୁବିଧା।
ରାହୁଲ କୁମାର
7376170075 7376985124
ଠିକଣା: ଟି-51, ଗଳି ନଂ.୫, ଗୌତମ ପୁରୀ, ଦିଲ୍ଲୀ

SMS JOBS DHAMAKA (PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167 9973805993

ASTROLOGY

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ୍
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନ ପାଇଁ ମୋତେ ସମ୍ପର୍କ କରନ୍ତୁ ।
ବ୍ୟବସାୟ, ପ୍ରେମବିବାହ, ମନ ଚାହୁଁଥିବା ଭଲପାଉଥିବା, କଳାଯାଦୁ, କରି କରାଉଥିବା, ପତି-ପତ୍ନୀ ମଧ୍ୟରେ ଝଗଡା ଏବଂ ଗୃହକ୍ଲେଶ, ସଉତୁଣୀ ଶତ୍ରୁ ମୁକ୍ତି, ରୁଷିଥିବା ଲୋକଙ୍କୁ ରାଜି କରାଇବା, ବଶୀକରଣ, ମୁଠ ଯାଦୁ ଟୋଣା, କ୍ୟାରିୟରରେ ଅସଫଳତା, ରୋଗରେ ଔଷଧ କାମ ନ କରିବା ଘରେ ହେଉଥିବା ଝଗଡା, ମା, ଭଉଣୀ ଓ ଝିଅମାନେ ନିଃସଙ୍କୋଚରେ ଫୋନ୍ କରନ୍ତୁ।
ସ୍ପେଶାଲିଷ୍ଟ: ବଶୀକରଣ ଓ ମୁଠକରଣୀ
ବାବା ଆଲାମ ଖାନ
(ମ୍ୟାଷ୍ଟର କ୍ୟାଣ୍ଟିନ, ରାମ ମନ୍ଦିର ପାଖ, ଭୁବନେଶ୍ୱର)
9773820765 8512004851

ମାତାଙ୍କ ଅସୀମ କୃପା ସର୍ବ ମନୋକାମନାପୂର୍ଣ୍ଣ ଚମତ୍କାରୀ ସିଦ୍ଧ ମୁଦ୍ରିକା
ଏହି ମୁଦିକୁ ପିନ୍ଧିଲେ ସ୍ତ୍ରୀ-ପୁରୁଷ ଯେତେ କଠୋରମନା ହୋଇଥାଆନ୍ତୁ ନା କାହିଁକି, ଆପଣଙ୍କ ଇଚ୍ଛା ଅନୁସାରେ କାମ କରିବେ । ପରୀକ୍ଷାରେ ପ୍ରଥମ ଶ୍ରେଣୀ, ମକଦ୍ଦମାରେ ବିଜୟ, ବିଦେଶ ଯାତ୍ରା, ପ୍ରେମ ବିବାହ, ଜୁଆ-ଲଟେରି, ଶେୟାର୍‌ରେ ସଫଳତା, ବ୍ୟବସାୟରେ ଅଭୂତପୂର୍ବ ଅଭିବୃଦ୍ଧି, ମାଟିରେ କେଉଁଠି ପୋତା ଧନ ଅଛି ତାହା ସ୍ୱପ୍ନରେ ଦେଖାଯିବ, ଘରେ ସୁଖ ଶାନ୍ତି, ରୋଗରୁ ମୁକ୍ତି, ଋଣରୁ ମୁକ୍ତି, ଚାରିଆଡ଼େ ଖୁସି ହିଁ ଖୁସି, ଯେଉଁ କାମରେ ହାତ ମାରିବେ ଆପଣଙ୍କୁ ସଫଳତା ହିଁ ସଫଳତା ପ୍ରାପ୍ତ ହେବ।
ସର୍ବ ମନୋକାମନାପୂର୍ଣ୍ଣ ଚମତ୍କାରୀ ସିଦ୍ଧ ମୁଦି ସହିତ ନଜରଦୋଷ କବଚ ମାଗଣା।
ସାଧାରଣ ମୁଦି - 1100/-
ସ୍ପେଶାଲ ମୁଦି - 1575/-
କାମ ନ ହେଲେ ପଇସା ଫେରସ୍ତ
ଇଚ୍ଛୁକ ବ୍ୟକ୍ତି ଆଶ୍ରମ ସହ ଯୋଗାଯୋଗ କରନ୍ତୁ
7564962303 9354145347

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429 9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଭଗବାନ ଚାହିଁଲେ ଲହୁର ଲୁହ ବୁହାଇବାକୁ ଦେବି ନାହିଁ
କେବଳ 2 ଘଣ୍ଟାରେ ଘରେ ବସି 100% ଗ୍ୟାରେଣ୍ଟିଯୁକ୍ତ ସମାଧାନ
ମୁଁ କରିଥିବା କାମକୁ କାଟିଥିବା ବ୍ୟକ୍ତିଙ୍କୁ ଦାବି ମୁତାବକ ପୁରସ୍କାର
ସ୍ପେ. ପ୍ରେମବିବାହ, ସନ୍ତାନ ସମସ୍ୟା, ବିଦେଶ ଯାତ୍ରା, ରୋଗରେ ଔଷଧ କାମ ନ କରିବା, ଚାକିରିରେ ପଦୋନ୍ନତି, ପ୍ରପର୍ଟି, ସଉତୁଣୀ ଓ ଶତ୍ରୁ ମୁକ୍ତି, ଭୂତ-ପ୍ରେତ, ଗୁଣିଗାରେଡ଼ି, ମୁଠକରଣୀ, ତନ୍ତ୍ର-ମନ୍ତ୍ର ବଶୀକରଣ, କଳା ଯାଦୁ ଇତ୍ୟାଦି।
ମିଆଁ ମଲଖାନ ଜୀ
8860596444 8860599820

TO LET

AVAILABLE FOR RENT / LEASE

3 Storied Newly built commercial Building ( 6000 Sq.ft. Each ) ready for possession, Suitable for OFFICE, SHOWROOM, GODOWN, INSTITUTION
Adjacent to NH - 16 at Manguli Square, Cuttack, Odisha
Interested Party may Contact
Tel: 9937421865 / 8917293309
Mail: mohanty9437@hotmail.com


**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ବିଦ୍ୟାଳୟ ଖୋଲିବ, ଶ୍ରେଣୀଗୃହ ମୁକୁଳା

**ଜଗତ୍‌ସିଂହପୁର ଅଫିସ,୧୭।୬**

ବାତ୍ୟା ଫନୀ ପ୍ରଭାବରେ ଜଗତ୍‌ସିଂହପୁର ଜିଲାରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ବିଦ୍ୟାଳୟଗୁଡିକ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ବାତ୍ୟା ଯିବାର ଇତିମଧ୍ୟରେ ଦେଢ ମାସ ଅତିକ୍ରାନ୍ତ ହୋଇଥିଲେ ସୁଦ୍ଧା ପୁନରୁଦ୍ଧାର କାମ ସରିନାହିଁ। ବିଶେଷକରି ସରକାରୀ ବିଦ୍ୟାଳୟଗୁଡିକର ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ ହୋଇନାହିଁ କହିଲେ ଚଳେ। ଆସନ୍ତା ୧୯ ତାରିଖରେ ରାଜ୍ୟର ସମସ୍ତ ସରକାରୀ ବିଦ୍ୟାଳୟ ଖୋଲିବ। କିନ୍ତୁ ତା'ପୂର୍ବରୁ ବିଦ୍ୟାଳୟଗୁଡିକ ମୁକୁଳା ରହିବା ଚିନ୍ତାର କାରଣ ହୋଇଛି। ଯଦିଓ ବିଦ୍ୟାଳୟ ଖୋଲିଲେ ପିଲାମାନଙ୍କୁ ଅନ୍ୟ ଭଲ ଘରେ ଶିକ୍ଷାଦାନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି, ତେବେ ବାସ୍ତବରେ ଏହା ପ୍ରତ୍ୟେକ ବିଦ୍ୟାଳୟ କ୍ଷେତ୍ରରେ ସମ୍ଭବ ନୁହେଁ। ଏହାବାଦ୍ ସ୍ଥାୟୀ ପ୍ରତିକାର ହୋଇ ନ ଥିବାରୁ ପୁନରୁଦ୍ଧାର କାର୍ଯ୍ୟ କେତେ ଶୀଘ୍ର ସରିବ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଜଗତ୍‌ସିଂହପୁର ଜିଲାରେ ମୋଟ ୧,୫୦୩ ସରକାରୀ ପ୍ରାଥମିକ, ଉଚ୍ଚପ୍ରାଥମିକ ଓ ୧୬୬ ଉଚ୍ଚ ବିଦ୍ୟାଳୟ ରହିଛି। ସରକାରୀ ପ୍ରାଥମିକ ବିଦ୍ୟାଳୟ ମଧ୍ୟରୁ ୫୫୫ଟି ଆଜବେଷ୍ଟସ୍ ଘରେ ଚାଲିଛି। ଏହିସବୁ ବିଦ୍ୟାଳୟ କ୍ଷତିଗ୍ରସ୍ତ ହୋଇଥିବା ସର୍ବଶିକ୍ଷା ଅଭିଯାନ ପ୍ରକଳ୍ପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ସେଥିମଧ୍ୟରେ ବାଲିକୁଦା ବ୍ଲକର ୧୩୮, ବିରିଡ଼ି ୭୧, ଏରସମା ୫୩, ଜଗତ୍‌ସିଂହପୁର ୫୮, କୁଜଙ୍ଗ ୭୨, ନାଉଗାଁ ୨୯, ରଘୁନାଥପୁର ୭୫ ଓ ତିର୍ତ୍ତୋଲ ବ୍ଲକର ୫୯ଟି ପ୍ରାଥମିକ ବିଦ୍ୟାଳୟ ରହିଛି। ଏସବୁର ମରାମତି ତଥା ପୁନରୁଦ୍ଧାର ବାବଦରେ ୧୮.୯୨ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଆକଳନ କରାଯାଇଛି। କିନ୍ତୁ ଗୋଟିଏ ବି ମରାମତି ହୋଇପାରିନାହିଁ। ସେହିପରି ଜିଲାରେ ଥିବା ସମସ୍ତ ଉଚ୍ଚ ବିଦ୍ୟାଳୟ କ୍ଷତିଗ୍ରସ୍ତ ହୋଇଥିବା ଦର୍ଶାଯାଇଛି। ସେଗୁଡିକ ମଧ୍ୟରୁ ୨୭ଟି ସର୍ବାଧିକ କ୍ଷତିଗ୍ରସ୍ତ ହୋଇଥିଲେ ସୁଦ୍ଧା ମରାମତି ସରିନାହିଁ।

**ଫନୀ ପ୍ରଭାବରେ କ୍ଷତିଗ୍ରସ୍ତ ବିଦ୍ୟାଳୟ**

- ୫୫୫ ପ୍ରାଥମିକ ବିଦ୍ୟାଳୟ ଆଜବେଷ୍ଟସ୍
- ମରାମତି ବାବଦରେ ୧୮.୯୨ କୋଟି ଖର୍ଚ୍ଚ ଆକଳନ
- ଅଦ୍ୟାବଧି ଗୋଟିଏ ବି ହୋଇନି ମରାମତି

ଏ ପରିସ୍ଥିତିରେ ବିଦ୍ୟାଳୟ ଖୋଲିଲେ ଛାତ୍ରୀଛାତ୍ର କିପରି ଶିକ୍ଷାଲାଭ କରିବେ ତାକୁ ନେଇ ନାନା କଥା ଆଲୋଚନା ଚାଲିଛି। କୁହାଯାଉଛି, ବାତ୍ୟା ଯିବାର ଏତେ ଦିନ ପରେ ମଧ୍ୟ ରାଜ୍ୟ ସରକାର ବିଦ୍ୟାଳୟଗୁଡିକ ମରାମତି କ୍ଷେତ୍ରରେ ଦାୟିତ୍ୱବାନ ହୋଇନାହାନ୍ତି। ଏହା କେବଳ ଆନ୍ତରିକତାର ଅଭାବ। ବଡ଼ କଥା ହେଲା ବାତ୍ୟା ପୂର୍ବରୁ ଅଧିକାଂଶ ବିଦ୍ୟାଳୟରେ ଲୋକଙ୍କୁ ରଖାଯାଇଥିବା କୁହାଯାଇଥିଲା। ଭବିଷ୍ୟତରେ ମଧ୍ୟ କିଛି ସେଭଳି ବଡ଼ ଧରଣର ପ୍ରାକୃତିକ ବିପର୍ଯ୍ୟୟ ହେଲେ ସରକାର ଲୋକଙ୍କୁ ବିଦ୍ୟାଳୟଗୁଡିକରେ ରଖିବା କଥା ଚିନ୍ତା କରିବେ। ସେହିପରି ଶିକ୍ଷାକୁ ସରକାର ପ୍ରାଥମିକତା ଦେବା କଥା କହୁଥିବାବେଳେ ବିଦ୍ୟାଳୟ ମରାମତି ପାଇଁ କାହିଁକି ତତ୍ପର ହେଉନାହାନ୍ତି ତାହା ଆଲୋଚନାର ବିଷୟ ହୋଇଛି। ଅନ୍ୟପଟେ ବିଦ୍ୟାଳୟ ମରାମତି ପାଇଁ ଆବଶ୍ୟକଠାରୁ ଅଧିକ ଅନୁଦାନ ଆବଶ୍ୟକ ଥିବା ଦର୍ଶାଯାଇଛି। ଗତ ୧୦ ତାରିଖରେ ଉନ୍ନୟନ କମିଶନର ଭିଡିଓ କନ୍‌ଫରେନ୍ସିଂ ଜରିଆରେ କହିଛନ୍ତି ଯେ, ମରାମତି କାମ ସରି ନ ଥିଲେ ବିକଳ୍ପ ବ୍ୟବସ୍ଥା କର। ଯେଉଁ ବିଦ୍ୟାଳୟ ଆଜବେଷ୍ଟସ୍ ଭାଙ୍ଗିଯାଇଛି ତାକୁ ବାଦ୍ ଦେଇ ଅନ୍ୟ କୋଠରୀରେ ପିଲାଙ୍କୁ ଶିକ୍ଷାଦାନ କର। କିନ୍ତୁ ଏହା ପ୍ରତ୍ୟେକ ବିଦ୍ୟାଳୟ ପାଇଁ ପ୍ରଯୁଜ୍ୟ ନୁହେଁ। କାରଣ ଜିଲାର କ୍ଷତିଗ୍ରସ୍ତ ୫୭ଟି ଅନୁଦାନପ୍ରାପ୍ତ ବିଦ୍ୟାଳୟ ମଧ୍ୟରୁ ବାଲିକୁଦା ବ୍ଲକ ଅନ୍ତର୍ଗତ ଅରିଲୋ଼ସ୍ଥିତ ପଞ୍ଚାୟତ ହାଇସ୍କୁଲ ଓ ସାଇଲୋର ଚମ୍ପେଶ୍ୱର ହାଇସ୍କୁଲ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି। ଏହି ବିଦ୍ୟାଳୟଗୁଡିକର ଛାତ୍ରୀଛାତ୍ର ନିକଟସ୍ଥ ବିଦ୍ୟାଳୟରେ ଅସ୍ଥାୟୀ ଭାବେ ଶିକ୍ଷାଲାଭ କରିବେ ବୋଲି ସୋମବାର ନିଷ୍ପତ୍ତି ନିଆଯାଇଛି। ଏହାବାଦ୍ କେତେକ ସରକାରୀ ବିଦ୍ୟାଳୟ ରହିଛି ଯେଉଁଠି ଅଧିକାଂଶ କୋଠରୀ କ୍ଷତିଗ୍ରସ୍ତ ହୋଇଛି। ସେହିପରି ଶ୍ରେଣୀ ଓ ପିରିୟଡ ଅନୁଯାୟୀ ଅନେକ ବିଦ୍ୟାଳୟର କୋଠରୀ ବ୍ୟବହାର ହେଉଛି। ବଳକା କୋଠରୀ ନ ଥିବା ବିଦ୍ୟାଳୟଗୁଡିକରେ ଏବେ ପିରିୟଡ କାଣ୍ଟଛାଣ୍ଟ କରିବା ନେଇ ଆଲୋଚନା ଚାଲିଛି। ତାହା ନ ହେଲେ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ କରିବା ସମ୍ଭବ ହେବନାହିଁ। ଏ ପରିସ୍ଥିତିରେ ବିଦ୍ୟାଳୟଗୁଡିକ କେତେଦିନ ମଧ୍ୟରେ ମରାମତି ହେବ ତାହା ମଧ୍ୟ ସ୍ପଷ୍ଟ ହୋଇନାହିଁ। ରାଜ୍ୟ ସରକାର ନିର୍ଦ୍ଦିଷ୍ଟ ଭାବରେ ସେଭଳି କିଛି ନିର୍ଦ୍ଦେଶନାମା ଜାରି କରି ନ ଥିବାରୁ ଆଗକୁ କଣ ହେବ ତାହା ସମୟ କହିବ। ଏ ସମ୍ପର୍କରେ ସର୍ବଶିକ୍ଷା ଅଭିଯାନ ପ୍ରକଳ୍ପ ନିର୍ଦ୍ଦେଶକ ସପନ କୁମାର ଜେନା କହିଛନ୍ତି, କ୍ଷତିଗ୍ରସ୍ତ ଅଧିକାଂଶ ବିଦ୍ୟାଳୟରେ ସେଭଳି ଅସୁବିଧା ହେବନାହିଁ। ଅନ୍ୟ କୋଠରୀରେ ପିଲାମାନଙ୍କୁ ଶିକ୍ଷାଦାନ କରିବା ସମ୍ଭବ ହେବ। କିନ୍ତୁ କ୍ଷତିଗ୍ରସ୍ତ ୨୭ଟି ବିଦ୍ୟାଳୟ ମରାମତି କାମ ଜୁନ ୧୯ ତାରିଖ ସୁଦ୍ଧା ସାରିବାକୁ ନିର୍ଦ୍ଦେଶ ରହିଥିଲେ ସୁଦ୍ଧା ଏହା ସରିବ କି ନାହିଁ କହିହେବ ନାହିଁ। ଜିଲା ଶିକ୍ଷା ଅଧିକାରୀ ପ୍ରତିଭା ମଞ୍ଜରୀ ଦାସ କହିଛନ୍ତି ଯେ, ବାତ୍ୟା ପରେ ସେ ଜିଲାର କ୍ଷତିଗ୍ରସ୍ତ ଶିକ୍ଷାନୁଷ୍ଠାନଗୁଡିକ ସମ୍ପର୍କରେ ତଥ୍ୟ ଦେଇଥିଲେ। ତା ପରେ ମରାମତିରେ ବିଳମ୍ବ ହେଉଛି। ଜଗତ୍‌ସିଂହପୁର ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ କେତେକ ବିଦ୍ୟାଳୟରେ ମରାମତି କାମ ଆରମ୍ଭ କରିଥିବା କୁହାଯାଇଛି। କିନ୍ତୁ ସମସ୍ତ ବିଦ୍ୟାଳୟ ମରାମତି କାମ କେବେ ସରିବ ତାହା କହିହେବ ନାହିଁ ବୋଲି ସ୍ପଷ୍ଟ କରିଥିଲେ।

## ସଂକ୍ଷେପରେ

### ଅଂଶୁଘାତରେ ରାଜମିସ୍ତ୍ରିଙ୍କ ମୃତ୍ୟୁ ଅଭିଯୋଗ

**ନାଉଗାଁ,୧୭।୬(ସ୍ୱ.ପ୍ର.):** ସୋମବାର ନାଉଗାଁ ପଞ୍ଚାୟତ ବାଲିସାହି ଗ୍ରାମର ଜଣେ ରାଜମିସ୍ତ୍ରିଙ୍କ ଅଂଶୁଘାତରେ ମୃତ୍ୟୁ ଘଟିଥିବା ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି। ସେ ହେଲେ ଟୁନା ବେହେରା। ସୂଚନା ମୁତାବକ, ଟୁନା ସକାଳେ ଉକ୍ତ ଗ୍ରାମରେ କାମ କରୁଥିବାବେଳେ ତାଙ୍କ ମୁଣ୍ଡ ବୁଲାଇଥିଲା। ଅସୁସ୍ଥ ଅନୁଭବ କରିବାରୁ ସେ କାମ ପାଖରୁ ଆସି ତଳେ ବସିଯାଇଥିଲେ। ସ୍ଥାନୀୟ ଲୋକେ ଓ ପରିବାର ଲୋକଙ୍କ ସହାୟତାରେ ତାଙ୍କୁ ନାଉଗାଁ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ଘରେ ତାଙ୍କର ୩ ପୁଅ ଓ ସ୍ତ୍ରୀ ଅଛନ୍ତି। ସେ ରାଜମିସ୍ତ୍ରି କାମ କରି ପରିବାର ପ୍ରତିପୋଷଣ କରୁଥିଲେ। ତେଣୁ ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇଦେବାକୁ ଦାବି ହୋଇଛି।

### ବରିଷ୍ଠ ନାଗରିକଙ୍କ ବନ୍ଧୁ ମିଳନ

**ଏରସମା,୧୭।୬(ସ୍ୱ.ପ୍ର.):** ଏରସମା ବ୍ଲକ ପଏଦା ଗ୍ରାମର ଗୋବର୍ଦ୍ଧନ ଗାଦି ପୀଠ ପରିସରରେ ରବିବାର ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ବନ୍ଧୁ ମିଳନ ଉତ୍ସବ ଅନୁଷ୍ଠିତ ହୋଇଛି। ଗଙ୍ଗୋତ୍ରୀ ସାହିତ୍ୟ ସଂସଦ ସମ୍ପାଦକ କୈଳାସ ଚନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ପୂର୍ବତନ ଜିଲା ପରିଷଦ ସଭ୍ୟ ବୈଷ୍ଣବ ଚରଣ ନାୟକ ଉପସ୍ଥିତ ରହି ପରିବେଶ ସୁରକ୍ଷା ଉପରେ ବକ୍ତବ୍ୟ ଦେଇଥିଲେ। ସମସ୍ତେ ନିଜ ଗ୍ରାମର ଖାଲିଥିବା ରାସ୍ତା, ମନ୍ଦିର ପ୍ରାଙ୍ଗଣ, ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କରିବାକୁ ସେ ଆହ୍ୱାନ ଦେଇଥିଲେ। ଅବସରପ୍ରାପ୍ତ ଶିକ୍ଷକ ରବିନାରାୟଣ ମୁଦୁଲି ପଞ୍ଚାୟତକୁ ନିଶାମୁକ୍ତ କରିବାକୁ ପରାମର୍ଶ ଦେଇଥିଲେ। ନିରଞ୍ଜନ ସାହୁ, ହେମନ୍ତ ମହାନ୍ତି, ରଘୁନାଥ ସ୍ୱାଇଁ, ଭୁବନାନନ୍ଦ ସ୍ୱାଇଁ, ସୁଧାକର ସାହୁ, କପିଳ ଚରଣ ଜେନା, କ୍ଷେତ୍ରମୋହନ ସ୍ୱାଇଁ, ରଞ୍ଜନ ଖୁଣ୍ଟିଆ, ମଦନମୋହନ ଦାସ ପ୍ରମୁଖ ଉପସ୍ଥିତଥିଲେ। ଶେଷରେ ଗୌରାଙ୍ଗ ଚରଣ ପରିଡ଼ା ଧନ୍ୟବାଦ ଦେଇଥିଲେ।

### ମହିଳୋ ହାଇସ୍କୁଲ ୧୯୯୩ ବ୍ୟାଚ ରଜ ଉତ୍ସବ



**ତିର୍ତ୍ତୋଲ,୧୭।୬(ଡି.ଏନ.ଏ.):** ତିର୍ତ୍ତୋଲ ବ୍ଲକ ପଟିଲୋ ପଞ୍ଚାୟତ ମହିଳୋ ହାଇସ୍କୁଲର ୧୯୯୩ ବ୍ୟାଚ ଛାତ୍ରୀଛାତ୍ରଙ୍କ ଦ୍ୱାରା ସ୍ଥାନୀୟ ଖଣ୍ଡେଶ୍ୱର ମନ୍ଦିର ପରିସରରେ ରବିବାର ରଜ ଉତ୍ସବ ପାଳିତ ହୋଇଛି। ଏହି ଉପଲକ୍ଷେ ବାଗୁଡି, ପୁଚିଖେଳ, ନୃତ୍ୟ, ରଜଦୋଳି ଗୀତ, ରଜପାନ ଭଙ୍ଗା ପ୍ରଭୃତି ପ୍ରତିଯୋଗିତା କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମ ପରେ ମନ୍ଦିର ପରିସରରେ ବିଭିନ୍ନ ପ୍ରକାର ଚାରା ରୋପଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ରଞ୍ଜନ କୁମାର ଦାସ, ପ୍ରଦୀପ୍ତ ସାହୁ, ବିଭୂତି ଭୂଷଣ ରାଉତ, ସୁରେନ୍ଦ୍ର ଦାସ, ସତ୍ୟନାରାୟଣ ସ୍ୱାଇଁ, ସଂଘମିତ୍ରା ରାଉତ, ଛବିରାଣୀ ଦାସ, ନିରୁପମା ରାଉତ, ଦେଜିରାଣି ମହାନ୍ତି, ଅଶ୍ୱିନୀ ରଥ ପ୍ରମୁଖ ପରିଚାଳନା କରିଥିଲେ।

### ଆଠଗଡ଼ରେ ଡାକ୍ତରଙ୍କ ପ୍ରତୀକ ଆନ୍ଦୋଳନ

**ଆଠଗଡ଼,୧୭।୬(ସ୍ୱ.ପ୍ର.):** ପଶ୍ଚିମବଙ୍ଗରେ କାର୍ଯ୍ୟରତ ଡାକ୍ତରଙ୍କ ଉପରେ ହୋଇଥିବା ଆକ୍ରମଣକୁ ନେଇ ସାରାଦେଶରେ ସୋମବାର ଡାକ୍ତର ଆନ୍ଦୋଳନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଆଠଗଡ ଉପଖଣ୍ଡ ସରକାରୀ ଡାକ୍ତରଖାନାରେ କାର୍ଯ୍ୟରତ ସମସ୍ତ ଡାକ୍ତର ପ୍ରତୀକ ଆନ୍ଦୋଳନ କରିଛନ୍ତି। ଡାକ୍ତରମାନେ ଜରୁରୀ ଓ ଅତିଜରୁରୀ ରୋଗୀଙ୍କ ଚିକିତ୍ସା କରିଥିବାବେଳେ ଗୋଟିଏ ଦିନ ପାଇଁ ବହିର୍ବିଭାଗରେ ସେବା ବନ୍ଦ କରିଥିଲେ। ଏହି ଆନ୍ଦୋଳନ ଫଳରେ ରୋଗୀସେବା ଆଂଶିକ ପ୍ରଭାବିତ ହୋଇଥିବା ଦେଖା ଯାଇଥିଲା।

## ଧାନକୁଦ ପୀଠରେ ଶ୍ରୀଜୀଉଙ୍କ ସ୍ନାନଯାତ୍ରା



ଧାନକୁଦ ପୀଠରେ ଶ୍ରୀଜୀଉଙ୍କ ହାତୀ ବେଶ।

**ବିରିଡ଼ି,୧୭।୬(ଡି.ଏନ.ଏ.)**

ବିରିଡ଼ି ବ୍ଲକ ହାଜିପୁରସ୍ଥିତ ପବିତ୍ର ଧାନକୁଦ ପୀଠରେ ଥିବା ଶ୍ରୀଜଗନ୍ନାଥ ମନ୍ଦିରରେ ସୋମବାର ଦେବସ୍ନାନ ପୂର୍ଣ୍ଣିମା ଉପଲକ୍ଷେ ଶ୍ରୀଜୀଉଙ୍କ ସ୍ନାନଯାତ୍ରା ଓ ଗଜାନନ ବେଶ ଅନୁଷ୍ଠିତ ହୋଇଛି। ଭୋର ୪ଟାରୁ ଦ୍ୱାର ଫିଟାଯାଇ ମଙ୍ଗଳ ଆଳତୀ, ମଙ୍ଗଳାର୍ପଣ ନୀତି ସମ୍ପନ୍ନ କରାଯାଇଥିଲା। ପୂର୍ବାହ୍ନ ୮ଟାରେ ଶ୍ରୀଜୀଉମାନଙ୍କୁ ଧାଡ଼ି ପହଣ୍ଡିରେ ଅଣାଯାଇ ସ୍ନାନବେଦୀରେ ଉପବେଶନ କରାଯାଇଥିଲା। ପହଣ୍ଡିବେଳେ ମୁକ୍ତି ମଣ୍ଡପ ପଣ୍ଡିତମାନଙ୍କ ଦ୍ୱାରା ବେଦପାଠ କରାଯାଇଥିଲା। ଦଇତାପତି ସେବକଙ୍କ ଘଣ୍ଟ, ଘଣ୍ଟା, କାହାଳି ଓ ଶଙ୍ଖ ଧ୍ୱନୀ କସହ ଭକ୍ତମାନଙ୍କ ହରିବୋଲ ହୁଳହୁଳିରେ ମନ୍ଦିର ପରିସର ପ୍ରକମ୍ପିତ ହୋଇଯାଇଥିଲ। ସ୍ନାନ କୂପ ଜଳକୁ ପବିତ୍ର କରାଯିବା ପରେ ଅଗରୁ, ଚନ୍ଦନ କର୍ପୁର ଆଦି ପକାଯାଇ ଶ୍ରୀ ବଳଭଦ୍ରଙ୍କୁ ୩୫ ଗରା ଜଳ, ଶ୍ରୀଜଗନ୍ନାଥଙ୍କୁ ୩୩ ଗରା ଜଳ, ମା'ଶୁଭଦ୍ରାଙ୍କୁ ୨୨ଗରା ଜଳ ଓ ଚକ୍ରରାଜ ଶ୍ରୀସୁଦର୍ଶନଙ୍କୁ ୧୮ଗରା ଜଳରେ ସ୍ନାନ କରାଯାଇଥିଲା। ସ୍ନାନ ପରେ ଶ୍ରୀଜୀଉଙ୍କୁ ବେଶ କରାଯାଇଥିଲା। ପୀଠାଧିଶ ଆଚାର୍ଯ୍ୟ ବାବା ଅରକ୍ଷୀତ ଦାସ ମହାରାଜ ସ୍ନାନମଣ୍ଡପ ପରିକ୍ରମା ପରେ ଧାନକୁଦ ମନ୍ଦିର ରାଜା ପ୍ରମୋଦ କୁମାର ନନ୍ଦି ଛେରାପହଁରା କରିଥିଲେ। ଶ୍ରୀଜୀଉମାନଙ୍କୁ ଗଜାନନ ବେଶ କରାଯାଇ ଭୋଗଲାଗି ପରେ ସାଧାରଣ ଦର୍ଶନ ଲାଗି ସାହାଣମେଲା କରାଯାଇଥିଲା। ସନ୍ଧ୍ୟା ଆଳତୀ ପରେ ମହାସ୍ନାନ କରାଯାଇ ପୁଷ୍ପାଞ୍ଜଳି ଦିଆଯାଇ ଡୋରିଲାଗି କରାଯିବା ପରେ ପହଣ୍ଡି କରାଯାଇ ଅଣସର ଗୃହକୁ ଶ୍ରୀଜୀଉମାନଙ୍କୁ ନିଆଯାଇଥିଲା। ଏହି କାର୍ଯ୍ୟକ୍ରମକୁ ମନ୍ଦିରର ବିଶ୍ୱାବସୁ ବିଭୁଦତ୍ତ ସାହୁ, ମୁଦିରସ୍ତ ବିଜୟ କୁମାର ମିଶ୍ରଙ୍କ ସହ ମନ୍ଦିରର ସମସ୍ତ ଦଇତାପତିମାନେ ପରିଚାଳନା କରିଥିଲେ। ସେହିପରି ବିରିଡ଼ି ନୂଆପାରୀ ସ୍ଥିତ ଜଗତଗୁରୁ ରାମାନନ୍ଦାଚାର୍ଯ୍ୟ ସ୍ୱାମୀ ଅରୂପାନନ୍ଦଙ୍କ ପୀଠ, ବାରଡିଆ ସ୍ଥିତ ସିଦ୍ଧେଶ୍ୱର ଜଗନ୍ନାଥ ମନ୍ଦିର, ଅଡଙ୍ଗ ନାଇଲୋ ମହାପୁରୁଷ ଯଶୋବନ୍ତ ଗୋସ୍ୱାମୀଙ୍କ ପୀଠରେ ଶ୍ରୀ ଜୀଉମାନଙ୍କ ସ୍ନାନଯାତ୍ରା ଅନୁଷ୍ଠିତ ହୋଇଛି।

## ତଳମାଳ ବିକାଶ ମଞ୍ଚର ବନ୍ଦର ମହୋତ୍ସବ

**ବାଲିକୁଦା,୧୭।୬(ସ୍ୱ.ପ୍ର.)**

ବାଲିକୁଦା ବ୍ଲକ ମରିଚପୁର ପଞ୍ଚାୟତର ମା' ବନ୍ଦରେଇଙ୍କ ପୀଠରେ ତଳମାଳ ବିକାଶ ମଞ୍ଚ ପକ୍ଷରୁ ବନ୍ଦର ମହୋତ୍ସବ ପାଳିତ ହୋଇଛି। ମଞ୍ଚ ସଭାପତି ଡା. ଶଶାଙ୍କ ଶେଖର ସାହାଣିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସତ୍ୟପ୍ରକାଶ ନାୟକ ମୁଖ୍ୟଅତିଥି, ପ୍ରଶାନ୍ତ ରାଉତରାୟ, ସୁରେନ୍ଦ୍ର କୁମାର ସ୍ୱାଇଁ, ସମ୍ପାଦକ ବିଜୟ ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମରିଚିପୁର ବନ୍ଦରକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ମିଳିବା ନିମନ୍ତେ ଉଦ୍ୟମ କରିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଶଙ୍ଖ ବାଦନ, ହୁଳହୁଳି, ପୁଚି, ପୋଡପିଠା, ରଜ ପାନ ଭଙ୍ଗା ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଜ୍ୟୋତି ପ୍ରସନ୍ନ ମହାନ୍ତି, ଲିଙ୍ଗରାଜ ବିଶ୍ୱାଳ, କଣ୍ଠଶିଳ୍ପୀ ପ୍ରୀତିପାୟଲ ପ୍ରିୟଦର୍ଶିନୀ, ଯାତ୍ରା କଳାକାର ସପନ କରଣ, ସାହିତ୍ୟିକ ବ୍ରହ୍ମାନନ୍ଦ ବେହେରାଙ୍କୁ ଉତ୍ସବରେ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ତଳମାଳ ବିକାଶ ମଞ୍ଚ ସଂଯୋଜକ ରମେଶ ବହିରା ଅତିଥି ପରିଚୟ ପ୍ରଦାନ କରିଥିଲେ। ଦିବାକର ସେନାପତି, ଦିଲୀପ ବେହେରା, ଶେଷଦେବ ଜେନା ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ। ଶଙ୍ଖ ବାଦନରେ ଶୈଳବାଳା ମାହାର ପ୍ରଥମ ଓ ପ୍ରଭାତୀ ସ୍ୱାଇଁ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ହୁଳହୁଳି ପ୍ରତିଯୋଗିତାରେ ସଞ୍ଜୁକ୍ତା ପରିଡ଼ା ପ୍ରଥମ ଓ ଗୀତାରାଣି କାଣ୍ଡି ଦ୍ୱିତୀୟ ସ୍ଥାନ ଅଧିକାର କରି ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ।

## ଡାକ୍ତରଙ୍କୁ ଆକ୍ରମଣ ଘଟଣାକୁ ଜଗତ୍‌ସିଂହପୁରରେ ବିରୋଧ




ଆନ୍ଦୋଳନରେ ସାମିଲ ହୋଇଥିବା ଜଗତ୍‌ସିଂହପୁର ଜିଲାର ଡାକ୍ତରମାନେ।

**ଜଗତ୍‌ସିଂହପୁର ଅଫିସ,୧୭।୬**

କଲିକତାସ୍ଥିତ ଏନ୍‌ଆର୍‌ଏସ୍ ମେଡିକାଲ କଲେଜର ଜଣେ କନିଷ୍ଠ ଡାକ୍ତରଙ୍କୁ ଗତ ୧୦ ତାରିଖରେ ଆକ୍ରମଣ ହୋଇଥିଲା। ଏହାକୁ ବିରୋଧ କରି ସାରା ଦେଶରେ ଡାକ୍ତରମାନେ ପ୍ରତିବାଦ କରିଥିବାବେଳେ ଇଣ୍ଡିଆନ୍ ମେଡିକାଲ ଆସୋସିଏଶନ୍(ଆଇଏମ୍‌ଏ) ନିଷ୍ପତ୍ତିକୁ ସମର୍ଥନ ଜଣାଇ ଜଗତ୍‌ସିଂହପୁର ଜିଲାର ଡାକ୍ତରମାନେ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ କଳାବ୍ୟାଚ୍ ପରିଧାନ କରି ପ୍ରତିବାଦ କରିଥିଲେ। ଏଥିସହ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଏଥିରେ ଡାକ୍ତରଙ୍କ ସୁରକ୍ଷା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ପ୍ରତିବାଦ ସଭାରେ ଆଇଏମ୍‌ଏ ଜଗତ୍‌ସିଂହପୁର ଶାଖା ସଭାପତି ଅଜୟ କୁମାର ବୈଠାରୁ, ଅଚ୍ୟୁତ ମହାନ୍ତି, ରଘୁନାଥ ଜେନା, ବସନ୍ତ କୁମାର ବସ୍ତିଆ, ସରୋଜ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତା ୧୭ରେ ଆନ୍ଦୋଳନ କରାଯିବ ବୋଲି ସୂଚନା ଦିଆଯାଇଛି।

## ବିବି ହାଇସ୍କୁଲର ୧୯୮୨ ବ୍ୟାଚ୍ ବନ୍ଧୁ ମିଳନ

**କୁଜଙ୍ଗ,୧୭।୬(ସ୍ୱ.ପ୍ର)**

କୁଜଙ୍ଗ ବିବି ହାଇସ୍କୁଲର ୧୯୮୨ ମାଟ୍ରିକ ବ୍ୟାଚର ବନ୍ଧୁ ମିଳନ ଓ ବିଦ୍ୟାଳୟ ନୂତନ ଫାଟକ ଉଦ୍‌ଘାଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ରବିବାର ବିଦ୍ୟାଳୟ ପରିସରରେ ଜ୍ୟୋତିର୍ମୟୀ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ପ୍ରାକ୍ତନ ଶିକ୍ଷକ ପଣ୍ଡିତ ଉପନ୍ଦ୍ରେନାଥ ମିଶ୍ର, ଦୀନବନ୍ଧୁ ସେନାପତି, ଶିକ୍ଷକ ସରୋଜ ବେହେରା ପ୍ରମୁଖ ଏହି ଅନୁଷ୍ଠାନର ଗରିମାମୟ ଐତିହ୍ୟ ସମ୍ପର୍କରେ କହିଥିଲେ। ତରୁଣ ସାମନ୍ତରାୟ, ନବୀନ ଦାସ, ରଶ୍ମୀରଞ୍ଜନ ଦାସ, ଅଲେଖ ରାଉତ, ପ୍ରତାପ ସାହୁ, ଗୌରହରି ପ୍ରଧାନ, କାଞ୍ଚନ ଦାସ ପ୍ରମୁଖ ବ୍ୟାଚ୍‌ର ସମସ୍ତ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।




ବନ୍ଧୁମିଳନ ଉତ୍ସବରେ ଉପସ୍ଥିତ ଅତିଥି।

## ରଜ ମହୋତ୍ସବ ଉଦ୍‌ଯାପିତ

**ବିରିଡ଼ି,୧୭।୬(ଡି.ଏନ.ଏ.)**

ବିରିଡ଼ି ବ୍ଲକ ୨୨ମୌଜା ପୁରଣ ପଞ୍ଚାୟତ ମାଇନ୍ଦିପୁର କମଳପୁରଠାରେ ଥିବା ଜନାର୍ଦ୍ଦନ ଶିଶୁ ଉଦ୍ୟାନ କମିଟି ପକ୍ଷରୁ ଚାଲିଥିବା ୩ୟ ବାର୍ଷିକ ରଜ ମହୋତ୍ସବ ରବିବାର ଉଦ୍‌ଯାପିତ ହୋଇଛି। କବିରାଜ ବିଭୁତି ଭୁଷଣ ଦାଶଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ଜଗତ୍‌ସିଂହପୁର ଏଡିଏମ ସଚ୍ଚିଦାନନ୍ଦ ସାହୁ ମୁଖ୍ୟଅତିଥି, ହିମାଂଶୁ ଆଚାର୍ଯ୍ୟ, ଅଭିନେତ୍ରୀ ଈଷା ଦେବର୍ତ୍ତୀ, ଶ୍ରାବଣୀ ପଣ୍ଡା, ଡିସ୍କୋରେଡି ନିର୍ଦ୍ଦେଶକ ଦିଲୀପ ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ରଜ ମହୋତ୍ସବର ମହାନତା ଉପରେ ଆଲୋକପାତ କରିଥିଲେ। ଏହି ପରିପ୍ରେକ୍ଷୀରେ ଅନୁଷ୍ଠାନ ପକ୍ଷରୁ ମ୍ୟୁଜିକ ଚେୟାର, ପଚି, ବାଗୁଡ଼ି ଖେଳ ସହ ହୁଳହୁଳି ଓ ନୃତ୍ୟ ପ୍ରତିଯୋଗିତା କରାଯାଇଥିଲା। ପ୍ରିୟା ଓ ସତ୍ୟ ପଟ୍ଟନାୟକ ମହୋତ୍ସବ ସଂଯୋଜନା କରିଥିଲେ। ଅନୁଷ୍ଠାନର ଅଧକ୍ଷ ଡା. ଶୁଭ କୁମାର ଦାଶ ସମ୍ପାଦକୀୟ ବିବିରଣୀ ପାଠ କରିଥିଲେ। ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ ସତ୍ୟ ପଟ୍ଟନାୟକ। ଗ୍ରାମାଞ୍ଚଳର ନୃତ୍ୟ ପ୍ରତିଯୋଗୀଙ୍କ ନୃତ୍ୟ ପ୍ରତିଭା ଦେଖି ଅତିଥିମାନେ ଚକିତ ହୋଇପଡିଥିଲେ। ଗ୍ରାମାଞ୍ଚଳରେ ଏଭଳି ପ୍ରତିଭା ଲୁଚି ରହିଥିବା ବିଶ୍ୱାସ କରିହେଉନାହିଁ ବୋଲି ସେମାନେ ପ୍ରକାଶ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅନୁଷ୍ଠାନର ସଭାପତି ବିଶ୍ୱଜିତ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।



ରଜ ମହୋତ୍ସବରେ ଅତିଥିଙ୍କ ସହ କୃତୀ ପ୍ରତିଯୋଗୀ।

## ବିଶ୍ୱ ମରୁଭୂମି ନିରାକରଣ ଦିବସ

**ଆଠଗଡ଼,୧୭।୬(ସ୍ୱ.ପ୍ର.):** ଆଠଗଡ଼ ବନଖଣ୍ଡ ପକ୍ଷରୁ ସୋମବାର ବିଶ୍ୱ ମରୁଭୂମି ନିରାକରଣ ଦିବସ ପାଳିତ ହୋଇଯାଇଛି। ବନଖଣ୍ଡ ଅଧିକାରୀ ସସ୍ମିତା ଲେଙ୍କାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ବିଭାଗୀୟ ଅଧିକାରୀ, ବିଭିନ୍ନ ବନସୁରକ୍ଷା ସମିତି କର୍ମକର୍ତ୍ତା ଓ ବୁଦ୍ଧିଜୀବୀମାନେ ଯୋଗଦେଇ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ସେମାନେ କହିଥିଲେ, ୧୯୯୪ମସିହାର ଆଜିର ଦିନରେ ମରୁଭୂମିକୁ ସବୁଜ ସୁନ୍ଦର କରିବା ପାଇଁ ପରିକଳ୍ପନା କରାଯାଇଥିଲା। ଚଳିତବର୍ଷ ଏହି ଯୋଜନାର ୨୫ବର୍ଷ ପୂର୍ତ୍ତି ପାଳିତ ହୋଇଛି। ପରିବେଶର ସୁରକ୍ଷା ପାଇଁ ସବୁଜ ବନାନୀ ହିଁ ଏକମାତ୍ର ମାଧ୍ୟମ। ଏହି ଦୃଷ୍ଟିକୋଣରୁ ସର୍ବତ୍ର ବୃକ୍ଷମୟ ହେବା ଅତି ଜରୁରୀ। ବିଶ୍ୱର ଅନେକ ମରୁଭୂମିରେ ଚାରାରୋପଣ କରାଯାଇଥିବା ବନଖଣ୍ଡ ଅଧିକାରୀ ସୁଶ୍ରୀ ଲେଙ୍କା ସୂଚନା ପ୍ରଦାନ କରିଥିଲେ।

## ସମୁଦ୍ରରେ ବଢ଼ିଲା ଚୋରା ତେଲ ବ୍ୟବସାୟ

**ପାରାଦୀପ,୧୭।୬(ସ୍ୱ.ପ୍ର.)**

- ମାଛଧରା କଟକଣା ହଟିବା ପରେ ସମୁଦ୍ରକୁ ଗଲା ଟ୍ରଲର
- ସକ୍ରିୟ ହେଲେ ଚୋରା ବ୍ୟବସାୟୀ

ଦୀର୍ଘ ୨ ମାସ ଧରି ଜାରି ହୋଇଥିବା ସାମୁଦ୍ରିକ କଟକଣା ଗତ ୧୪ ତାରିଖ ରାତିରେ ହଟିବା ପରେ ଏବେ ସମୁଦ୍ରରେ ଜୋରଦାର ମାଛଧରା ଚାଲିଛି। ଶତାଧିକ ମାଛଧରା ଟ୍ରଲର ସମୁଦ୍ରରେ ଘୁରି ବୁଲୁଛନ୍ତି। ଏସବୁକୁ ଦୃଷ୍ଟିରେ ରଖି ସମୁଦ୍ରରେ ଚୋରା ତେଲ ବ୍ୟବସାୟୀମାନେ ମଧ୍ୟ ସକ୍ରିୟ ହୋଇପଡିଛନ୍ତି। ପାରାଦୀପ ମାଛଧରା ବନ୍ଦରରୁ ମତ୍ସ୍ୟଜୀବୀମାନେ ଶତାଧିକ ଟ୍ରଲର ଯୋଗେ ସମୁଦ୍ରକୁ ଯାଇ ମାଛ ଧରୁଛନ୍ତି। ଅନେକ ସମୟରେ ଟ୍ରଲରଗୁଡିକରେ ତେଲ ଅଭାବ ଦେଖାଦେଇଥାଏ। ତେଣୁ ସେଗୁଡିକୁ ଚୋରା ତେଲ ଯୋଗାଇ ବେଶ୍ ଲାଭବାନ ହେଉଛନ୍ତି ସମ୍ପୃକ୍ତ ଚୋରା ବ୍ୟବସାୟୀମାନେ। ବଜାର ଦରଠାରୁ ସେମାନେ ଲିଟର ପିଛା ୧୦ରୁ ୧୨ଟଙ୍କା କମ୍‌ରେ ବିକ୍ରି କରୁଛନ୍ତି। ଏଥିଯୋଗୁ ଅଧିକାଂଶ ଟ୍ରଲର ମାଲିକ ସେହି ତେଲକୁ ଅପେକ୍ଷା କରିଥାନ୍ତି। ୪ଟି ଡଙ୍ଗା ମହାନଦୀ ଓ ସମୁଦ୍ର ସୀମାରେ ଏପରି ଚୋରା ତେଲ ବ୍ୟବସାୟ କରୁଛନ୍ତି। କୌତୁହଳର କଥା ହେଲା ଏହି ଚୋରା ତେଲ ସମ୍ପୃକ୍ତ ବ୍ୟବସାୟୀଙ୍କୁ ସମୁଦ୍ରରେ ହିଁ ମିଳିଯାଉଛି। ପଣ୍ୟବାହୀ ଜାହାଜ, ବନ୍ଦରରେ ନିୟୋଜିତ ଅନେକ ଟଗ୍‌ବୋଟ, ଏସ୍‌ପିଏମ୍(ସିଙ୍ଗଲ ପଏଣ୍ଟ ମୋରିଂ ସିଷ୍ଟମ)କୁ ଯାତାୟାତ କରୁଥିବା ଘରୋଇ ବୋଟ୍ ଓ ପଣ୍ୟ କାରବାରରେ ସମ୍ପୃକ୍ତ ଅନ୍ୟ ବୋଟ୍‌ଗୁଡ଼ିକ ପ୍ରାୟତଃ ତେଲ ଚୋରାରେ ବିକ୍ରି କରିଥାନ୍ତି। ସେହି ତେଲ ଅଧା ମୂଲ୍ୟରେ କିଣି ସମ୍ପୃକ୍ତ ବ୍ୟବସାୟୀମାନେ ମାଛଧରା ଟ୍ରଲରକୁ ବିକ୍ରି କରିଥାନ୍ତି।

ଏଥିସହିତ ବନ୍ଦର ସହିତ ସମ୍ପୃକ୍ତ ତୈଳ ପାଇପ୍ ଲାଇନ୍‌ରୁ ମଧ୍ୟ ଚୋରା ତେଲ ସଂଗ୍ରହ କରିଥାନ୍ତି। ଗତ ୨ ମାସ ମାଛଧରା ବନ୍ଦ ଥିବାରୁ ଚୋରା ବ୍ୟବସାୟୀମାନେ ନୀରବ ଥିଲେ। ସେମାନେ ଗଚ୍ଛିତ ରଖିଥିବା ତେଲ ଏବେ ପ୍ରଚୁର ମାତ୍ରାରେ ବିକ୍ରି କରି ଚାଲିଛନ୍ତି। ସେହିପରି ଏହି ବେପାରୀମାନେ ମୋବାଇଲ୍ ସିମ୍ କାର୍ଡ ଓ ସ୍କ୍ରାବ୍ ବେପାର ମଧ୍ୟ ଚଳାଇଛନ୍ତି। ପ୍ରକାଶ ଯେ, ସମୁଦ୍ରରେ ଆଙ୍କରେଜ ଏରିଆରେ ପଣ୍ୟବାହୀ ଜାହାଜଗୁଡ଼ିକ ବନ୍ଦରକୁ ପ୍ରବେଶ କରିବା ପାଇଁ ୨ରୁ ୧୦ ଦିନ ପର୍ଯ୍ୟନ୍ତ ଅପେକ୍ଷା କରିଥାନ୍ତି। ସେତେବେଳେ ଜାହାଜରେ ଥିବା ବିଦେଶୀ ନାବିକମାନେ ପରିବାର ଲୋକଙ୍କ ସହ କଥା ହେବା ପାଇଁ ଭାରତୀୟ ମୋବାଇଲ ସିମ୍ ଆବଶ୍ୟକ କରିଥାନ୍ତି। ସେହି ନାବିକମାନଙ୍କୁ ଚୋରା ବ୍ୟବସାୟୀମାନେ ସିମ୍ ଦେଇ ତେଲ, ସ୍କ୍ରାବ ଓ ଅବକାରୀ ସାମଗ୍ରୀ ସଂଗ୍ରହ କରିଥାନ୍ତି। ସେହି ତେଲ ଓ ଅନ୍ୟ ସାମଗ୍ରୀକୁ ବିକ୍ରି କରି ବେଶ୍ ଲାଭ ପାଇଥାନ୍ତି ବୋଲି ଜଣେ ଚୋରା ବ୍ୟବସାୟୀ କହିଛନ୍ତି। ଏହି ବ୍ୟବସାୟକୁ ରୋକିବା ପାଇଁ ମେରାଇନ ପୋଲିସ, କୋଷ୍ଟଗାର୍ଡ, ନୌସେନା, ସିଆଇଏସ୍‌ଏଫ୍ ଭଳି ସଂସ୍ଥା ଥିଲେ ହେଁ ଏହାର କୌଣସି ପ୍ରଭାବ ପଡୁନାହିଁ। ବେନାମୀ ମୋବାଇଲ ସିମ କାର୍ଡ ବିକିବା ଘଟଣା ଦେଶ ସୁରକ୍ଷା କ୍ଷେତ୍ରରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ସଂକ୍ଷେପରେ

### ଅପହୃତ ମାନସିକ ଭିନ୍ନକ୍ଷମ ବ୍ୟକ୍ତି ଗୋପରୁ ଉଦ୍ଧାର

**ପଟ୍ଟାମୁଣ୍ଡାଇ, ୧୭।୬ (ସ୍ୱ.ପ୍ର.):** ପଟ୍ଟାମୁଣ୍ଡାଇ ମହାବୀର ବଜାରସ୍ଥିତ ସ୍ୱର୍ଗତ କାଶୀନାଥ ସାହୁଙ୍କ ମାନସିକ ଭିନ୍ନକ୍ଷମ ନାତି ଆଲୋକ ସାହୁ(୪୫)ଙ୍କୁ ସମ୍ପତ୍ତି ଲୋଭରେ ଗତ ୧୧ ତାରିଖରେ ଅପହରଣ କରିନିଆଯାଇଥିଲା। ମହାବୀର ବଜାର କମିଟିର ସଦସ୍ୟଙ୍କ ପକ୍ଷରୁ ପଟ୍ଟାମୁଣ୍ଡାଇ ଥାନାରେ ଏତଲା ଦିଆଯାଇଥିଲା। ଏ ନେଇ କୌଣସି ମାମଲା ରୁଜୁ ହୋଇ ନ ଥିବାବେଳେ ପୋଲିସ ଘଟଣାର ତଦନ୍ତ କରି ଆଲୋକ ପୁରୀ ଜିଲା ଗୋପ୍ ଥାନାରେ ରହିଥିବା ସୂଚନା ଦେଇଥିଲେ । ଆଇଏଚ୍ଆରସି କେନ୍ଦ୍ରାପଡା ଜିଲାମୁଖ୍ୟ ପ୍ରତାପ ପାଢ଼ୀଙ୍କ ଯୋଗାଯୋଗ ପରେ ପଟ୍ଟାମୁଣ୍ଡାଇ ଥାନା ଆଇଆଇସି ରାକେଶ କୁମାର ତ୍ରିପାଠୀଙ୍କ ନିର୍ଦ୍ଦେଶରେ ଗତ ୧୪ ତାରିଖରେ ଆଲୋକଙ୍କୁ ଉଦ୍ଧାର କରି ପଟ୍ଟାମୁଣ୍ଡାଇକୁ ଫେରାଇ ଅଣାଯାଇଥିଲା। ତେବେ ତାଙ୍କ ଅପହରଣ ପଛରେ କିଏ ରହିଛି ସେନେଇ ଅଦ୍ୟାବଧି କୌଣସି ସୂଚନା ମିଳି ନାହିଁ। ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସାମାଜିକ କର୍ମୀ ନିରଞ୍ଜନ ଦାସ, ଶତ୍ରୁଘ୍ନ ପାତ୍ର, ରାଜୀବ ଖଣ୍ଡାୟୀ, ରଞ୍ଜନ ଦାସ, ଅଲେଖ ଜେନା, ସନ୍ତୋଷ ଦାସ ଓ ଚନ୍ଦ୍ରଭାନୁ କର ପ୍ରମୁଖ ଦାବି କରିଛନ୍ତି।

### ନିଆରା ଢଙ୍ଗରେ ରଜ ମହୋତ୍ସବ

ଡେରାବିଶ, ୧୭।୬ (ସ୍ୱ.ପ୍ର.): ଗତ କିଛି ଦିନ ତଳେ ଗୁଜୁରାଟର ସୁରଟଠାରେ ଏକ କୋଚିଂ ସେଣ୍ଟରରେ ନିଆଁ ଲାଗିଯିବା ଫଳରେ ୧୫ଜଣ ଛାତ୍ରୀଛାତ୍ରଙ୍କ ମୃତ୍ୟୁ ଘଟିଛି। ଏଥିସହ ଅନେକ ସମୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ମଧ ଭୟାବହ ଅଗ୍ନିକାଣ୍ଡ ଘଟି ବହୁ ଧନଜୀବନ ହାନି ଘଟୁଥିବା ନଜିର ରହିଛି। ତେବେ ଏହି ଅଗ୍ନିକାଣ୍ଡରୁ ନିଜେ ବଞ୍ଚିବା ଓ ଅନ୍ୟକୁ ସହଯୋଗ କରିବା ପାଇଁ ଡେରାବିଶ ବ୍ଲକ ଦାନପୁର ପଞ୍ଚାୟତ ଅଧୀନ ନରସିଂହପୁର ଗ୍ରାମରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ପଲ୍ଲୀଶ୍ରୀ ସାଥୀ ସଂଘ ପକ୍ଷରୁ ଏହି ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସଚେତନତା ଅଭାବ ଓ ଅନେକ ସ୍ଥାନରେ ଅଗ୍ନି ନିର୍ବାପନ ବ୍ୟବସ୍ଥା ନ ଥିବାରୁ ଭୟାବହ ଅଗ୍ନିକାଣ୍ଡ ଘଟି ଧନଜୀବନ କ୍ଷତି ଘଟାଉଛି ବୋଲି ଏଠାରେ ଆଲୋଚନା ହୋଇଥିଲା। ଏହି ଅବସରରେ ପ୍ରଶିକ୍ଷକ ପ୍ରଶାନ୍ତ ନାୟକ ଯୋଗଦେଇ ନିଆଁ ଲିଭାଇବାର କେତେକ କୌଶଳ ସମ୍ପର୍କରେ ଅବଗତ କରାଇଥିଲେ। ଏ ସମ୍ପର୍କିତ ଏକ ସଚେତନତା ଭିତ୍ତିକ ନାଟକ ଗ୍ରାମର ଯୁବତୀଯୁବକଙ୍କ ଦ୍ୱାରା ପରିବେଶଣ କରାଯାଇଥିଲା।

### ୧୯୯୫ ସ୍ନାତକ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ



**ଆଳି, ୧୭।୬ (ଡି.ଏନ୍.ଏ.):** ଆଳି ମହାବିଦ୍ୟାଳୟର ୧୯୯୫ ବ୍ୟାଚ ସ୍ନାତକ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ ଉତ୍ସବ ଇତିମଧ୍ୟରେ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ରୀଛାତ୍ରଙ୍କ ପକ୍ଷରୁ ଆୟୋଜିତ ଏହି ଉତ୍ସବରେ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ଅର୍ଜୁନ ବିଶ୍ୱାଳ, ବର୍ତ୍ତମାନର ଅଧକ୍ଷ ଚନ୍ଦ୍ରଶେଖର ନାୟକ, ଅଧାପକ ପ୍ରଫୁଲ୍ଲ କୁମାର ପରିଡ଼ା, ଦୁର୍ଯ୍ୟୋଧନ ମଲିକ, ଆଦିକନ୍ଦ ପଣ୍ଡା, ରାଜକିଶୋର ବେହେରା ଓ ପୂର୍ବତନ ଅଧାପକ ରାଜେନ୍ଦ୍ର ସାହୁ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ପୁରାତନ ଛାତ୍ରୀଛାତ୍ରମାନେ ଗୁରୁମାନଙ୍କୁ ପୂଜା କରିବା ସହିତ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ପୁରାତନ ଛାତ୍ର ସୁବ୍ରତ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଅତିଥି ଓ ଛାତ୍ରୀଛାତ୍ରମାନେ କଲେଜ ସମୟର ବିଭିନ୍ନ ସ୍ମୃତି ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରିୟରଞ୍ଜନ ମହାନ୍ତି, ବିଜୟ ସେନାପତି, ସୁଶାନ୍ତ ମଲିକ, ଶଶାଙ୍କ ସେଠୀ, ବିନୋଦ ଦାସ, ଗଙ୍ଗାଧର ମିଶ୍ର, ହେମନ୍ତ ମହାନ୍ତି, ପ୍ରତ୍ୟୁଷ ସୁବୁଦ୍ଧି, ରମେଶ ରାଉତ, ଦୀପକ ରାଉତ, କୃଷ୍ଣ ଦାଶ, ପ୍ରତାପ ସାମଲ, ଜ୍ୟୋତିର୍ମୟ ରାଉତ, ସକୁନ୍ତଳା ଦାଶ, ମମତା ସ୍ୱାଇଁ, କବିତା ସ୍ୱାଇଁ, ଦେବପ୍ରିୟା ଷଡ଼ଙ୍ଗୀ, ମମତା ସାହୁ, ପ୍ରଦୀପ ପଢ଼ିହାରୀ ଓ ସୁଶାନ୍ତ ନନ୍ଦ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଗଜ ବେଶରେ ଦର୍ଶନ ଦେଲେ ଶ୍ରୀଜୀଉ

**କେନ୍ଦ୍ରାପଡା ଅଫିସ, ୧୭।୬**

ଦେବସ୍ନାନ ପୂର୍ଣ୍ଣିମା ଉପଲକ୍ଷେ କେନ୍ଦ୍ରାପଡା ଜିଲା ଇଚ୍ଛାପୁରସ୍ଥିତ ଶ୍ରୀ ବଳଦେବଜୀଉ ମନ୍ଦିର ପରିସରରେ ସୋମବାର ଚତୁର୍ଦ୍ଧାମୂର୍ତ୍ତିଙ୍କ ଗଜବଦନ ବେଶ ଅନୁଷ୍ଠିତ ହୋଇଯାଇଛି। ସ୍ନାନ ମଣ୍ଡପରେ ଶ୍ରୀଜୀଉଙ୍କ ସ୍ନାନ ନୀତି ସମ୍ପନ୍ନ ହେବା ପରେ ଗଜବଦନ ବେଶ ହୋଇଥିଲା। ଏଥିସହ ରଥଯାତ୍ରା ପାଇଁ ବ୍ରହ୍ମ ନନ୍ଦିଘୋଷର ୨ ନୂତନ ଚକ ମନ୍ଦିର ବାହାର ରଥଖଳାଠାରେ ଡେରାଲାଗି ହୋଇଛି । ଶ୍ରୀଜୀଉଙ୍କ ଏହି ସ୍ନାନନୀତି ପାଇଁ ଶ୍ରଦ୍ଧାଳୁଙ୍କ ଭିଡ ମନ୍ଦିର ପରିସର ଓ ବାହାରେ ସକାଳୁ ରାତି ଯାଏ ଦେଖିବାକୁ ମିଳିଥିଲା । ଶ୍ରୀଜୀଉଙ୍କ ପୀଠରେ ଘଣ୍ଟ, ଘଣ୍ଟା, କାହାଳି, ମର୍ଦ୍ଦଳର ଗୁରୁଗମ୍ଭୀର ସ୍ୱର ସହ ମନ୍ତ୍ର ଉଚ୍ଚାରଣ ଭକ୍ତଜନ ମନରେ ଶିହରଣ ସୃଷ୍ଟି କରିଥିଲା। ଆଲଟ ଚାମରରେ ଶ୍ରୀଜୀଉଙ୍କୁ ମନ୍ଦିର ସେବାୟତମାନେ ସେବା କରିଥିଲେ।

ମନ୍ଦିର ସେବାୟତ ନୃସିଂହ ପ୍ରସାଦ ପତ୍ରୀଙ୍କ ସୂଚନା ଅନୁଯାୟୀ, ରବିବାର ରାତିରେ ବଡସିଂହାର ବେଶ ପରେ ୩ ଠାକୁର ଚକା (ରତ୍ନସିଂହାସନ) ଛାଡ଼ିଥିଲେ। ଏହି ସମୟରେ ଶ୍ରୀଜୀଉଙ୍କୁ ଉଲାଗି କରାଯାଇଥିଲା। ଏହା ପୂର୍ବରୁ ମନ୍ଦିର ବେଢ଼ା ମଧରେ ଥିବା ବାମ୍ଫିରୁ ସେବାୟତମାନେ ୧୦୮ କଳସ ପବିତ୍ର ଜଳ ସଂଗ୍ରହ କରିଥିଲେ। ଏହାକୁ ରାଜ ପୁରୋହିତଙ୍କ ଦ୍ୱାରା ଅଭିମନ୍ତ୍ରିତ କରାଯିବା ପରେ ହରିଡ଼ା, ଯବ, ଚନ୍ଦନ, ଜାଇଫଳ ଆଦି ଔଷଧୀୟ ଦ୍ରବ୍ୟ ଓ ସୁଗନ୍ଧିତ ଅତର ମିଶ୍ରଣ କରାଯାଇଥିଲା। ଏହି କଳସକୁ ମୁକ୍ତିମଣ୍ଡପରେ ରଖା ଯାଇଥିଲା । ଏହି ଅବସରରେ ଠାକୁରମାନଙ୍କୁ ରତ୍ନସିଂହାସନରୁ ଅଣାଯାଇ ମନ୍ଦିର ଭୋଗ ମଣ୍ଡପଠାରେ ବିଜେ ପଣ୍ଡାଙ୍କ ଦ୍ୱାରା ସେନାପଟା ବେଶରେ ସଜ୍ଜିତ କରାଯାଇଥିଲା । ସୋମବାର ପ୍ରତ୍ୟୁଷରୁ ରାଜ ପୁରୋହିତଙ୍କ ପୁଷ୍ପାଞ୍ଜଳି ନୀତି ପରେ ମନ୍ଦିର ପ୍ରଶାସନ ପକ୍ଷରୁ ଠାକୁରଙ୍କୁ ରାଜଭେଟି ଅର୍ପଣ କରାଯାଇଥିଲା । ୩ ଠାକୁରଙ୍କ ଡୋରିଫିଟାଯାଇ ଧାଡ଼ିପହଣ୍ଡିରେ ସ୍ନାନବେଦୀକୁ ବିଜେ କରାଯାଇଥିଲା । ସ୍ନାନବେଦୀରେ ମହେଶ୍ୱର ପତ୍ରୀ, ବାଇଧର କର, ସୁରେଶ ପତ୍ରୀ ପୂଜାପଣ୍ଡାଙ୍କ ଦ୍ୱାରା ମହାପ୍ରଭୁଙ୍କ ମଙ୍ଗଳ ଆଳତି ସହ ନୀତିସ୍ନାନ କରାଯାଇଥିଲା । ପରେ ପୂର୍ବ ରାତ୍ରିରୁ ସଂଗୃହୀତ ହୋଇ ରହିଥିବା ଅଭିମନ୍ତ୍ରିତ ୧୦୮ କଳସ ଜଳ ମହାପ୍ରଭୁଙ୍କ ଶ୍ରୀଚରଣରେ ଲାଗି କରାଯାଇଥିଲା । ଏହି ଅବସରରେ ପୂଜା ନୀତି ଅନୁଯାୟୀ ଚନ୍ଦନ ସ୍ନାନ କରାଯାଇଥିଲା । ସ୍ନାନ ବେଦୀ ଉପରେ ଶ୍ରୀଜୀଉଙ୍କୁ ଦଶ ଉପଚାରରେ ବଲ୍ଲଭ ମଣୋହି ଲାଗି ହୋଇଥିଲା । ଦିନ ପ୍ରାୟ ୧ଟା ବେଳକୁ ଶ୍ରୀଜୀଉଙ୍କୁ ମଙ୍ଗଳାର୍ପଣ କରାଯାଇ ଏକମାତ୍ର ଖେଚୁଡ଼ି ଧୂପ ସ୍ନାନବେଦୀ ଉପରେ ସମ୍ପନ୍ନ ହୋଇଥିଲା । ଅପରାହ୍ନ ୨ଟାରେ ଶ୍ରୀବଳଦେବଜୀଉ ଓ ଶ୍ରୀଜଗନ୍ନାଥଙ୍କୁ ଗଜବଦନ ବେଶ କରାଯାଇଥିଲା । ସେହିପରି ମା'ସୁଭଦ୍ରା ପଦ୍ମରେ ବିଭୂଷିତ ହୋଇଥିଲେ । ସ୍ନାନବେଦୀରେ ଶ୍ରୀଜୀଉମାନେ କାଠି ନୋଳ ମସ୍ତକରେ ଧାରଣ କରିଥିବା ବେଳେ ଶ୍ରୀଜୀଉ ଗଜାନନ ବେଶରେ ସୋଲ ମୁକୁଟ ପରିଧାନ କରିଥିବା ଦେଖାଯାଇଥିଲା ଅପରପକ୍ଷେ ପାରମ୍ପରିକ ରୀତିନୀତିରେ ରଥଖଳାରୁ ନୂତନ ଚକ ଦୁଇଟିକୁ ଅଖ ନିକଟକୁ ଅଣାଯାଇଥିଲା । ପୂଜାପଣ୍ଡାମାନେ ଆଜ୍ଞାମାଳ ଦେବା ପରେ ଅପରାହ୍ନରେ ରଥଯାତ୍ରା ପାଇଁ ଥିବା ଅରରେ ଡେରା ଲାଗି ହୋଇଥିଲା । ଶ୍ରୀଜୀଉଙ୍କ ଗଜାନନ ବେଶ ଓ ଚକ ଡ଼େରାଲାଗି ଦେଖିବା ପାଇଁ ବହୁ ଭକ୍ତଙ୍କ ସମାଗମ ହୋଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ବ୍ୟାପକ ପୋଲିସ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା ।



ତୁଳସୀକ୍ଷେତ୍ରାଧିପତି ବଳଦେବଜୀଉଙ୍କ ଗଜବଦନ ବେଶ।

## ମୁଖ୍ୟମନ୍ତ୍ରୀଙ୍କ ଗସ୍ତର ଏପାଖସେପାଖ

ଦେବସ୍ନାନ ପୂର୍ଣ୍ଣିମା ଉପଲକ୍ଷେ ତୁଳସୀ କ୍ଷେତ୍ରାଧିପତି ଶ୍ରୀ ବଳଦେବଜୀଉଙ୍କ ସ୍ନାନ ପୂର୍ଣ୍ଣିମା ଓ ଗଜାନନ ବେଶ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍ନାନ ମଣ୍ଡପରେ ଶ୍ରୀଜୀଉଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦର୍ଶନ କରିଥିଲେ।

### ଦେଢ଼ମାସରେ ଶ୍ରୀ ଜୀଉଙ୍କୁ ଦୁଇଥର ଦର୍ଶନ

ବିଜେଡି ରାଜ୍ୟରେ ସରକାର ଗଠନ କରିବା ଇତିମଧ୍ୟରେ ୨୦ ବର୍ଷ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ରାପଡା ଜିଲାରେ ବାରମ୍ବାର ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ, ଶିଳାନ୍ୟାସ ଆଦି କରିଛନ୍ତି । ତେବେ ଗତ ଦେଢ଼ମାସ ପୂର୍ବରୁ ସେ ଶ୍ରୀ ବଳଦେବଜୀଉଙ୍କ ମନ୍ଦିରକୁ ଆସି ନ ଥିଲେ । ୨୦୧୯ ସାଧାରଣ ନିର୍ବାଚନର ଭୋଟ ପ୍ରଚାର ଶେଷ ୨ ଦିନ ଜିଲାରେ ରହି ରୋଡଶୋ କରିବା ଅବସରରେ ଏପ୍ରିଲ ୨୭ରେ ସେ ପ୍ରଥମ ଥର ପାଇଁ ଶ୍ରୀଜୀଉଙ୍କ ଦର୍ଶନ କରିଥିଲେ । ଏବେ ଦ୍ୱିତୀୟଥର ପାଇଁ ଶ୍ରୀଜୀଉଙ୍କୁ ଦର୍ଶନ କରିବା ସହ ମନ୍ଦିରର ଉନ୍ନତୀକରଣ ପାଇଁ ଅର୍ଥ ମଞ୍ଜୁର କରିଛନ୍ତି । ଏହି ଘଟଣା ଏବେ ସ୍ଥାନୀୟ ଅଞ୍ଚଳରେ ଆଲୋଚନାର ବିଷୟ ହୋଇଛି । ଗତ ନିର୍ବାଚନ ସମୟରେ କେନ୍ଦ୍ରାପଡା ଜିଲାର ବିକାଶ ଦାୟିତ୍ୱ ନିଜେ ନେଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ବିଭିନ୍ନ ସଭାସମିତିରେ ପ୍ରକାଶ କରିଥିଲେ। ମନ୍ଦିର ଉନ୍ନତୀକରଣରୁ ଏହି ବିକାଶ କାର୍ଯ୍ୟ ଆରମ୍ଭ ହେଲା ବୋଲି ଚର୍ଚ୍ଚା ହେଉଛି।

### ପାଟକୁରା ନିର୍ବାଚନକୁ ଅକ୍ସିଜେନ

କେନ୍ଦ୍ରାପଡା ଲୋକସଭା ଆସନ ସମେତ ଜିଲାର ୪ ବିଧାନସଭା ଆସନ ପାଇଁ ନିର୍ବାଚନ ସରି ଫଳାଫଳ ପ୍ରକାଶ ପାଇସାରିଛି । ତେବେ ପାଟକୁରା ବିଧାନସଭା ନିର୍ବାଚନ ପାଇଁ ଏଯାଏଁ ତାରିଖ ଘୋଷଣା ହୋଇନାହିଁ। ଆସନ୍ତା ଦିନେ ୨ଦିନ ମଧ୍ୟରେ ନିର୍ବାଚନ କମିଶନର ଏନେଇ ବିଜ୍ଞପ୍ତି ପ୍ରକାଶ କରିବାର ସମ୍ଭାବନା ରହିଛି । ଏହି ସମୟରେ ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ରାଜନୈତିକ ବିଶ୍ଳେଷକମାନେ ଗୁରୁତ୍ୱ ଦେଇଛନ୍ତି । ଏହି ଆସନରେ ବିଜୟ ପାଇଁ ପ୍ରଚାର କାର୍ଯ୍ୟରେ ସାମିଲ ବିଜେଡି ନେତା ଓ ମନ୍ତ୍ରୀଙ୍କୁ ମୁଖ୍ୟମନ୍ତ୍ରୀ ଅକ୍ସିଜେନ ଯୋଗାଇଦେଲେ ବୋଲି ସେମାନେ ପ୍ରକାଶ କରିଛନ୍ତି।

### ୫୦ରୁ ଊର୍ଦ୍ଧ୍ୱ ବିଧାୟକ, ମନ୍ତ୍ରୀ ସାମିଲ

ମୁଖ୍ୟମନ୍ତ୍ରୀଙ୍କ ଶ୍ରୀଜୀଉଙ୍କ ମନ୍ଦିରକୁ ଆସି ଦର୍ଶନ କରିବା ଓ ଫେରିଯିବା ମଧରେ ମାତ୍ର ୨୦ ମିନିଟର କେନ୍ଦ୍ରାପଡା ଜିଲାରେ ରହିଥିଲେ । ତେବେ ଏହି କାର୍ଯ୍ୟକ୍ରମରେ ରାଜ୍ୟର ୫୦ରୁ ଊର୍ଦ୍ଧ୍ୱ ବିଧାୟକ ଓ ମନ୍ତ୍ରୀ ଯୋଗଦେଇଥିଲେ। ମନ୍ତ୍ରୀ ଅରୁଣ ସାହୁ, ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଠାରୁ ଆରମ୍ଭ କରି ବିଧାୟକ ପ୍ରଣବ ପ୍ରକାଶ ଦାସ, ଅନୁଭବ ପଟ୍ଟନାୟକ, ବରିଷ୍ଠ ନେତା ସଞ୍ଜୟ ଦାସବର୍ମା ପ୍ରମୁଖ ସାମିଲ ହୋଇଥିଲେ । ପାଟକୁରା ନିର୍ବାଚନ ଆଗକୁ ଥିବାରୁ ଏହି ନେତାମାନେ ବିଧାନସଭା କ୍ଷେତ୍ରରେ ପ୍ରଚାର କାର୍ଯ୍ୟ ଚଳାଇ ଆସୁଛନ୍ତି।

### ଦୁଇ ଘଣ୍ଟା ଶ୍ରଦ୍ଧାଳୁଙ୍କ ଦର୍ଶନ ବନ୍ଦ

ମୁଖ୍ୟମନ୍ତ୍ରୀ ପଟ୍ଟନାୟକଙ୍କ ଶ୍ରୀଜୀଉଙ୍କୁ ଦର୍ଶନ କାର୍ଯ୍ୟକ୍ରମ ଅପରାହ୍ନ ୫ଟାରେ ଥିଲା । ଆଇନ ଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ଜଗତସିଂହପୁର ଏସପି ସୁଧା ସିଂହଙ୍କ ନେତୃତ୍ୱରେ ମନ୍ଦିର ଆଖପାଖ ଅଞ୍ଚଳକୁ ଅପରାହ୍ନ ୩.୩୦ ମିନିଟରେ ପୋଲିସ ଦ୍ୱାରା ସିଲ୍ କରାଯାଇଥିଲା। ଶ୍ରୀଜୀଉଙ୍କ ଦେବସ୍ନାନ ପୂର୍ଣ୍ଣିମାରେ ଗଜବଦନ ଦର୍ଶନ ପାଇଁ ଅପରାହ୍ନ ୩ଟାରୁ ଶ୍ରଦ୍ଧାଳୁଙ୍କ ଭିଡ ଆରମ୍ଭ ହୋଇଥିଲା। ମାତ୍ର ଅଧଘଣ୍ଟାଏ ପରେ ଶ୍ରୀଜୀଉଙ୍କ ଦର୍ଶନ ଭକ୍ତଙ୍କ ପାଇଁ ବନ୍ଦ କରି ଦିଆଯାଇଥିଲା । ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପରେ ଶ୍ରଦ୍ଧାଳୁମାନେ ଗଜବଦନ ବେଶ ଦର୍ଶନ କରିଥିଲେ ।

# ପତିତପାବନଜୀଉଙ୍କ ସ୍ନାନଯାତ୍ରା

**ପଟ୍ଟାମୁଣ୍ଡାଇ, ୧୭।୬ (ସ୍ୱ.ପ୍ର.)**

ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ପୋଖରୀଆପଡା ପତିତପାବନଜୀଉଙ୍କ ସ୍ନାନଯାତ୍ରା ସୋମବାର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ପ୍ରତ୍ୟୁଷରୁ ମଙ୍ଗଳା ଆଳତୀ, ଅବକାଶ ଧୂପ କରାଯିବା ପରେ ସକାଳ ୮ଟା ବେଳେ ଶ୍ରୀଜୀଉମାନଙ୍କୁ ସ୍ନାନମଣ୍ଡପକୁ ପହଣ୍ଡି କରାଯାଇଥିଲା । ସେବାୟତ ଓ ଦଇତାପତିମାନେ ସକାଳ ସାଢେ ୧୦ଟା ବେଳେ ୧୦୮ ଗରା ସୁବାସିତ ଜଳରେ ଜୀଉମାନଙ୍କୁ ସ୍ନାନ କରାଇଥିଲେ । ପରେ ମଣ୍ଡପରେ ଶ୍ରୀ ଜଗନ୍ନାଥ, ଶ୍ରୀ ବଳଦେବ, ମା'ସୁଭଦ୍ରା ଓ ଶ୍ରୀ ସୁଦର୍ଶନଙ୍କୁ ବେଶକ୍ରାନ୍ତି କରାଯାଇଥିଲା। ମନ୍ଦିର ପୂଜକ ପର୍ଶୁରାମ ଦାଶ ଓ ସନ୍ତୋଷ କୁମାର ଦାଶ ମଧ୍ୟାହ୍ନ ଧୂପ ଲାଗି କରିଥିଲେ । ଅପରାହ୍ନ ୪ଟା ବେଳେ ମନ୍ଦିର ପରିଚାଳନା କମିଟିର ସଭାପତି ପୂର୍ଣ୍ଣଚନ୍ଦ୍ର ଦାଶ ଆଳତି କରିଥିଲେ । ପରେ ଜୀଉମାନଙ୍କୁ ସାଧାରଣ ଲୋକ ଦର୍ଶନ କରିଥିଲେ । ଏହି ଅବସରରେ ଜୀଉମାନଙ୍କ ଗଜାନନ ବେଶ କରାଯାଇଥିଲା । ଗଜାନନ ବେଶ ଦେଖିବା ପାଇଁ ଭକ୍ତଙ୍କ ଭିଡ ଲାଗି ରହିଥିଲା । ପରେ ସନ୍ଧ୍ୟା ଆଳତି ହେବା ସହ ଭଜନ କୀର୍ତ୍ତନର ଆୟୋଜନ କରାଯାଇଥିଲା । ରାତି ୧୦ଟାରେ ଶେଷ ଧୂପ ଦିଆଯାଇଥିଲା । ରାତିରେ ଶ୍ରୀଜୀଉଙ୍କୁ ପହଣ୍ଡି କରାଯାଇ ଅଣସର ଘରକୁ ବିଜେ କରାଯାଇଥିଲା । ମନ୍ଦିର ପରିଚାଳନା କମିଟିର ସମସ୍ତ ସଦସ୍ୟ ଏଥିରେ ସହଯୋଗ କରିଥିଲେ ।



ସ୍ନାନ ମଣ୍ଡପରେ ପୋଖରୀଆପଡାସ୍ଥିତ ପତିତପାବନଜୀଉ।

## ଶ୍ରୀଜୀଉଙ୍କ ଗଜାନନ ବେଶ

**ପାଟକୁରା, ୧୭।୬ (ଡି.ଏନ୍.ଏ.)**

ଗରଦପୁରସ୍ଥିତ ଶ୍ରୀ ବଳଦେବଜୀଉଙ୍କ ଦେବସ୍ନାନ ନୀତି ସୋମବାର ସମ୍ପନ୍ନ ହୋଇଛି। ପ୍ରତ୍ୟୁଷରୁ ଶ୍ରୀବିଗ୍ରହଙ୍କ ପୂଜାର୍ଚ୍ଚନା ପରେ ସ୍ନାନ ମଣ୍ଡପକୁ ପହଣ୍ଡି କରି ନିଆଯାଇଥିଲା। ମହାସ୍ନାନ ପରେ ଶ୍ରୀଜୀଉ ଗଜାନନ ବେଶରେ ଦର୍ଶନ ଦେଇଥିଲେ। ସେହିପରି ବେଡାରୀସ୍ଥିତ ପ୍ରସିଦ୍ଧ ଦଧିବାମନ ଜୀଉ ମନ୍ଦିର ଓ ଦଶମୌଜିସ୍ଥିତ ଆଶ୍ରମ ବାଲିକୁଦାଠାରେ ନାମାଚାର୍ଯ୍ୟ ବାୟାବାବାଙ୍କ ଦ୍ୱାରା ପରିଚାଳିତ ଶ୍ରୀଶ୍ରୀ ଲକ୍ଷ୍ମୀନାରାୟଣ ଆଶ୍ରମ ପରିବେସରରେ ଦେବସ୍ନାନ ପୂର୍ଣ୍ଣିମା ଅନୁଷ୍ଠିତ ହୋଇଯାଇଛି।

# ମୁଖ୍ୟମନ୍ତ୍ରୀଙ୍କ ଗସ୍ତରେ କର୍ମୀ ଉତ୍ସାହିତ

**ଡେରାବିଶ, ୧୭।୬ (ସ୍ୱ.ପ୍ର.)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସୋମବାର କେନ୍ଦ୍ରାପଡ଼ା ଗସ୍ତ ଡେରାବିଶ ବ୍ଲକ ବିଜେଡି କର୍ମୀଙ୍କ ମଧରେ ଉତ୍ସାହ ଦେଖାଦେଇଛି। ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ କେନ୍ଦ୍ରାପଡ଼ା ସହରସ୍ଥିତ ଶ୍ରୀବଳଦେବ ଜୀଉଙ୍କ ମନ୍ଦିରରେ ପହଞ୍ଚିଥିଲେ। ଏହି ଅବସରରେ ବ୍ଲକ ବିଜେଡି ସଭାପତି ଦେବାଶିଷ ଆଚାର୍ଯ୍ୟଙ୍କ ନେତୃତ୍ୱରେ ୧୨ ଓ ୧୩ ନଂ. ଜୋନ୍‌ର ଦଳୀୟ କର୍ମୀମାନେ ବ୍ଲକ ଅଧୀନସ୍ଥ ବାଲିପାଟଣାସ୍ଥିତ ଲଛମନଜୀଉ ମନ୍ଦିର ନିକଟରୁ ଏକ ବିରାଟ ବାଇକ ଶୋଭାଯାତ୍ରାରେ ବାହାରି ବଳଦେବଜୀଉଙ୍କ ମନ୍ଦିର ନିକଟରେ ପହଞ୍ଚିଥିଲେ। ଏଥିରେ ପାଟକୁରା ବିଧାୟକ ପ୍ରାର୍ଥୀ ସାବିତ୍ରୀ ଅଗ୍ରୱାଲ, ପୂର୍ବତନ ବିଧାୟକ ବେଦପ୍ରକାଶ ଅଗ୍ରୱାଲଙ୍କ ପୁଅ ସଞ୍ଜୟ ଅଗ୍ରୱାଲ ସାମିଲ ହେବା ସହ ମନ୍ଦିର ନିକଟରେ ପହଞ୍ଚି ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ କରିଥିଲେ। ସେହିପରି ଡେରାବିଶ ପଞ୍ଚାୟତ ସମିତି ଅଧକ୍ଷ ସରୋଜଙ୍କ ନେତୃତ୍ୱରେ ପଞ୍ଚାୟତ ସମିତି କାର୍ଯ୍ୟାଳୟ ନିକଟରୁ ଏକ ଶୋଭାଯାତ୍ରା ବହାରି ବଳଦେବଜୀଉ ମନ୍ଦିର ନିକଟରେ ପହଞ୍ଚିଥିଲା। ଅନ୍ୟମାନଙ୍କ ମଧରେ ପ୍ରାକ୍ତନ ବ୍ଲକ ଉପାଧକ୍ଷ ଗଣେଶ୍ୱର ବେହେରା, କୁରୁଜଙ୍ଗା ସରପଞ୍ଚ ଚନ୍ଦ୍ରକାନ୍ତ ପ୍ରଦାନ, ବାରିମୂଳ ସରପଞ୍ଚ ଶୁଦ୍ଧଦେବ ବେହେରା, ନହଙ୍ଗ ସରପଞ୍ଚ ଉମାକାନ୍ତ ନାୟକ, ପ୍ରାକ୍ତନ ସରପଞ୍ଚ ମହେନ୍ଦ୍ର ସିଂହ, ଅକ୍ଷୟ ଖଟୁଆଙ୍କ ସମେତ ସତ୍ୟରଞ୍ଜନ ସାମଲ, ଶୈଳେନ୍ଦ୍ର ଜେନା, ଅଜୟ ସାହୁ, ସୁରେନ୍ଦ୍ର ପଲେଇ, ସରପଞ୍ଚ ହରିବୋଲ ପଣ୍ଡା, ସରପଞ୍ଚ ରଶ୍ମିତା ଜେନା, ମୁକୁନ୍ଦ ଚରଣ ନାୟକ, ଆମୀୟ ମିଶ୍ର, ଚୌଧୁରୀ ରବୀନ୍ଦ୍ର ଜେନା, ପୀତାମ୍ବର ପାଣ୍ଡବ, କଳ୍ପତରୁ ମହାନ୍ତି, ପ୍ରଭାତ କିଶୋର ଭୂୟାଁ, ଗଙ୍ଗାଧର ନାୟକ, ଗୌରାଙ୍ଗ ପାଣ, ଯୁବନେତା ସୁମନ୍ତ ସେଠୀ, ଶରତଚନ୍ଦ୍ର ପ୍ରଧାନ, ସାଇଞ୍ଜେନ ଚାନ୍ଦ ଓ ଶାନ୍ତନୁ ଦାସ ପ୍ରମୁଖ ସାମିଲ ହୋଇଥିଲେ।



ରାଲିରେ ସାମିଲ ହୋଇଥିବା ବିଜେଡି କର୍ମୀମାନେ।

# ବାରଣ୍ଡାରେ ଶିଶୁଙ୍କୁ ଜନ୍ମ ଦେଲେ ପ୍ରସୂତି

**ଡାକ୍ତରଙ୍କ ଆନ୍ଦୋଳନ**

**କେନ୍ଦ୍ରାପଡା ଅଫିସ, ୧୭।୬**

କେନ୍ଦ୍ରାପଡା ଜିଲା ମୁଖ୍ୟ ଚିକିତ୍ସାଳୟରେ ସୋମବାର ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି। ଡାକ୍ତରଙ୍କ ଆନ୍ଦୋଳନ ଯୋଗୁ ଜଣେ ପ୍ରସୂତି ମହିଳା ମୁଖ୍ୟ ଚିକିତ୍ସାଳୟ ବାରଣ୍ଡାରେ ଶିଶୁ ଜନ୍ମ ଦେଇଛନ୍ତି। ଏହି ଘଟଣା ପରେ ଚିକିତ୍ସାଳୟର ଚତୁର୍ଥ ଶ୍ରେଣୀ ମହିଳା କର୍ମଚାରୀ ସମ୍ପୃକ୍ତ ପ୍ରସୂତି ଓ ଶିଶୁଙ୍କୁ ଚିକିତ୍ସାଳୟର କୋଠରି ମଧକୁ ନେଇ ଚିକିତ୍ସା କରାଇଛନ୍ତି । ଏନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସକାଳ ପ୍ରାୟ ୯ଟା ୩୦ ମିନିଟରେ ଜଣେ ଗର୍ଭବତୀ ମହିଳା ଆମ୍ବୁଲାନ୍ସରେ ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚିଥିଲେ । ଡାକ୍ତରଙ୍କ ଚିକିତ୍ସା ପାଇଁ ଟିକେଟ ନ ଥିବାରୁ ତାଙ୍କର ଚେକିଂ କରାଯାଇ ନ ଥିଲା । ପରେ ଅସହ୍ୟ ପ୍ରସୂତୀ ବେଦନା ହେବାରୁ ସେ ଲେବର ରୁମ ବାରଣ୍ଡା ନିକଟ ରାସ୍ତାରେ ଶୋଇ ଯାଇଥିଲେ । ଏହି ସମୟରେ ତାଙ୍କର ଏକ ଶିଶୁ ଜନ୍ମ ହୋଇଥିଲା । ସେଠାରେ ଉପସ୍ଥିତ ଜଣେ ମହିଳା କର୍ମଚାରୀ ପ୍ରସୂତୀଙ୍କୁ ନେଇ ଲେବର ରୁମକୁ ଯାଇଥିଲେ। ଏସମ୍ପର୍କରେ ଅନୁଧ୍ୟାନ କରି ଆଗାମୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସିଡିଏମଓ ଡା.ଉର୍ମିଳା ମିଶ୍ର କହିଛନ୍ତି।

ସୂଚନାଯୋଗ୍ୟଯେ, ପଶ୍ଚିମବଙ୍ଗରେ ଡାକ୍ତରଙ୍କୁ ମାଡ଼ ଘଟଣାରେ ଓଡ଼ିଶାର ସମସ୍ତ ଡାକ୍ତର ସୋମବାର କାର୍ଯ୍ୟବନ୍ଦ ଡାକରା ଦେଇଛନ୍ତି। ଏଥିପାଇଁ ଡାକ୍ତରଖାନା ପରିସରରେ ହେଉଥିବା ଆନ୍ଦୋଳନରେ ସେମାନେ ସାମିଲ ହୋଇଛନ୍ତି ।

## ରଜ ମହୋତ୍ସବ

**ଆଳି, ୧୭।୬ (ଡି.ଏନ୍.ଏ.)**

ଆଳି ବ୍ଲକ ଅଧୀନ ନିଆଳ ପଞ୍ଚାୟତ ତେଲିପାଟଣା ଗ୍ରାମରେ ରଜ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ପୁଚି, ନୃତ୍ୟ, ଅଭିନୟ, ମ୍ୟୁଜିକ ଚେୟାର, ପାନଭଙ୍ଗା, କବାଡି, କ୍ରିକେଟ, ତାସ୍, ଲୁଡୁ ଆଦି ପ୍ରତିଯୋଗିତା କରାଯାଇଥିଲା। ଭୀଷ୍ମ ମହାନ୍ତି, ପ୍ରଦ୍ୟୁମ୍ନ ଦାଶ, ପ୍ରତାପ ସାହୁ, ଆରତୀ ସାହୁ ମହୋତ୍ସବରେ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ନିତ୍ୟାନନ୍ଦ ବେହେରା, ରାଜକିଶୋର ସାହୁ, ଦର୍ପନାରାୟଣ ସାହୁ, ଗଣେଶ୍ୱର ବେହେରା, ମଳୟ ସାହୁ, ପ୍ରଫୁଲ୍ଲ ମଲିକ, ନିମାଇଁ ମଲିକ, ରୋଜିନା ସାହୁ, ରୁବିନା ସାହୁ ଉତ୍ସବ ପରିଚାଳନା କରିଥିଲେ।

# ବିଜେଡିର କର୍ମୀ ସମ୍ମିଳନୀ




ସମ୍ମିଳନୀରେ ବିଜେଡି ନେତୃବୃନ୍ଦ।

**ମାର୍ଶାଘାଇ, ୧୭।୬ (ଡି.ଏନ୍.ଏ.)**

ମାର୍ଶାଘାଇ ବ୍ଲକ କରିଲୋପାଟଣା ଦୁର୍ଗାମଣ୍ଡପ ନିକଟରେ ରବିବାର ବିଜେଡିର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଶ୍ୟାମସୁନ୍ଦର ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମ୍ମିଳନୀରେ ପର୍ଯ୍ୟବେକ୍ଷକ ଭାବେ ଢେଙ୍କାନାଳ ବିଧାୟକ ସୁଧୀର ସାମଲ, ମହାକାଳପଡା ବିଧାୟକ ଅତନୁ ସବ୍ୟସାଚୀ ନାୟକ, ମାର୍ଶାଘାଇ ବ୍ଲକ ବିଜେଡି ସଭାପତି ସଞ୍ଜୟ କୁମାର ଲେଙ୍କା ଅତିଥି ଭାବେ ଯୋଗ ଦେଇଥିଲେ। ପାଟକୁରାର ବିକାଶ ଧାରା ଜାରି ରଖିବା ପାଇଁ ବିଜେଡି ପ୍ରାର୍ଥୀ ସାବିତ୍ରୀ ଅଗ୍ରଓାଲଙ୍କୁ ଭୋଟ ଦେଇ ବିଜୟୀ କରିବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧରେ ପୂର୍ବତନ ସରପଞ୍ଚ ରଙ୍ଗାଧର ଦଳାଇ, ଯୁବନେତା ଦୀପକ ରାଉତରାୟ, ଅମୀୟ ପଟ୍ଟନାୟକ, ଦିବାକର ସ୍ୱାଇଁ, ସତ୍ୟପ୍ରିୟ ପଟ୍ଟନାୟକ ଙ୍କ ସମେତ ଶତାଧିକ ବିଜେଡି କର୍ମୀ ଯୋଗ ଦେଇଥିଲେ।

# ଦେଶୀ ଅଲୋଡ଼ା, ହାଇବ୍ରିଡ୍‌ମୁହାଁ ଚାଷୀ

**ଆଳି, ୧୭।୬ (ଡି.ଏନ୍.ଏ.)**

- ବ୍ୟବହାର ହେଉଛି ଅତ୍ୟଧିକ ସାର, ଔଷଧ
- ଅଯଥା ଖର୍ଚ୍ଚାନ୍ତ ହେଉଛନ୍ତି ଚାଷୀ
- ହାଇବ୍ରିଡ୍ ବିହନରୁ ଅମଳ ଖାଦ୍ୟଶସ୍ୟରେ ରହୁନି ରୋଗ ପ୍ରତିରୋଧକ ଶକ୍ତି

ଓଡ଼ିଆରେ କଥା ଅଛି 'ଚାଷ ଅଛି ଯାହାର, କି ଆନନ୍ଦ ତାହାର'। କିନ୍ତୁ ଏବେ ଏହି ଉକ୍ତିର ଅର୍ଥ ସମ୍ପୂର୍ଣ୍ଣ ବଦଳି ଯାଇଛି। ବିହନ ଅଭାବ, ସାର ଔଷଧ ଦରବୃଦ୍ଧି, ସାଙ୍ଗକୁ କ୍ଷେତରେ କାର୍ଯ୍ୟ କରିବା ନିମନ୍ତେ ଶ୍ରମିକ ମିଳୁନ ନ ଥିବାରୁ ଅନେକେ ଚାଷ ଛାଡୁଛନ୍ତି। ଯେଉଁ କେତେଜଣ ଚାଷ କରୁଛନ୍ତି ସମସ୍ତେ ଅଧିକ ଅମଳକ୍ଷମ ବିହନ ବ୍ୟବହାର କରିବା ସହ ପର୍ଯ୍ୟାପ୍ତ ପରିମାଣର ସାର ଔଷଧ ପ୍ରୟୋଗ କରୁଛନ୍ତି। ଆଗଭଳି ପାରମ୍ପରିକ ବିହନରେ ଚାଷ ନହେବା କାରଣରୁ ଖାଦ୍ୟଶସ୍ୟରେ ରୋଗପ୍ରତିରୋଧକ ଶକ୍ତିର ଅଭାବ ଦେଖାଯାଉଛି।

ଆଳି ଅଞ୍ଚଳରେ ବି ଏବେ ବିଶେଷ ଭାବେ ହାଇବ୍ରିଡ୍ ବିହନ ବ୍ୟବହାର କରାଯାଇ ଚାଷ କରାଯାଉଥିବା ଦେଖାଯାଉଛି। ପୂର୍ବରୁ ଚାଷୀମାନେ ଦେଶୀ ବିହନ ଭାବେ ମୁଗୁଦି, ବଉଳା, ଅଜାଣ, ଚମ୍ପେଇଶେଳି, ଦୋସରା, ଅଶିଣା, ଶୋଲା, ହେଣ୍ଡାମୁଗୁଦି, ନାଲିପାଟେଣି, ଧଳାପଟିଆ, କଳାପଟିଆ, କଳମବାଙ୍କି, ହଳଦିଗୁଣ୍ଡି, କଳାଜିରା, ବସୁମତି ଓ ନଡିଆଫୁଲ ପ୍ରଭୃତି ବ୍ୟବହାର କରୁଥିଲେ। ବାଡ଼ିରେ ତିଆରି କମ୍ପୋଷ୍ଟ ଖତକୁ ଫସଲ କିଆରିରେ ବ୍ୟବହାର କରାଯାଉଥିଲା। ସେଥିରୁ ଅମଳ ହେଉଥିବା ଶସ୍ୟରେ ରୋଗପ୍ରତିରୋଧକ ଶକ୍ତି ଭରି ମଧ ରହିଥିଲା। ସେହିପରି ବାତ୍ୟା ବନ୍ୟା ବେଳେ ଧାନ ଜମି ୨-୪ ଦିନ ପାଣିରେ ବୁଡ଼ି ରହିବା ପରେ ବି ଚାଷ ଭଲ ହେଉଥିଲା। କିନ୍ତୁ ଏବେ ଚାଷୀମାନେ ଏଇ ବିହନର ନାଁ ବି ଭୁଲିଗଲେଣି। ଏବେ ସ୍ୱର୍ଣ୍ଣ, ସିଆର-୧୦୧୮, ପୂଜା, ଶାରଳା, ଦୁର୍ଗା ପ୍ରଭୃତି ଅଧିକ ଅମଳକ୍ଷମ ବା ହାଇବ୍ରିଡ ବିହନକୁ ଚାଷୀମାନେ ବ୍ୟବହାର କରୁଛନ୍ତି। ଏବେ ଚାଷୀମାନେ ରାସାୟନିକ ସାର ଓ ଔଷଧ ପ୍ରୟୋଗ କରି ଅଧିକ ଫସଲ ଉତ୍ପାଦନ କରୁଛନ୍ତି। ଯତ୍ନର ସହ ଦେଶୀ ବିହନରେ ଚାଷ କରାଗଲେ ଅଧିକ ଅମଳ ହେବା ସହ ଖାଦ୍ୟ ଶସ୍ୟରେ ରୋଗପ୍ରତିରୋଧକ ଶକ୍ତି ରୁହନ୍ତା। ଏଥିସହ ପ୍ରାକୃତିକ ବିପର୍ଯ୍ୟୟ ବେଳେ ଚାଷୀମାନେ ବିଶେଷ କ୍ଷତିଗ୍ରସ୍ତ ହୁଅନ୍ତେ ନାହିଁ ବୋଲି କେତେଜଣ ବୁଦ୍ଧିଜୀବୀ ମତ ଦେଇଛନ୍ତି।

### ସେମାନେ କୁହନ୍ତି...

"ହାଇବ୍ରିଡ ବିହନରେ ଚାଷ କଲେ ଅତ୍ୟଧିକ ପରିମାଣର ସାର, ବିଷ ପ୍ରୟୋଗ କରି ଖର୍ଚ୍ଚାନ୍ତ ହେବାକୁ ପଡୁଛି। ମାତ୍ର ପାରମ୍ପରିକ ବିହନରେ ଏତେ ବିହନର ଆବଶ୍ୟକତା ନଥିଲା। ପୂର୍ବାପେକ୍ଷା ଚାଷ କାର୍ଯ୍ୟ ଏବେ ବ୍ୟୟ ବହୁଳ ହୋଇଗଲାଣି।

**-ନଟବର ପରିଡା, ଚାଷୀ**

"ଏବେକାର ବିହନ ଅପେକ୍ଷା ପୂର୍ବରୁ ଘରେ ସାଇତା ହୋଇ ରହୁଥିବା ବିହନ ବିଲରେ ବୁଣିବା ପରେ ତାହା ନଷ୍ଟ ହେଉନ ଥିଲା। କିନ୍ତୁ ଏବେ ବ୍ୟବହୃତ ହେଉଥିବା ହାଇବ୍ରିଡ୍ ବିହନକୁ ଅଧିକ ତଳି ପକାଇବାକୁ ପଡୁଛି। ଏଥିପ୍ରତି ବହୁ ଯତ୍ନ ମଧ ନେବାକୁ ପଡୁଛି।

**-ସୁଧାକର ସେନାପତି, ଚାଷୀ**

## ■ ପୋଲିସ ହେପାଜତରେ ବୃଦ୍ଧଙ୍କ ମୃତ୍ୟୁ ଘଟଣା

# କୋଷାଗୁମୁଡ଼ା ଥାନା ଅଧିକାରୀ ନିଲମ୍ବିତ

- ■ ଏନ୍‌ଏଚ୍‌ଆର୍‌ସି, ଓଏଚ୍‌ଆର୍‌ସିରେ ପିଟିଶନ
- ■ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦେବାକୁ ନିବେଦନ
- ■ ଥାନାଧିକାରୀଙ୍କୁ ୩୦୨ ଦଫାରେ ଗିରଫ ଦାବି

ଭୁବନେଶ୍ୱର,୧୭।୬(ବ୍ୟୁରୋ)

ନବରଙ୍ଗପୁର ଜିଲା କୋଡ଼ିଙ୍ଗା ଥାନା ଝୁଣ୍ଟିଗୁଡା ସାପ୍ତାହିକ ହାଟରେ କୁକୁଡାଖେଳ ଚାଲିଥିବାବେଳେ କୋଷାଗୁମୁଡ଼ା ପୋଲିସ ଚଢ଼ାଉ କରି ଗୋବର୍ଦ୍ଧନ ବିଦ୍ଧାଣୀ(୬୦) ଓ କୁମୁଲୁ ହରିଜନ(୪୮)ଙ୍କୁ ଉଠାଇ ନେଇଥିଲା। ପୋଲିସ ହେପାଜତରେ ଥିବାବେଳେ ଶନିବାର ରାତିରେ ଗୋବର୍ଦ୍ଧନଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ପିଟିପିଟି ମାରିଦେଇଥିବା ଅଭିଯୋଗ ଆଣି ଉତ୍ୟକ୍ତ ଲୋକେ ଥାନା ଘେରାଉ ସହ ଭଙ୍ଗାରୁଜା କରିଥିଲେ। ପୋଲିସ ଲାଠି ଚାର୍ଜ ସହ ଫାଙ୍କା ଗୁଳିଚାଳନା କରିଥିଲା। ଏଥିରେ ୫ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ଏହି ଘଟଣାକୁ ପୋଲିସ ଡିଜି ଆର୍‌.ପି. ଶର୍ମା ଗୁରୁତ୍ୱର ସହ ନେବା ସହ କୋଷାଗୁଡ଼ା ଥାନା ଅଧିକାରୀ ପୁଷ୍ପେନ୍ଦୁ ସାଗରଙ୍କୁ ସୋମବାର ନିଲମ୍ବିତ କରିଛନ୍ତି। ଆଇନଗତ ପ୍ରକ୍ରିୟାରେ ଚଢ଼ାଉ ଓ ଗିରଫ କରି ନ ଥିବାରୁ ତାଙ୍କ ବିରୋଧରେ ଏପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ଡିଜିପି ଶର୍ମା କହିଛନ୍ତି। ଅନ୍ୟପକ୍ଷରେ ଏହି ଘଟଣାକୁ ନେଇ ମାନବାଧିକାର କର୍ମୀ ହିମାଂଶୁ ଶେଖର ନାୟକ ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି) ଓ ପ୍ରଦୀପ୍ତ ନାୟକ ଓଡ଼ିଶା ମାନବାଧିକାର କମିଶନ (ଓଏଚ୍‌ଆର୍‌ସି)ରେ ପିଟିଶନ କରିଛନ୍ତି। ହିମାଂଶୁ ତାଙ୍କ ପିଟିଶନରେ ଉଲ୍ଲେଖ କରିଛନ୍ତି ଯେ, ମୃତକ ପରିବାରକୁ ୫ଦିନ ମଧ୍ୟରେ ୨୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେବାକୁ ଏନ୍‌ଏଚ୍‌ଆର୍‌ସିଙ୍କୁ ହିମାଂଶୁ ନିବେଦନ କରିଛନ୍ତି। ଏଥିସହ ୧୫ ଓ ୧୬ ତାରିଖ ଦୁଇଦିନର ଥାନା ସିସିଟିଭି ଫୁଟେଜ ଓ ମେଡିକାଲ ରିପୋର୍ଟ ଆଧାରରେ କୋଡ଼ିଙ୍ଗା ଥାନା ଅଧିକାରୀଙ୍କ ବିରୋଧରେ ୫ ସପ୍ତାହ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ନେବାକୁ ପିଟିଶନରେ ଉଲ୍ଲେଖ କରିଛନ୍ତି। ସେହିଭଳି ପ୍ରଦୀପ୍ତ ନାୟକ ମଧ୍ୟ ମୃତକଙ୍କ ପରିବାରକୁ ୨୦ଲକ୍ଷ କ୍ଷତିପୂରଣ ଦେବା ସହ ସମ୍ପୃକ୍ତ ପୋଲିସ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ପିଟିଶନରେ ଓଏଚ୍‌ଆର୍‌ସିଙ୍କୁ ନିବେଦନ କରିଛନ୍ତି। ଦୁଇଟି ପିଟିଶନକୁ ଉଭୟ କମିଶନ ଗୁରୁତ୍ୱର ସହ ବିଚାର ପାଇଁ ଗ୍ରହଣ କରିଥିବା ସୂଚନା ମିଳିଛି।

ସୂଚନା ଅନୁଯାୟୀ, ଶନିବାର କୋଡ଼ିଗାଁ ଥାନା ଅନ୍ତର୍ଗତ ଝୁଣ୍ଟିଗୁଡ଼ା ସାପ୍ତାହିକ ହାଟରେ କୁକୁଡ଼ାଖେଳ ଚାଲିଥିଲା। କୋଡ଼ିଗାଁ ଥାନାର ଅତିରିକ୍ତ ଦାୟିତ୍ୱରେ ଥିବା କୋଷାଗୁମୁଡ଼ା ଥାନା ଅଧିକାରୀ ପୁଷ୍ପେନ୍ଦୁ ସାଗର ସେଠାରେ ଚଢ଼ାଉ କରି ପାଞ୍ଜିଆରିଗୁଡ଼ା ଗାଁର ଗୋବର୍ଦ୍ଧନ ଓ ଡାବୁଗାଁ ଥାନା ପଙ୍ଗଲଗୁଡ଼ା ଗାଁର କମୁଲୁଙ୍କୁ ଗିରଫ କରି ନେଇଥିଲେ। ପୋଲିସ ହେପାଜତରେ ଥିବାବେଳେ ଗୋବର୍ଦ୍ଧନଙ୍କର ମୃତ୍ୟୁ ଘଟିଥିଲା। ପରେ ପୋଲିସ ରାତିଅଧରେ ଗୋବର୍ଦ୍ଧନଙ୍କ ସ୍ତ୍ରୀ ନୀଳା, ଝିଅ ଡମ୍ବୁଣୀ ଓ ସମ୍ପର୍କୀୟ ମଙ୍ଗଳ ବିଦ୍ଧାଣୀଙ୍କୁ ଡାବୁଗାଁ ପୋଲିସ ଉଠାଇ ନେଇଥିଲା। ଗ୍ରାମର କେତେଜଣ ଲୋକ ସେମାନଙ୍କୁ ଖୋଜିବାକୁ ଥାନାକୁ ଯାଇଥିଲେ ମଧ୍ୟ ପୋଲିସ ଛାଡ଼ି ନ ଥିଲେ। ଗୋବର୍ଦ୍ଧନ ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ ବିଶାଖାପାଟଣା ନିଆଯାଇଥିବା ଓ ସେଠାରେ ତାଙ୍କର ମୃତ୍ୟୁ ଘଟିଥିବା ପୋଲିସ କହିଥିଲା। ହେଲେ ପୋଲିସ ମାଡ଼ରେ ଗୋବର୍ଦ୍ଧନଙ୍କର ମୃତ୍ୟୁ ଘଟିଥିବା ପରିବାର ଲୋକେ ଜଣାଇବା ପରେ ଥାନା ଆଗରେ ଉତ୍ତେଜନା ପ୍ରକାଶ ପାଇଥିଲା। ପରେ ପୋଲିସ-ଉତ୍ୟକ୍ତ ଲୋକଙ୍କ ମଧ୍ୟରେ ଖଣ୍ଡଯୁଦ୍ଧ ହୋଇଥିଲା। ଏହି ଘଟଣାକୁ ନେଇ ରାଜ୍ୟବ୍ୟାପୀ ତୀବ୍ର ନିନ୍ଦା କରାଯାଉଥିବାବେଳେ ସମ୍ପୃକ୍ତ ପରିବାରକୁ ନ୍ୟାୟ ଦେବାକୁ ମାନବାଧିକାର କର୍ମୀମାନେ ଆଗେଇ ଆସିଛନ୍ତି। ସମ୍ପୃକ୍ତ ପୋଲିସ ଅଧିକାରୀଙ୍କ ବିରୋଧରେ ୩୦୨ ଦଫା ଲଗାଯାଇ ଗିରଫ କରାଯିବାକୁ ଦାବି କରିଛନ୍ତି।

## ମୃତଦେହ ନେଲେନି ପରିବାର, ୩ ଦିନ ପରେ ସତ୍କାର କଲେ ସାମାଜିକ କର୍ମୀ

ଅନୁଗୋଳ ଅଫିସ, ୧୭।୬

ମାସେ ତଳେ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଜଣେ ଅଜଣା ମହିଳା ରୋଗୀଙ୍କୁ ସାମାଜିକ କର୍ମୀମାନେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଥିବା ବେଳେ ସମ୍ପୃକ୍ତା ମହିଳାଙ୍କ ପରିଚୟ ମିଳିଥିଲା। ଡାକ୍ତରଖାନା କର୍ତ୍ତୃପକ୍ଷ ଓ ପୋଲିସ ତାଙ୍କ ଘରକୁ ଖବର ପଠାଇବା ସହ ମେଡିକାଲ ଆସି ଦେଖାଶୁଣା କରିବାକୁ ଅନୁରୋଧ କରିଥିଲେ। ହେଲେ ପରିବାରର କୌଣସି ସଦସ୍ୟ ଆସି ନ ଥିଲେ। ଏପରି କି ମହିଳାଙ୍କ ମୃତ୍ୟୁ ଘଟିଥିବା ନେଇ ପରିବାରକୁ ଖବର ଦିଆଯାଇଥିଲା। ମୃତଦେହ ନେଇଯିବାକୁ ବାରମ୍ବାର ଅନୁରୋଧ କରାଯାଇଥିଲା। କିନ୍ତୁ ମହିଳାଙ୍କ ଝିଅ, ପୁଅ କିମ୍ବା ସମ୍ପର୍କୀୟ କେହି ବି ଆସି ନ ଥିଲେ। ୩ ଦିନ ଧରି ମେଡିକାଲରେ ମୃତଦେହ ପଡ଼ି ରହିବା ପରେ ରବିବାର ଅନୁଗୋଳର ସାମାଜିକ କର୍ମୀମାନେ ସ୍ଥାନୀୟ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରିଥିବା ଜଣାପଡ଼ିଛି।

ସୂଚନା ଅନୁଯାୟୀ, ମୃତ ମହିଳାଙ୍କ ଘର ମହୀଧରପୁର ଅଞ୍ଚଳରେ। ଅନୁଗୋଳର ଏକ ଘରୋଇ ହଷ୍ଟେଲରେ ସେ ରୋଷେୟା ଭାବେ କାର୍ଯ୍ୟ କରୁଥିଲେ। ମାସେ ତଳେ ସେ ଅସୁସ୍ଥ ହୋଇପଡ଼ିବାରୁ କେତେକ ସାମାଜିକ କର୍ମୀ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ହେଲେ ୩ ଦିନ ତଳେ ତାଙ୍କର ମୃତ୍ୟୁ ହୋଇଥିଲା। ଏ ସମ୍ପର୍କରେ ତାଙ୍କ ପରିବାରକୁ ମେଡିକାଲ ଓ ପୋଲିସ ପକ୍ଷରୁ ଜଣାଇ ଦିଆଯାଇଥିଲା। ସ୍ଥାନୀୟ ଅଞ୍ଚଳର ଜଣେ ଜନପ୍ରତିନିଧି ମଧ୍ୟ ମହିଳାଙ୍କ ଘରକୁ ଯାଇ ଖବର ଦେବା ସହ ମା'ଙ୍କ ମୃତଦେହ ଆଣିବାକୁ ଝିଅ ଓ ପୁଅଙ୍କୁ ବୁଝାଶୁଝା କରିଥିଲେ। କିନ୍ତୁ ପରିବାର ଲୋକେ ନ ଆସିବାରୁ ଶେଷରେ ରବିବାର ସନ୍ଧ୍ୟାରେ ଅନୁଗୋଳର ସାମାଜିକ କର୍ମୀ ପ୍ରତାପ ମହାପାତ୍ର ଓ ରୁକେଶ ରୋଷନ ଦାସ ମୃତଦେହ ନେଇ କରଡ଼ାଗାଡ଼ିଆସ୍ଥିତ ଶ୍ମଶାନରେ ସଂସ୍କାର କରିଥିବା ଜଣାପଡ଼ିଛି।

## ଏମ୍‌ସିଏଲ୍ କର୍ମଚାରୀ ଦେଲେ ୫ କୋଟି

ତାଳଚେର, ୧୭।୬(ନି.ପ୍ର.)

ଫନୀ ବାତ୍ୟା କ୍ଷତିଗ୍ରସ୍ତଙ୍କ ସହାୟତା ପାଇଁ ମହାନଦୀ କୋଲ୍ ଫିଲଡ୍‌ସ ଲିମିଟେଡ (ଏମ୍‌ସିଏଲ୍)ର କର୍ମଚାରୀମାନେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୫ କୋଟି ଟଙ୍କା ଦାନ କରିଛନ୍ତି। ଏମ୍‌ସିଏଲ୍‌ର ୨୨ ହଜାର କର୍ମଚାରୀ ଦିନକର ଦରମା ଏଥିପାଇଁ ପ୍ରଦାନ କରିଛନ୍ତି। ନବନିଯୁକ୍ତ ସିଏମ୍‌ଡି ବି.ଏନ. ଶୁକ୍ଳାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜେସିସି ମିଟିଂରେ ଏ ନେଇ ନିଷ୍ପତ୍ତି ନିଆଯାଇ ଥିଲା।

### ସର୍ବସାଧାରଣ ଘୋଷଣା

ଏତଦ୍ୱାରା ବାଲିମେଳା N.A.C. ଅନ୍ତର୍ଗତ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, Plastic ବର୍ଜ୍ୟବସ୍ତୁ ପରିଚାଳନା ନିୟମ ୨୦୧୬ ଏବଂ ସଂଶୋଧିତ ଆଇନ-୨୦୧୮ ଅନୁସାରେ କୌଣସି ବ୍ୟବସାୟୀ 50 micron ମୋଟେଇରୁ କମ୍ Plastic ଥଳି, Plastic Cup, Plastic Bag, Polythene Jari ବିକ୍ରୟ ଏବଂ ବ୍ୟବହାର ଉପରେ ନିଷେଧ ଜାରି କରାଯାଇଅଛି। ଏଣୁ ଜନସାଧାରଣଙ୍କୁ ଅବଗତ କରାଗଲା ଯେ, ଆଜି ତା୧୭।୦୬।୨୦୧୯ରିଖଠାରୁ କୌଣସି ବ୍ୟବସାୟିକ ପ୍ରତିଷ୍ଠାନ 50 micron ମୋଟେଇରୁ କମ୍ Plastic ସାମଗ୍ରୀ ବିକ୍ରୟ କରିପାରିବେ ନାହିଁ ଏବଂ ଜନସାଧାରଣ ବ୍ୟବହାର କରିପାରିବେ ନାହିଁ। ଏଥିରେ ଖିଲାପ କଲେ ଏହି ଆଇନ ଅନୁସାରେ ଆପଣଙ୍କଠାରୁ ଜରିମାନା ଆଦାୟ କରାଯିବା ସହିତ ଆପଣଙ୍କ ବିରୁଦ୍ଧରେ ଆଇନ୍‌ଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ମନେରଖନ୍ତୁ 50 micron ଠାରୁ କମ୍ ଥିବା Plastic ସାମଗ୍ରୀରୁ ବିକ୍ରୟ ଓ ବ୍ୟବହାରକୁ ନିଷିଦ୍ଧ କରାଯାଇଅଛି।

ଆସନ୍ତୁ ଆମେ ସମସ୍ତେ ମିଶି Plastic ସାମଗ୍ରୀର ବିକ୍ରୟ ଓ ବ୍ୟବହାରରୁ ନିବୃତ୍ତ ରହିବା ଏବଂ ଆମ ସହରକୁ ଏକ Plastic ମୁକ୍ତ ସହର ରୂପେ ଗଢ଼ି ତୋଳିବା।

ସ୍ୱା./- ନିବେଦକ, ବାଲିମେଳା ଏନଏସି

## ଇଟା କାରଖାନାରେ ଦୁର୍ଘଟଣା

# ବିଦ୍ୟୁତ୍ ଆଘାତରେ ମାଲିକ, ରୋଷେୟା ମୃତ

ତାଳଚେର, ୧୭।୬(ନି.ପ୍ର.)

ଅନୁଗୋଳ ଜିଲା କଣିହାଁ ବ୍ଲକ ହରିହରପୁର (ହଳଦିଆକଟା)ଠାରେ ଥିବା ଏକ ପାଉଁଶ ଇଟା କାରଖାନାରେ ରବିବାର ରାତିରେ ଘଟିଛି ଦୁର୍ଘଟଣା। ଶାବଳରେ ଏକ ଗାତ ଖୋଳିବା ବେଳେ ବିଦ୍ୟୁତ୍ ଆଘାତ ପାଇ କାରଖାନା ମାଲିକ ହଳଦିଆକଟାର ଅନନ୍ତ କୁମାର ସାହୁ (୪୦)ଙ୍କ ମୃତ୍ୟୁ ଘଟିଛି। ଅନନ୍ତଙ୍କୁ ବିଦ୍ୟୁତ୍ ଆଘାତରୁ ବଞ୍ଚାଇବାକୁ ଧାଇଁ ଆସିଥିବା ମହିଳା ରୋଷେୟା ମଞ୍ଜରୀ ମୁଣ୍ଡାଙ୍କ ମଧ୍ୟ ଘଟଣାସ୍ଥଳରେ ମୃତ୍ୟୁ ହୋଇଛି। ଖବରପାଇ ସୋମବାର ସକାଳେ ଗୋଡିବନ୍ଧ ଫାଣ୍ଡି ପୋଲିସ ପହଞ୍ଚି ଦୁଇ ମୃତଦେହ ଜବତ କରିବା ସହ ନଂ. ୨୧/୧୯ ଓ ୨୨/୧୯ରେ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

ସୂଚନା ଅନୁଯାୟୀ, ରଜ ପର୍ବ ପାଇଁ ଇଟା କାରଖାନା ବନ୍ଦ ରହିଥିଲା। ରୋଷେୟା ମଞ୍ଜରୀଙ୍କ ବ୍ୟତୀତ ଅନ୍ୟ ସମସ୍ତ ଶ୍ରମିକ ସେମାନଙ୍କ ଘରକୁ ଚାଲି ଯାଇଥିଲେ। ରବିବାର ବିଳମ୍ବିତ ରାତିରେ ମାଲିକ ଅନନ୍ତ କୁମାର କାରଖାନାରେ ଥିବା କୁକୁର ପାଇଁ ଖାଦ୍ୟ ନେଇ ଯାଇଥିଲେ। ସେଠାରେ କୁକୁର ବାନ୍ଧିବାକୁ ଏକ ଖୁଣ୍ଟ ପୋତିବା ପାଇଁ ଶାବଳରେ ଗାତ ଖୋଳୁଥିଲେ। ଏହି ସମୟରେ ମାଟି ତଳେ ଯାଇଥିବା ବିଦ୍ୟୁତ୍ ତାର ଶାବଳ ସଂସ୍ପର୍ଶରେ ଆସିଯିବାରୁ ଅନନ୍ତ କୁମାର ଜୋରଦାର ଆଘାତ ପାଇଥିଲେ। ମାଲିକ ଛଟପଟ ହେଉଥିବା ଦେଖି ମହିଳା ରୋଷେୟା ମଞ୍ଜରୀ ତାଙ୍କୁ ବଞ୍ଚାଇବା ପାଇଁ ଉଦ୍ୟମ କରିବା ବେଳେ ସେ ମଧ୍ୟ ବିଦ୍ୟୁତ୍ ଆଘାତ ପାଇଥିଲେ। ଘଟଣାସ୍ଥଳରେ ଉଭୟଙ୍କ ମୃତ୍ୟୁ ହୋଇଥିଲା। ସକାଳୁ ଖବର ପାଇ ଅନନ୍ତଙ୍କ ପରିବାର ଲୋକେ ଓ ଗ୍ରାମବାସୀ ପହଞ୍ଚିବା ସହ ପୋଲିସକୁ ସୂଚନା ଦେଇଥିଲେ। ଗୋଡିବନ୍ଧ ଫାଣ୍ଡି ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ତାଳଚେର ଉପଖଣ୍ଡ ଡାକ୍ତରଖାନାକୁ ପଠାଇ ଦେଇଛି।

### କେନ୍ଦ୍ରୀୟ ପଣ୍ୟାଗାର ନିଗମ

(ଭାରତ ସରକାରଙ୍କ ଏକ ଉଦ୍ୟୋଗ)
ଆଞ୍ଚଳିକ କାର୍ଯ୍ୟାଳୟ, ଇନ୍ଦ୍ରଧନୁ ମାର୍କେଟ୍ କମ୍ପ୍ଲେକ୍ସ
ଆଇଆରସି ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର-15,
ଫୋନ୍ ନଂ. 0674-2360189/2360542, ଫାକ୍ସ : 0674-2360990
ଇ-ମେଲ : rmbbsr@cewacor.nic.in | ୱେବ୍‌ସାଇଟ : www.cewacor.nic.in

**ଇ-ଟେଣ୍ଡର ଆମନ୍ତ୍ରଣ ସୂଚନା ସଂ. 01/19-20**

ନିମ୍ନୋକ୍ତ କାର୍ଯ୍ୟ ପାଇଁ କେନ୍ଦ୍ରୀୟ ପଣ୍ୟାଗାର ନିଗମ ଠିକାଦାରଙ୍କ ଠାରୁ ଅନ୍‌ଲାଇନ୍ ଟେଣ୍ଡର ଆମନ୍ତ୍ରଣ କରୁଛି :

| କ୍ର. ସଂ. | କାର୍ଯ୍ୟର ନାମ | ଆକଳିତ ମୂଲ୍ୟ ଟଙ୍କାରେ | ଟେଣ୍ଡର ଅନ୍‌ଲାଇନ୍ ଦାଖଲ କରିବାର ଅନ୍ତିମ ତାରିଖ |
|---|---|---|---|
| 1 | କେନ୍ଦ୍ରୀୟ ପଣ୍ୟାଗାର-ଯାଜପୁର ରୋଡ଼ (ଓଡ଼ିଶା)ର ଉନ୍ନତିମୂଳକ କାର୍ଯ୍ୟ। | 41,95,586.75 | ତା. 17.07.2019 ରିଖ 15.00 ଘଟିକା ପର୍ଯ୍ୟନ୍ତ |

ବିସ୍ତୃତ ଟେଣ୍ଡରର ଚୁକ୍ତିର ସର୍ତ୍ତାବଳୀ ଏବଂ ଇ-ଟେଣ୍ଡର ଆମନ୍ତ୍ରଣ ସୂଚନାର ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ www.cewacor.nic.in କିମ୍ବା ଇ-ଟେଣ୍ଡର ୱେବ୍‌ସାଇଟ୍ www.tenderwizard.com/CWC କିମ୍ବା http://eprocure.gov.in/epublish/app ରେ ଦୃଶ୍ୟମାନ ଏବଂ ଡାଉନ୍‌ଲୋଡ୍ କରାଯାଇପାରିବ।

ସ୍ୱା/- କାର୍ଯ୍ୟନିର୍ବାହୀ ଯନ୍ତ୍ରୀ

### Odisha State Disaster Management Authority

Rajiv Bhawan, Unit-V, Bhubaneswar, Odisha-751001
Tel: 0674-2395398, 2595531; Email: osdma@osdma.org
No.2311/OSDMA Date: 12.06.2019

**Tender Call Notice**

No.06-F:- OSDMA invites tenders from the intending bidders for providing & fixing of signage / information boards in the 328 tsunami prone villages and ULBs covering 6 coastal Districts of Odisha. The requirement of signage in the tsunami prone area will be about 2800 nos. of different sizes. The detailed bid document can be downloaded from OSDMA website **(www.osdma.org)**, which will be available on 18.06.2019 at 11.00 A.M onwards.

24007/11/0003/1920 **Sd./- General Manager (P)**

### OFFICE OF THE NOTIFIED AREA COUNCIL, GANJAM

**At/po/dt. Badabazar, Ganjam; P.No.-06811254357; E-mail-eo.nacganjam@gmail.com; pin-761026; Ref Letter No.1359, Date: 17.06.19;**

**Tender Invitation of Bid :-** The Executive officer, NAC ,Ganjam invites sealed bids from intending firm/ individual/ Agency/contractor/ non Govt, Organization for taking up " sanitation work (Street Sweeping door to door Collection of Solid wastes , its segregation of household , primary and secondary transportation , drain cleaning and bush cutting as and when required) within Ganjam NAC Area on privatization mode "I.e through outsourcing Agency for the period from 01.07.2019 to 31.03.2020. **The terms and conditions of the Quotations are as follows. 1. interested bidders may submit their Sealed tender documents in the prescribed format mentioning** "privatization as outsourcing for sanitation work In both cover in Ganjam NAC" on the cover of the envelope to the Executive Officer, NAC, Ganjam by 26.06.2019 up to 3.00PM through speed post / Registered post /dropping in sealed tender box meant for this propose in the presence of responsible officer of this office. Bidders are required to submit technical bid and Financial Bid in separate envelopes enclosed in a common envelope mentioning of "out sourcing works of NAC Ganjam" on the cover of the envelope. Tender received after due date and time will not accepted and N.A.C., Ganjam shall not be responsible for postal delay. **2.** The bidder must have up to date valid labour license with having minimum 100 labourers with GST registration, PAN card, ESI/EPF registration and voter ID card with at least one year satisfactory performance cum experience certificate in the similar field of sanitation, from the Employer organization. **3.** The sale of tender documents shall be started from 17.06.2019 at 10.AM and will be closed on 26.06.2019 at 4.00PM, which shall be available at the office of the Ganjam NAC on everyday except Sunday and public holidays till last date of sale of tender paper on payment of tender paper which is non refundable fees of RS .6000/- +12% GST extra towards cost of each set of tender of tender document. The cost of tender paper remaing tender schedule+12% GST as applicable should be remitted on line to the account of the E.O.NAC Ganjam on account No -11408532216, IFSC code - SBIN0003816, SBI Ganjam Branch, or Cash deposit Ganjam which is non refundable. The proof to the effect should be submitted to the satisfaction of undersigned for getting the tender paper. EMD is remaing schedule. Payment for EMD can be made in shape of Demand Draft / Banker cheque payable at 5BI Ganjam favouring "Executive Officer N.A.C, Ganjam"/ NSC certificate/Fixed deposit certificate of 1% of bidding of annually any Nationalized Bank / KVP dully pledged in favour of EO NAC Ganjam. **4.** The last date of dropping of signed and sealed tender documents in the tender box is fixed on dated 27.06.2019 up to 3.00 PM **5.** The opening date of tender box is fixed on dated 28.06.2019 at 11 A.M. The sealed tender box shall be opened in presence of the participating bidders / their authorized representatives and tender committee members in the chamber-cum -Administrative of the chairperson of Ganjam NAC. **6.** In case, if office happens to be closed on last date of receipt and opening of the bids as specified, the bids will be received and opened on the next working day respectively at the same time and venues. **7.** The tender documents can be dropped in the tender box/ send through speed post / registered post of the office of the undersigned by Dt.27.06.2019 up to 3.00 P.M positively dully signed and sealed by quotationer. The authority shall not be responsible for any postal delay. **8.** The authority to reserves the right to cancel the tender at any time without assigning any reason thereof. **9.** Other details can be seen and available in the bidding documents/Detailed Tender call Notice. **10.** All bids received will remain valid for 90 days from the date of opening of tender but can be extended if agreed by the bidder and NAC

Sd./- Executive Officer, Ganjam NAC

### କଟକ ଉନ୍ନୟନ କର୍ତ୍ତୃପକ୍ଷ

C.D.A ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ - ୧୨

**ସୂଚନା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଅଭିନବ ବିଡାନାସୀ, କଟକ (ମର୍କତ ନଗର) ସେକ୍ଟର - 6 ରେ ପ୍ଲଟ୍ ନଂ F/726 ଟିକୁ ସେକ୍ ଫିରୋଜ ଉଦ୍ଦିନ୍, ପିତା - ୰ ସେକ ବସିର ଉଦ୍ଦିନ, ସା - କେଶରପୁର, ପୋ - ବକ୍ସିବଜାର, ଥା - କ୍ୟାଣ୍ଟନମେଣ୍ଟ, ଜିଲ୍ଲା - କଟକଙ୍କୁ ଆବଣ୍ଟନ କରାଯାଇଥିଲା। ଆବଣ୍ଟନଗ୍ରାହୀ ସେକ୍ ଫିରୋଜ ଉଦ୍ଦିନ୍‌ଙ୍କ ମୃତ୍ୟୁପରେ ତାଙ୍କର ଉତ୍ତରାଧିକାରୀ ଶାବାଜ ପରୱିନ (କନ୍ୟା), ସ୍ୱାମୀ - ସିଲମ ଖାନ, ସା - କେଶରପୁର, ପୋ - ବକ୍ସିବଜାର, ଥା - ମଙ୍ଗଳାବାଗ, ଜିଲ୍ଲା - କଟକ - ୭୫୩୦୦୧ ଉକ୍ତ ପ୍ଲଟଟିକୁ ଉତ୍ତରାଧିକାରୀ ଆଧାରରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି। ଉକ୍ତ ପ୍ଲଟର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହା ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର (୧୫) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ। ତତ୍ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ।

ସଚିବ

### OFFICE OF THE JOINT MANAGER THE ODISHA STATE POLICE HOUSING AND WELFARE CORPORATION LTD.

OPHWC

**(A Govt. of Odisha Undertaking)**
**BHUBANESWAR DIVISION, At:- OPH&WC HEAD OFFICE COMPLEX, BHOI NAGAR, BHUBANESWAR-22, Ph: (0674) 2543442, 2543242**
**e-mail: jmbbsr.ophwc.od@nic.in&jmbbsr@rediffmail.com**

**PRE-QUALIFICATION NOTICE**

(For Enlistment of different class of Contractors for execution of works through K-2 Agreement)

The Odisha State Police Housing & Welfare Corporation Ltd. (OSPH&WC), Bhubaneswar Division invites application for enlistment of contractors for execution of Civil, PH & Internal Electrification works of various building projects in the district of Khurda, Puri & Nayagarh. All applications will be evaluated as per terms and conditions laid down in the pre-qualification documents for enlistment. After successful evaluation of the pre-qualification documents, selected firms will be registered in Bhubaneswar Division, OSPH&WC's Contractors list, valid for a period of 01 (One) year from date of enlistment.

The pre-qualification documents can be obtained from the office of the undersigned during office hours on payment of ₹2240/-(Rupees two thousand two hundred and forty) only inclusive of GST (Non refundable) in Cash or Demand draft or pay order drawn in favour of **"The Odisha State Police Housing & Welfare Corporation Ltd., Bhubaneswar Division"** drawn on any Nationalized Bank payable at Bhubaneswar. The above documents can also be obtained through Speed Post by sending a self-addressed envelope of size 35cmX25cm with stamped ₹75.00 (Rupees Seventy) only. The pre-qualification documents will also available from the website www.ophwc.nic.in and the same can be downloaded. However, in case of downloaded pre-qualification documents, the cost of ₹2240/-(Rupees two thousand two hundred and forty) only (Non-refundable) described as above in the shape of Demand draft or Pay order shall be enclosed along with pre-qualification documents, failing which pre-qualification documents shall be summarily rejected.

Application for pre-qualification shall be submitted in sealed cover superscribing **"Application for enlistment of Contractors in OSPH&WC, Bhubaneswar Division"** addressed to the Joint Manager, Bhubaneswar Division, OSPH&WC Complex, Bhoi Nagar, Bhubaneswar, Pin- 751022.

The pre-qualification document not submitted in prescribed format or otherwise than in the manner prescribed in the document shall be rejected.

Last date for issue of pre-qualification document up to : 05.00 PM, Dt-28.06.2019
Last date for receipt up to : 02.00 PM, Dt-29.06.2019
Date of opening at : 04.00 PM, Dt-29.06.2019

**Sd./- Joint Manager, Bhubaneswar Division**

### REGIONAL PLANT RESOURCE CENTRE

**Ekamra Kanan, Nayapalli, Bhubaneswar - 751015, Odisha**
**FOREST & ENVIRONMENT DEPARTMENT, GOVERNMENT OF ODISHA**
**Tel no. 0674-2557925, 2552002, Email : rprcbbsr@gmail.com, Website : www.rprcbbsr.in**

**T-04/19 No.1832/RPRC** **Corrigendum** **Date : 17.06.2019**

The last date of receipt of tender No.1783, dt.11.06.2019 for operation of boating facility in Ekamrakanan Lake, RPRC published on 13.06.2019. in "Samaja" and "Dharitri" is extended till 25.06.2019. (4 pm)

**Sd/- Administrative Officer**

### ODISHA HYDRO POWER CORPORATION LTD.,

OHPC
O/o Sr. GENERAL MANAGER, HIRAKUD HYDRO ELECTRIC PROJECT,
POST BOX. NO. 5, BURLA – 768017, DISTRICT: SAMBALPUR (ODISHA),
PHONE: 0663-2430197(O), 2430741(R), FAX: 0663 2430712
E-Mail : srgmhps_burla@yahoo.co.in
CAD-107

**No. HHEP/TECH/WK-93/VOL-III/ 4540** **Date : 12.06.2019**

**TENDER NOTICE NO. HHEP-27/2019**

Sealed tenders are invited from Firms / Companies / Agencies etc having past experience and valid IT PAN / GST registration number for similar work as mentioned below.

| Description of work | EMD (in Rs.) | Cost of tender Paper (in Rs.) |
|---|---|---|
| Annual Maintenance Contract For Computers, Peripherals & Local Area Network(LAN) in HHEP,Burla | Rs. 2500/- | Rs. 2360/- (Rs. 2000/- + GST 18%) |

**Sale of tender paper will be from : 21.06.2019 to 01.07.2019 up to 05.00 PM**
**Last date & time of receipt of tenders: 02.07.2019 up to 04.00 PM**
**Date & time of opening of tender : 02.07.2019 at 04.30 PM**

Further details of the tender documents, terms & conditions, eligibility criteria and downloading please visit our website **www.ohpcltd.com.**

04007/11/0005/1920 **Sd/- Unit Head, HHEP, Burla**

### ODISHA HYDRO POWER CORPORATION LIMITED.

**OFFICE OF THE SENIOR GENERAL MANAGER (ELECTRICAL): BALIMELA HYDRO ELECTRIC PROJECT : POST: BALIMELA: DIST: MALKANGIRI (ODISHA): PIN: 764051., Phone: 06861-232581(O) / 232641 (R). FAX - 06861-232541. Email- <unit.head_balimela@yahoo.com>**
**REGD. OFFICE:** ODISHA HYDRO POWER CORPORATION LIMITED.
**(A Government of Odisha Undertaking)**
**ODISHA STATE POLICE HOUSING & WELFARE CORPORATION BUILDING, VANIVIHAR CHOUK, JANAPATH, BHUBANESWAR-; Tel.- 91-0674-2542983, 2542802,25425526, 2542826, Fax: 254102, GRAM: HYDROPOWER; E-MAIL :ohpc.co@gmail.com / md@ohpcltd.com, WEB: www.ohpcltd.com**

NOTICE INVITING TENDER No.-BHEP/DE-III/09/2019-20; DTD: 17.06.2019

No.CAD-113 :- Sealed Tenders are invited in single part from the eligible class of Contractors / Firms / Agencies having experience in State / Central PSU/Govt. of Odisha having valid license & fulfilling the eligibility criteria as per the tender specification for the work as mentioned below.

| Group | Description of Works | Estimated Cost in Rs. | Cost of tender paper (Non-refundable) in Rs. | EMD in shape of DD only (Non-refundable) in Rs. | Period of availablity of tender at OHPC website. | Last date & Time of receipt of Tender. | Date & Time of opening of Techno Commercial bid. |
|---|---|---|---|---|---|---|---|
| A | Supply and installation of TATA Blue Scope Sheet Roofing Trusses over Middle Storage Water Tank. | Rs. 4,97,887.00 | Rs.2000/- (+GST @18%)= Rs. 2360 | Rs.5000/- | 18.06.2019 | 27.06.2019 12:00 A.M | 27.06.2019 12:30 A.M |
| B | Laying of New Pipe Line from Pump house to Akhandalamani Mandir Line, Balimela | Rs. 3,57,608.00 | Rs.2000/- (+GST @18%)= Rs. 2360 | Rs.3600/- | 18.06.2019 | 27.06.2019 12:00 A.M | 27.06.2019 12:30 A.M |

For details of the tender documents, terms & conditions, please visit our website www.ohpcltd.com
04019/11/0011/1920 Sd./- Unit Head, BHEP, Balimela

### INSTITUTE OF MATHEMATICS AND APPLICATIONS

ANDHARUA, BHUABNESWAR, ODISHA, 751029
(Under Science & Technology Department, Govt. of Odisha)www.iomaorissa.ac.in

CAD-109

**ADVERTISEMENT FOR PROFESSOR POSTS**

**No. IMA/100/ 350 /2019** **Dated:13 /06/2019**

Applications in prescribed format are invited from the eligible Indian nationalsfor the following post. For details of the post, eligibility criteria, qualifications, experience, scale of pay, application format etc.,please visit the website www.iomaorissa.ac.in.

| Sl.No | Name of the Post | Number of Posts | Category |
|---|---|---|---|
| 01 | Professor | 02 | UR |

**N.B.**

1. The Professor posts involve conducting, guiding, directing research/ participation in extension programs of the institute/ consultancy and other duties to be assigned by the authority in addition to teaching.

2. Last date of receipt of application is 15/07/2019

Sd/
DIRECTOR

28006/11/0010/1920

### GOVERNMENT OF ODISHA LAW DEPARTMENT

**No.III-OE-01/2019/5399/L, Dated: 06.06.2019**

**Tender Notice for award of contract for providing of service of one driver for a period of one year w.e.f. 01.07.2019**

No.02-W:- Sealed tenders are invited from reputed manpower agencies / service providers to provide the service of one driver w.e.f. 01.07.2019 through a suitable placement agency on contract basis for day to day official work.

The detailed information for outsourcing the service of aforesaid posts has been given in the Tender Document with may be available in **(http://www.odisha.gov.in)**. The last date and time for submission of Tender Document is 22.06.2019, on 3.00 P.M.

**By order of Principal Secretary**
**Sd./- Additional Secretary (J) to Govt.**

18001/11/0001/1920

### DIRECTORATE OF HORTICULTURE

No.17-L

**ODISHA, BHUBANESWAR**
**GOVT. OF ODISHA**
**KRUSHI BHAWAN, NEAR STATE GUEST HOUSE**
**GOPABANDHU MARG, BHUBANESWAR – 751001**

**EXPRESSION OF INTEREST FOR EMPANELMENT OF TISSUE CULTURE BANANA PLANTLET VARIETY BANTAL & GRAND NAINE PRODUCER**

No. NHM (OHDS) 2/19 - **2/6214** Dt. **13.06.2019**

The Director of Horticulture & Secretary, OHDS invites Expression of Interest in sealed cover from Public Sector Undertakings/ Private Entrepreneurs/Agencies engaged in producing Tissue Culture Banana Plantlet, intending to supply the same to the farmers of Odisha under Govt. programme for the year 2019-20. The sealed Expression of Interest should be submitted to this Directorate on or before 27.06.2019 by 5.00P.M. by Registered/ Speed Post (P&T Deptt.) only. The Technical Bid will be opened on 28.06.2019 at 11.30 A.M. and the Financial Bid will be opened on 29.06.2019 at 11.30 A.M. in the Conference Hall of this Directorate. The sealed envelope should be superscribed with **"EOI for Empanelment of Producer for supply of Plantlet of T.C Banana for 2019-20"**. The details including terms and conditions of the Expression of Interest is available in the website.

www.orissa.gov.in
www.odihort.nic.in

Sd/-
**(Dr. Bijay Ketan Upadhyaya, IAS)**
**Director of Horticulture & Secretary, OHDS**

**01063/11/0003/1920**

### GOVERNMENT OF ODISHA, "e"-PROCUREMENT NOTICE WORKS DEPARTMENT

No.22-B **E-mail : ceroads.bbsr@gmail.com**

**Bid Identification No. CE-DPI & R-01/2019-20**

| | | | |
|---|---|---|---|
| 1. | The Chief Engineer (DPI & Roads), Odisha on behalf of Governor of Odisha invites percentage rate bids in double cover system in ONLINE MODE from eligible contractors for Road/ Bridge works as mentioned below : | | |
| 2. | Nature of work | : | Road / Bridge works |
| 3. | No. of work | : | 04 Nos. |
| 4. | Tender Paper cost | : | Rs.10,000.00 |
| 5. | Class of Contractor | : | Super Class / Special Class as noted against each work |
| 6. | Available of bid document in the website | : | From 10.00 A.M of 20.06.2019 to 5.00 P.M of 11.07.2019 |
| 7. | Date of opening of Bid | : | Dt.12.07.2019 at 11.30 A.M |
| 8. | The Bidders have to participate in ONLINE bidding only. Further details can be seen from the website: https://tenderodisha.gov.in . Any addendum / corrigendum / cancellation of tender can also be seen in the said website. | | |

34117/11/0002/1920

**Sd./- Chief Engineer (DPI & Roads), Odisha**
**OFFICE OF THE ENGINEER-IN-CHIEF (CIVIL), ODISHA, BHUBANESWAR**

### GOVERNMENT OF ODISHA DEPARTMENT OF WATER RESOURCES

**OFFICE OF THE EXECUTIVE ENGINEER CHHELIGADA CANAL DIVISION**
**Digapahandi, Dist: Ganjam**

**1st Corrigendum to the e-Procurement Notice No.: EE– CCD- 01 / 2019-20**
**The e-Procurement Notice may be read as per the following:-**
**e - Procurement Notice No.EE-CCD- 01 /2019-20**
**DEPARTMENT OF WATER RESOURCES**
**OFFICE OF THE EXECUTIVE ENGINEER, CHHELIGADA CANAL DIVISION, Digapahandi, Dist: Ganjam**
**e -mail – ccddig@gmail.com**

**No.66-A:-** Bid document consisting of work, estimated cost, cost of tender paper, EMD, time of completion, class of contractor, the set of terms and conditions of contract and other necessary documents can be seen in e-procurement portal http://tenderodisha.gov.in.

| | | | |
|---|---|---|---|
| 1. | Type of the work | : | C.D. Work. |
| 2. | No. of works | : | 01 No. |
| 3. | Class of contractor | : | "C" &" B" class |
| 4. | Bid identification No. | : | EE-CCD- No. 01 / 2019-20 |
| 5. | Estimated cost | : | Rs. 27.17 Lakhs |
| 6. | Period of completion | : | 04 (four) calandar months |
| 7. | Date & time of availability of bid documents in the portal. | : | From 19.06.2019 , 10.00 AM to 26.06.2019 upto 5.00 P.M. |
| 8. | Last date / time for receipt of bids in the portal. | : | 26.06.2019 upto 5.00 P.M. |
| 9. | Name of the officer inviting Bid. | : | Executive Engineer, Chheligada Canal Division, Digapahandi, Ganjam, Odisha. |

Any addendum / corrigendum / cancelation of tender can also be seen in the said Website.
Date of opening of the Bid: 27.06.2019 at 11.30 A.M
Further details can be seen from the Govt. website: www.tendersorissa.gov.in.
All other terms and conditions of the notice will remain un-altered.

**Executive Engineer,**
**Chheligada Canal Division**
**Digapahandi (Ganjam)**

32169/11/0002/1920

# ଗରମ ଓ ଗର୍ଭବତୀଙ୍କ ଯତ୍ନ

– ଡା. ସରୋଜିନୀ ଷଡ଼ଙ୍ଗୀ

କାଲି ସରିଛି ସ୍ନାନ ପୂର୍ଣ୍ଣିମା। ଆଜିଠୁ ରଥଯାତ୍ରା ପର୍ଯ୍ୟନ୍ତ ମହାପ୍ରଭୁ ରହିବେ ଅଣବସରରେ। କୁହାଯାଏ ଏହି ସମୟରେ ଅନୁଭୂତ ହୁଏ ଅଣବସର ଗୁଳୁଗୁଳି। ତେବେ ଖରାଦିନ ଶେଷ ଏବଂ ବର୍ଷାର ଆରମ୍ଭ ମଧବର୍ତ୍ତୀ ଏହି ସମୟରେ ହେଉଥିବା ପାଣିପାଗ ପରିବର୍ତ୍ତନଜନିତ ଗରମ ସମସ୍ତଙ୍କ ଲାଗି ବିଶେଷ କରି ଗର୍ଭବତୀଙ୍କ ଲାଗି ହୋଇପଡ଼େ ଅସହ୍ୟ। ତେଣୁ ଏହି ସମୟରେ ଉଭୟ ମା' ଏବଂ ଗର୍ଭସ୍ଥ ସନ୍ତାନର ସୁରକ୍ଷା ଲାଗି ଯତ୍ନଶୀଳ ହେବା ଆବଶ୍ୟକ...





ଗର୍ଭାବସ୍ଥା ଏକ ସ୍ୱର୍ଣ୍ଣକାତର ସମୟ, ଯେଉଁଥିରେ ଭାବୀ ମା'କୁ ଦୀର୍ଘ ୯ ମାସ ଧରି ଶିଶୁଟିକୁ ଗର୍ଭରେ ଧାରଣ କରି ସବୁ ସୁବିଧା, ଅସୁବିଧାକୁ ସାମ୍ନା କରିବାକୁ ପଡ଼ିଥାଏ। ମାତୃତ୍ୱର ଏହି ଯାତ୍ରା ଖୁବ୍ ଆନନ୍ଦଦାୟକ ହେଲେ ମଧ୍ୟ କେତେବେଳେ ଏହା ନିରାପଦ ହୋଇଥାଏ ତ' ପୁଣି କେତେବେଳେ ବିପଦ ସଙ୍କୁଳ ହୋଇଥାଏ। କାରଣ ନିଜର ଓଜନ ସହ ଆଉ ଗୋଟିଏ ଶିଶୁକୁ ଗର୍ଭରେ ଧାରଣ କରି ଜୀବନ ନିର୍ବାହ କରିବା କମ୍ କଷ୍ଟକର ବ୍ୟାପାର ନୁହେଁ। ବିଶେଷ ଭାବରେ ଖରା ଗରମ ଏବଂ ଗୁଳୁଗୁଳି ସମୟ ଗର୍ଭବତୀ ନାରୀ ପାଇଁ ବେଶ୍ କଷ୍ଟଦାୟକ ହୋଇଥାଏ। ଅସହ୍ୟ ତାତି ସାଙ୍ଗକୁ ଝାଳ ବୋହିବା, ଜଣେ ସାଧାରଣ ମଣିଷ ପାଇଁ କଷ୍ଟକର ହୋଇପଡ଼ିଥିବା ବେଳେ ଗର୍ଭବତୀ ନାରୀ ପାଇଁ ଏହାକୁ ସହନ କରିବା ଯନ୍ତ୍ରଣାଦାୟକ ହୋଇଥାଏ। ଗର୍ଭାବସ୍ଥାରେ କେତେକ ଅନ୍ତଃସ୍ରାବୀ ରସ ତଥା ଶାରୀରିକ ପରିବର୍ତ୍ତନ ଯୋଗୁ ଭାବୀ ମା'ମାନଙ୍କୁ ବେଶି ଗରମ ଲାଗିଥାଏ। ସେମାନଙ୍କର ବେଶି ଝାଳ ମଧ୍ୟ ବୋହିଥାଏ।

ସାଧାରଣତଃ ପ୍ରତ୍ୟେକ ଗର୍ଭବତୀ ନାରୀଙ୍କ ଠାରେ ବାନ୍ତି ଲାଗିବା, ମୁଣ୍ଡ ବୁଲାଇବା, କ୍ଳାନ୍ତି ଲାଗିବା ଆଦି ଲକ୍ଷଣ ଦେଖାଦେଇଥାଏ। କିନ୍ତୁ ଗରମ ଦିନେ ଏହି ଲକ୍ଷଣ ବଢ଼ିଯାଏ ଏବଂ ଟିକେ ଯତ୍ନ ନ ପାଇଲେ ସେମାନଙ୍କର ଅଂଶୁଘାତ ହେବାର ଭୟ ଥାଏ। ମା' ଦେହର ତାପମାତ୍ରା ବଢ଼ିଗଲେ ଗର୍ଭସ୍ଥ ଶିଶୁ ଉପରେ ମଧ୍ୟ ତା'ର ଖରାପ ପ୍ରଭାବ ପଡ଼ିଥାଏ। ବେଶି ଝାଳ ବୋହୁଥିବାରୁ ଦେହରୁ ଜଳୀୟ ଅଂଶ କମିଯାଏ (ଡିହାଇଡ୍ରେଶନ୍) ତେଣୁ ପ୍ରଚୁର ପାଣି (ଅତି କମ୍‌ରେ ୮-୧୦ଗ୍ଲାସ୍) ପିଇବା ଆବଶ୍ୟକ। ଏହି ପାଣି ଗର୍ଭରେ ଶିଶୁକୁ ଶକ୍ତି ଯୋଗାଉଥିବା ଗର୍ଭଫୁଲକୁ ବିକାଶ କରିଥାଏ। ତା' ଛଡା ଏହା ଦେହରେ ଥିବା ବିଷାକ୍ତ ପଦାର୍ଥକୁ ପରିସ୍ରା ଓ ଝାଳ ବାଟେ ବାହାରି ଯିବାରେ ସାହାଯ୍ୟ କରିଥାଏ। ପାଣି ବ୍ୟତୀତ ଲେମ୍ବୁପାଣି, ପଇଡ଼ପାଣି, ଆଖୁରସ, ସରବତ୍ ପ୍ରଚୁର ପରିମାଣରେ ପିଇବା ଦରକାର। ବାହାରକୁ ଗଲାବେଳେ ସବୁବେଳେ ବୋତଲରେ ପିଇବା ପାଣି ରଖିବା ଆବଶ୍ୟକ। ଅଧିକ ଗରମ ଲାଗିଲେ ମୁହଁ ଏବଂ ଦେହ ଧୋଇଦେବା ଜରୁରୀ।



◆ ଏ ସମୟରେ ଶୀଘ୍ର ହଜମ ହେଉ ନ ଥିବାରୁ, ତରଭୁଜ, କାକୁଡ଼ି, ସାଲାଡ଼, ଫଳ ଖାଆନ୍ତୁ । ଚା, କଫି ଆଦି ବଦଳରେ ଦହି ସାଲାଡ଼, ଲେମ୍ବୁ, ଲୁଣ, ଚିନି ସରବତ, ଫ୍ରୁଟ୍ ଜୁସ୍ ପିଅନ୍ତୁ।

◆ ଏହି ଅବସ୍ଥାରେ ଖରାରେ ଆଦୌ ବାହାରକୁ ବାହାରନ୍ତୁ ନାହିଁ। ଯେତେ ଦୂର ସମ୍ଭବ ଘର ଭିତରେ ରୁହନ୍ତୁ ଏବଂ ନିହାତି କିଛି କାମ ଥିଲେ ସନ୍ଧ୍ୟା ପରେ ସାରିବାକୁ ଚେଷ୍ଟା କରନ୍ତୁ। ଅତ୍ୟଧିକ ଗରମ, ଟାଣ ଖରା ତଥା ପ୍ରଦୂଷଣ ଶରୀରର ବହୁତ କ୍ଷତି କରେ। ସକାଳେ କିଛି ସମୟ ଚାଲିବା ବେଶ୍ ଭଲ।

◆ ଗର୍ଭାବସ୍ଥାରେ ଅନେକଙ୍କର ଗୋଡ଼ ଫୁଲିଥାଏ। ତେଣୁ ଗରମ ଗୁଳୁଗୁଳିରେ ସିନ୍ଥେଟିକ୍ ଏବଂ ଟାଇଟ୍ ପୋଷାକ ପିନ୍ଧିବା ଦ୍ୱାରା ଅସୁବିଧା ହୋଇଥାଏ। ଯଥାସମ୍ଭବ ଆରାମଦାୟକ ଢିଲା କଟନ ପୋଷାକ ପିନ୍ଧନ୍ତୁ। ତେଣୁ ଟାଇଟ ଜୋତା ପରିବର୍ତ୍ତେ ନରମ, କୋମଳ ଢିଲା ଚପଲ ବ୍ୟବହାର କରନ୍ତୁ।

◆ ଗରମ, ଗୁଳୁଗୁଳି ସମୟରେ କେଶ ଲମ୍ବା ରଖନ୍ତୁ ନାହିଁ। ସେହିପରି ଝାଳ ନ ହେବା ଲାଗି କେଶ ଛୋଟ ରଖନ୍ତୁ, ମଝିରେ ମଝିରେ ଶାମ୍ପୁ କରନ୍ତୁ। କେଶ ଖୋଲା ନ ରଖି ଖୋଷା ବା ପନିଟେଲ୍ କରନ୍ତୁ। ଆବଶ୍ୟକ ହେଲେ କେଶ କାଟି ଛୋଟ କରିଦିଅନ୍ତୁ।

◆ ଏମିତିରେ ଗର୍ଭାବସ୍ଥାରେ ଚର୍ମରେ ଡାର୍କ ପ୍ୟାଚ୍, ଡ୍ରାଏ ସ୍ପଟ୍‌ସ, ପିଗ୍‌ମେଣ୍ଟେଶନ୍, ଚମ ଫଟିବା (ର୍‍ୟାସେସ୍) ଆଦି ଭଳି ଅନେକ ପରିବର୍ତ୍ତନ ଦେଖାଦିଏ। ଯାହାକି ଗରମରେ ବଢ଼ିଯିବାର ଆଶଙ୍କା ଥାଏ। ତେଣୁ ଗାଧୋଇସାରି ଚର୍ମରେ ଭଲଭାବେ ମଏଶ୍ଚରାଇଜିଂ ଲୋସନ ବା କ୍ରିମ୍ ଲଗାଇବା ଭଲ। ଏଦିନେ ଗରମ ପାଣି ବା ହଟ୍ ସାୱର ବାଥ୍ କରନ୍ତୁ ନାହିଁ, ନଚେତ୍ ଚର୍ମ ଶୁଷ୍କ ହେବା ସହ ଖୁଣ୍ଟିଲା ହୋଇଯିବ।

◆ ଅଧିକ ଗରମ, ଗୁଳୁଗୁଳି ଲାଗିଲେ ଥଣ୍ଡା ଘରେ ୮-୧୦ ଘଣ୍ଟା ବିଶ୍ରାମ ନିଅନ୍ତୁ। ପ୍ରଚୁର ଝାଳ ବୋହିଲେ ଶରୀରର ଇଲେକ୍ଟ୍ରୋଲାଇଟସ୍ ଯଥା ସୋଡିୟମ ଓ ପଟାସିୟମ ଅସନ୍ତୁଳନ ହୁଏ ଏବଂ ଗୋଡ଼ହାତ ଝିମ୍ପିବା ସହ କ୍ଳାନ୍ତି ଲାଗେ। ଏହାକୁ ହିଟ୍ କ୍ରାମ୍ପସ୍ କୁହାଯାଏ। ଏପରି ଲାଗିଲେ କଦଳୀ ଖାଇବା ସହ ଲେମ୍ବୁ ଲୁଣ ପାଣି ପିଇବା ଉଚିତ। ଗର୍ଭାବସ୍ଥାର ପ୍ରଥମ ୩ ମାସରେ ଅଂଶୁଘାତ ହେଲେ ଗର୍ଭସ୍ଥ ଶିଶୁ ବିକଳାଙ୍ଗ ହେବାର ଭୟ ଥାଏ। ତେଣୁ ଦିନରେ ବାହାରକୁ ଯିବା କିମ୍ବା ଚୁଲି ପାଖରେ ବହୁ ସମୟ ଠିଆ ହୋଇ ରୋଷେଇ କରିବା ଉଚିତ ନୁହେଁ।

– ଲିଙ୍କ୍ ରୋଡ,କଟକ
ମୋ- ୯୪୩୭୯୫୫୦୦୭

# ପୁରି



ଖାଦ୍ୟ ରୁଚି

ଏମିତିରେ ଅଟା କିମ୍ବା ମଇଦାରେ ପ୍ରସ୍ତୁତ ପୁରି ସମସ୍ତେ ଖାଇଥାନ୍ତି । ହେଲେ ଆପଣ ଚାହିଁଲେ ଏଥିରେ କିଛି ନୂଆ ଟେଷ୍ଟ ଆଡ୍ କରି ପାରିବେ । ଆସନ୍ତୁ ଜାଣିବା ବିଭିନ୍ନ ପ୍ରକାର ପୁରି ପ୍ରସ୍ତୁତି ପ୍ରଣାଳୀ ସମ୍ପର୍କରେ...

## ବିଟ୍ ପୁରି

ଏହି ପୁରି ଦେଖିବାକୁ ଯେତିକି କଲରଫୁଲ ଖାଇବାକୁ ସେତିକି ମଜାଦାର। ଏହାକୁ ପ୍ରସ୍ତୁତ କରିବା ଲାଗି ପ୍ରଥମେ ବିଟ୍‌କୁ ଚକଟି ଭଲ ଭାବେ ବାଟି ପେଷ୍ଟ ପ୍ରସ୍ତୁତ କରନ୍ତୁ। ଆବଶ୍ୟକ ମାତ୍ରାରେ ଅଟା ନେଇ ସେଥିରେ ଏହି ପେଷ୍ଟ, ଜୁଆଣି, ଲୁଣ, ଅଳ୍ପ ତେଲ ଏବଂ ପାଣି ପକାଇ ଚକଟି ଦିଅନ୍ତୁ। ଏହାକୁ ଛୋଟ ଛୋଟ ବେଲି ତେଲରେ ଛାଣି ଦିଅନ୍ତୁ। ଆଳୁ ତରକାରି ସାଙ୍ଗେ ଏହାକୁ ଖାଇବାର ମଜା ନିଅନ୍ତୁ।

## ପାଳଙ୍ଗ ପୁରି



ପାଳଙ୍ଗ ଶାଗକୁ ସିଝାଇ ଗ୍ରାଇଣ୍ଡ କରି ଦିଅନ୍ତୁ। ଏହାକୁ ଅଟାରେ ମିଶାନ୍ତୁ। ଅଳ୍ପ ରାଶି, କଞ୍ଚା ଲଙ୍କା, ଜୁଆଣି, ଲୁଣ ଏବଂ ଆବଶ୍ୟକ ପାଣି ଦେଇ ଚକଟି କିଛି ସମୟ ଛାଡି ଦିଅନ୍ତୁ। ବର୍ତ୍ତମାନ ଏକ କଡେଇରେ ତେଲ ଗରମ କରନ୍ତୁ। ରଖା ଯାଇଥିବା ଚକଟା ଅଟାକୁ ଛୋଟ ଛୋଟ ଗୋଲ କରି ବେଲି ଛାଣନ୍ତୁ। ପ୍ରସ୍ତୁତ ହୋଇଗଲା ପାଳଙ୍ଗ ପୁରି।

## ମଟର ପୁରି

ପ୍ରଥମେ ଏକ କଡେଇରେ ତେଲ ଗରମ କରି ସେଥିରେ ଜିରା, ମଟର, ଲୁଣ ପକାଇ ଭାଜନ୍ତୁ। ଅଳ୍ପ ସମୟ ପରେ ସେଥିରେ କଟା ଅଦା, କଞ୍ଚା ଲଙ୍କା, ଆମଚୁର ପାଉଡର ପକାଇ ଭାଜନ୍ତୁ। ଏହା ଥଣ୍ଡା ହେବା ପରେ ଗ୍ରାଇଣ୍ଡ କରି ଦିଅନ୍ତୁ। ଅନ୍ୟ ଏକ ପାତ୍ରରେ ଅଟା, ପାଣି ଏବଂ ଅଳ୍ପ ଲୁଣ ନେଇ ଭଲ ଭାବେ ଚକଟି ଦିଅନ୍ତୁ। ଏହାକୁ ଛୋଟ ଛୋଟ ଗୋଲ କରି ବେଲନ୍ତୁ ଏବଂ ଏହା ଭିତରେ ରଖାଯାଇଥିବା ମଟରକୁ ପୂର ଆକାରରେ ଦେଇ ପୁନର୍ବାର ବେଲନ୍ତୁ। ତେଲରେ ଛାଣି ଗରମ ଗରମ ଏହି ସ୍ୱାଦିଷ୍ଟ ପୁରିର ଆନନ୍ଦ ନିଅନ୍ତୁ। ଆଚାର ସହ ଏହାର କମ୍ବିନେଶନ ଖୁବ୍ ଟେଷ୍ଟି।

## କଚ୍ଚୁ ପୁରି

ଅଟାରେ ସିଝା ଆଳୁ, ଛୋଟ ଛୋଟ କଟା ହୋଇଥିବା କଞ୍ଚା ଲଙ୍କା ଏବଂ ଧନିଆ ପତ୍ର, ଆବଶ୍ୟକ ମାତ୍ରାରେ ସୈନ୍ଧବ ଲବଣ, ଲାଲ ଲଙ୍କା ପାଉଡର, ପାଣି ମିଶାଇ ଭଲ ଭାବେ ଚକଟି ଦିଅନ୍ତୁ। ଏହାକୁ ବେଲି ତେଲରେ ଛାଣି ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ଟେଷ୍ଟି କଚ୍ଚୁ ପୁରି। ଏହାକୁ ରାଇତା କିମ୍ବା ଦହି ସହ ଖାଇବାର ମଜା ନିଅନ୍ତୁ।

# ସୁଖ ନିଦ୍ରା ଲାଗି...

ଏକ ସୁସ୍ଥ ଜୀବନ ଲାଗି ପ୍ରତିଦିନ ପର୍ଯ୍ୟାପ୍ତ ନିଦ୍ରା ନିତାନ୍ତ ଆବଶ୍ୟକ। ହେଲେ ବର୍ତ୍ତମାନ କାର୍ଯ୍ୟ ବ୍ୟସ୍ତତା ହେଉ କିମ୍ବା ଅନ୍ୟାନ୍ୟ କାରଣରୁ ଅଧିକାଂଶ ମହିଳା ନିଦ୍ରାହୀନତା ଭୋଗୁଛନ୍ତି । ଯାହାକି ପରବର୍ତ୍ତୀ ସମୟରେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର କାରଣ ସାଜୁଛି। ତେଣୁ ପ୍ରତିଦିନ ସୁଖ ନିଦ୍ରା ଲାଗି ଜାଣି ରଖନ୍ତୁ କିଛି ସହଜ ଉପାୟ...

▶ସର୍ବପ୍ରଥମେ ନିଦ ନ ହେବାର କାରଣ ଖୋଜନ୍ତୁ । ପ୍ରତିଦିନ ଶୋଇବା ଲାଗି ଅତି କମ୍‌ରେ ୬ରୁ ୭ ଘଣ୍ଟା ସମୟ ଦିଅନ୍ତୁ। ଆବଶ୍ୟକ ସ୍ଥଳେ ଜୀବନଶୈଳୀରେ ପରିବର୍ତ୍ତନ ଆଣିବାକୁ ଚେଷ୍ଟା କରନ୍ତୁ।

▶ଅଧିକ ରାତି ପର୍ଯ୍ୟନ୍ତ କାମ କରିବା, ଟିଭି ଦେଖିବା, ବହି ପଢିବା ଆଦି ଅଭ୍ୟାସ ଅନେକଙ୍କର ରହିଛି। ଯାହାକି ନିଦ୍ରାହୀନତାର କାରଣ ସାଜିପାରେ। ତେଣୁ ଏପରି ଅଭ୍ୟାସ ଥିଲେ ତୁରନ୍ତ ପରିବର୍ତ୍ତନ କରନ୍ତୁ।

▶ନିଦ ଆସିବା ଲାଗି ରାତିରେ ଶୋଇବା ପୂର୍ବରୁ ଏକ ଗ୍ଲାସ୍ ଉଷୁମ କ୍ଷୀର ପିଅନ୍ତୁ ଉପକୃତ ହେବେ।

▶ନିଶାଦ୍ରବ୍ୟ ସେବନ ଅଭ୍ୟାସ ବିଭିନ୍ନ ରୋଗ ସୃଷ୍ଟି କରିବା ସହତ ନିଦ୍ରାହୀନତାର ମଧ୍ୟ ମୁଖ୍ୟ କାରଣ। ତେଣୁ ଯଥା ସମ୍ଭବ ଏଥିରୁ ନିଜକୁ ଦୂରେଇ ରଖନ୍ତୁ ଦେଖିବେ ନିଦ ଭଲ ହେବା ସହ ଶରୀର ସୁସ୍ଥ ମଧ୍ୟ ରହିବ।

▶ନିଦ୍ରା ସମ୍ପୂର୍ଣ୍ଣ ହେବା ଲାଗି କେହି କେହି ନିଦ ଔଷଧ ସେବନ କରୁଥିବା ଦେଖିବାକୁ ମିଳିଥାଏ । ଏପରି ଆଦୌ କରନ୍ତୁ ନାହିଁ। କେବେ କେବେ ଏହାର ପାର୍ଶ୍ୱ ପ୍ରତିକ୍ରିୟାରେ ଅନ୍ୟ ରୋଗ ସୃଷ୍ଟି ହେବାର ଆଶଙ୍କା ରହିଛି। ସର୍ବଦା ପ୍ରାକୃତିକ ଉପାୟରେ ନିଦ ହେବାକୁ ଚେଷ୍ଟା କରନ୍ତୁ। ଆପର ଚାହିଁଲେ ଯୋଗ, ଆସନ, ପ୍ରାଣାୟାମ, ବ୍ୟାୟାମ ଆଦି କରିପାରିବେ। ଯାହାକି ଆପଣଙ୍କ ନିଦ ପୂରା କରିବା ସହ ଶରୀରକୁ ମଧ୍ୟ ଫିଟ୍ ରଖିବ।



▶ମାନସିକ ଚାପ କିମ୍ବା ଅବସାଦ ଥିଲେ ସେଥିରୁ ମୁକୁଳିବାକୁ ଚେଷ୍ଟା କରନ୍ତୁ ଏବଂ ମନକୁ ହାଲୁକା କରନ୍ତୁ। ସେଥିପାଇଁ ମନ ଖୁସି ରଖନ୍ତୁ, ସ୍ଲୋ ମ୍ୟୁଜିକ୍ ଶୁଣନ୍ତୁ।



▶ଅଧିକ ତେଲ ମସଲା ଯୁକ୍ତ ଖାଦ୍ୟ ଏବଂ ଜଙ୍କ ଫୁଡ୍ ଆଦି ପରିବର୍ତ୍ତେ ସନ୍ତୁଳିତ ଖାଦ୍ୟ ଖାଆନ୍ତୁ। ଖାଦ୍ୟ ତାଲିକାରେ ବିଶେଷ କରି ଭିଟାମିନ୍ ବି-୧୨ ଯୁକ୍ତ ଖାଦ୍ୟକୁ ସାମିଲ କଲେ ମେଲାଟୋନିନ୍ ହରମୋନ୍‌ର କ୍ଷରଣ ବୃଦ୍ଧି ହୋଇ ଭଲ ନିଦ ହେବାରେ ସାହାଯ୍ୟ କରିବ।

▶ଏ ସମସ୍ତ ଉପାୟ ଆପଣାଇବା ପରେ ଯଦି କିଛି ଉପକାର ନ ମିଳେ ତେବେ ଅବହେଳା ନ କରି ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ।

# ସୁନ୍ଦର କେଶ ପାଇଁ ଘରୋଇ ଉପାୟ

ସୌନ୍ଦର୍ଯ୍ୟ



କେଶ ନାରୀ ସୌନ୍ଦର୍ଯ୍ୟର ଅଭିନ୍ନ ଅଙ୍ଗ। ତେଣୁ ଏହାକୁ ଅଧିକ ଆକର୍ଷଣୀୟ କରିବାକୁ ସମସ୍ତେ ଚାହାନ୍ତି। ଯଦି ଆପଣ ବି ନିଜ କେଶକୁ ମଜଭୁତ ଏବଂ ସୁନ୍ଦର କରିବାକୁ ଚାହାନ୍ତି ତେବେ ଜାଣି ରଖନ୍ତୁ

◆ ଗୋଟିଏ ଅଣ୍ଡା, ପାଚିଲା କଦଳୀ , ୫ ଚାମଚ ରୋଜ୍ ଅଏଲ ଏବଂ ଏକ ଚାମଚ ସୂର୍ଯ୍ୟମୁଖୀ ତେଲକୁ ମିଶାଇ ପ୍ୟାକ୍ ପ୍ରସ୍ତୁତ କରନ୍ତୁ। ଏହାକୁ ଲଗାଇବା ଦ୍ୱାରା ରୁକ୍ଷ ହେବା, ଫାଟିବା, ଝଡିବା ଭଳି କେଶର ବିଭିନ୍ନ ସମସ୍ୟା ଦୂର ହେବା ସହ ସୁନ୍ଦର ଲାଗିଥାଏ।

◆ ସୁନ୍ଦର ଏବଂ ମଜଭୁତ କେଶ ପାଇଁ ଗୋଟିଏ ଅଣ୍ଡାର କେଶର ସହ ଏକ ଚାମଚ ଲେଖାଏଁ ଆଲମଣ୍ଡ ଅଏଲ, ମହୁ ଏବଂ ଦହି ମିଶାଇ ପ୍ୟାକ୍ ପ୍ରସ୍ତୁତ କରି ଲଗାନ୍ତୁ। ଏହାକୁ ଲଗାଇ ୩୦ ମିନିଟ୍ ରଖିବା ପରେ କେଶ ଧୋଇ ଦିଅନ୍ତୁ।

◆ କେଶ ଝଡିବା ବର୍ତ୍ତମାନ ଅନେକଙ୍କ ଲାଗି ଏକ ପ୍ରମୁଖ ସମସ୍ୟା। ଯଦି ଆପଣ ବି ଏହି ସମସ୍ୟା ଦେଇ ଗତି କରୁଛନ୍ତି ତେବେ ଆଦୌ ବ୍ୟସ୍ତ ହୁଅନ୍ତୁ ନାହିଁ। ପ୍ରତିଦିନ କେଶରେ ରସୁଣ ତେଲ ମସାଜ କରି କିଛି ସମୟ କେଶକୁ ଘୋଡାଇ ରଖନ୍ତୁ। ଭଲ ଭାବେ ତେଲ ଭେଦିଯିବା ପରେ ଧୋଇ ଦିଅନ୍ତୁ। ପ୍ରତିଦିନ ଏପରି କଲେ ଖୁବ୍ କମ୍ ଦିନ ଭିତରେ ଆପଣ ଫରକ ଜାଣି ପାରିବେ।



◆ କେଶର ସୌନ୍ଦର୍ଯ୍ୟ ବୃଦ୍ଧି ଲାଗି ବେବି ଅଏଲ୍ ଖୁବ୍ ଭଲ। ଯଦି କେଶକୁ ସ୍ମୁଥ୍ ଏବଂ ସାଇନିଂ କରିବାକୁ ଚାହୁଁଛନ୍ତି ତେବେ ଭଲ ଭାବେ ବେବି ଅଏଲ୍ ମସାଜ କରି ଏକ ଟାୱାଲ୍‌କୁ ଗରମ ପାଣିରେ ବୁଡାଇ ଚିପୁଡି କେଶରେ ଷ୍ଟିମ୍ ଦିଅନ୍ତୁ। ୧୫ ମିନିଟ୍ ପରେ ଶାମ୍ପୁ କରିଦିଅନ୍ତୁ।

◆ ଯଦି ଆପଣଙ୍କ କେଶ ରୁକ୍ଷ ହୋଇ ଯାଉଛି କିମ୍ବା ଛିଣ୍ଡୁଚି ତେବେ ମାଇଲ୍ଡ ଶାମ୍ପୁରେ ଧୋଇବା ପରେ ଚା' ପତି ପାଣିରେ ମେହେନ୍ଦୀ ପାଉଡର ମିଶାଇ ପେଷ୍ଟ ପ୍ରସ୍ତୁତ କରି କେଶରେ ଲଗାନ୍ତୁ। ୧-୨ ଘଣ୍ଟା ରଖିବା ପରେ ଥଣ୍ଡା ପାଣିରେ ଧୋଇ ଦିଅନ୍ତୁ। ଏହାଦ୍ୱାରା କେଶ ମଜଭୁତ, ଚିକ୍କଣ, ନରମ ଏବଂ ଚକ୍‌ଚକ୍ ଲାଗିବ।

| Dollar | Sensex | Nifty | Gold | Silver |
|---|---|---|---|---|
| 69.91 (11) | 491.28 38,960.79 | 151.15 11,672.15 | ₹100 33,620.00 | ₹10 38,090.00 |



“୧୩ ମାସ ପୂର୍ବେ ଲଞ୍ଚ ହୋଇଥିବା ଦ୍ୱିତୀୟ ପିଢ଼ିର କମ୍ପାକ୍ଟ ସେଡାନ ଆମେଜ ଏବେ ୧ ଲକ୍ଷ ବିକ୍ରି ମାଇଲଖୁଣ୍ଟ ଅତିକ୍ରମ କରିଛି।
– ରାଜେଶ ଗୋୟଲ, ନିର୍ଦ୍ଦେଶକ, ହୋଣ୍ଡା କାର୍‌ସ



“ଆଗାମୀ ୫ରୁ ୭ ବର୍ଷ ମଧ୍ୟରେ ସର୍କୁଲାର ଅର୍ଥନୀତି ଯୋଗୁ ଦେଶରେ ୧.୪କୋଟି ନୂତନ ନିଯୁକ୍ତି ସୃଷ୍ଟି ହେବ। ଏହାଦ୍ୱାରା ଲକ୍ଷ ଲକ୍ଷ ଉଦ୍ୟୋଗୀ ସୃଷ୍ଟି ହେବେ।
– ଅମିତାଭ କାନ୍ତ, ନୀତି ଆୟୋଗ ସିଇଓ



## ସଂକ୍ଷେପରେ

### ହୋମ୍ ଲୋନ୍‌କୁ ରେପୋ ରେଟ୍ ସହ ଲିଙ୍କ କରିବ ଏସ୍‌ବିଆଇ

**ନୂଆଦିଲ୍ଲୀ,୧୭-୬:** ଦେଶର ସର୍ବବୃହତ ବ୍ୟାଙ୍କ ଏସ୍‌ବିଆଇ ହୋମ୍ ଲୋନ୍‌କୁ ଏମ୍‌ସିଏଲ୍‌ଆର୍‌ରୁ ହଟାଇ ରେପୋ ରେଟ୍ ସହ ଲିଙ୍କ କରିବ ବୋଲି ଘୋଷଣା କରିଛି। ଏହା ଜୁଲାଇ ପହିଲାରୁ କାର୍ଯ୍ୟକାରୀ ହେବ। ଏହାଦ୍ୱାରା ଗ୍ରାହକ ବେଶ ପ୍ରଭାବିତ ହେବେ ବୋଲି ଆଶଙ୍କା ରହିଛି। କାରଣ ବାର୍ଷିକ ୬ ଲକ୍ଷ ଟଙ୍କାରୁ ଅଧିକ ଆୟକାରୀଙ୍କୁ ହିଁ ଏଣିକି ହୋମ ଲୋନ୍ ମିଳିବ। ସୂଚନାଯୋଗ୍ୟ ଯେ, ବର୍ତ୍ତମାନ ଦେଶର ସମସ୍ତ ବ୍ୟାଙ୍କ ହୋମ୍ ଲୋନ୍ ଉପରେ ଲାଗୁଥିବା ସୁଧ ହାରକୁ ମାର୍ଜିନାଲ କଷ୍ଟ ଅଫ୍ ଲେଣ୍ଡିଂ ରେଟ(ଏମ୍‌ସିଏଲ୍‌ଆର୍) ଅନୁସାରେ ନିର୍ଦ୍ଧାରଣ କରୁଛନ୍ତି। ଭାରତୀୟ ରିଜର୍ଭ ବ୍ୟାଙ୍କ ରେପୋ ରେଟ ହ୍ରାସ ବୃଦ୍ଧି କରିବା ଦ୍ୱାରା ଏହା ପ୍ରଭାବିତ ହୋଇ ନ ଥାଏ। କାରଣ ଆର୍‌ବିଆଇ ରେପୋ ରେଟ୍ ୨୫ ବେସିସ୍ ପଏଣ୍ଟ ହ୍ରାସ କଲେ, ବ୍ୟାଙ୍କଗୁଡ଼ିକ ୫ରୁ ୧୦ ବେସିସ୍ ପଏଣ୍ଟ ହ୍ରାସ କରୁଛନ୍ତି। ଏସ୍‌ବିଆଇ ଏମ୍‌ଡି(ରିଟେଲ ଆଣ୍ଡ ଡିଜିଟାଲ ବ୍ୟାଙ୍କିଙ୍ଗ୍) ପି.କେ.ଗୁପ୍ତା କହିଛନ୍ତି ଯେ, ନୂଆ ବ୍ୟବସ୍ଥା ଦ୍ୱାରା ବର୍ଷ ସାରା ଇଏମ୍‌ଆଇରେ ଅସ୍ଥିରତା ଦେଖାଦେବ। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ୭୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ହୋମ୍ ଲୋନ୍ ଉପରେ ୮.୪% ହିସାବରେ ସୁଧ ହାର ନିର୍ଦ୍ଧାରିତ ହେବ। ସମ୍ପତ୍ତିର ୮୦ ପ୍ରତିଶତ ପର୍ଯ୍ୟନ୍ତ ପରିମାଣ ଉପରେ ବ୍ୟାଙ୍କ ଋଣ ଦେଲେ ହିଁ ଏହି ସୁଧ ହାର ଲାଗୁ ହେବ। ତେବେ ଏହାଠାରୁ ଅଧିକ ଋଣ ଦିଆଯିବା ଉପରେ ଋଣଗ୍ରହିତା ୨୦ ବିପିଏସ୍ ଅତିରିକ୍ତ ଦେବେ। ସେହିପରି ଲୋକଙ୍କୁ ସର୍ବାଧିକ ୩୩ ବର୍ଷ ପର୍ଯ୍ୟନ୍ତ ଅବଧି ପାଇଁ ଋଣ ମିଳିବ। ନିର୍ମାଣାଧୀନ ସମ୍ପତ୍ତି ଉପରେ ୨ ବର୍ଷର ଏକ୍ସଟେନ୍‌ଶନ ମିଳିବ।

### ୟଶ୍ ବିର୍ଲା ୱିଲଫୁଲ ଡିଫଲ୍ଟର ଘୋଷିତ

**ନୂଆଦିଲ୍ଲୀ,୧୭-୬:** କୋଲକାତାର ୟୁକୋ ବ୍ୟାଙ୍କ ଯଶୋବର୍ଦ୍ଧନ ବିର୍ଲା(ୟଶ୍ ବିର୍ଲା)ଙ୍କୁ ୱିଲଫୁଲ ଡିଫଲ୍ଟର ଘୋଷଣା କରିଛି। ତାଙ୍କ ଗ୍ରୁପ୍‌ଙ୍କ ଗୋଟିଏ କମ୍ପାନୀ ବିର୍ଲା ସୂର୍ଯ୍ୟା ଲିମିଟେଡ ଉପରେ ୬୭.୫୫ କୋଟି ଟଙ୍କାର ବକେୟା ଋଣ ରହିଛି। ବ୍ୟାଙ୍କ ପକ୍ଷରୁ କୁହାଯାଇଛି ଯେ, କମ୍ପାନୀ ନିକଟରେ ୧୦୦ କୋଟି ଟଙ୍କାର କ୍ରେଡିଟ ଲିମିଟ ଥିଲା, ଯାହାର ୬୭ କୋଟି ଟଙ୍କାରୁ ଅଧିକ ସୁଧ ବାକି ଥିଲା। ଏହି ଋଣକୁ ୨୦୧୩ରେ ଏନ୍‌ପିଏ ଘୋଷଣା କରାଯାଇଥିଲା। ନିୟମ ଅନୁଯାୟୀ, ଜଣେ ପ୍ରମୋଟରଙ୍କୁ କୌଣସି ଋଣ ମାମଲାରେ ୱିଲଫୁଲ ଡିଫଲ୍ଟର ଘୋଷଣା କରାଗଲେ, ତାଙ୍କର ବର୍ତ୍ତମାନର କମ୍ପାନୀ ସହ ସେ ଯେଉଁ କମ୍ପାନୀରେ ଡାଇରେକ୍ଟର ରହିଥିବେ, ତାକୁ ମଧ କୌଣସି ବ୍ୟାଙ୍କ ଋଣ ଦେବ ନାହିଁ। ବିର୍ଲା ସୂର୍ଯ୍ୟା ଲିମିଟେଡରେ ୟଶ୍ ବିର୍ଲା ଡାଇରେକ୍ଟର ରହିଛନତି। ସେ ବିର୍ଲା ଗ୍ରୁପ୍‌ର ଅଧକ୍ଷ ଦାୟିତ୍ୱ ତୁଲାଉଛନ୍ତି। ଗ୍ରୁପ୍ ନିକଟରେ ଏକ ଡଜନରୁ ଅଧିକ କମ୍ପାନୀ ରହିଛି। ଯେଉଁଥିରେ, ଜେନିଥ ଷ୍ଟିଲ୍, ବିର୍ଲା ପାୱାର, ବିର୍ଲା ଲାଇଫଷ୍ଟାଇଲ ଏବଂ ଶ୍ଳୋକା ଇନ୍‌ଫୋଟେକ୍ ଭଳି କମ୍ପାନୀ ସାମିଲ ରହିଛି। ଅଧିକାଂଶ କମ୍ପାନୀ ଏବେ କ୍ଷତିରେ ଚାଲୁଛି ଏବଂ ସେମାନେ ଋଣ ପରିଶୋଧ ସ୍ଥିତିରେ ନାହାନ୍ତି। ଗତବର୍ଷ ଗ୍ରୁପ୍‌ର ୩ କମ୍ପାନୀ ବିର୍ଲା କୋଟସିନ୍, ବିର୍ଲା ଶ୍ଳୋକା ଏଜୁଟେକ୍ ଏବଂ ଜେନିଥ ବିର୍ଲା ବିରୋଧରେ ଅର୍ଥ ତୋଷରପାତ ଅଭିଯୋଗର ଯାଞ୍ଚ ହୋଇଥିଲା। ଆଶ୍ଚର୍ଯ୍ୟର କଥା ଯେ, କୋଲକାତାସ୍ଥିତ ୟୁକୋ ବ୍ୟାଙ୍କକୁ ୟଶ୍‌ଙ୍କ ପିତାମହ ଘନଶ୍ୟାମ ଦାସ ବିର୍ଲା ୧୯୪୩ରେ ପ୍ରତିଷ୍ଠା କରିଥିଲେ। ସେ ଯଶୋବର୍ଦ୍ଧନଙ୍କ ପିତାମହ ରାମେଶ୍ୱର ଦାସ ବିର୍ଲାଙ୍କ ଭାଇଥିଲେ। ମାତାପିତାଙ୍କର ବିମାନ ଦୁର୍ଘଟଣାରେ ମୃତ୍ୟୁ ପରେ ୟଶ୍ ମାତ୍ର ୨୩ ବର୍ଷ ବୟସରେ ବିର୍ଲା ଗ୍ରୁପ୍ ଅଫ୍ କମ୍ପାନୀ ଦାୟିତ୍ୱ ନେଇଥିଲେ। ଗ୍ରୁପ୍‌ର ପରିଚାଳନା ପରାମର୍ଶଦାତାଙ୍କ ଦ୍ୱାରା ହେଉଥିଲା। ବିର୍ଲା ଶ୍ଳୋକା ଏଜୁଟେକ୍ ଅଧୀନରେ ଏହି ଗ୍ରୁପ୍‌ର ଅନେକ ଚାରିଟେବଲ ଟ୍ରଷ୍ଟ ରହିଛି। ୧୯୬୯ରେ କେନ୍ଦ୍ର ସରକାର ୟୁକୋ ବ୍ୟାଙ୍କକୁ ଅଧିଗ୍ରହଣ କରିଥିଲେ।

### ଏନ୍‌ସିଏଲ୍‌ଟିକୁ ଯିବ ବ୍ୟାଙ୍କ ସମୂହ

# ଜେଟ୍‌ର ପୁନରୁଦ୍ଧାର ଆଶା ଶେଷ

**ନୂଆଦିଲ୍ଲୀ,୧୭-୬**

- ଆଇବିସି ବାହାରେ ସମାଧାନ ପ୍ରୟାସ ଚାଲିଥିଲା
- ଏପ୍ରିଲ ୧୭ରୁ ଜେଟ୍ ଅସ୍ଥାୟୀ ଭାବେ ବନ୍ଦ
- ବ୍ୟାଙ୍କ ସମୂହର ୮୫୦୦ କୋଟି ବକେୟା ଋଣ
- ବକେୟା ଋଣ ପରିମାଣ ୨୫ ହଜାର କୋଟି
- ୨୦ରେ ଦୁଇଟି ମାମଲାର ଶୁଣାଣି




ନଗଦ ସଙ୍କଟ କାରଣରୁ ଅଚାନକ ବନ୍ଦ ହୋଇଯାଇଥିବା ଜେଟ୍ ଏୟାରୱେଜ୍‌ର ପୁନରୁଦ୍ଧାର ଲାଗି ସବୁ ଉଦ୍ୟମ ଫସର ଫାଟିଛି। ଭାରତୀୟ ଷ୍ଟେଟ୍ ବ୍ୟାଙ୍କ(ଏସ୍‌ବିଆଇ) ନେତୃତ୍ୱରେ ଗଠିତ ବ୍ୟାଙ୍କ ସମୂହ ବକେୟା ଋଣ ଆଦାୟ ଲାଗି ଦେବାଳିଆ ଆଇନ(ଆଇବିସି) ଅଧୀନରେ ଏନ୍‌ସିଏଲ୍‌ଟି ନିକଟରେ ଜେଟ୍ ମାମଲା ନେଇଯିବାକୁ ନିଷ୍ପତ୍ତି ନେଇଛନ୍ତି। ଫଳରେ ଜେଟ୍ ଏୟାରୱେଜ୍ ଦେବାଳିଆ ଘୋଷିତ ହେବ। ଆଇବିସି ବାହାରେ ଜେଟ୍ ମାମଲାର ସମାଧାନ ଲାଗି ଋଣପ୍ରଦାନକାରୀ ବ୍ୟାଙ୍କ ସମୂହ ଦୀର୍ଘ ଦିନ ହେଲା ପ୍ରୟାସ କରୁଥିଲେ। ତେବେ ସେମାନଙ୍କ ସମସ୍ତ ଚେଷ୍ଟା ବିଫଳ ହୋଇଛି।

ବ୍ୟାଙ୍କ ସମୂହ ପକ୍ଷରୁ ଏକ ବିବୃତି ଜାରି କରି କୁହାଯାଇଛି ଯେ, ଜେଟ୍ ଏୟାରୱେଜର ଭବିଷ୍ୟତ ନିର୍ଦ୍ଧାରଣ ଲାଗି ସମସ୍ତ ଋଣପ୍ରଦାନକାରୀଙ୍କ ଏକ ବୈଠକ ସୋମବାର ବସିଥିଲା। ଅନେକ ବିଚାରବିମର୍ଶ ପରେ ଜେଟ୍ ମାମଲାର ସମାଧାନ ପାଇଁ ଆଇବିସି ହିଁ ଏକମାତ୍ର ରାସ୍ତା ବୋଲି ବୈଠକରେ ମତପ୍ରକାଶ ପାଇଥିଲା। କାରଣ କମ୍ପାନୀକୁ ଏକମାତ୍ର ସସର୍ତ୍ତ ବିଡ୍ ମିଳିଥିଲା। ବ୍ୟାଙ୍କଗୁଡ଼ିକ ଦେଇଥିବା ଋଣର ୮୫% ଛାଡ଼ି ଦେବାଲାଗି ବିଡ୍‌ରେ ସର୍ତ୍ତ ରଖାଯାଇଥିଲା। ତେବେ ଏଭଳି ନିଷ୍ପତ୍ତି ନେବା ବ୍ୟାଙ୍କ ସ୍ୱାର୍ଥର ପରିପନ୍ଥୀ ଥିଲା। ଏଣିକି ସମ୍ପୂର୍ଣ୍ଣ ପ୍ରକ୍ରିୟା ଆଇବିସି ଅଧୀନରେ ଚାଲିବ। ସୂଚନାଥାଉ କି, ଆଇବିସି ବାହାରେ ଜେଟ୍ ଏୟାରୱେଜ୍‌ର ରିଜଲ୍ୟୁଶନ କରିବା ଲାଗି ବ୍ୟାଙ୍କ ସମୂହ ଚାହୁଁଥିଲେ। କାରଣ ଏହାଦ୍ୱାରା ସେମାନେ ଦେଇଥିବା ଋଣର ଅଧିକାଂଶ ଫେରସ୍ତ ପାଇଥାନ୍ତେ। ଆଇବିସି ଅଧୀନରେ ମାମଲା ଚାଲିଲେ ସେମାନଙ୍କୁ ବକେୟା ଋଣର କିୟଦଂଶ ମିଳିବ। ଜେଟ୍ ଏୟାରୱେଜ୍‌କୁ କିଣିବା ଲାଗି ଆଗ୍ରହ ପ୍ରଦର୍ଶନ କରିଥିବା ହିନ୍ଦୁଜା ଗ୍ରୁପ୍ ଏବଂ ଏତିହାଦ ଏୟାରୱେଜ୍ ଏ ଦିଗରେ ଆଗେଇ ନ ଥିଲେ କି କୌଣସି ଔପଚାରିକ ପ୍ରସ୍ତାବ ଦେଇ ନ ଥିଲେ। ସୂଚନାଯୋଗ୍ୟ ଯେ, ଜେଟ୍‌ରେ ନଗଦ ସଙ୍କଟ କାରଣରୁ ଏପ୍ରିଲ ୧୭ରୁ ଏହାକୁ ଅସ୍ଥାୟୀ ଭାବେ ବନ୍ଦ କରିଦିଆଯାଇଛି। ଏହା ଉପରେ ବ୍ୟାଙ୍କ ସମୂହର ୮୫୦୦ କୋଟି ଟଙ୍କାର ବକେୟା ଋଣ ରହିଛି। ତେବେ ଏୟାରଲାଇନ୍ସ ଉପରେ ମୋଟରେ ୨୫ ହଜାର କୋଟି ଟଙ୍କାର ବକେୟା ଋଣ ଅଛି। ପ୍ରତିଷ୍ଠାତା ନରେଶ ଗୋୟଲଙ୍କ ହାତରୁ ଜେଟ୍‌ର ପରିଚାଳନା ଭାର ନିଜ ହାତକୁ ନେବା ପରେ ବ୍ୟାଙ୍କ ସମୂହ କହିଥିଲେ ଯେ, ଭାରି ମାତ୍ରାରେ ଋଣକୁ ବାଦ୍ ଦେଇ କମ୍ପାନୀର ବିମାନ ଉଡାଇବା ଏକ ବଡ଼ ଆହ୍ୱାନ ହୋଇଛି। ବେସାମରିକ ବିମାନ ଚଳାଚଳ ବିଶେଷଜ୍ଞ ଜିତେନ୍ଦ୍ର ଭାର୍ଗବ କହିଛନ୍ତି ଯେ, ଜେଟ୍ ଏୟାରୱେଜ୍ ପାଇଁ ସବୁ ଶେଷ ହୋଇଗଲା। ପୁନରୁଦ୍ଧାର ଆଶା ବ୍ୟର୍ଥ ହେଲା। ଉଲ୍ଲେଖ କରାଯାଇପାରେ ଯେ, ଦୁଇ ଅପରେଶନାଲ କ୍ରେଡିଟର ଶମନ ହ୍ୱିଲ୍ସ ପ୍ରାଇଭେଟ ଲିମିଟେଡ ଏବଂ ଗଗର ଏଣ୍ଟରପ୍ରାଇଜର୍ସ ପ୍ରାଇଭେଟ ଲିମିଟେଡ ପକ୍ଷରୁ ଜେଟ୍ ଏୟାରୱେଜ ବିରୋଧରେ ମୁମ୍ବାଇ ଏନ୍‌ସିଏଲ୍‌ଟିରେ ଦୁଇଟି ସ୍ୱତନ୍ତ୍ର ଆବେଦନ କରାଯାଇଛି। ଆସନ୍ତା ୨୦ରେ ଏହି ମାମଲାର ଶୁଣାଣି ହେବ। ଜେଟ୍ ନିକଟରେ ଏବେ ମାତ୍ର ୧୪ ବିମାନ ରହିଥିବା ବେଳେ ଡିଜିସିଏ ଏହାର ଇଞ୍ଜିନିୟରିଂ ଲାଇସେନ୍ସକୁ ରଦ୍ଦ କରିଦେଇଛି। ମାସିକ ଭଡା ନ ଦେବା କାରଣରୁ ବିମାନ କମ୍ପାନୀଗୁଡ଼ିକ ଜେଟ୍‌କୁ ଦେଇଥିବା ବିମାନ ଫେରାଇ ନେଇଛନ୍ତି। ଅପରପକ୍ଷରେ ସିକ୍ୟୁରିଟିଜ ଆଣ୍ଡ ଏକ୍ସଚେଞ୍ଜ ବୋର୍ଡ ଅଫ୍ ଇଣ୍ଡିଆ(ସେବି) ନିର୍ଦ୍ଦେଶକ୍ରମେ ଦେଶର ଷ୍ଟକ୍ ଏକ୍ସଚେଞ୍ଜଗୁଡ଼ିକରେ ଜେଟ୍ ଏୟାରୱେଜ୍‌ର ଶେୟାର କାରବାରକୁ ଚଳିତ ମାସ ୨୮ରୁ ରୋକାଯାଇଛି।

### ହାଇକୋର୍ଟରେ ଚୋକସିଙ୍କ ସତ୍ୟପାଠ

# ଫେରାର ହୋଇନି, ଚିକିତ୍ସା ପାଇଁ ବିଦେଶ ଯାଇଛି

**ନୂଆଦିଲ୍ଲୀ,୧୭-୬**



ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି) ମହାଦୁର୍ନୀତିର ଅନ୍ୟତମ ମୁଖ୍ୟ ଅଭିଯୁକ୍ତ ହୀରା ବ୍ୟବସାୟୀ ମେହୁଲ ଚୋକ୍‌ସି ସୋମବାର ବମ୍ବେ ହାଇକୋର୍ଟରେ ଏକ ସତ୍ୟପାଠ ଦାଖଲ କରିଛନ୍ତି। ସେ ଦେଶରୁ ପଳାୟନ କରିନାହାନ୍ତି ବରଂ ନିଜର ମେଡିକାଲ ଟ୍ରିଟ୍‌ମେଣ୍ଟ ପାଇଁ ବିଦେଶ ଯାଇଛନ୍ତି ବୋଲି ସତ୍ୟପାଠରେ ସେ କହିଛନ୍ତି। ବର୍ତ୍ତମାନ ସେ ଆଣ୍ଟିଗୁଆରେ ଅବସ୍ଥାନ କରୁଛନ୍ତି ଓ ତଦନ୍ତରେ ସହାୟତା କରିବାକୁ ଇଚ୍ଛୁକ। ଅଦାଲତ ଚାହିଁଲେ ତଦନ୍ତକାରୀ ଅଧିକାରୀଙ୍କୁ ଆଣ୍ଟିଗୁଆ ଆସିବାକୁ ନିର୍ଦ୍ଦେଶ ଦେଇପାରନ୍ତି ବୋଲି ଚୋକ୍‌ସି ସତ୍ୟପାଠରେ ଉଲ୍ଲେଖ କରିଛନ୍ତି। ପଳାତକ ହୀରା ବ୍ୟବସାୟୀ କହିଛନ୍ତି ଯେ, ତଦନ୍ତରେ ସହାୟତା କରିବାକୁ ଇଚ୍ଛା ଥିଲେ ହେଁ ସ୍ୱାସ୍ଥ୍ୟଗତ କାରଣରୁ ସେ ବିମାନ ଯାତ୍ରା କରିବାକୁ ଅସମର୍ଥ। ଯାତ୍ରା କରିବା ଲାଗି ଡାକ୍ତରଙ୍କ ଅନୁମତି ମିଳିବା ମାତ୍ରେ ସେ ଭାରତ ଫେରିଆସିବେ। ତେବେ ଭିଡିଓ କନ୍‌ଫରେନ୍ସ ଜରିଆରେ ସ୍ୱତନ୍ତ୍ର ଅଦାଲତ ଏବଂ ଯାଞ୍ଚ ଅଧିକାରୀଙ୍କ ସମ୍ମୁଖରେ ହାଜର ହେବାକୁ ସେ ପ୍ରସ୍ତୁତ ବୋଲି ଚୋକ୍‌ସି କହିଛନ୍ତି। ଯାଞ୍ଚରେ ସହାୟତା କରୁନାହାନ୍ତି ବୋଲି ସିବିଆଇ ଓ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି)ର ଯୁକ୍ତି ସମ୍ପୂର୍ଣ୍ଣ ମିଛ ବୋଲି ହୀରା ବ୍ୟବସାୟୀ କହିଛନ୍ତି। ତେବେ ସିବିଆଇ ଓ ଇଡି ତାଙ୍କୁ ଆଣ୍ଟିଗୁଆରେ ଜେରା କରିପାରିବେ ବୋଲି ଚୋକ୍‌ସି ସ୍ପଷ୍ଟ କରିଛନ୍ତି। ଉଲ୍ଲେଖଥାଉ କି, ଭଣଜା ନୀରବ ମୋଦିଙ୍କ ସହ ମିଶି ଚୋକ୍‌ସି ପିଏନ୍‌ବିରୁ ପ୍ରାୟ ସାଢ଼େ ୧୩ ହଜାର କୋଟି ଟଙ୍କାର ଋଣ ଠକି ନେଇଛନ୍ତି ବୋଲି ଅଭିଯୋଗ ହୋଇଛି।

## ଗୀତମ୍‌ରେ ଏମ୍‌ବିବିଏସ୍ ନାମଲେଖା

**ବିଶାଖାପାଟଣା,୧୭-୬**



ଗୀତମ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ମେଡିକାଲ ସାଇନସେସ୍ ଆଣ୍ଡ ରିସର୍ଚ୍ଚ (ଜିଆଇଏମ୍‌ଏସ୍ ଆର୍)ରେ ଏମ୍‌ବିବିଏସ୍ ନାମଲେଖା ସମ୍ପର୍କରେ ଘୋଷଣା କରାଯାଇଛି। ଏହା ଗୀତମ ଡିମ୍‌ଡ ୟୁନିଭର୍ସିଟିର ମେଡିକାଲ କଲେଜ ହୋଇଥିବା ବେଳେ ୨୦୧୯-୨୦ ବର୍ଷ ଲାଗି ନାମଲେଖା ହେଉଛି। ମେଡିକାଲ କଲେଜର ସିଟ୍‌ଗୁଡିକ ନିଟ୍-୨୦୧୯ ଅନ୍‌ଲାଇନ କାଉନ୍‌ସେଲିଂ ଦ୍ୱାରା ପୂରଣ କରାଯିବ। ଉକ୍ତ କାଉନସେଲିଂ ଡାଇରେକ୍ଟୋରେଟ୍ ଜେନେରାଲ ଅଫ୍ ହେଲ୍‌ଥ ସର୍ଭିସେସ, ନୂଆଦିଲୀଙ୍କ ଦ୍ୱାରା ଅନୁଷ୍ଠିତ ହେଉଛି। ଏଥି ଲାଗି ପ୍ରାର୍ଥୀ ଅଫିସିଆଲ ୱେବସାଇଟ ଲଗ୍ ଇନ୍ କରି ପଞ୍ଜୀକରଣ କରିପାରିବେ। ପ୍ରଥମ ପର୍ଯ୍ୟାୟ କାଉନସେଲିଂ ଲାଗି ପଞ୍ଜୀକରଣ ପ୍ରକ୍ରିୟା ୧୯ରୁ ୨୪ ଜୁନ ମଧ୍ୟରେ ହେବ। ଏମ୍‌ବିବିଏସ୍ ଆଡମିଶନ ଲାଗି ନିର୍ଦ୍ଧାରିତ ପଦ୍ଧତି ଅବଲମ୍ବନ କରିବାକୁ ଗୀତମ ଡିମ୍‌ଡ ୟୁନିଭର୍ସିଟି ରେଜିଷ୍ଟ୍ରାର ପ୍ରଫେସର କେ.ଭି.ଜି.ଡି. ବାଲାଜୀ ସୂଚନା ଦେଇଛନ୍ତି।

# ବଜାରରେ ହିରୋର ୩ ନୂଆ ମଡେଲ

**ଭୁବନେଶ୍ୱର,୧୭-୬**




ହିରୋମୋଟୋକର୍ପ ପକ୍ଷରୁ ଓଡ଼ିଶା ବଜାରରେ ସୋମବାର ୩ ନୂଆ ମଡେଲର ବଜାର ପ୍ରବେଶ ହୋଇଛି। ଏହି ମଡେଲଗୁଡ଼ିକ ମଧ୍ୟରେ ହିରୋ ମାଏଷ୍ଟ୍ରୋ ଏଜ୍ ୧୨୫, ଏକ୍ସପଲ୍‌ସ ୨୦୦ଟି ଏବଂ ଏକ୍ସଟ୍ରିମ ୨୦୦ ଏସ୍ ରହିଛି। ନୂଆ ମଡେଲଗୁଡ଼ିକୁ କଟକର ଜେଏମ୍‌ଜି ଅଟୋମୋବାଇଲ୍ସ, ସନି ମୋଟର୍ସ, ଏସେନ ଅଟୋମୋବାଇଲ ଶୋ'ରୁମଠାରେ ଉନ୍ମୋଚନ କରାଯାଇଥିଲା। ହିରୋ ମାଏଷ୍ଟ୍ରୋ ଏଜ୍‌ରେ ଗ୍ରାହକମାନେ ଦେଶର ପ୍ରଥମ ସ୍କୁଟର ଭାବେ ଫୁଏଲ ଇଞ୍ଜେକସନ(ଏଫ୍‌ଆଇ) ଟେକ୍ନୋଲୋଜି ପାଇ ପାରିବେ। ଏହାର ଆଇ୩ଏସ୍ କାର୍ବ ଭାରିଆଣ୍ଟର ବଜାର ଦର ୬୧,୧୦୦ଟଙ୍କା ଏବଂ ଡିସ୍କ ଭାରିଆଣ୍ଟର ବଜାର ଦର ୬୩,୧୦୦ ଟଙ୍କା ରହିଛି। ସେହିଭଳି ଏକ୍ସପଲ୍‌ସ ୨୦୦ଟି ମଡେଲର ବଜାର ଦର ୯୮,୦୦୦ ଟଙ୍କା ରହିଛି। ଏକ୍ସଟ୍ରିମ ୨୦୦ଏସ୍ ସିଟି ପରଫରମାନ୍ସକୁ ଧ୍ୟାନରେ ରଖି ପ୍ରସ୍ତୁତ କରାଯାଇଥିବା ବେଳେ ଏହାର ବଜାର ଦର ୯୫,୫୦୦ ଟଙ୍କା ରହିଛି। ଜେଏମ୍‌ଜି ଅଟୋମୋବାଇଲରେ ମଡେଲଗୁଡ଼ିକୁ ଶୋ'ରୁମର ମ୍ୟାନେଜିଂ ପାର୍ଟନେର ପ୍ରଦୀପ ଅଗ୍ରୱାଲ, ହିରୋ ମୋଟୋକର୍ପର ସେଲ୍‌ସ ମ୍ୟାନେଜର ଅଭିନବ କୁମାର ବଜାର ପ୍ରବେଶ କରାଇଥିଲେ। ସେହିଭଳି ସନ୍ନି ମୋଟର୍ସଠାରେ ମ୍ୟାନେଜିଂ ପାର୍ଟନେର ଅର୍ଶଦୀପ ସିଂ, ସିନେ ଅଭିନେତା ଅଂଶୁମାନ ମଡେଲର ଶୁଭାରମ୍ଭ କରିଥିଲେ। ଏସେନ ଅଟୋମୋବାଇଲଠାରେ ମ୍ୟାନେଜି ପାର୍ଟନେର ସୌରଭ ଥାକର ଯାନଗୁଡ଼ିକୁ ଉନ୍ମୋଚନ କରିଥିଲେ।





## କର୍ପୋରେଶନ ବ୍ୟାଙ୍କର ନୂତନ ଆଞ୍ଚଳିକ ମୁଖ୍ୟ

**ଭୁବନେଶ୍ୱର,୧୭-୬**



କର୍ପୋରେଶନ ବ୍ୟାଙ୍କ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ କାର୍ଯ୍ୟାଳୟର ନୂତନ ଆଞ୍ଚଳିକ ମୁଖ୍ୟ ଭାବେ ଏ.ଆର୍. ରାଘବେନ୍ଦ୍ର କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ସେ ୧୯୮୪ରେ କର୍ନାଟକର ଚିକ୍‌ମାଗାଲୋରଠାରେ ବ୍ୟାଙ୍କରେ ଯୋଗ ଦେଇଥିଲେ। ଭୁବନେଶ୍ୱର କାର୍ଯ୍ୟାଳୟରେ ଅବସ୍ଥାପିତ ହେବା ପୂର୍ବରୁ ସେ ବ୍ୟାଙ୍କର ମାଙ୍ଗାଲୋରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ଉପମହାପ୍ରବନ୍ଧକ ଭାବେ କାର୍ଯ୍ୟ କରୁଥିଲେ। ଡିଜିଟାଲ ବ୍ୟାଙ୍କିଙ୍ଗ, କର୍ପୋରେଟ କ୍ୟାଶ ମ୍ୟାନେଜମେଣ୍ଟ ଏବଂ ଗଭର୍ନମେଣ୍ଟ ବିଜନେସ ଭଳି ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ ଅଭିଜ୍ଞତା ହାସଲ କରିଛନ୍ତି। ଓଡ଼ିଶାରେ ମୋଟ ବ୍ୟବସାୟକୁ ୮୦୦୦ କୋଟି ଟଙ୍କାରେ ପହଞ୍ଚାଇବା ଏବଂ ଏନ୍‌ପିଏ ହ୍ରାସ ଭଳି ପଦକ୍ଷେପ ଉପରେ ସେ କାର୍ଯ୍ୟ କରିବେ ବୋଲି ସୂଚନା ଦେଇଛନ୍ତି।

# ଖସିପାରିବେନି ଟିକସ ଖିଲାପୀ

**ନୂଆଦିଲ୍ଲୀ,୧୭-୬**

**ଜରିମାନା ଦେଲେ ମଧ ଜେଲ୍ ଯିବେ**




କେନ୍ଦ୍ରର ନରେନ୍ଦ୍ର ମୋଦି ସରକାର କଳାଧନ ବିରୋଧରେ ସଂଗ୍ରାମ ଜାରି ରଖିଛନ୍ତି। ଏବେ ଏହି ଦିଗରେ ଆଉ ଏକ ପଦକ୍ଷେପ ଗ୍ରହଣ କରାଯାଇଛି। କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ(ସିବିଡିଟି) ପକ୍ଷରୁ ଟିକସ ଖିଲାପୀଙ୍କ ଲାଗି ଆଉ ଏକ ନୂଆ ନିୟମ ଜାରି କରାଯାଇଛି। ସୋମବାରଠାରୁ ଏହି ନିୟମ ଲାଗୁ ହୋଇଛି। ତଦନୁଯାୟୀ, ମନି ଲଣ୍ଡରିଂ, ଆତଙ୍କବାଦ ଲାଗି ଆର୍ଥିକ ସହାୟତା, ଦୁର୍ନୀତି, ବେନାମୀ ସମ୍ପତ୍ତି ରଖିବା ଅଥବା ବିଦେଶରେ ଅଘୋଷିତ ସମ୍ପତ୍ତି ରଖିବା ଭଳି ଗମ୍ଭୀର ମାମଲାରେ କୌଣସି ବ୍ୟକ୍ତି ଟିକସ ଫାଙ୍କିଥିବା ଅଭିଯୋଗରେ କେବଳ ଜରିମାନା ଦେଇ ଖସି ଯାଇପାରିବେ ନାହିଁ। ନିୟମ ଅନୁଯାୟୀ ଅଦାଲତ ବାହାରେ କୌଣସି ସାଲିସ୍ ହେବ ନାହିଁ। ସେମାନଙ୍କ ବିରୋଧରେ ମକଦ୍ଦମା ଚାଲିବ ଏବଂ ନିର୍ଦ୍ଧାରିତ ନିୟମ ଅନୁଯାୟୀ ଦୋଷୀ ସାବ୍ୟସ୍ତ ହେଲେ ଜେଲ୍ ମଧ ଯିବାକୁ ହେବ। ସିବିଡିଟି ପକ୍ଷରୁ ଜାରି ନିର୍ଦ୍ଦେଶାବଳୀ ଅନୁଯାୟୀ, କଳାଧନ ଏବଂ ବେନାମୀ ଆଇନ ଅଧୀନରେ ଅଧିକାଂଶ ଅପରାଧ ନନ୍ କମ୍ପାଉଣ୍ଡେବଲ୍ ହେବ। ଅର୍ଥାତ୍ କେବଳ ଭାରି ଜରିମାନା ଦେଇ କୌଣସି ଦୋଷୀ ବ୍ୟକ୍ତି ରକ୍ଷା ପାଇବେ ନାହିଁ। ଏଣିକି କୌଣସି ଟିକସ ଫାଙ୍କିଥିବା ବ୍ୟକ୍ତିବିଶେଷ ଅଥବା ସଂସ୍ଥା କେବଳ ଟିକସ, ଜରିମାନା ଏବଂ ସୁଧ ଗଣି ଖସିପାରିବେ ନାହିଁ। ଏ ସମ୍ପର୍କରେ ସିବିଡିଟି ୧୩ ପ୍ରକାର ମାମଲାର ଏକ ତାଲିକା ଜାରି କରିଛି। ଅପରାଧକୁ ଏହାର ଗମ୍ଭୀରତା ହିସାବରେ ଦୁଇଟି ଶ୍ରେଣୀ ଶ୍ରେଣୀ-'ଏ' ଓ ଶ୍ରେଣୀ-'ବି'ରେ ବଣ୍ଟାଯାଇଛି। ଶ୍ରେଣୀ-'ଏ' ଅଧୀନରେ ଆସୁଥିବା ଅପରାଧକୁ କୋର୍ଟ ବାହାରେ ସାଲିସ କରି ସମାଧାନ କରାଯାଇପାରିବ। ଏହି ଶ୍ରେଣୀରେ ସ୍ରୋତ ଉପରେ ଟିକସ ଦେବା ଅଥବା କମ୍ କଟାଯାଇଥିବା ମାମଲା ଓ ଧାରା ୧୧୫-ଓ ଅଧୀନରେ ପ୍ରଦାନ କରାଯାଇଥିବା ଟିକସ ସହ ସମ୍ପର୍କିତ ମାମଲାକୁ ଧରାଯିବ। ତେବେ କୌଣସି ବ୍ୟକ୍ତିଙ୍କୁ ଏହି ଶ୍ରେଣୀରେ ୩ ଥର ଦୋଷୀ ସାବ୍ୟସ୍ତ କରାଯାଇଥିଲେ, ତାଙ୍କୁ ରକ୍ଷା ପାଇବା ଲାଗି ଆଉ ସୁଯୋଗ ଦିଆଯିବ ନାହିଁ। ଏହାଛଡା ତାଙ୍କୁ କୋର୍ଟ ବାହାରେ ସାଲିସ କରିବାକୁ ଅନୁମତି ଦିଆଯିବ ନାହିଁ। ସେହିପରି ଶ୍ରେଣୀ-'ବି' ଅଧୀନରେ ଜାଣିଶୁଣି ଟିକସ ଫାଙ୍କିବାର ପ୍ରୟାସ, ଖାତା ଏବଂ ଅନ୍ୟ ଆର୍ଥିକ ଦସ୍ତାବେଜ ଉପସ୍ଥାପନ ନ କରିବା ତଥା ଯାଞ୍ଚ ବେଳେ ଭୁଲ୍ ବୟାନ ଦେବା ମାମଲାଗୁଡିକୁ ସାମିଲ କରାଯାଇଛି। ଏଭଳି ମାମଲାଗୁଡ଼ିକୁ କୋର୍ଟ ବାହାରେ ସମାଧାନ କରାଯିବ ନାହିଁ। ଏହାଛଡା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ, ସିବିଆଇ, ଲୋକପାଳ, ଲୋକାୟୁକ୍ତ ଅଥବା ଅନ୍ୟ କେନ୍ଦ୍ରୀୟ ଏଜେନ୍ସି ଯାଞ୍ଚ କରୁଥିବା ମାମଲାଗୁଡ଼ିକର ସମାଧାନ ଅଦାଲତ ବାହାରେ ହେବ ନାହିଁ ବୋଲି ନିର୍ଦ୍ଦେଶାବଳୀରେ ସ୍ପଷ୍ଟ କରାଯାଇଛି।

## ଆମାଜନ ସର୍ବାଧିକ ଆକର୍ଷଣୀୟ ନିଯୁକ୍ତିଦାତା ବ୍ରାଣ୍ଡ୍

**ନୂଆଦିଲ୍ଲୀ,୧୭-୬**

ଇ-କମର୍ସ କମ୍ପାନୀ ଆମାଜନ ଇଣ୍ଡିଆ ଦେଶରେ ସର୍ବାଧିକ ଆକର୍ଷଣୀୟ ନିଯୁକ୍ତିଦାତା ବ୍ରାଣ୍ଡ ହୋଇପାରିଛି। ଏହି ମାମଲାରେ ଏହା ମାଇକ୍ରୋସଫ୍ଟକୁ ଏହା ପଛରେ ପକାଇ ଦେଇଛି। ସୋମବାର ରାଣ୍ଡଷ୍ଟାଡ୍ ଏମ୍ପ୍ଲୟର ବ୍ରାଣ୍ଡ୍ ରିସର୍ଚ୍ଚ(ଆର୍‌ଇବିଆର୍) ପକ୍ଷରୁ ଚଳିତ ବର୍ଷର ସର୍ଭେ ରିପୋର୍ଟ ଜାରି କରି ମାଇକ୍ରୋସଫ୍ଟକୁ ଦ୍ୱିତୀୟ ଓ ସୋନୀ ଇଣ୍ଡିଆକୁ ତୃତୀୟ ସ୍ଥାନ ଦେଇଛି। ଆର୍ଥିକ ସ୍ୱାସ୍ଥ୍ୟ, ଅତ୍ୟାଧୁନିକ ଟେକ୍ନୋଲୋଜି ବ୍ୟବହାର ଏବଂ ଖ୍ୟାତି ଦୃଷ୍ଟିରୁ ଆମାଜନ ଇଣ୍ଡିଆକୁ ରିପୋର୍ଟରେ ଶୀର୍ଷ ସ୍ଥାନ ଦିଆଯାଇଛି। ୨୦୧୯ର ଟପ୍ ୧୦ ବ୍ରାଣ୍ଡ ମଧ୍ୟରେ ମର୍ସିଡିଜ ବେଞ୍ଜ (୪ର୍ଥ), ଆଇବିଏମ୍ ଇଣ୍ଡିଆ (୫ମ), ଲାର୍ସନ ଆଣ୍ଡ ଟବ୍ରୋ (୬ଷ୍ଠ), ନେସ୍‌ଲେ (୭ମ), ଇନ୍‌ଫୋସିସ୍ (୮ମ), ସାମସଙ୍ଗ ଇଣ୍ଡିଆ (୯ମ) ଓ ଡେଲ୍ ଇଣ୍ଡିଆ (୧୦ମ) ସ୍ଥାନରେ ରହିଛି।

## ନାଲ୍‌କୋ ଅଧ୍ୟକ୍ଷଙ୍କୁ ଗ୍ଲୋବାଲ ଇଣ୍ଡିଆନ୍ ବିଜନେସ୍ ଲିଡର ସମ୍ମାନ



**ଭୁବନେଶ୍ୱର,୧୭-୬**

ନାଲ୍‌କୋ ଅଧ୍ୟକ୍ଷ ତପନ କୁମାର ଚାନ୍ଦଙ୍କୁ ଗ୍ଲୋବାଲ ଇଣ୍ଡିଆନ୍ ବିଜନେସ୍ ଲିଡର ସମ୍ମାନ ମିଳିଛି। ଉଲ୍ଲେଖନୀୟ ବୃତ୍ତିଗତ ସଫଳତା ଏବଂ ସାମାଜିକ ଅବଦାନ ଲାଗି ଚାନ୍ଦଙ୍କୁ ଏଭଳି ସମ୍ମାନରେ ସମ୍ମାନିତ କରାଯାଇଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି। ନାଲ୍‌କୋର ନିଗମ ସଞ୍ଚାର ଉପମହାପ୍ରବନ୍ଧକ ଆଶୁତୋଷ ରଥ ଚାନ୍ଦଙ୍କ ତରଫରୁ ଏହି ପୁରସ୍କାର ଗ୍ରହଣ କରିଥିଲେ। ଇଣ୍ଡିଆନ୍ ଆଚିଭର୍ସ ଫୋରମ ଦ୍ୱାରା ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା। ନିକଟରେ ପ୍ରମୁଖ ଇକ୍ୱିଟି ଇନଭେଷ୍ଟମେଣ୍ଟ ପତ୍ରିକା ଦଲାଲ ଷ୍ଟ୍ରିଟ ଜର୍ନାଲ ପକ୍ଷରୁ ଚାନ୍ଦଙ୍କୁ ରୋଲ୍ ଅଫ୍ ଅନର ସମ୍ମାନରେ ସମ୍ମାନିତ କରାଯାଇଛି। ଚାନ୍ଦ ୨୦୧୫ ଜୁଲାଇରୁ ନାଲ୍‌କୋ ଅଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ଏହା ପରଠାରୁ କମ୍ପାନୀର ଉତ୍ପାଦନ, ଉତ୍ପାଦକତା ଏବଂ ଲାଭ ଆଦି କ୍ଷେତ୍ରରେ ଉତ୍କର୍ଷତା ଲାଗି ତାଙ୍କର ଉଲ୍ଲେଖନୀୟ ଯୋଗଦାନ ରହିଛି। ତାଙ୍କ ସମୟରେ ୨୦୧୮-୧୯ ଆର୍ଥିକ ବର୍ଷର ନାଲ୍‌କୋର ଲାଭ ୧୦ ବର୍ଷରେ ସର୍ବାଧିକ। ସବୁ କ୍ଷେତ୍ରରେ ସଫଳତା ସହ କମ୍ପାନୀ ଅନ୍ତର୍ଜାତୀୟ କ୍ଷେତ୍ରରେ ମାନ୍ୟତା ହାସଲ କରିଛି। ସେହିଭଳି ଉଡ୍ ମ୍ୟାକେନଜି ରିପୋର୍ଟ ମୁତାବକ କମ୍ପାନୀ ଗତ ୩ ବର୍ଷ ଧରି କମ୍ ବ୍ୟୟରେ ଆଲୁମିନା ଉତ୍ପାଦନକାରୀ ମାନ୍ୟତା ହାସଲ କରିଛି। ୨୦୧୮-୧୯ ଆର୍ଥିକ ବର୍ଷରେ ସ୍ୱଳ୍ପ ମୂଲ୍ୟରେ ବକ୍ସାଇଟ ଉତ୍ପାଦନକାରୀ କମ୍ପାନୀ ଭାବେ ଏହା ରେକର୍ଡ କରିଛି। ୨୦୧୬ର ନୂତନ ବ୍ୟବସାୟ ମଡେଲ ଯୋଗୁ କମ୍ପାନୀ ଏଭଳି ସଫଳତା ପାଇଥିବା ଉଦ୍ୟୋଗ ବିଶେଷଜ୍ଞ ମତ ଦେଇଛନ୍ତି।

■ ପୂର୍ବତନ ପାକିସ୍ତାନ ଖେଳାଳିଙ୍କ ସମାଲୋଚନା

# 'ବିନା ଲଢ଼େଇରେ ଆତ୍ମସମର୍ପଣ'

କରାଚୀ, ୧୭।୬(ପି.ଟି.)

ଇଂଲଣ୍ଡରେ ଚାଲିଥିବା ଆଇସିସି ବିଶ୍ୱକପରେ ଭାରତ ନିକଟରୁ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନର ବୃହତ୍ ପରାଜୟକୁ ସହଜରେ ହଜମ କରିପାରି ନାହାନ୍ତି ପୂର୍ବତନ ଖେଳାଳି। ଲଢ଼େଇ ବିନା ଆତ୍ମସମର୍ପଣ କରିଥିବାରୁ ଦଳର ଖେଳାଳିମାନଙ୍କୁ ସେମାନେ ସମାଲୋଚନା କରିଛନ୍ତି। ଓଲ୍ଡ ଟ୍ରାଫୋର୍ଡ ଗ୍ରାଉଣ୍ଡରେ ରବିବାର ଭାରତଠାରୁ ୮୯ ରନରେ ହାରିଥିଲା ପାକିସ୍ତାନ। ବିଶ୍ୱକପରେ ଭାରତ ନିକଟରୁ ପାକିସ୍ତାନର ଏହାଥିଲା କ୍ରମାଗତ ୭ମ ପରାଜୟ। ଟସ୍ ଜିତି ସର୍ଫରାଜ ଅହମଦଙ୍କ ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ଦଳପାଇଁ ବୁମେରାଂ ସଦୃଶ ହୋଇଥିଲା। ଫଳରେ ଭାରତ ୫ ଉଇକେଟ ହରାଇ ୩୩୬ ରନର ବୃହତ୍ ସ୍କୋର କରିଥିଲା। ୧୯୯୨ ଚାମ୍ପିୟନ ପାକିସ୍ତାନ ପରେ ବର୍ଷା ବାଧାପ୍ରାପ୍ତ ମ୍ୟାଚରେ ୪୦ ଓଭରରେ ୨୧୨ ରନ କରିବାକୁ ସକ୍ଷମ ହୋଇଥିଲା। ଫଳରେ ଡକୱର୍ଥ ଲୁଇସ ନିୟମରେ ଭାରତକୁ ୮୯ ରନରେ ବିଜୟୀ ଘୋଷଣା କରାଯାଇଥିଲା।

ବର୍ତ୍ତମାନର ପାକିସ୍ତାନ ଦଳକୁ ସମାଲୋଚନାରେ ସବୁଠାରୁ ଆଗରେ ରହିଛନ୍ତି ପୂର୍ବତନ ଫାଷ୍ଟ ବୋଲର ୱାସିମ ଆକ୍ରମ। ଦଳ ଚୟନଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ବି ନିଷ୍ପତ୍ତି ଠିକ୍ ହୋଇନାହିଁ। ବିଶ୍ୱକପ ପାଇଁ ପାକିସ୍ତାନର କିଛି ଯୋଜନା ଥିବାପରି ମନେ ହେଉନାହିଁ। ଖେଳରେ ହାରଜିତ ଲାଗି ରହିଛି, ମାତ୍ର ବିନା ଲଢ଼େଇରେ ଯେପରି ଦଳ ଭାରତ ନିକଟରୁ ହାରିଲା ତାହା ଗ୍ରହଣୀୟ ନୁହେଁ' ବୋଲି କହିଛନ୍ତି ଆକ୍ରମ। ପିଚ୍‌କୁ ପଢ଼ିବାରେ ସର୍ଫରାଜ ଭୁଲ କରିଥିଲେ ବୋଲି ଅନ୍ୟ କେତେକ ଖେଳାଳି କହିଛନ୍ତି। ''ବିରାଟ କୋହଲି ମାଇଣ୍ଡ ଗେମ୍ ଖେଳି ଟସ୍ ଜିତିଲେ ପ୍ରଥମେ ଫିଲ୍ଡିଂ ନେବେ ବୋଲି କହିଥିଲେ। ଆମେ ତାଙ୍କ ଦ୍ୱାରା ନିର୍ମିତ ଫାନ୍ଦରେ ପଡ଼ିଗଲୁ'' ବୋଲି ପୂର୍ବତନ ଟେଷ୍ଟ ବ୍ୟାଟ୍ସମ୍ୟାନ ବସିତ ଅଲୀ ପ୍ରକାଶ କରିଛନ୍ତି। ଏହାଦ୍ୱାରା କୋହଲି ଅଧିକ ସିଆଣିଆ ଅଧିନାୟକ ଏବଂ ଯୋଜନା ପ୍ରସ୍ତୁତିରେ ସର୍ଫରାଜଙ୍କଠାରୁ ଆଗରେ ବୋଲି ନିଜକୁ ପ୍ରମାଣିତ କଲେ। ଅନ୍ୟପକ୍ଷରେ ପାକିସ୍ତାନ କ୍ରିକେଟ ବୋର୍ଡ(ପିସିବି) ଏକ ନିୟମ ପ୍ରଣୟନ କରୁ, ଯେଉଁପିଲାମାନେ ଭଲ ପ୍ରଦର୍ଶନ କରିପାରୁ ନାହାନ୍ତି ସେମାନଙ୍କ କେନ୍ଦ୍ରୀୟ ଚୁକ୍ତିରୁ ଅର୍ଥ କାଟ୍ କରାଯାଉ ବୋଲି ପୂର୍ବତନ ଫାଷ୍ଟ ବୋଲର ସିକନ୍ଦର ବକ୍ତ ପ୍ରକାଶ କରିଛନ୍ତି। ପ୍ରଦର୍ଶନ ଭିତ୍ତିରେ ପାଉଣା ଦିଆଗଲେ ଖେଳାଳିମାନେ ଅଧିକ ଦାୟିତ୍ୱ ସମ୍ପନ୍ନ ହେବେ ବୋଲି ସେ ମତ ଦେଇଛନ୍ତି।

ପୂର୍ବତନ ଅଧିନାୟକ ମହମ୍ମଦ ୟୁସୁଫ ମଧ୍ୟ ପାକିସ୍ତାନର ଦୁର୍ବଳ ପ୍ରଦର୍ଶନକୁ ସମାଲୋଚନା କରିଛନ୍ତି। ପିଲାମାନଙ୍କ ଶାରୀରିକ ଭାଷା ସକାରାତ୍ମକ ନ ଥିଲା ବୋଲି ସେ କହିଛନ୍ତି। '' ଆମେ ଯେତେବେଳେ ଭାରତ ବିପକ୍ଷରେ ଖେଳିବାକୁ ଯାଉ ତାହା ସବୁଠାରୁ ଅଧିକ ଗୁରୁତ୍ୱ ବହନ କରେ ଏବଂ ଆମେ କେବେ ହାରିବାକୁ ଚାହୁଁନା। ମାତ୍ର ରବିବାର ଭାରତ ବିପକ୍ଷରେ ପାକିସ୍ତାନ ଅଧିନାୟକ ଏବଂ ଖେଳାଳିଙ୍କ ଶାରୀରିକ ଭାଷା ସକାରାତ୍ମକ ନ ଥିଲା। ଭାରତକୁ ହରାଇବାଭଳି ତେଜ ପାକିସ୍ତାନ ଖେଳାଳିଙ୍କ ନିକଟରେ ଦେଖିବାକୁ ମିଳି ନ ଥିଲା। ସମସ୍ତେ ଜାଣିଛନ୍ତି ଯେ, ବର୍ତ୍ତମାନର ଭାରତୀୟ ଦଳରେ କ୍ୱାଲିଟି ରହିଛି। ଦଳରେ ଟପ୍ କ୍ଲାସ୍ ବ୍ୟାଟ୍ସମ୍ୟାନମାନେ ଥିବାରୁ କେବଳ ଚାପ ପ୍ରୟୋଗ କରି ହିଁ ସେମାନଙ୍କୁ ହରାଇହେବ ବୋଲି ୟୁସୁଫ ପ୍ରକାଶ କରିଛନ୍ତି। ବଡ଼ ସ୍କୋରର ପିଛା କରିବାରେ ସବୁବେଳେ ଚାପ ରହିଥାଏ ବୋଲି ସେ କହିଛନ୍ତି। ଦଳ ମଧ୍ୟରେ ଆତ୍ମବିଶ୍ୱାସର ଅଭାବ ଥିଲା ବୋଲି ଅନୁଭବ କରିଛନ୍ତି ପୂର୍ବତନ ଟେଷ୍ଟ ଓପନର ମୋହସିନ ଖାଁ। ''ଭାରତୀୟ ଦଳ କେତେ ଶକ୍ତିଶାଳୀ ତାହା ବଡ଼ କଥା ନୁହେଁ, ମାତ୍ର ଆମ ପିଲାମାନେ ଭାରତକୁ ହରାଇବାଭଳି ଉତ୍ସାହ,ଉର୍ଜା ଏବଂ ଆତ୍ମବିଶ୍ୱାସର ଅଭାବ ଥିଲା'' ବୋଲି କହିଛନ୍ତି ମୋହସିନ। ଅତୀତରେ ଅଧିକ ସୁବିଧା ସୁଯୋଗ ମିଳୁ ନ ଥିବା ସତ୍ତ୍ୱେ ଟିମ୍ ସ୍ପିରିଟ୍ ଯୋଗୁ ଆମେ ଅନେକ ମ୍ୟାଚରେ ଭାରତକୁ ପରାସ୍ତ କରିଛୁ। ମାତ୍ର ଏବେ ଭିନ୍ନତା ପରିଲକ୍ଷିତ ହୋଇଛି। ମ୍ୟାଚ ଜିତିବା ପାଇଁ ଆମ ତୁଳନାରେ ଭାରତୀୟ ଖେଳାଳିଙ୍କ ନିକଟରେ ଅଧିକ ଉତ୍ସାହ ଏବଂ ଆଗ୍ରହ ଥିବା ପରିଲକ୍ଷିତ ହୋଇଛି ବୋଲି ସେ ପ୍ରକାଶ କରିଛନ୍ତି। ପୂର୍ବତନ ଅଲରାଉଣ୍ଡର ଅବଦୁଲ ରଜାକଙ୍କ ମତରେ ଭାରତ ବିପକ୍ଷ ଗେମ୍‌ର ଗୁରୁତ୍ୱକୁ ବୁଝିବା ଏବଂ ଏଥିପାଇଁ ରଣନୀତି ପ୍ରସ୍ତୁତ କରିବା କୋଚ୍ ଏବଂ ଅଧିନାୟକଙ୍କ ଦାୟିତ୍ୱ। ''ଯୋଜନା ଅନୁସାରେ ଯଦି କୌଣସି ଖେଳାଳି ଦକ୍ଷ ମନେ ହେଉନାହିଁ ତେବେ ତାକୁ ଦଳରୁ ବିଦା କରାଯିବା ଉଚିତ। ଭାରତ ଇନିଂସ ପ୍ରାରମ୍ଭରୁ ଭୁବନେଶ୍ୱର କୁମାରଙ୍କୁ ହରାଇଥିଲା। ମାତ୍ର ଅନ୍ୟ ବୋଲରମାନେ ସେମାନଙ୍କ ଭୂମିକା ସମ୍ପର୍କରେ ଜାଣିଥିବାରୁ ଭୁବନେଶ୍ୱରଙ୍କ ଅନୁପସ୍ଥିତି ଅନୁଭବ ହୋଇ ନ ଥିଲା'' ବୋଲି ରଜାକ ପ୍ରକାଶ କରିଛନ୍ତି।



ମହସିନ ଖାଁ



ୱାସିମ ଆକ୍ରମ



ମହମ୍ମଦ ୟୁସୁଫ୍

### କାଫେରେ ଥିଲେ ପାକିସ୍ତାନ କ୍ରିକେଟର

ଭାରତୀୟ ଦଳ ବିଶ୍ୱକପ୍ ଇତିହାସରେ ପାକିସ୍ତାନ ଦଳ ବିପକ୍ଷରେ ତା'ର ଅପରାଜେୟ ଧାରା ଜାରି ରଖିବାରେ ସକ୍ଷମ ହୋଇଛି। ଏଭଳି ହାଇଭୋଲ୍ଟେଜ ମ୍ୟାଚ୍ ପୂର୍ବରୁ ପାକିସ୍ତାନ ଦଳର ଅଭିଜ୍ଞ ଖେଳାଳି ଶୋଏବ ମଲିକ ଓ ତାଙ୍କ ପତ୍ନୀ ତଥା ଭାରତୀୟ ଷ୍ଟାର ଟେନିସ ଖେଳାଳି ସାନିଆ ମିର୍ଜା ରାତିରେ କାଫେ ଯାଇଥିଲେ। ଏହାର କିଛି ଫଟୋ ଓ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଉକ୍ତ ଫଟୋରେ ସାନିଆ ଓ ମଲିକଙ୍କ ବ୍ୟତୀତ ପାକିସ୍ତାନ ଦଳର ଅନ୍ୟ ଖେଳାଳିମାନେ କାଫେରେ ମଜା କରୁଥିବା ଦେଖିବାକୁ ମିଳିଛି। ଗୋଟିଏ ପକ୍ଷରେ ପାକିସ୍ତାନ ଦଳର ପରାଜୟ ଯୋଗୁ ଖେଳାଳିଙ୍କ ଫିଟ୍‌ନେସକୁ ଦାୟୀ କରାଯାଉଥିବାବେଳେ ୱିଲ୍ମସ ରୋଡ୍‌ସ୍ଥିତ ଶିଷା କାଫେରେ ମଜା କରୁଥିବା ଫଟୋ ଓ ଭିଡିଓ ଭାଇରାଲ ହେବା ପ୍ରଶଂସକଙ୍କୁ ଆହୁରି କ୍ଷୁବ୍ଧ କରିଛି।

## 'ଅଧିନାୟକଙ୍କୁ ନେଇ ଅସନ୍ତୋଷର ପ୍ରତିଫଳନ'

**କରାଚୀ, ୧୭।୬ (ପି.ଟି.):** ଖେଳାଳିଙ୍କ ମଧ୍ୟରେ ମନୋମାଳିନ୍ୟ ଏବଂ ଅଧିନାୟକ ସର୍ଫରାଜ ଅହମଦଙ୍କୁ ନେଇ ଅସନ୍ତୋଷ ଯୋଗୁ ଭାରତ ନିକଟରୁ ବିଶ୍ୱକପ ମ୍ୟାଚରେ ପାକିସ୍ତାନ ବୃହତ୍ ପରାଜୟ ଲଭିଲା ବୋଲି ସୋମବାର ସ୍ଥାନୀୟ ଗଣମାଧ୍ୟମଗୁଡ଼ିକର ରିପୋର୍ଟରେ ଉଲ୍ଲେଖ ରହିଛି। ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାରତ ନିକଟରୁ ପରାଜୟକୁ ପାକିସ୍ତାନ କ୍ରିକେଟ ସମ୍ପ୍ରଦାୟ କେବେହେଲେ ସହଜରେ ହଜମ କରିପାରି ନ ଥାନ୍ତି। ବିଶେଷ କରି ବିଶ୍ୱକପରେ ପାକିସ୍ତାନ କେବେହେଲେ ଭାରତକୁ ନ ହରାଇବା ସେମାନଙ୍କୁ ଅଧିକ ବ୍ୟଥିତ କରିଛି। 'ସାମା' ନ୍ୟୁଜ ଚ୍ୟାନେଲର ରିପୋର୍ଟ ଅନୁସାରେ ଭାରତ ନିକଟରୁ ପାକିସ୍ତାନର ପରାଜୟ ପରେ ସର୍ଫରାଜ ଡ୍ରେସିଂ ରୁମ୍‌ରେ ଧୈର୍ଯ୍ୟ ହରାଇଥିଲେ। ଇମାଦ ୱାସିମ, ଇମାମ୍-ଉଲ-ହକ୍‌ଙ୍କ ସମେତ କେତେକ ଖେଳାଳି ଏକ ଗ୍ରୁପ୍ କରିଛନ୍ତିଏବଂ ତାଙ୍କୁସହଯୋଗ କରୁନାହାନ୍ତି ବୋଲି ଅଭିଯୋଗ କରିଥିଲେ। 'ଦୁନିଆ' ନ୍ୟୁଜ୍ ଚ୍ୟାନେଲ ପକ୍ଷରୁ ମଧ୍ୟ ସମାନ ଖବର ପରିବେଷଣ କରାଯାଇଥିଲା। ମହମ୍ମଦ ଅମିରଙ୍କ ନେତୃତ୍ୱରେ ଏକ ଗ୍ରୁପ ଏବଂ ଇମାଦଙ୍କ ନେତୃତ୍ୱାଧୀନ ଆଉ ଏକ ଗ୍ରୁପ ସର୍ଫରାଜଙ୍କୁ ଅସୁବିଧାରେ ପକାଉଛନ୍ତି ବୋଲି ଏଥିରେ ଦର୍ଶା ଯାଇଥିଲା।

ଅଷ୍ଟ୍ରେଲିଆଠାରୁ ପାକିସ୍ତାନର ପରାଜୟ ପରେ ଜଣେ ଜଣାଶୁଣା ଅଭିନେତା ଏବଂ କ୍ରିକେଟ ଫ୍ୟାନ ସୋସିଆଲ ମିଡିଆରେ ଏକ ଭଏସ ମେସେଜ ଜରିଆରେ ସର୍ଫରାଜଙ୍କ ବିରୋଧରେ ଶୋଏବ ମଲିକ, ଇମାନ, ଇମାମ ଓ ବାବର ଆଜମ ଏକ ଗ୍ରୁପ କରିଥିବା ଅଭିଯୋଗ କରିଥିଲେ। ଏହା ସର୍ଫରାଜଙ୍କୁ ସବୁବେଳେ ଅସୁବିଧାରେ ପକାଉଥିବା ଏଥିରେ ପ୍ରକାଶ କରାଯାଇଥିଲା। ସୋମବାର କେତେକ ଖବରକାଗଜ ମଧ୍ୟ ଦଳ ମଧ୍ୟରେ ଥିବା ଅନ୍ତର୍ଦ୍ୱନ୍ଦ୍ୱ ସମ୍ପର୍କରେ ସୂଚନା ଦେଇଛନ୍ତି।

## 'ରୋହିତ୍‌ଙ୍କ ଶତକ ଅତି ଚମତ୍କାର'

ମୁମ୍ବାଇ, ୧୭।୬(ପି.ଟି.)

ପାକିସ୍ତାନ ବିପକ୍ଷ ମ୍ୟାଚ୍‌ରେ ଶତକ ହାସଲ କରି ଭାରତକୁ ଜିତାଇବାରେ ପ୍ରମୁଖ ଭୂମିକା ନିଭାଇଥିବା ଓପନିଂ ବ୍ୟାଟ୍ସମ୍ୟାନ ରୋହିତ୍ ଶର୍ମାଙ୍କ ଇନିଂସକୁ ଚୟନ କମିଟିର ପ୍ରାକ୍ତନ ଅଧକ୍ଷ ତଥା ଅଧିନାୟକ ଦିଲୀପ ଭେଙ୍ଗସରକାର ବେଶ୍ ତାରିଫ୍ କରିଛନ୍ତି। ରୋହିତ୍‌ଙ୍କ ଏହି ଶତକକୁ ଅତି ଚମତ୍କାର ବୋଲି କହିବା ସହ 'ଦୁନିଆ ବାହାର' ଥିଲା ବୋଲି ଭେଙ୍ଗସରକାର କହିଛନ୍ତି। 'ରୋହିତ୍ ଜଣେ ପରିପକ୍ୱ ଖେଳାଳି। ସେ ବହୁତ ବର୍ଷ ଧରି ଦେଶ ପକ୍ଷରୁ ପ୍ରତିନିଧିତ୍ୱ କରି ଆସୁଛନ୍ତି। ସେ (ରୋହିତ୍) ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଖେଳାଳି ବୋଲି ଭାବୁଛି। ପାକିସ୍ତାନ ବିପକ୍ଷ ମ୍ୟାଚ୍‌ରେ ସେ ଯେଉଁ ଇନିଂସ ଖେଳିଲେ ତାହା ଅତି ଚମତ୍କାର ଓ 'ଦୁନିଆ ବାହାର' ଥିଲା ବୋଲି ସୋମବାର ଏଠାରେ ଇଣ୍ଡିଆନ୍ ଟେନିସ୍ କ୍ରିକେଟ୍ ଲିଗ୍‌ର ଉନ୍ମୋଚନ ଅବସରରେ ଭେଙ୍ଗସରକାର ଏହା କହିଛନ୍ତି। 'ଏହା ଏକ ଅତି ଉତ୍ତେଜନାପୂର୍ଣ୍ଣ ମ୍ୟାଚ୍ ଥିଲା। ସେ ତାଙ୍କ ନିୟମିତ ଓପନିଂ ପାର୍ଟନର (ଧାୱନ)ଙ୍କ ବିନା ଏହି ମ୍ୟାଚ୍ ଖେଳୁଥିଲେ। ନିଜ ଉପରକୁ ସମସ୍ତ ଦାୟିତ୍ୱ ନେଇ ସେ ସତର୍କତାର ସହ ଶଟ୍ ଖେଳିଥିଲେ। ସେ ଜଣେ ବିଶ୍ୱସ୍ତରୀୟ ଖେଳାଳି' ବୋଲି ଭାରତ ପକ୍ଷରୁ ୧୧୬ ଟେଷ୍ଟ ମ୍ୟାଚ୍‌ରେ ପ୍ରତିନିଧିତ୍ୱ କରିଥିବା ଭେଙ୍ଗସରକାର ଏହି ଅବସରରେ ପ୍ରକାଶ କରିଛନ୍ତି। ପାକିସ୍ତାନ ବିପକ୍ଷ ମ୍ୟାଚ୍‌ରେ ରୋହିତ୍ ୧୧୩ ବଲରୁ ୧୪୦ ରନର ଦ୍ରୁତ ଇନିଂସ ଖେଳିଥିଲେ। ଏହି ମ୍ୟାଚ୍‌କୁ ଭାରତ ଡି/ଏଲ୍ ପଦ୍ଧତିରେ ୮୯ ରନରେ ବିଜୟ ଲାଭ କରିଥିଲା। ଏଥିପୂର୍ବରୁ ରୋହିତ୍ ଦକ୍ଷିଣ ଆଫ୍ରିକା ବିପକ୍ଷ ପ୍ରଥମ ମ୍ୟାଚ୍‌ରେ ଅପରାଜିତ ୧୨୨ ରନ ସଂଗ୍ରହ କରିଥିଲେ।



ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଟ୍ରଫି ସହ ରୋହିତ ଶର୍ମା।

## ସରିଆସୁଛି ସୋଏବଙ୍କ କ୍ୟାରିୟର



ଭାରତ ବିପକ୍ଷ ବିଶ୍ୱକପ ମ୍ୟାଚରେ ଅଲରାଉଣ୍ଡର ସୋଏବ ମଲିକ ପ୍ରଥମ ବଲ୍‌ରେ ଆଉଟ ହୋଇଥିଲେ। ଭାରତ ଏହି ମ୍ୟାଚରେ ୮୯ ରନରେ ଜିତିଥିବାରୁ ପାକିସ୍ତାନରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଫଳରେ ସୋଏବଙ୍କ କ୍ୟାରିୟର ଏବେ ସଙ୍କଟ ମଧ୍ୟକୁ ଚାଲି ଆସିଛି। ସୋଏବ ନିଜ କ୍ୟାରିୟରକୁ ନେଇ ଚିନ୍ତା କରିବାର ସମୟ ଆସିଛି ବୋଲି ପୂର୍ବତନ ଖେଳାଳିମାନେ କହିଛନ୍ତି। ୩୭ ବର୍ଷୀୟ ସୋଏବ ବିଶ୍ୱକପ ପରେ ଅବସର ନେବେ ବୋଲି ପୂର୍ବରୁ ସୂଚନା ଦେଇ ସାରିଛନ୍ତି। ଆସନ୍ତା ବର୍ଷ ଅଷ୍ଟ୍ରେଲିଆରେ ହେବାକୁଥିବା ଟି୨୦ ବିଶ୍ୱକପ୍ ଉପରେ ସେ ଫୋକସ ରଖିବେ ବୋଲି କହିଛନ୍ତି। ମାତ୍ର ଚଳିତ ବିଶ୍ୱକପରେ ୩ଟି ମ୍ୟାଚ ଖେଳି ସେ ମାତ୍ର ୮ ରନ କରିଥିବାରୁ ଏହା ତାଙ୍କ ପାଇଁ ଶେଷ ଅନ୍ତର୍ଜାତୀୟ ଦିନିକିଆ ବୋଲି ଅନୁଭବ କରିଛନ୍ତି ପୂର୍ବତନ ଖେଳାଳି। ''ସୋଏବ ବିଶ୍ୱକପ ପରେ ଅବସର ନେବେ ବୋଲି ପୂର୍ବରୁ ସୂଚନା ଦେଇଥିବାରୁ ସେ ଆଗାମୀ ମ୍ୟାଚରେ ଆଉ ସୁଯୋଗ ପାଇବେ ବୋଲି ଭାବିପାରୁନି'' ବୋଲି ପୂର୍ବତନ ଟେଷ୍ଟ ସ୍ପିନର ଇକବାଲ କାସିମ ପ୍ରକାଶ କରିଛନ୍ତି। ପୂର୍ବତନ ଅଧିନାୟକ ସୋଏବ ୩୫ଟି ଟେଷ୍ଟ ଖେଳିବାପରେ ୨୦୧୫ରେ ଏହି ଫର୍ମାଟରୁ ଅବସର ନେଇଥିଲେ। ସେ ଏପର୍ଯ୍ୟନ୍ତ ୨୮୭ଟି ଦିନିକିଆ ଏବଂ ୧୧୧ଟି ଟି୨୦ ଅନ୍ତର୍ଜାତୀୟ ମ୍ୟାଚ ଖେଳି ସାରିଛନ୍ତି। ଭାରତ ବିପକ୍ଷ ମ୍ୟାଚ ପାଇଁ ସୋଏବଙ୍କ ପ୍ରତି ଭରସା ଜୁଟାଇଥିଲେ ଅଧିନାୟକ ସର୍ଫରାଜ ଅହମଦ ଏବଂ କୋଚ୍ ମାଇକ୍ ଆର୍ଥର। ମାତ୍ର ସେ ବିଫଳ ହେଲେ। ''ମୁଁ ଭାବୁଛି ପାକିସ୍ତାନ ପାଇଁ ତାଙ୍କ କ୍ୟାରିୟର ଶେଷ ହୋଇଗଲା। ଏପରିକି ସେ ବିଶ୍ୱକପର ଅବଶିଷ୍ଟ ମ୍ୟାଚରେ ମଧ୍ୟ ଖେଳିବେ ବୋଲି ଭାବୁନି। ତାଙ୍କୁ ଯଦି ଆଉ କୌଣସି ମ୍ୟାଚ ପାଇଁ ଚୟନ କରାଯାଏ ତେବେ ବଡ଼ ଭୁଲ ହେବ'' ବୋଲି ପୂର୍ବତନ ବ୍ୟାଟ୍ସମ୍ୟାନ ମହମ୍ମଦ ୟୁସୁଫ ପ୍ରକାଶ କରିଛନ୍ତି।

## ସର୍ଫରାଜ ବୁଦ୍ଧିହୀନ



ଭାରତ ବିପକ୍ଷରେ ଥିବା ଖରାପ ବିଶ୍ୱକପ୍ ରେକର୍ଡକୁ ପାକିସ୍ତାନ ଦଳ ପରିବର୍ତ୍ତନ କରିପାରି ନାହିଁ। ସମସ୍ତ ବିଭାଗରେ ଭଲ ପ୍ରଦର୍ଶନ କରିଥିବା ଭାରତୀୟ ଦଳ ବର୍ଷା ବାଧାପ୍ରାପ୍ତ ମ୍ୟାଚ୍‌କୁ ୮୯ ରନ୍‌ରେ ଜିତିନେଇଛି। ଏହାପରେ ପାକିସ୍ତାନ ଅଧିନାୟକ ସର୍ଫରାଜ ଅହମ୍ମଦଙ୍କୁ ପ୍ରଶଂସକଙ୍କଠାରୁ ଆରମ୍ଭ କରି ପୂର୍ବତନ କ୍ରିକେଟର ସମାଲୋଚନା କରିଛନ୍ତି। ଏମାନଙ୍କ ମଧ୍ୟରେ ପୂର୍ବତନ ପେସର ଶୋଏବ ଅଖତର ମଧ୍ୟ ରହିଛନ୍ତି। ପାକିସ୍ତାନ ଦଳର ପରାଜୟ ପରେ ସେ ଏକ ୟୁଟ୍ୟୁବ ଚ୍ୟାନେଲରେ ନିରାଶ ଜାହିର କରିଛନ୍ତି। ସେ ବିଶେଷକରି ଅଧିନାୟକ ସର୍ଫରାଜ ଅହମ୍ମଦ ଓ ହାସନ ଅଲିଙ୍କୁ ସମାଲୋଚନା କରିଛନ୍ତି। ବୁଦ୍ଧିହୀନ ସର୍ଫରାଜ ଟସ୍ ଜିତି ବିନା କାରଣରେ ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ୨୦୧୭ ଆଇସିସି ଚାମ୍ପିୟନ୍ସ ଟ୍ରଫି ଫାଇନାଲରେ ଭାରତୀୟ ଦଳ ଯେଉଁ ଭୁଲ୍ କରିଥିଲା, ତାହାକୁ ପାକିସ୍ତାନ ଟିମ୍ ଦୋହରାଇଥିଲା। ତାଙ୍କ ଦଳ ରନ୍ ପିଛା କରିବାରେ ଭଲ ନୁହେଁ, ଯାହାକି ସେ ଭୁଲିଯାଇଥିଲେ। ଏତେ ବୁଦ୍ଧିହୀନ କେମିତି ଜଣେ ଅଧିନାୟକ ହୋଇପାରିବ। ପାକିସ୍ତାନ ପ୍ରଥମେ ବ୍ୟାଟିଂକରି ୨୬୦ ରନ୍ ମଧ୍ୟ କରିଥିଲେ ଯଥେଷ୍ଟ ହୋଇଥାନ୍ତା। ଦଳ ନିକଟରେ ଦକ୍ଷ ବୋଲିଂ ଲାଇନଅପ୍ ଥିଲା। ଆଉ ହାସନ ଅଲି ୱାଘା ବର୍ଡରଠାରେ ଭଲ ଡେଉଁଛନ୍ତି।

# ଆଉ ଏକ ବିପର୍ଯ୍ୟୟ ଘଟାଇଲା ବାଂଲାଦେଶ

ଟଣ୍ଟନ, ୧୭।୬

ଚଳିତ ଆଇସିସି ବିଶ୍ୱକପରେ ଦ୍ୱିତୀୟ ବିପର୍ଯ୍ୟୟ ଘଟାଇଛି ବାଂଲାଦେଶ। ସୋମବାର ଅନୁଷ୍ଠିତ ହାଇ ସ୍କୋରିଂ ମ୍ୟାଚରେ ଦଳ ୭ ଉଇକେଟରେ ୱେଷ୍ଟଇଣ୍ଡିଜକୁ ପରାସ୍ତ କରିଛି। ଶାକିବ-ଅଲ-ହାସନଙ୍କ ଶତକ, ଲିଟନ ଦାସଙ୍କ ବିସ୍ଫୋରକ ବ୍ୟାଟିଂ ସହ ୪ର୍ଥ ଉଇକେଟ ଯୋଡ଼ିରେ ଏ ଦୁହିଁଙ୍କ ୧୮୯ ରନର ଭାଗୀଦାରି ବାଂଲାଦେଶ ବିଜୟ ପାଇଁ ପର୍ଯ୍ୟାପ୍ତ ହୋଇଥିଲା। ସାଇ ହୋପ୍‌ଙ୍କ ୯୬ ରନ ସହାୟତାରେ ୱେଷ୍ଟଇଣ୍ଡିଜ ୫୦ ଓଭରରେ ୮ ଉଇକେଟ ହରାଇ ୩୨୧ ରନ କରିଥିଲା। ଜବାବରେ ବାଂଲାଦେଶ ୪୧.୩ ଓଭରରେ ମାତ୍ର ୩ ଉଇକେଟ ହରାଇ ୩୨୨ ରନ ସଂଗ୍ରହ କରି ନେଇଥିଲା। ଶାକିବ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପାଇଥିଲେ। ଜୁନ ୨ରେ ବାଂଲାଦେଶ ଏହାର ପ୍ରଥମ ମ୍ୟାଚରେ ଦକ୍ଷିଣ ଆଫ୍ରିକାକୁ ୨୧ ରନରେ ହରାଇ ବିପର୍ଯ୍ୟୟ ଘଟାଇଥିଲା।

ଟସ୍ ଜିତି ୱେଷ୍ଟଇଣ୍ଡିଜକୁ ପ୍ରଥମେ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା ବାଂଲାଦେଶ। ଦୁର୍ଦ୍ଧର୍ଷ ଓପନର କ୍ରିସ୍ ଗେଲ୍‌ଙ୍କୁ ଖାତା ଖୋଲିବା ପୂର୍ବରୁ ଆଉଟ କରି ନିଜ ରଣନୀତିରେ ଦଳ ଆଂଶିକ ସଫଳ ମଧ୍ୟ ହୋଇଥିଲା। ମାତ୍ର ପରବର୍ତ୍ତୀ ୪ ବ୍ୟାଟ୍ସମ୍ୟାନ ଚମତ୍କାର ବ୍ୟାଟିଂ କରି ବାଂଲାଦେଶ ବୋଲରଙ୍କୁ ନିରାଶ କରିଥିଲେ। ଅନ୍ୟତମ ଓପନର ଲିୱିସ ଏବଂ ଉଇକେଟ କିପର ହୋପ୍ ଦ୍ୱିତୀୟ ଉଇକେଟ ଯୋଡ଼ିରେ ୧୧୬ ରନ ସଂଗ୍ରହ କରି ଦଳକୁ ବିପଦରୁ ଉଦ୍ଧାର କରିବା ସହ ବଡ଼ ସ୍କୋର ପାଇଁ ପ୍ଲାଟଫର୍ମ ପ୍ରସ୍ତୁତ କରିଥିଲେ। ୨୫ତମ ଓଭରର ୩ୟ ବଲ୍‌ରେ ଲିୱିସଙ୍କୁ ଆଉଟ କରି ବାଂଲାଦେଶକୁ ପ୍ରତୀକ୍ଷିତ ବ୍ରେକ୍ ଥ୍ରୁ ଦେଇଥିଲେ ଶାକିବ-ଅଲ-ହାସନ। ୬୭ଟି ବଲ୍‌ର ସମ୍ମୁଖୀନ ହୋଇଥିବା ଲିୱିସ ୬ ଚୌକା ଓ ୨ ଛକା ସହାୟତାରେ ୭୦ ରନ କରିଥିଲେ। ମିଡଲ ଅର୍ଡରରେ ନିକୋଲାସ ପୁରନ ୨୫(୩୦ ବଲ, ୨ ଚୌକା, ୧ ଛକା) ଓ ଶିମରନ ହେଟମେର ଦ୍ରୁତ ୫୦(୨୬ ବଲ, ୪ ଚୌକା, ୩ ଛକା) ରନ ସ୍କୋର କରି ୱେଷ୍ଟଇଣ୍ଡିଜକୁ ଦୃଢ଼ ସ୍ଥିତିରେ ପହଞ୍ଚାଇ ଦେଇଥିଲେ। ଲୋୟର ଅର୍ଡରରେ ଦୁଇ ଭେଟେରାନ ଆନ୍ଦ୍ରେ ରସେଲ(୦) ଓ ଡାରେନ ବ୍ରାଭୋ(୧୯) ବିଫଳ ହୋଇଥିବାବେଳେ ଅଧିନାୟକ ଜାସନ ହୋଲ୍ଡର ୧୫ ବଲ୍‌ରୁ ୩୩(୪ ଚୌକା, ୨ ଛକା) ରନର ଉପଯୋଗୀ ଇନିଂସ ଖେଳିଥିଲେ। ହୋପ୍ ଖେଳିଥିଲେ କ୍ୟାରିୟରର ଅନ୍ୟତମ ଶ୍ରେଷ୍ଠ ଇନିଂସ। ସେ ମାତ୍ର ୪ ରନ ପାଇଁ ଶତକ ହାସଲରୁ ବଞ୍ଚିତ ହୋଇଥିଲେ ହେଁ ୱେଷ୍ଟଇଣ୍ଡିଜ ମ୍ୟାଜିକ ୩୦୦ ରନ ସ୍କୋର କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ୪୭ ଓଭର ପର୍ଯ୍ୟନ୍ତ କ୍ରିଜ୍‌ର ଗୋଟିଏ ପଟରେ ଜଗି ରହିଥିବା ହୋପ୍ ୧୨୧ଟି ବଲ୍‌ର ସମ୍ମୁଖୀନ ହୋଇ ୪ ଚୌକା ଓ ୧ ଛକା ସହାୟତାରେ ୯୬ ରନ କରି ଆଉଟ ହୋଇଥିଲେ। ଲିୱିସଙ୍କ ସହ ଶତକୀୟ ଭାଗୀଦାରି ବ୍ୟତୀତ ସେ ହେଟ୍‌ମେରଙ୍କ ସହ ୪ର୍ଥ ଉଇକେଟ ଯୋଡ଼ିରେ ମୂଲ୍ୟବାନ ୮୩ ରନ ସଂଗ୍ରହରେ ଉପଯୋଗୀ ଅବଦାନ ଦେଇଥିଲେ। ବାଂଲାଦେଶ ପକ୍ଷରୁ ମହମ୍ମଦ ସୈଫୁଦ୍ଦିନ ଓ ମୁସ୍ତାଫିଜୁର ରହମନ ୩ଟି ଲେଖାଏ ଉଇକେଟ ନେଇଥିଲେ।



ଅର୍ଦ୍ଧଶତକୀୟ ଇନିଂସ୍ ଅବସରରେ ସାଇ ହୋପ୍।

ବଡ଼ ସ୍କୋରର ପିଛା କରିଥିଲେ ହେଁ ବାଂଲାଦେଶ ଭଲ ଆରମ୍ଭ କରିଥିବାରୁ ଚାପର ବଶବର୍ତ୍ତୀ ହୋଇ ନ ଥିଲା। ତାମିମ ଇକବାଲ ଓ ସୌମ୍ୟ ସରକାର ଓପନିଂ ଯୋଡ଼ିରେ ୫୦ ବଲ୍‌ରୁ ୫୨ ରନ ସଂଗ୍ରହ କରି ଦଳକୁ ଲକ୍ଷ୍ୟ ପଥରେ ଆଗେଇ ନେଇଥିଲେ। ସୌମ୍ୟ ୨୩ ବଲ୍‌ରୁ ୨୯(୨ ଚୌକା, ୨ ଛକା) ରନ କରି ଆଉଟ ହୋଇଥିବାବେଳେ ତାମିମ ୪୮(୫୩ ବଲ, ୬ ଚୌକା)ରନ କରି ରନଆଉଟ ହୋଇ ଯାଇଥିଲେ। ମୁସ୍ତାଫିକର ରହିମ ମାତ୍ର ୧ ରନ କରି ଆଉଟ ହେବାରୁ ବାଂଲାଦେଶ ସ୍କୋର ୧୯ ଓଭରରେ ୧୩୩/୩ ହୋଇ ଯାଇଥିଲା। ତେବେ ଶାକିବ-ଅଲ-ହାସନ ଓ ଲିଟନ ଦାସ ଅସମାପ୍ତ ୪ର୍ଥ ଉଇକେଟ ଯୋଡ଼ିରେ ୧୮୯ ରନର ଭାଗୀଦାରି ଗଢ଼ି ବାଂଲାଦେଶକୁ ବିଜୟୀ କରାଇଥିଲେ। ଶତକୀୟ ଇନିଂସ ମଧ୍ୟରେ ଶାକିବ ଏକଦିବସୀୟ କ୍ରିକେଟରେ ୬,୦୦୦ ରନ ପୂରଣ କରିବା ସହ କୌଣସି ଗୋଟିଏ ବିଶ୍ୱକପରେ ବାଂଲାଦେଶ ପକ୍ଷରୁ ଟପ୍ ସ୍କୋରର ହେବାର ସୌଭାଗ୍ୟଲାଭ କରିଥିଲେ। ହାତରେ ଆହୁରି ୫୧ଟି ବଲ୍ ବାକିଥାଇ ଦମ୍‌ଦାର ବିଜୟ ହାସଲ କରିଥିଲା ବାଂଲାଦେଶ। ୯୯ ବଲ୍ ଖେଳିଥିବା ଶାକିବ ୧୬ ଚୌକା ସହାୟତାରେ ୧୨୪ ଓ ଲିଟନ ୬୯ ବଲ୍‌ରୁ ୮ ଚୌକା ଓ ୪ ଛକା ସହ ୯୪ ରନରେ ଅପରାଜିତ ରହିଥିଲେ। ୱେଷ୍ଟଇଣ୍ଡିଜ ବୋଲରମାନେ ଅତିରିକ୍ତଭାବେ ୨୬ ରନ ବ୍ୟୟ କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ୱେଷ୍ଟଇଣ୍ଡିଜ ୫୦ ଓଭରରେ ୩୨୧/୮(ହୋପ୍-୯୬, ଲିୱିସ-୭୦, ହେଟମେର-୫୦, ହୋଲ୍ଡର-୩୩, ମହମ୍ମଦ ସୈଫୁଦ୍ଦିନ-୩/୭୨, ମୁସ୍ତାଫିଜୁର ରହମନ-୩/୫୯, ଶାକିବ-୨/୫୪)। ବାଂଲାଦେଶ ୪୧.୩ ଓଭରରେ ୩୨୨/୩ (ଶାକିବ-୧୨୪*, ଲିଟନ-୯୪*, ତାମିମ-୪୮, ଆନ୍ଦ୍ରେ ରସେଲ-୧/୪୨, ଓଶାନେ ଥୋମାସ-୧/୫୨)।

### ପଏଣ୍ଟ ଟେବୁଲ

| ଟିମ୍ | ମ୍ୟାଚ୍ | ବିଜୟ | ପରାଜୟ | ଟାଇ | ବିନା ଫଳାଫଳ | ପଏଣ୍ଟ | ରନ୍‌ରେଟ୍ |
|---|---|---|---|---|---|---|---|
| ଅଷ୍ଟ୍ରେଲିଆ | ୫ | ୪ | ୧ | ୦ | ୦ | ୮ | +୦.୮୧୨ |
| ନ୍ୟୁଜିଲାଣ୍ଡ | ୪ | ୩ | ୦ | ୦ | ୧ | ୭ | +୨.୧୬୩ |
| ଭାରତ | ୪ | ୩ | ୦ | ୦ | ୧ | ୭ | +୧.୦୨୯ |
| ଇଂଲଣ୍ଡ | ୪ | ୩ | ୧ | ୦ | ୦ | ୬ | +୧.୫୫୭ |
| ବାଂଲାଦେଶ | ୫ | ୨ | ୨ | ୦ | ୧ | ୫ | +୧.୩୩୯ |
| ଶ୍ରୀଲଙ୍କା | ୫ | ୧ | ୨ | ୦ | ୨ | ୪ | -୧.୭୭୮ |
| ୱେଷ୍ଟଇଣ୍ଡିଜ | ୫ | ୧ | ୩ | ୦ | ୧ | ୩ | +୦.୨୭୨ |
| ଦକ୍ଷିଣ ଆଫ୍ରିକା | ୫ | ୧ | ୩ | ୦ | ୧ | ୩ | -୦.୨୦୮ |
| ପାକିସ୍ତାନ | ୫ | ୧ | ୩ | ୦ | ୧ | ୩ | -୧.୯୩୩ |
| ଆଫଗାନିସ୍ତାନ | ୪ | ୦ | ୪ | ୦ | ୦ | ୦ | -୧.୬୩୮ |



“ସତୁରି ଦଶକରେ ୱେଷ୍ଟଇଣ୍ଡିଜ ଦଳ ଭଳି ଏଥର ଆଇସିସି ବିଶ୍ୱକପ୍‌ରେ ଭାରତକୁ ସାମ୍ନା କରିବା ଅଧିକାଂଶ ଦଳ ପାଇଁ ଚିନ୍ତାର ବିଷୟ ହୋଇଛି ।
–କ୍ରିଷ୍ଣମାଚାରୀ ଶ୍ରୀକାନ୍ତ, ପୂର୍ବତନ ଭାରତୀୟ ଓପନର



“ନବେ ଦଶକରେ ଭାରତ ତୁଳନାରେ ଆମ ଦଳ ଶକ୍ତିଶାଳି ଥିଲା, କିନ୍ତୁ ବର୍ତ୍ତମାନ ତାହା ସମ୍ପୂର୍ଣ୍ଣ ଓଲଟା। ସେମାନେ ଆମଠାରୁ ଉନ୍ନତ ।
–ସର୍ଫରାଜ ଅହମ୍ମଦ, ପାକିସ୍ତାନ କ୍ରିକେଟ ଅଧିନାୟକ

## ସଂକ୍ଷେପରେ

### ଭାରତୀୟ ଦଳକୁ ଦୁଇଦିନିଆ ବ୍ରେକ୍

**ମାଞ୍ଚେଷ୍ଟର,୧୭।୬(ପି.ଟି.):** ଚିର ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ବଡ଼ ବ୍ୟବଧାନରେ ହରାଇବା ପରେ ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ଦୁଇଦିନିଆ ବ୍ରେକ୍ ନେବେ ବୋଲି ଟିମ୍ ମ୍ୟାନେଜମେଣ୍ଟ ପକ୍ଷରୁ କୁହାଯାଇଛି। ଆଗାମୀ ଦୁଇଦିନ ଧରି ଭାରତୀୟ ଦଳର ସଦସ୍ୟମାନେ ବିଶ୍ରାମ ନେବେ। ଭାରତୀୟ ଦଳ ୨୨ ତାରିଖରେ ଆଫଗାନିସ୍ତାନକୁ ଭେଟିବ। ଗତ ମ୍ୟାଚ୍‌ରେ ଆଘାତ ପାଇଥିବା ଭୁବନେଶ୍ୱର କୁମାର ଅତିକମ୍‌ରେ ଆଗାମୀ ଦୁଇଟି ମ୍ୟାଚ୍ ଖେଳିପାରିବେ ନାହିଁ। ସେହିଭଳି ଶିଖର ଧାୱନ ବାମ ବୁଢ଼ା ଆଙ୍ଗୁଠିରେ ଆଘାତ ପାଇଥିବାରୁ ୩ଟି ମ୍ୟାଚ୍‌ରୁ ବାଦ୍ ପଡ଼ିଛନ୍ତି।

### ଟିଭି ନଷ୍ଟକଲେ ପାକିସ୍ତାନୀ ପ୍ରଶଂସକ

**ମାଞ୍ଚେଷ୍ଟର,୧୭।୬:** ସ୍ଥାନୀୟ ଓଲ୍ଡ ଟ୍ରାଫୋର୍ଡଠାରେ ଭାରତୀୟ ଦଳ ବିଶ୍ୱକପ୍ ମ୍ୟାଚ୍‌ରେ ଚିର ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ୮୯ ରନ୍‌ର ବୃହତ୍ ବ୍ୟବଧାନରେ ହରାଇ ଦେଇଛି। ବିଶ୍ୱକପ୍ ଇତିହାସରେ ଏହା ପାକିସ୍ତାନ ବିପକ୍ଷରେ ଟିମ୍ ଇଣ୍ଡିଆର କ୍ରମାଗତ ୭ମ ବିଜୟ। ଏହା ପାକିସ୍ତାନୀ ପ୍ରଶଂସକଙ୍କୁ ନିରାଶ କରିଛି। ଫଳରେ ସେମାନେ ଟିଭି ଭାଙ୍ଗିଦେଇଛନ୍ତି। ଦେଶର ବିଭିନ୍ନ ଅଞ୍ଚଳରେ ପ୍ରଶଂସକମାନେ ବଡ଼ ଏଲ୍‌ସିଡି ଟିଭି ଭାଙ୍ଗିଥିବା ଖବର ଆସିଛି। ପାକିସ୍ତାନ ଦଳର ବିଜୟ ଆଶାକରି ବହୁ ପ୍ରଶଂସକ ମିଠା ଓ ଫୁଟାଇବା ପାଇଁ ବାଣ କିଣିଥିଲେ। ହେଲେ ଦଳର ପରାଜୟ ପରେ ସେଗୁଡ଼ିକ ବେକାର ହୋଇଯାଇଥିଲା। ନିରାଶ ପାକିସ୍ତାନ ଦଳର ସମର୍ଥକ ମେନ ଇନ୍ ଗ୍ରୀନ୍ ବିରୋଧରେ ସ୍ଲୋଗାନ ଦେଇଥିବା ସେଠାକାର ଗଣମାଧ୍ୟମରେ ପ୍ରକାଶ ପାଇଛି।

### ‘କ୍ରୀଡ଼ାର ବିକାଶ ପାଇଁ କିଟ୍ ସବୁବେଳେ ତତ୍ପର’

**କଟକ ଅଫିସ,୧୭।୬-** ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ)ର ବିରୋଧୀ ହୋଇ କିଟ୍ ଉପରେ ରାଗ ସୁଝାଉଥିବା କିଛି ବ୍ୟକ୍ତିବିଶେଷଙ୍କ ମନ୍ତବ୍ୟ ଦୁଃଖଦାୟକ । କିଟ୍ ଉପରେ ଓସିଏ ଅନୁକମ୍ପା କରୁଛି ବୋଲି ସେମାନଙ୍କ ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ ବୋଲି ଏହାର କ୍ରୀଡାଧିକାରୀ ଗଗନେନ୍ଦୁ ଦାଶ କହିଛନ୍ତି । ଗଗନେନ୍ଦୁ ଏକଥା ବି କହିଛନ୍ତି କ୍ରୀଡାର ବିକାଶ ପାଇଁ କିଟ୍ ସବୁବେଳେ ତତ୍ପର । ଯେଉଁ ସମୟରେ ଅନ୍ୟ କ୍ରିକେଟ ଗ୍ରାଉଣ୍ଡ ଗୁଡ଼ିକ ଟୁର୍ନାମେଣ୍ଟ ଆୟୋଜନ କରିବାକୁ ପଛଘୁଞ୍ଚା ଦେଉଛନ୍ତି ସେ ସମୟରେ କିଟ୍ ସବୁବେଳେ ସହଯୋଗର ହାତ ବଢ଼ାଉଛି। ଏହାକୁ ଅନ୍ୟ ଅର୍ଥରେ ନେବା ଉଚିତ ନୁହେଁ । ଯେଉଁ ଅର୍ଥ ବିସିସିଆଇ ପକ୍ଷରୁ ଆସିଛି ତାହା କିଟ୍‌କୁ ନୁହେଁ ବରଂ ଯେଉଁମାନେ ଖେଳ ଓ ଖେଳାଳିଙ୍କୁ ସୁବିଧା ସୁଯୋଗ ଦେବା କ୍ଷେତ୍ରରେ ସହଯୋଗ କରିଥିଲେ ତାହା ସେମାନଙ୍କ ଆକାଉଣ୍ଟକୁ ଆସିଛି ବୋଲି ଗଗନେନ୍ଦୁ ନିଜ ପ୍ରତିକ୍ରିୟାରେ କହିଛନ୍ତି ।

# ରବି ଡୋପ୍ ଟେଷ୍ଟରେ ବିଫଳ

**ନୂଆଦିଲ୍ଲୀ, ୧୭।୬ (ପି.ଟି.)**



ଡୋପ୍ ଟେଷ୍ଟରେ ଧରାପଡ଼ିଥିବାରୁ ୨୦୧୦ ଦିଲ୍ଲୀ ରାଜ୍ୟଗୋଷ୍ଠୀ କ୍ରୀଡ଼ା ସ୍ୱର୍ଣ୍ଣ ପଦକ ବିଜେତା ଓଡ଼ିଶା ଭାରୋତ୍ତୋଳକ କେ. ରବି କୁମାରଙ୍କୁ ସାମୟିକ ସସ୍‌ପେଣ୍ଡ କରାଯାଇଥିବା ନ୍ୟାଶନାଲ ଆଣ୍ଟି ଡୋପିଂ ଏଜେନ୍ସି (ନାଡା) ସୋମବାର ପ୍ରକାଶ କରିଛି। ଗତ ଫେବୃୟାରୀରେ ବିଶାଖାପାଟଣାଠାରେ ଜାତୀୟ ସିନିୟର ୭୧ତମ ପୁରୁଷ ଏବଂ ୩୪ତମ ମହିଳା ଭାରୋତ୍ତୋଳନ ଚାମ୍ପିୟନଶିପ୍ ବେଳେ ତାଙ୍କଠାରୁ ସାମ୍ପଲ ସଂଗ୍ରହ କରାଯାଇଥିଲା। ଡୋପ୍ ଟେଷ୍ଟ ବେଳେ ସେଥିରେ ଏକ ନିଷିଦ୍ଧ ଦ୍ରବ୍ୟର ମାତ୍ରା ଠାବ କରାଯାଇଛି। ରବି ୨୦୧୦ ଦିଲ୍ଲୀ ରାଜ୍ୟଗୋଷ୍ଠୀ କ୍ରୀଡ଼ା ୬୯କେଜି ଶ୍ରେଣୀରେ ସ୍ୱର୍ଣ୍ଣ ପଦକ ଲାଭ କରିଥିଲେ। ନାଡା ସୂଚନା ଅନୁସାରେ ଜାତୀୟ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରିଥିବା ଅନ୍ୟ ୫ ଭାରୋତ୍ତୋଳକ ଡୋପ୍ ଟେଷ୍ଟରେ ଧରାପଡ଼ିଛନ୍ତି। ସେମାନେ ହେଲେ ବିରେନ୍ଦର ସିଂ (୯୬କେଜି), ଦୀପିକା(୪୯କେଜି), ବିଶାଳ ସୋଲାଙ୍କି (୧୦୯ କେଜି), ସୀମା (୮୧ କେଜି) ଏବଂ ପୂର୍ଣ୍ଣିମା ପାଣ୍ଡେ (୮୭କେଜି)। ସେହିପରି ଚଳିତ ବର୍ଷ ପ୍ରାରମ୍ଭରେ ପୁଣେଠାରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସରେ ପଦକ ଜିତିଥିବା ଦୁଇ ଆଥଲେଟ୍ ଡୋପ୍ ଟେଷ୍ଟରେ ଧରାପଡ଼ିଛନ୍ତି। ସେମାନେ ହେଲେ ରେସ୍‌ଲର ରୋହିତ ଆହିରେ (ଗ୍ରିକୋ ରୋମାନ ୭୨କେଜି) ଏବଂ ସାହିଲ ପାୱାର (୫୦ ମିଟର ଫ୍ରିଷ୍ଟାଇଲ)। ଏହି ଦୁଇ ଜଣଙ୍କୁ ମଧ୍ୟ ସାମୟିକ ସସ୍‌ପେଣ୍ଡ କରାଯାଇଛି।

ଅନ୍ୟପକ୍ଷରେ ନାଡାର ଆଣ୍ଟି ଡୋପିଂ ପ୍ୟାନେଲ କ୍ୱାର୍ଟରମାଇଲର ପ୍ରିୟଙ୍କା ପନୱାରଙ୍କ ବିରୋଧରେ ଡିସିପ୍ଲିନାରି ପ୍ୟାନେଲର ୮ ବର୍ଷ ସସ୍‌ପେଣ୍ଡ ଆଦେଶକୁ କାଏମ ରଖିଛି। ପ୍ରିୟଙ୍କା ୨୦୧୪ ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ପଦକ ବିଜୟୀ ଭାରତୀୟ ଦଳର ଅନ୍ୟତମ ସଦସ୍ୟ ଥିଲେ। ପ୍ରିୟଙ୍କା ୨୦୧୬ରେ ଦ୍ୱିତୀୟ ଥର ପାଇଁ ଡୋପ୍ ଟେଷ୍ଟରେ ଧରାପଡ଼ିଥିଲେ। ପ୍ରଥମ ଥର ସେ ୨୦୧୧ରେ ଡୋପ୍ ଅପରାଧ କରିଥିଲେ। ଆଣ୍ଟି ଡୋପିଂ ଅପିଲ ପ୍ୟାନେଲ ଆହୁରି ମଧ୍ୟ ଡିସିପ୍ଲିନାରି ପ୍ୟାନେଲ ହକି ଖେଳାଳି ଆକଶ ଚିକ୍‌ଟେଙ୍କ ବିରୋଧରେ କରିଥିବା ୨ ବର୍ଷ ସସ୍‌ପେଣ୍ଡ ଆଦେଶ ୧୩ ମାସକୁ ହ୍ରାସ କରିଛି। ପ୍ରଥମ ଭାରତୀୟ ଟେନିସ ଖେଳାଳିଭାବେ ଡୋପ୍ ଟେଷ୍ଟରେ ଧରାପଡ଼ିଥିବା ୧୬ ବର୍ଷୀୟ ଆର୍ଯ୍ୟନ ଭାଟିଆଙ୍କୁ ନାଡା ଛାଡ଼ କରିଦେଇଛି।

### ସ୍ୱର୍ଣ୍ଣ ହରାଇପାରନ୍ତି ଜ୍ୟୋତି ସିଂ

ଚଳିତ ବର୍ଷ ପ୍ରାରମ୍ଭରେ ନୂଆଦିଲ୍ଲୀରେ ଏଲିଟ୍ ମହିଳା ହାଫ୍ ମାରାଥନ ଜିତିଥିବା ଜ୍ୟୋତି ସିଂ ଡୋପ୍ ଟେଷ୍ଟରେ ବିଫଳ ହୋଇଥିବା ନାଡା ସୂଚନା ଦେଇଛି। ଫେବୃୟାରୀ ୨୪ରେ ହୋଇଥିବା ଏହି ରେସ୍‌ରେ ଜ୍ୟୋତିଙ୍କ ଟାଇମିଂ ଥିଲା ୧ ଘଣ୍ଟା, ୨୨ ମିନିଟ ଓ ୨୦ ସେକେଣ୍ଡ। ଖବରରେ ଯଦି ସତ୍ୟତା ଥାଏ ତେବେ ତାଙ୍କଠାରୁ ସ୍ୱର୍ଣ୍ଣ ପଦକ ପ୍ରତ୍ୟାହାର କରି ନିଆଯିବ। ରୌପ୍ୟ ବିଜୟିନୀଙ୍କୁ ସ୍ୱର୍ଣ୍ଣ ପଦକ ବିଜେତା ବୋଲି ଘୋଷଣା କରାଯିବ ବୋଲି ରେସ୍ ନିର୍ଦ୍ଦେଶକ ନାଗରାଜ ଆଡିଗା ପ୍ରକାଶ କରିଛନ୍ତି।

### ‘ମୁଁ ନିର୍ଦ୍ଦୋଷ, ଆଇନର ଆଶ୍ରୟ ନେବି’

ଏନେଇ କେ. ରବି କୁମାରଙ୍କୁ ଧରିତ୍ରୀ ପକ୍ଷରୁ ଯୋଗାଯୋଗ କରାଯାଇଥିଲା। ସେ କହିଥିଲେ ଯେ, ‘ସେରମ୍’ନାମକ ଔଷଧ ଆଗରୁ ସେବନ ହେଉଥିଲା। ହେଲେ ଗତ ଜାନୁୟାରୀରେ ଏହାକୁ ନିଷିଧ ଘୋଷଣା କରାଯାଇଛି। ଖେଳାଳିମାନେ ଏ ସମ୍ପର୍କରେ ଅବଗତ ହୋଇ ପାରିନାହାନ୍ତି। ଗତ ଫେବୃୟାରୀରେ ବିଶାଖାପାଟଣାଠାରେ ଅନୁଷ୍ଠିତ ୭୧ତମ ପୁରୁଷ ଏବଂ ୩୪ତମ ମହିଳା ଜାତୀୟ ସିନିୟର ଭାରୋତ୍ତେଳନ ଚାମ୍ପିୟନଶିପ୍‌ରେ ପଦକ ଜିତିବା ପରେ ନମୁନା ସଂଗ୍ରହ କରାଯାଇଥିଲା। ମୋ ଭଳି ପ୍ରାୟ ୧୮ଜଣ ଭାରୋତ୍ତୋଳକଙ୍କ ନମୁନା ପଜିଟିଭ୍ ଆସିଥିବା ସୂଚନା ରହିଛି। କେବଳ ଭାରୋତ୍ତୋଳକ ନୁହଁ, ବହୁ ବକ୍ସର୍ ଏବଂ ଆଥଲେଟ୍‌ଙ୍କ ନମୁନା ମଧ୍ୟ ପଜିଟିଭ୍ ଆସିଛି । ‘ସେରମ୍’କୁ ନିଷିଦ୍ଧ ଘୋଷଣା କରାଯାଇଥିବା ସମ୍ପର୍କରେ କେହି ଅବଗତ ନ ଥିଲେ । ସେଥିପାଇଁ ‘ଏ’ ନମୁନା ପଜିଟିଭ୍ ଆସିବା ପରେ ‘ବି’ ନମୁନା ପରୀକ୍ଷା ପାଇଁ ଆବେଦନ କରାଯାଇନାହିଁ । ମୁଁ ଜାତୀୟ ଏବଂ ଅର୍ନ୍ତଜାତୀୟ ସ୍ତରର ଚାମ୍ପିୟନଶିପ୍‌ରେ ପ୍ରତିଦ୍ୱନ୍ଦ୍ୱିତା କରିଛି । ଦେଶ ପାଇଁ ପଦକ ଜିତିଛି । ବହୁଥର ଡୋପ୍ ଟେଷ୍ଟରେ ଭାଗନେଇଛି । ମୁଁ ଜାଣିଛି, କେଉଁଟା ଠିକ୍, କେଉଁଠା ଭୁଲ୍ । କ୍ୟାରିୟର୍‌ର ଏଭଳି ଏକ ସମୟରେ ମୁଁ କେବେବି ନିଜ ଜାଣତରେ ନିଷିଧ ଔଷଧ ସେବନ ଭଳି ଭୁଲ୍ କରିବି ନାହିଁ । ଏଣୁ ମୋ ସହ ଅନ୍ୟାନ୍ୟ ଭାରୋତ୍ତୋଳକମାନେ ଆଇନ୍‌ର ଆଶ୍ରୟ ନେବାକୁ ନିଷ୍ପତ୍ତି ନେଇଛୁ। ମୁଁ ନିର୍ଦ୍ଦୋଶ । ଏହାକୁ ପ୍ରମାଣ କରିବା ପାଇଁ ଆଇନ୍‌ର ଲଢ଼େଇ ଜାରି ରଖିବି ବୋଲି ରବି କୁମାର ପ୍ରକାଶ କରିଛନ୍ତି ।

# ୧୯ ବର୍ଷରୁ କମ୍ କ୍ରିକେଟ ଶିବିର ଆଜିଠାରୁ

**କଟକ ଅଫିସ,୧୭।୬**

- ଚୟନକର୍ତ୍ତାଙ୍କ ପାଇଁ ଅଡୁଆ ପରିସ୍ଥିତି
- ଯୋଗଦେଲେ ୨୩୦ରୁ ଉର୍ଦ୍ଧ୍ୱ ଖେଳାଳି

ମଙ୍ଗଳବାରଠାରୁ ଆରମ୍ଭ ହେବ ୧୯ବର୍ଷରୁ କମ୍ ବାଳକ ରାଜ୍ୟ କ୍ରିକେଟ ଦଳର ପ୍ରସ୍ତୁତି ଓ ଚୟନ ଶିବିର । ଆଗାମୀ ସିଜନ ନିମନ୍ତେ ଶିବିରରୁ ଚୂଡ଼ାନ୍ତ ଦଳ ବଛାଯିବ । ଏହି ଜୁନିୟର ବର୍ଗର ଖେଳାଳିମାନେ ହେଉଛନ୍ତି ରାଜ୍ୟ କ୍ରିକେଟର ଆଗାମୀ ଭବିଷ୍ୟତ । ହେଲେ ଖେଳାଳି ବଛାଯିବା କ୍ଷେତ୍ରରେ ଓସିଏ ତରବରିଆ ନୀତି ଆପଣାଇଛି ବୋଲି ଅଭିଯୋଗ ଉଠିଛି । ଯାହା ଉଭୟ ଖେଳାଳି ଓ ଚୟନକର୍ତ୍ତାଙ୍କ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିବ । ଆବଶ୍ୟକଠାରୁ ଅଧିକ ଖେଳାଳି ଏବେ ଏହି ଶିବିରରେ । ଅଧିକ ସଂଖ୍ୟକ ଖେଳାଳି ଶିବିରରେ ଯୋଗ ଦେବା ତ୍ରୁଟି ନୁହେଁ, ମାତ୍ର ଏତେ ଖେଳାଳିଙ୍କ ପ୍ରତିଭାକୁ ପରଖି ଦଳ ଗଠନ କରିବା କ୍ଷେତ୍ରରେ ଚୟନକର୍ତ୍ତାମାନେ ଦୋଛକିରେ ପଡ଼ିପାରନ୍ତି।

ଆଗାମୀ ସିଜନ ନିମନ୍ତେ ଓସିଏ ୧୯ବର୍ଷରୁ କମ୍ ଦଳ ଗଠନ ପ୍ରକ୍ରିୟା ଆରମ୍ଭ କରିଛି । ୧୫ ତାରିଖ ସୁଦ୍ଧା ପ୍ରତ୍ୟେକ ଜିଲାର ଖେଳାଳିମାନେ ରିପୋର୍ଟିଂ କରିବାକୁ ନିର୍ଦ୍ଦେଶ ରହିଥିଲା । ପ୍ରତ୍ୟେକ ଜିଲା ସଂଘ ୪ଜଣ ଲେଖାଏ ଖେଳାଳି ପଠାଇବାକୁ ଓସିଏ ପକ୍ଷରୁ ପ୍ରଦତ୍ତ ଚିଠିରେ ଉଲ୍ଲେଖ ରହିଥିବା ବେଳେ କଟକ ଓ ଭୁବନେଶ୍ୱରରୁ ୮ଜଣ ଲେଖାଏ ଖେଳାଳି ପଠାଇବାକୁ କୁହାଯାଇଥିଲା । ହେଲେ ଖବର ମୁତାବକ ୨୩୦ରୁ ଉର୍ଦ୍ଧ୍ୱ ଖେଳାଳି ରିପୋର୍ଟିଂ କରିଛନ୍ତି । ପ୍ରତ୍ୟେକ ଜିଲା ସଂଘ ୪ଜଣ ଲେଖାଏ ଖେଳାଳି ବଦଳରେ ୭ରୁ ୮ଜଣ ଲେଖାଏ ଖେଳାଳି ପଠାଇଥିବା ବେଳେ ଭୁବନେଶ୍ୱରରୁ ସର୍ବାଧିକ ସଂଖକ ଖେଳାଳି ଯୋଗ ଦେବାକୁ ଚୂଡ଼ାନ୍ତ ହୋଇଛି । ତେବେ କେଉଁ ପରିସ୍ଥିତିରେ ନିର୍ଦ୍ଦେଶକୁ ଉଲ୍ଲଙ୍ଘନ କରାଯାଇଛି ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । କଟକର ୫ଟି ଗ୍ରାଉଣ୍ଡରେ ଏହି ଶିବିର ଚାଲିବ । ଉକ୍ତ ୫ଟି ଗ୍ରାଉଣ୍ଡ ହେଲା, ବୋଷ, ସନସାଇନ୍, ବିଡ଼ାନାସୀ, ରେଭେନ୍‌ଶା ଓ ନିମପୁର ଗ୍ରାଉଣ୍ଡ। ୨ଟି ଟ୍ରାଏଲ ମ୍ୟାଚ୍ କରାଯାଇ ଖେଳାଳି ଚୟନ କରାଯିବ ବୋଲି ଓସିଏର କାର୍ଯ୍ୟଧାରାରେ ଅଛି । ହେଲେ ମାତ୍ର ୨ଟି ଟ୍ରାଏଲ ମ୍ୟାଚ୍‌ରୁ ଦଳ ବଛାଯିବା ସପକ୍ଷରେ ନାହାନ୍ତି ପୂର୍ବତନ କ୍ରିକେଟର ତଥା କୋଚ୍ ସୌରଜିତ ମହାପାତ୍ର । ସୌରଜିତଙ୍କ କହିବା ଅନୁଯାୟୀ, ଏଭଳି ପରିସ୍ଥିତିରେ ଜଣେ ଖେଳାଳି ନିଜର ଶ୍ରେଷ୍ଠ ପ୍ରଦର୍ଶନ କରିବା ମୁସ୍କିଲ । ଏଣୁ ଓସିଏର ଏହି କାର୍ଯ୍ୟପନ୍ଥା ଫେଲ ମାରିବା ସହ ଜୁନିୟର ବର୍ଗର ଖେଳାଳିମାନେ ମାନସିକ ଭାବେ ଭାଙ୍ଗି ପଡ଼ିବେ । ଯଦି ଜିଲା ସ୍ତରୀୟ ଟୁର୍ନାମେଣ୍ଟ କରାଯାଇ ନାହିଁ ତେବେ ଅଧିକ ଟ୍ରାଏଲ ମ୍ୟାଚ ଖେଳାଯାଉ। ଭଲ ପ୍ରତିଭା ବାଛିବାକୁ ହେଲେ ସମୟର ଆବଶ୍ୟକତା ରହିଛି ବୋଲି ସୌରଜିତ ନିଜ ପ୍ରତିକ୍ରିୟାରେ କହିଛନ୍ତି । ଜୁନିୟର ଚୟନକର୍ତ୍ତା କମିଟିର ଅଧ୍ୟକ୍ଷ ଦୀପକ ମଙ୍ଗରାଜଙ୍କୁ ପଚାରିବାରୁ ସେ କହିଥିଲେ, ପ୍ରତ୍ୟେକ ଖେଳାଳିଙ୍କ ପ୍ରତିଭା ନିକଟରେ ପହଞ୍ଚିବାକୁ ଯଥା ସମ୍ଭବ ଚେଷ୍ଟା କରାଯିବ । ଶ୍ରେଷ୍ଠ ଦଳ ବଛାଯିବା ସମସ୍ତଙ୍କ ଲକ୍ଷ୍ୟ । ଦଳ ବାଛିବା କ୍ଷେତ୍ରରେ ଆଦୌ ଭୁଲ ହେବ ନାହିଁ ବୋଲି ଦୀପକ ମତ ଦେଇଛନ୍ତି ।



## ଜାତୀୟ ଶିବିରରେ ଜବାମଣୀ ଟୁଡୁ

**କଟକ ଅଫିସ,୧୭।୬:** ଜୁଲାଇ ୧ରୁ ୧୭ ତାରିଖ ପର୍ଯ୍ୟନ୍ତ ନୂଆଦିଲ୍ଲୀର ଜବାହରଲାଲ ନେହେରୁ ଷ୍ଟାଡିୟମରେ ଏଏଫ୍‌ସି ମହିଳା ଏସିଆ କପ୍ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ୍ ନିମନ୍ତେ ଜାତୀୟ ଦଳର ପ୍ରସ୍ତୁତ ଶିବିର ଅନୁଷ୍ଠିତ ହେବ । ଜାତୀୟ ଶିବିରରେ ଜବାମଣୀ ଟୁଡୁଙ୍କୁ ଏକମାତ୍ର ଓଡ଼ିଆ ଖେଳାଳି ଭାବେ ସ୍ଥାନ ମିଳିଛି । ଫୁଟବଲ ଆସୋସିଏଶନ ଅଫ ଓଡ଼ିଶା(ଫାଓ) ସମ୍ପାଦକ ସଞ୍ଜୟ ବେହେରା ଜବାମଣୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

## ସ୍ୱତନ୍ତ୍ର ତାଲିକାରେ ବିଜୟ ଶଙ୍କର

**ମାଞ୍ଚେଷ୍ଟର,୧୭।୬**

ଭାରତୀୟ ଅଲରାଉଣ୍ଡର ବିଜୟ ଶଙ୍କର ବିଶ୍ୱକପ୍ ଇତିହାସର ୩ୟ ବୋଲର ଭାବେ ପ୍ରଥମ ବଲରେ ଉଇକେଟ ନେବାର ସଫଳତା ପାଇଛନ୍ତି। ଏଠାରେ ପାକିସ୍ତାନ ବିପକ୍ଷରେ ଖେଳାଯାଇଥିବା ବିଶ୍ୱକପ୍ ମ୍ୟାଚ୍‌ର ୫ମ ଓଭରରେ ଇମାମ ଉଲ୍ ହକ୍‌ଙ୍କୁ ଆଉଟ୍‌କରି ସେ ଏହି ଏଲିଟ୍ ତାଲିକାରେ ସ୍ଥାନ ପାଇବାର ସୌଭାଗ୍ୟ ଲାଭ କରିଛନ୍ତି। ମ୍ୟାଚ୍‌ର ୪.୪ ଓଭରରେ ଭୁବନେଶ୍ୱର କୁମାର ଆହତ ହୋଇ ପ୍ୟାଭିଲିଅନ ଫେରିଯାଇଥିଲେ। ତାଙ୍କ ଓଭର ପୂରା କରିବା ଲାଗି ବିଜୟଙ୍କୁ ଡକରା ଦେଇଥିଲେ ଅଧିନାୟକ ବିରାଟ କୋହଲି। ସେ ପ୍ରଥମ ବଲରେ ବାମହାତୀ ବ୍ୟାଟ୍ସମ୍ୟାନ ଇମାମଙ୍କୁ ଏଲ୍‌ବିଡବ୍ଲ୍ୟୁ କରିଥିଲେ। ସ୍ୱତନ୍ତ୍ର ତାଲିକାରେ ଶଙ୍କରଙ୍କ ବ୍ୟତୀତ ବରମୁଡାର ମାଲଚି ଜୋନ୍ସ ଓ ଅଷ୍ଟ୍ରେଲିଆର ଇଆନ ହାର୍ଭି ରହିଛନ୍ତି। ୨୦୦୭ ବିଶ୍ୱକପ୍ ସଂସ୍କରଣରେ ବରମୁଡାର ଜୋନ୍ସ ଭାରତୀୟ ବ୍ୟାଟ୍ସମ୍ୟାନ ରବିନ ଉଥପ୍ପାଙ୍କୁ ବିଶ୍ୱକପ୍‌ର ପ୍ରଥମ ବଲରେ ଆଉଟ୍ କରିଥିଲେ। ହାର୍ଭି ବିଶ୍ୱକପ୍‌ରେ ବୋଲିଂ କରିଥିବା ପ୍ରଥମ ବଲରେ ପାକିସ୍ତାନୀ ବ୍ୟାଟ୍ସମ୍ୟାନ ସଲିମ ଇଲାହିଙ୍କୁ ପ୍ୟାଭିଲିଅନ ବାଟ ଦେଖାଇଥିଲେ।

## ଗୋଲ୍ ରୂପାନ୍ତର ହାର ବୃଦ୍ଧିକୁ ମାରିଜନେଙ୍କ ଗୁରୁତ୍ୱ

**ହୀରୋଶିମା (ଜାପାନ), ୧୭।୬ (ପି.ଟି.)**



ଭାରତୀୟ ମହିଳା ହକି ଦଳକୁ ଏହାର ଗୋଲ ରୁପାନ୍ତର ହାରରେ ବୃଦ୍ଧି ଆବଶ୍ୟକତା ରହିଛି ବୋଲି ଦଳର ମୁଖ୍ୟ କୋଚ୍ ଜୋର୍ଡ ମାରିଜନେ କହିଛନ୍ତି। ଚଳିତ ଏଫ୍‌ଆଇଏଚ୍ ମହିଳା ସିରିଜ ଫାଇନାଲ୍ସ ହକି ଟୁର୍ନାମେଣ୍ଟରେ ଭାରତ ମଙ୍ଗଳବାର ଗ୍ରୁପ୍ ଏ’ରେ ଏହା ଶେଷ ମ୍ୟାଚ ନିମ୍ନ ର୍‍ୟାଙ୍କିଂପ୍ରାପ୍ତ ଫିଜି ସହ ମୁକାବିଲା କରିବ। ଏହି ମ୍ୟାଚରେ ବିଜୟ ହାସଲ କରିପାରିଲେ ଦଳ ସେମିଫାଇନାଲରେ ସ୍ଥାନ ପକ୍କା କରିପାରିବ। ବିଶ୍ୱର ୯ ନମ୍ବର ର୍‍ୟାଙ୍କିଂପ୍ରାପ୍ତ ଭାରତ ଏହି ଟୁର୍ନାମେଣ୍ଟରେ ହେଉଛି ସର୍ବୋଚ୍ଚ ର୍‍ୟାଙ୍କିଂପ୍ରାପ୍ତ ଦଳ। ଭାରତ ପୂର୍ବରୁ ଉରୁଗୁଏକୁ ୪-୧ ଏବଂ ପୋଲାଣ୍ଡକୁ ୫-୦ ଗୋଲରେ ପରାସ୍ତ କରି ସାରିଛି। ବିଶ୍ୱର ୪୪ ନମ୍ବର ମାନ୍ୟତାପ୍ରାପ୍ତ ଫିଜି ଭାରତ ପାଇଁ କୌଣସି ସମସ୍ୟା ସୃଷ୍ଟି କରିବ ନାହିଁ। କିନ୍ତୁ ଦଳ ଯଦି ଏହାର ଗୋଲ ରୁପାନ୍ତର ହାର ବୃଦ୍ଧି କରେ ତେବେ ମ୍ୟାଚ ଜିତିବା ଆହୁରି ସହଜ ହୋଇପଡ଼ିବ। ମରିଜନେ ପ୍ରଥମ ଦୁଇଟି ମ୍ୟାଚରେ ଦଳର ପ୍ରଦର୍ଶନ ନେଇ ସନ୍ତୋଷ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଦଳ ଅନେକ ଫିଲ୍ଡ ଗୋଲ ଏବଂ ପେନାଲ୍ଟି କର୍ନର ସୁଯୋଗ ସୃଷ୍ଟି କରିପାରିଛି। ଖେଳାଳିମାନେ ସଂଗଠିତ ହୋଇ ଉପଯୁକ୍ତ ସମନ୍ୱୟ ରକ୍ଷା କରିବ ଖେଳିବା ଗୁରୁତ୍ୱପୂର୍ଣ୍ଣ। ଏହାଦ୍ୱାରା ପ୍ରତ୍ୟେକ ଖେଳାଳି ଭଲ ପ୍ରଦର୍ଶନ କରିବା ସୁଯୋଗ ପାଇ ପାରିବେ। ୪୫ ବର୍ଷୀୟ ମାରିଜନେ କହିଛନ୍ତି ଟୁର୍ନାମେଣ୍ଟରେ ଭାରତ ସମସ୍ତ ମ୍ୟାଚରେ ବିଜୟ ହାସଲ କରିବା ଲାଗି ଲକ୍ଷ୍ୟ ରଖିଥିବାବେଳେ କୌଣସି ଦଳକୁ ହାଲ୍‌କା ଭାବେ ନେବ ନାହିଁ।

# ସେମିଫାଇନାଲ ଲକ୍ଷ୍ୟରେ ଇଂଲଣ୍ଡ

**ମାଞ୍ଚେଷ୍ଟର, ୧୭।୬(ପି.ଟି.)**



ଚଳିତ ଆଇସିସି ବିଶ୍ୱକପ୍‌ର ୨୪ତମ ମ୍ୟାଚ୍‌ରେ ମଙ୍ଗଳବାର ଆୟୋଜକ ଇଂଲଣ୍ଡ ଓ ନିମ୍ନ ମାନ୍ୟତାପ୍ରାପ୍ତ ଟିମ୍ ଆଫଗାନିସ୍ତାନ ପରସ୍ପରକୁ ଭେଟିବାକୁ ଯାଉଛନ୍ତି। ସ୍ଥାନୀୟ ଓଲ୍ଡ ଟ୍ରାଫୋର୍ଡ ଗ୍ରାଉଣ୍ଡରେ ଏହି ମ୍ୟାଚ୍ ଖେଳାଯିବ। ଆଘାତଜନିତ ସମସ୍ୟା ଦେଇ ଗତି କରୁଥିବା ଇଅନ ମୋର୍ଗାନଙ୍କ ନେତୃତ୍ୱାଧୀନ ଇଂଲଣ୍ଡ ବର୍ତ୍ତମାନ ସୁଦ୍ଧା ପ୍ରତିଯୋଗିତାରେ ୪ ମ୍ୟାଚ୍‌ରୁ ୩ ବିଜୟ ଓ ଗୋଟିଏ ପରାଜୟ ସହ ୬ ପଏଣ୍ଟ ପାଇ ଟେବୁଲର ୪ର୍ଥ ସ୍ଥାନରେ ରହିଛି। ଅପରପକ୍ଷରେ ଏସୀୟ ଦଳ ଆଫଗାନିସ୍ତାନ ଟୁର୍ନାମେଣ୍ଟରେ ଏହାର ଆରମ୍ଭ ବେଶ୍ ନୈରାଶ୍ୟଜନକ କରିଛି। ଯୁବ ଖେଳାଳିଙ୍କୁ ନେଇ ଗଠିତ ଆଫଗାନିସ୍ତାନ ଏହାର ପ୍ରଥମ ୪ ମୁକାବିଲାରେ ପରାଜୟବରଣ କରି ୧୦ ଦଳୀୟ ଟେବୁଲ ତାଲିକାର ସର୍ବନିମ୍ନ ସ୍ଥାନରେ ରହିଛି। ଅପେକ୍ଷାକୃତ ଦୁର୍ବଳ ଆଫଗାନିସ୍ତାନକୁ ଏହି ମ୍ୟାଚ୍‌ରେ ପରାସ୍ତ କରି ଇଂଲଣ୍ଡ ସେମିଫାଇନାଲ ନିକଟତର ହେବା ଲକ୍ଷ୍ୟ ରଖିଛି।

ଘରୋଇ ଇଂଲଣ୍ଡ ଆଘାତଜନିତ ସମସ୍ୟା ଦେଇ ଗତି କରୁଛି। ଅଧିନାୟକ ମୋର୍ଗାନ ୱେଷ୍ଟଇଣ୍ଡିଜ ବିପକ୍ଷ ପୂର୍ବ ମ୍ୟାଚ୍‌ରେ ପିଠିଜନିତ ଯନ୍ତ୍ରଣା ଲାଗି ମ୍ୟାଚ୍ ଅଧାରୁ ପଡ଼ିଆ ଛାଡ଼ି ଚାଲିଯାଇଥିଲେ। ସେହିଭଳି ଓପ୍‌ନିଂ ବ୍ୟାଟ୍ସମ୍ୟାନ ଜାସନ ରୟଙ୍କ ମାଂସପେଶୀ ଟାଣି ହୋଇଯିବାରୁ ସେ ମଧ୍ୟ ସେହି ସମାନ ମ୍ୟାଚ୍‌ରେ ପଡ଼ିଆ ଛାଡ଼ିବାକୁ ବାଧ ହୋଇଥିଲେ। ଯଦି ମଙ୍ଗଳବାର ମ୍ୟାଚ୍ ପୂର୍ବରୁ ମୋର୍ଗାନ ସମ୍ପୂର୍ଣ୍ଣ ଫିଟ୍ ନ ହୁଅନ୍ତି, ତେବେ ଉପଅଧିନାୟକ ଦାୟିତ୍ୱ ସମ୍ଭାଳୁଥିବା ଜୋସ୍ ବଟ୍‌ଲର ଦଳର ନେତୃତ୍ୱଭାର ନେବା ଏକପ୍ରକାର ନିଶ୍ଚିତ ହୋଇଛି। ସେହିଭଳି ଅତିରିକ୍ତ ଖେଳାଳି ଭାବେ ବାହାରେ ବସି ଆସୁଥିବା ଟମ୍ କୁରାନ ଓ ମୋଇନ୍ ଅଲୀଙ୍କୁ ସୁଯୋଗ ମିଳିପାରେ।

ଅପରପକ୍ଷରେ ଗୁଲବଦିନ ନାଇବଙ୍କ ନେତୃତ୍ୱାଧୀନ ଆଫଗାନିସ୍ତାନ କ୍ରିକେଟ୍‌ର ଏହି ମହାକୁମ୍ଭରେ ପ୍ରଥମ ବିଜୟସ୍ୱାଦ ଚାଖିବା ଲକ୍ଷ୍ୟରେ ବ୍ୟାକୁଳ ରହିଛି। ଦ୍ୱିତୀୟଥର ଲାଗି ଆଇସିସି ବିଶ୍ୱକପ୍ ଖେଳୁଥିବା ଏହି ଯୁଦ୍ଧପ୍ରବଣ ଦେଶ ଚଳିତ ସଂସ୍କରଣରେ ଦକ୍ଷିଣ ଆଫ୍ରିକା, ଅଷ୍ଟ୍ରେଲିଆ, ଶ୍ରୀଲଙ୍କା ଓ ନ୍ୟୁଜିଲାଣ୍ଡ ନିକଟରୁ ପରାଜୟ ବରଣ କରିସାରିଛି। ଆଫଗାନିସ୍ତାନ ଏହାର ବ୍ୟାଟିଂ ସମସ୍ୟାକୁ ନେଇ ବେଶ୍ ଚିନ୍ତିତ ରହିଛି। ଦଳ ଖେଳିଥିବା ଏହାର ୪ଟି ମ୍ୟାଚ୍‌ରେ ୪୦ ଓଭରରୁ ଅଧିକ ବ୍ୟାଟିଂ କରିବାକୁ ଅସମର୍ଥ ହୋଇଛି। ଦକ୍ଷିଣ ଆଫ୍ରିକା ବିପକ୍ଷରେ ଓପ୍‌ନର ହଜରତ୍‌ଉଲ୍ଲା ଜାଜାଇ ଓ ନୁର୍ ଅଲି ଜର୍ଡାନ୍ ଦମ୍‌ଦାର ଆରମ୍ଭ କରିଥିଲେ। ଓଲ୍ଡ ଟ୍ରାଫୋର୍ଡ କଣ୍ଡିଶନ ସ୍ପିନରଙ୍କୁ ସହାୟତା କରୁଥିବାରୁ ରଶିଦ୍‌ଙ୍କ ସମେତ ମହମ୍ମଦ ନବି ଇଂଲଣ୍ଡ ବ୍ୟାଟ୍ସମ୍ୟାନଙ୍କୁ ଚକ୍‌ମା ଦେଖାଇବା ଲକ୍ଷ୍ୟରେ ରହିଛନ୍ତି।

### ଜାସନ ରୟ ୨ ମ୍ୟାଚ୍‌ରୁ ବାଦ୍

ଆଫଗାନିସ୍ତାନ ବିପକ୍ଷ ମ୍ୟାଚ୍ ପର୍ବରୁ ଘରୋଇ ଇଂଲଣ୍ଡ ଦଳକୁ ସୋମବାର ଶକ୍ତ ଧକ୍କା ଲାଗିଛି। ଇନ୍‌ଫର୍ମ ଓପ୍‌ନର ଜାସନ ରୟ ଆଘାତଜନିତ ସମସ୍ୟା ଲାଗି ଇଂଲଣ୍ଡର ପରବର୍ତ୍ତୀ ୨ ମ୍ୟାଚ୍‌ରୁ ବାଦ୍ ପଡ଼ିଛନ୍ତି ବୋଲି ଇଂଲଣ୍ଡ ଆଣ୍ଡ ୱେଲ୍ସ କ୍ରିକେଟ ବୋର୍ଡ (ଇସିବି) ପକ୍ଷରୁ କୁହାଯାଇଛି। ଶୁକ୍ରବାର ୱେଷ୍ଟଇଣ୍ଡିଜ ବିପକ୍ଷ ମ୍ୟାଚରେ ଫିଲ୍ଡିଂ କରୁଥିବା ସମୟରେ ଜାସନଙ୍କ ମାଂସପେଶୀ ଟାଣି ହୋଇଯାଇଥିଲା। ଫଳରେ ସେ ପଡ଼ିଆ ଛାଡ଼ି ଚାଲିଯାଇଥିଲେ। ସେ ସମ୍ପୂର୍ଣ୍ଣ ଫିଟ୍ ହୋଇ ନ ଥିବାରୁ ଆଫଗାନିସ୍ତାନ (ଜୁନ୍ ୧୮) ଓ ଶ୍ରୀଲଙ୍କା (ଜୁନ୍ ୨୧) ବିପକ୍ଷରେ ଖେଳାଯିବାକୁ ଥିବା ୨ ମ୍ୟାଚ୍‌ରୁ ବାଦ୍ ପଡ଼ିଛନ୍ତି। ରୟ ଦକ୍ଷିଣ ଆଫ୍ରିକା ବିପକ୍ଷ ଉଦ୍‌ଘାଟନୀ ମ୍ୟାଚ୍‌ରେ ଅର୍ଦ୍ଧଶତକ ହାସଲ କରିଥିବାବେଳେ ବାଂଲାଦେଶ ବିପକ୍ଷରେ ୧୫୩ ରନ୍‌ର ମାରାଥନ ଇନିଂସ୍ ଖେଳିଥିଲେ।

**ଆଜିର ମ୍ୟାଚ୍**
ଇଂଲଣ୍ଡ
ବନାମ
ଆଫଗାନିସ୍ତାନ
ସ୍ଥାନ ମାଞ୍ଚେଷ୍ଟର
ସମୟ ଅପରାହ୍ନ ୩ଟା
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

# ଝିଅକୁ ବଳାତ୍କାର ଉଦ୍ୟମ ଅଭିଯୋଗ

**ବିଞ୍ଝାରପୁର,୧୭।୬(ଡି.ଏନ.ଏ):** ବିଞ୍ଝାରପୁର ଥାନା କଲ୍ୟାଣପୁର ଅଞ୍ଚଳର ନିଜ ନାବାଳିକା ଝିଅକୁ ବାପା ବଳତ୍କାର ଉଦ୍ୟମ କରିଥିବା ନେଇ ସୋମବାର ଅପରାହ୍ନରେ ନାବାଳିକାଙ୍କ ମା' ଥାନାରେ ଅଭିଯୋଗ କରିଛନ୍ତି। ନାବାଳିକାଙ୍କ ବାପା କିଛିଦିନ ହେଲା ତାଙ୍କୁ ଶାରୀରିକ ସମ୍ପର୍କ ରଖିବା ପାଇଁ ବାଧ କରିଆସୁଥିଲେ। ରବିବାର ରାତିରେ ସେ ଝିଅକୁ ବଳାତ୍କାର କରିବା ପାଇଁ ଉଦ୍ୟମ କରିବାରୁ ନାବାଳିକାଙ୍କ ମା' ତାଙ୍କୁ ବିରୋଧ କରିଥିଲେ। ଉତକ୍ଷିପ୍ତ ହୋଇ ଅଭିଯୁକ୍ତ ନିଜ ସ୍ତ୍ରୀଙ୍କୁ ଆକ୍ରମଣ କରିବାକୁ ମଧ ପଛାଇ ନ ଥିଲେ। ଏହି ଆକ୍ରମଣରେ ନାବାଳିକାଙ୍କ ମା' ଆହତ ହୋଇଥିବା ଜଣାପଡିଛି। ଅଭିଯୋଗ ପାଇବା ପରେ ଅଭିଯୁକ୍ତ ବାପାଙ୍କୁ ବିଞ୍ଝାରପୁର ପୋଲିସ ଥାନାକୁ ଆଣି ପଚରାଉଚରା କରିଛି। ଏସ୍‌ଡିପିଓ ଥାନାକୁ ଆସି ଘଟଣା ସମ୍ପର୍କରେ ଥାନାଧିକାରୀଙ୍କ ସହ ଆଲୋଚନା କରି ତଦନ୍ତ ଜୋରଦାର କରିଛନ୍ତି। ଏ ନେଇ ଥାନାଧିକାରୀ ଶିବଚରଣ ବେହେରା କୁହନ୍ତି, ଘଟଣା ଉପରେ ତଦନ୍ତ କରାଯାଉଛି। ଖୁବ ଶୀଘ୍ର ପ୍ରକୃତ ତଥ୍ୟ ପଦାକୁ ଆସିବ।

# ବିଦ୍ୟୁତ ଆଘାତରେ ଯୁବକଙ୍କ ମୃତ୍ୟୁ

**କୋରେଇ,୧୭।୬(ସ୍ୱ.ପ୍ର.):** କୋରେଇ ଥାନା ଅନ୍ତର୍ଗତ ଜାଗୁଳେଇ ଗଡିଆ ଗ୍ରାମର ସୁଧାକର ମହାପାତ୍ର (୨୨)ଙ୍କର ସୋମବାର ବିଦ୍ୟୁତ୍ ଆଘାତରେ ମୃତ୍ୟୁ ହୋଇଛି। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୮/୧୯) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରିଛି। ପ୍ରକାଶ ଯେ, ସୁଧାକର ସକାଳ ୯ଟାରେ ତାଙ୍କ ବାଡ଼ିରେ ଲାଗିଥିବା ଫସଲରେ ପାଣି ଦେଉଥିଲେ। ସେହି ସମୟରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଥିଲେ। ସୁଧାକରଙ୍କ ମୃତ୍ୟୁରେ ଗ୍ରମାରେ ଶୋକର ଛାୟା ଖେଳିଯାଇଛି।




# ୧୮ ନାଗ ଉଦ୍ଧାର

**ଦଶରଥପୁର,୧୭।୬(ଡି.ଏନ୍.ଏ.)**

ଦଶରଥପୁର ବ୍ଲକ କନିକାପଡା ପଞ୍ଚାୟତସ୍ଥିତ ଦିହୁଡିସାହି ଗ୍ରାମର ଶେଷଦେବ ସାମଲଙ୍କ ପୁରୁଣା ଘରୁ ସୋମବାର ସ୍ନେକ୍ ହେଲ୍‌ପ ଲାଇନ୍ ସାହାଯ୍ୟରେ ୧୮ଟି ନାଗ ଉଦ୍ଧାର କରାଯାଇଛି। ଶେଷଦେବଙ୍କ ପୁରୁଣା ଘରେ କେହି ରହୁ ନ ଥିବାରୁ ସାପମାନଙ୍କ ଆଶ୍ରୟସ୍ଥଳୀ ପାଲଟିଥିବା ପରିବାର ଲୋକେ ଅନୁମାନ କରୁଛନ୍ତି। କିଛିଦିନ ତଳେ ସେହି ପୁରୁଣା ଘରେ ସାପ ମଧ ଦେଖିଥିଲେ। ପରିବାର ପ୍ରତି ବିପଦ ଆଶଙ୍କା ଥିବା ଦେଖି ଶେଷଦେବ ସ୍ନେକ ହେଲ୍‌ପ ଲାଇନକୁ ଖବର ଦେଇଥିଲେ। ହେଲ୍‌ପ ଲାଇନ ପକ୍ଷରୁ ଚିତ୍ତରଞ୍ଜନ ପଣ୍ଡା ସୋମବାର ଶେଷଦେବଙ୍କ ଘରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ସାପଗୁଡିକ ମଧ୍ୟରୁ ଗୋଟିଏ ମା' ନାଗ ଓ ୧୭ଟି ତାର ଛୁଆ ବୋଲି ଚିତ୍ତରଞ୍ଜନ କହିଛନ୍ତି।

# ରଜ ଉତ୍ସବ ପାଳନବେଳେ ଗୋଷ୍ଠୀ ସଂଘର୍ଷ, ୩ ଗିରଫ

**କଳିଙ୍ଗନଗର,୧୭।୬ (ଡି.ଏନ୍.ଏ.)**

କଳିଙ୍ଗନଗର ଥାନା ଅଞ୍ଚଳ ଡୁବୁରୀ ଖଣ୍ଡିଆସାହି ଗ୍ରାମରେ ରବିବାର ରଜ ମହୋତ୍ସବ ପାଳନବେଳେ ଗୋଷ୍ଠୀ ସଂଘର୍ଷ ଦେଖାଦେଇଥିଲା। ଏ ନେଇ ଉଭୟଙ୍କ ପକ୍ଷରୁ ଅଭିଯୋଗ ଆଧାରରେ ପୋଲିସ ୨ ପୃଥକ୍ ମାମଲା ନଂ (୧୦୯/୧୯ ଓ ନଂ ୧୦୮/୧୯) ରୁଜୁ କରି ତଦନ୍ତ ଚଳାଇଥିଲା। ଏହି ଘଟଣାରେ ସୋମବାର ପୋଲିସ ଖଣ୍ଡିଆସାହି ଗ୍ରାମରେ ଚଢାଉ କରି ଶ୍ରୀକାନ୍ତ ବେହେରା, ବୁଦ୍ଧଦେବ ଦାସ ଓ ଅଭିରାମ ଦାସଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ତେବେ ଅନ୍ୟ ଫେରାର ଅଭିଯୁକ୍ତମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ପୋଲିସ କହିଛି। ପ୍ରକାଶ ଯେ, ଖଣ୍ଡିଆସାହି ଗ୍ରାମରେ ରବିବାର ରଜ ମହୋତ୍ସବକୁ ବୁଲିବାକୁ ହଳଧର ଦାସଙ୍କ ସ୍ତ୍ରୀ କୁନି ଦାସ ଯାଇଥିଲେ। ଏହି ସମୟରେ ପୂର୍ବ ଶତ୍ରୁତାକୁ ନେଇ କୁନୀଙ୍କୁ ଶ୍ରୀକାନ୍ତ ବେହେରା, ବୁରୁନ୍ଦା ଦାସ ଓ ପ୍ରଫୁଲ ଦାସ ମିଶି ଦୁର୍ବ୍ୟବହାର କରିବା ସହ ମାଡ଼ ମାରିଥିବା କୁନି ଥାନାରେ ଅଭିଯୋଗ କରିଛନ୍ତି। ସେହିପରି ଶ୍ରୀକାନ୍ତ ବେହେରାଙ୍କ ମା' ଲିଲି ବେହେରା ରଜଉତ୍ସବ ପାଳନ କରୁଥିବା ସମୟରେ ବୁଦ୍ଧଦେବ, ଅଭିରାମ, ବିନୁ ବେହେରା ଓ ବାବୁ ଦାସ ମିଶି ଗାଳିଗୁଲଜ କରିବାସହ ମାଡ଼ ମାରିଥିବା ଥାନାରେ ଅଭିଯୋଗ ହୋଇଛି।









3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

କଠୋପନିଷଦ୍

ପିତା ପରମ ଆରାଧ୍ୟ, ପିତାଙ୍କୁ ସନ୍ତୁଷ୍ଟ କରିପାରିଲେ ସବୁ ଦେବତାମାନେ ମଧ୍ୟ ସନ୍ତୋଷ ଲାଭ କରନ୍ତି।
- କଠୋପନିଷଦ

## ସଂକ୍ଷେପରେ

### କମେଣ୍ଟ ମରାକୁ ନେଇ ଆକ୍ରମଣ ଘଟଣା: ୨ ଅଭିଯୁକ୍ତ ଗିରଫ

**ଯାଜପୁର ଟାଉନ,୧୭।୬(ଡିଏନଏ):** ଯାଜପୁରସହର ନିକଟସ୍ଥ ଚିତାଲୋ ଛକରେ କମେଣ୍ଟ ମରା ଘଟଣାକୁ କେନ୍ଦ୍ରକରି ଶନିବାର ରାତିରେ ନିରଞ୍ଜନ ଜେନା ନାମକ ଜଣେ ଯୁବକଙ୍କୁ କଟୁରୀରେ ଆକ୍ରମଣ ହୋଇଥିବା ଯାଜପୁର ଥାନାରେ ଅଭିଯୋଗ ହୋଇଥିଲା। ଏ ସଂକ୍ରାନ୍ତରେ ପୋଲିସ ଏକ ମାମଲା (ନଂ. ୧୬୧/୧୯) ରୁଜୁ କରି ତଦନ୍ତ ଜାରି ରଖିଥିବାବେଳେ ମାଧିଆ ଓରଫ କୈଳାସ ଜେନା (୪୫), ବୁଲାରାମ ଜେନା (୬୫)ଙ୍କୁ ସୋମବାର ଗିରଫ କରି କୋର୍ଟ ଚାଲାଣ କରିଛି। ଅନ୍ୟ ଅଭିଯୁକ୍ତମାନେ ଫେରାର ଅଛନ୍ତି। ପୋଲିସ ସେମାନଙ୍କୁ ଗିରଫ କରିବା ପାଇଁ ଉଦ୍ୟମ ଜାରି ରଖିଛି। ଅନ୍ୟପକ୍ଷରେ ନିରଞ୍ଜନଙ୍କ ଅବସ୍ଥା ସଂକଟାପନ୍ନ ଥିବାବେଳେ ସେ କଟକ ବଡମେଡିକାଲରେ ଚିକିତ୍ସିତ ହେଉଥିବା ଜଣାପଡିଛି।

### ସୁକିନ୍ଦା ପ୍ରିମିୟମ ଲିଗ ଉଦ୍‌ଯାପିତ: ୧୯୯୮ ମାଟ୍ରିକ୍ ବ୍ୟାଚ୍ ଚାମ୍ପିୟନ

**କାଳିଆପାଣି, ୧୭।୬(ଡି.ଏନ୍.ଏ.):** ସୁକିନ୍ଦା ଗଡ଼ ଷ୍ଟାଡ଼ିୟମରେ ଆୟୋଜିତ ସୁକିନ୍ଦା ପ୍ରିମିୟମ ଲିଗ୍ ୨୦୧୯ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ୧୯୯୮ ସିନିୟର ମାଟ୍ରିକ୍ ବ୍ୟାଚ୍ ସୁପର ଓଭର ଜରିଆରେ ୧୯୯୦ ବ୍ୟାଚ୍ ସିନିୟରଙ୍କୁ ହରାଇ ଚାମ୍ପିୟନ ହୋଇଛି। ପୁରସ୍କାର ବିତରଣୀ ଉତ୍ସବରେ ଜଗନ୍ନାଥ ହାଇସ୍କୁଲ ଅବସରପ୍ରାପ୍ତ ଶିକ୍ଷକ ଜୟନ୍ତ କୁମାର ଦାସ, କ୍ରୀଡ଼ା ଶିକ୍ଷକ ଅଜୟ କୁମାର ବେହେରା, ସହ ଶିକ୍ଷକ ଦୁଃଖବନ୍ଧୁ ବେଜ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ବିଜୟ ଦଳ ଓ ରନର୍ସ ଅପ୍ ଦଳଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ରବିବାର ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ଟି ୨୦ ଓଭର ବିଶିଷ୍ଟ ରହିଥିବା ବେଳେ ୧୯୯୦ ବ୍ୟାଚ୍ ଟସ୍ ଜିତି ବ୍ୟାଟିଂ କରି ୫ ଉଇକେଟ ହରାଇ ୧୫୨ ରନ୍ କରିଥିଲା। ଜବାବ୍‌ରେ ୧୯୯୮ ବ୍ୟାଚ ସମସ୍ତ ଓଭର ଖେଳି ମଧ ବିଜୟୀ ହୋଇପାରି ନ ଥିବା ବେଳେ ସୁପର ଓଭର ଖେଳ ହୋଇଥିଲା। ସୁପର ଓଭର୍‌ରେ ୧୯୯୮ ବ୍ୟାଚ୍ ୨୭ ରନ୍ କରିଥିବା ବେଳେ ୧୯୯୦ ବ୍ୟାଚ୍ ମାତ୍ର ୬ ରନ୍ କରିବାକୁ ସକ୍ଷମ ହୋଇଥିଲା। ଅମ୍ପାୟାର ଭାବେ ଛାୟାକାନ୍ତ ଦ୍ୱିବେଦୀ ଓ ଦ୍ୱିବେନ୍ଦ୍ର ଘୋଷ ଖେଳ ପରିଚାଳନା କରିଥିଲେ। ପ୍ରକାଶ ଯେ, ଜଗନ୍ନାଥ ଉଚ୍ଚବିଦ୍ୟାଳୟର ୧୯୮୮ ବ୍ୟାଚ୍‌ରୁ ୨୦୦୭ ବ୍ୟାଚ୍ ଭିତରେ ୨୦୦୮ରୁ ସୁକିନ୍ଦା ପ୍ରିମିୟମ ଲିଗ ସିନିୟର ଆରମ୍ଭ ହୋଇଥିଲା।

■ ଯଥାଶୀଘ୍ର ପୌର ନିର୍ବାଚନ ହେବା ସମ୍ଭାବନା

# ପ୍ରଭାବିତ କରିପାରେ ନିର୍ବାଚନ ଫଳାଫଳ

**ଯାଜପୁର ଅଫିସ,୧୭।୬**

ଯାଜପୁର ଜିଲାର ଦୁଇ ପୌରାଞ୍ଚଳର ନିର୍ବାଚିତ ପ୍ରତିନିଧିଙ୍କ କାର୍ଯ୍ୟକାଳ ଗତ ଡିସେମ୍ବରରେ ଶେଷ ହୋଇସାରିଛି। ଇତିମଧ୍ୟରେ ପ୍ରଶାସନିକ ନିଯୁକ୍ତି ମଧ୍ୟ ୬ ମାସ ଅତିକ୍ରାନ୍ତ ହୋଇଛି। ଆବଶ୍ୟକସ୍ଥଳେ ଦାୟିତ୍ୱରେ ଥିବା ପ୍ରଶାସନିକ ଅଧିକାରୀଙ୍କ କାର୍ଯ୍ୟକାଳ ଆହୁରି ୬ମାସ ବୃଦ୍ଧି କରିବାର ନିୟମ ରହିଛି। କିନ୍ତୁ ୱାର୍ଡ ପୁର୍ନଗଠନ ଓ ସଂରକ୍ଷଣ ସମ୍ପର୍କିତ ପ୍ରକ୍ରିୟା ଶେଷ କରିବାକୁ ନିର୍ବାଚନ କମିଶନର ସରକାରଙ୍କୁ ଅନୁରୋଧ କରିଥିବାରୁ ଯଥାଶୀଘ୍ର ପୌର ନିର୍ବାଚନ ହେବାର ସମ୍ଭାବନା ସୃଷ୍ଟି ହୋଇଛି। ଏହିକ୍ରମରେ ଯାଜପୁର ଜିଲାର ଦୁଇ ପ୍ରମୁଖ ସହରରେ ପୁଣି ନିର୍ବାଚନ ସରଗରମ ହୋଇଛି। ଗତ ବିଧାନସଭା ନିର୍ବାଚନର ଫଳାଫଳ ଏଥର ପୌର ନିର୍ବାଚନକୁ ପୁଣି ପ୍ରଭାବିତ କରିବ ବୋଲି ରାଜନୈତିକ ବିଶେଷଜ୍ଞମାନେ ମତପୋଷଣ କରୁଛନ୍ତି। ତେବେ ନିକଟରେ ଶେଷ ହୋଇଥିବା ଲୋକସଭାରେ ଭାଜପା ଓ ବିଧାନସଭାରେ ବିଜେଡିର ସଫଳତା ପୌର ନିର୍ବାଚନରେ ଚ୍ୟାଲେଞ୍ଜ ସୃଷ୍ଟି କରିବ ବୋଲି ଆଲୋଚନା ହେଉଛି।

ଯାଜପୁର ଜିଲାର କୋରେଇ ନିର୍ବାଚନମଣ୍ଡଳୀ ଅର୍ନ୍ତଗତ ୨୬ଟି ୱାର୍ଡ ବିଶିଷ୍ଟ ବ୍ୟାସନଗର ପୌର ପରିଷଦରେ ଗତ ୫ବର୍ଷ ମଧ୍ୟରେ ବିଜେଡି ଶାସନ ଛକାପଞ୍ଝା ମଧ୍ୟରେ ଗତି କରିଥିଲା। ତେବେ ବିଧାନସଭାରେ ବିଜେଡିର ଅଶୋକ ବଳ ବିଧାୟକ ଭାବେ ନିର୍ବାଚିତ ହେବା ପରେ ବିଜେଡିରେ ରହିଥିବା ଗୃହଯୁଦ୍ଧ ଶେଷ ହୋଇପାରେ ବୋଲି ଆଶା କରାଯାଉଛି। ବିଜେଡିରୁ ପ୍ରାର୍ଥୀ ହେବା ପାଇଁ ଆଶାୟୀଙ୍କ ସଂଖ୍ୟା ଏବେଠୁ ବଢି ଚାଲିଛି। ଅନ୍ୟପକ୍ଷରେ ପୂର୍ବତନ କୋରେଇ ବିଧାୟକ ତଥା ଏବେର ସୁକିନ୍ଦା ବିଧାୟକ ପ୍ରୀତିରଞ୍ଜନ ଘଡେଇ(ଡାନି) ଓ ଆକାଶ ଦାସନାୟକ ଏବଂ ନବନିର୍ବାଚିତ ବିଧାୟକ ବଳଙ୍କ ସମର୍ଥକଙ୍କ ମଧ୍ୟରେ ପ୍ରତିଯୋଗିତା ଜୋରଦାର ହେବ ବୋଲି କୁହାଯାଉଛି। ୨୦୧୩ ପୌର ନିର୍ବାଚନରେ ବିଜେଡିରୁ ବିଜୟୀ ସମସ୍ତ କାଉନସିଲର ଡାନିଙ୍କ ସମର୍ଥକ ରହିଥିଲେ। ତାଙ୍କ ନେତୃତ୍ୱରେ ସବିତା ରାଉତ ଅଧ୍ୟକ୍ଷା ହୋଇପାରିଥିଲେ। କିନ୍ତୁ ୫ ବର୍ଷରୁ କେବଳ ଶେଷ ୨ବର୍ଷ ମଧ୍ୟରେ ବ୍ୟାସନଗର ପୌରାଧ୍ୟକ୍ଷା ରାଉତଙ୍କ ବିରୋଧରେ ୩ ଥର ଅନାସ୍ଥା ପ୍ରସ୍ତାବ ଆସିଥିଲା। ୨୦୧୪ରେ କୋରେଇ ବିଧାୟକ ଭାବେ ଆକାଶ ଦାସ ନାୟକ ନିର୍ବାଚିତ ହେବାପରେ କେତେଜଣ ଡାନି ସମର୍ଥକ ଆକାଶଙ୍କ ପଟକୁ ମୁହାଁଇଥିଲେ। ଏହି ଛକାପଞ୍ଝା ମଧ୍ୟରେ ପୌରାଧ୍ୟକ୍ଷା ରାଉତ ବଳି ପଡିଥିଲେ। ଅନାସ୍ଥା ନାଟକରେ ସହରର ବିକାଶ ମଧ୍ୟ ବଳି ପଡିଥିଲା। ୨୦୧୮ ଜୁଲାଇ ୨୯ରେ ଶେଷଥର ପାଇଁ ଅନାସ୍ଥା ହୋଇଥିଲା। ମାତ୍ର ୧୨ମାସ ମଧ୍ୟରେ ୩ଟି ଅନାସ୍ଥାକୁ ସାମ୍ନା କରୁଥିବା ପୌରାଧ୍ୟକ୍ଷା ରାଉତ ନିଜ ପରାକାଷ୍ଠା ଦେଖାଇ ଆଇନ ଲଢେଇରେ ବିଜୟୀ ହୋଇଥିଲେ। ଅନାସ୍ଥା ଭୋଟ ହୋଇଥିଲା, କିନ୍ତୁ ହାଇକୋର୍ଟର ଅନ୍ତରୀଣ ଆଦେଶ ବଳରେ ଫଳ ପ୍ରକାଶ ପାଇ ନ ଥିଲା। ଏହି ଅନାସ୍ଥା ନାଟକ ଚାଲିବା ଦିନଠାରୁ ସହରର ପରିମଳ, ରାସ୍ତାଘାଟ, ପାନୀୟ ସମସ୍ୟା, ସ୍ୱାସ୍ଥ୍ୟ, ବ୍ୟାସ ସରୋବରର ଉନ୍ନତୀକରଣ ଆଦି ବିକାଶ କାର୍ଯ୍ୟ ଠପ୍ ହୋଇଯାଇଥିଲା। ସଂସ୍କୃତିଭବନ, ଟାଉନହଲ ଉନ୍ନତୀକରଣ ଭଳି ଅନେକ ସାମୁହିକ କାର୍ଯ୍ୟ ଅଧାରେ ରହିଥିଲା। ବିଜେଡି ଓ କଂଗ୍ରେସର ଏଭଳି ନାଟକକୁ ସହରବାସୀ ଭୁଲି ନାହାନ୍ତି। ସହରବାସୀଙ୍କ ସ୍ୱାର୍ଥକୁ ପଛରେ ପକାଇ ନିଜ ସ୍ୱାର୍ଥକୁ ଗୁରୁତ୍ୱ ଦିଆଯାଉଛି ବୋଲି ସହରବାସୀଙ୍କ ମଧ୍ୟରେ ସେତେବେଳେ ଆଲୋଚନା ଜୋର ଧରିଥିଲା। ପାରିଷଦଙ୍କ ମନବୃତ୍ତିକୁ ବଦଳାଇବାରେ ନେତୃତ୍ୱ ସକ୍ଷମ ହୋଇ ପାରି ନ ଥିଲେ। କୌଣସି ପାରିଷଦକୁ ନିୟନ୍ତ୍ରଣ କରିବା ବଦଳରେ ବିଜେଡି ନେତୃତ୍ୱ ନୀରବ ରହିବାକୁ ପସନ୍ଦ କରିଥିଲେ। ତେଣୁ ବ୍ୟାସନଗର ପୌର ନିର୍ବାଚନରେ ଏଥର ପଟ ପରିବର୍ତ୍ତନ ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ। ପୁଣି ଗତ ନିର୍ବାଚନରେ ଅଧିକାଂଶ ଶିକ୍ଷିତ ଭୋଟର ଭାଜପାକୁ ପସନ୍ଦ କରିଛନ୍ତି। ପୋଷ୍ଟାଲ ଭୋଟରୁ ଏହା ଆକଳନ କରାଯାଇଛି। କିନ୍ତୁ ବ୍ୟାସନଗର ଭାଜପାରେ ସାଂଗଠନିକ ସ୍ଥିତି ସୁଦୃଢ ନ ଥିବାରୁ ବିଜେଡି ଏହାର ଫାଇଦା ନେବ ବୋଲି କୁହାଯାଉଛି । ଅନୁରୂପ ପରିସ୍ଥିତି ଯାଜପୁର ପୌର ନିର୍ବାଚନରେ ପ୍ରତିଫଳିତ ହେବା ଆଶା କରାଯାଉଛି। ଏଥର ଯାଜପୁର ବିଧାନସଭାରେ ବିଜେଡି ପ୍ରାର୍ଥୀ ବିଜୟୀ ହୋଇଥିଲେ ହେଁ ଭୋଟହାର ବହୁତ ହ୍ରାସ ପାଇଛି। ଭାଜପାର ଭୋଟହାର ବୃଦ୍ଧି ପୌର ନିର୍ବାଚନ ଫଳାଫଳକୁ ପ୍ରଭାବିତ କରିପାରିବାର ସମ୍ଭାବନା ଦେଖାଦେଇଛି। ଯାଜପୁର ସହରରେ ରାସ୍ତାଘାଟ ଓସରିଆ ହେବା ସହିତ କେତେକ ପର୍ଯ୍ୟଟନସ୍ଥଳୀର ବିକାଶ ହୋଇଛି। ହେଲେ ନିମ୍ନମାନର କାର୍ଯ୍ୟ ଉନ୍ନୟନର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ସହରକୁ ବ୍ୟାସନଗର ସହର ଅପେକ୍ଷା ୧୦ଗୁଣରୁ ଅଧିକ ଅନୁଦାନ ଆସୁଛି। ହେଲେ ଅନୁଦାନ ତୁଳନାରେ ବିକାଶ ସେତେଟା ଆଖିଦୃଶିଆ ହୋଇପାରୁ ନାହିଁ। ଯାହାକି ଶିକ୍ଷିତ ଭୋଟରଙ୍କୁ ଚିନ୍ତା କରିବାକୁ ବାଧ କରିଛି। ଯାହାର ଫଳ ଗତ ବିଧାନସଭା ନିର୍ବାଚନରେ ଦେଖିବାକୁ ମିଳିଛି। ତେଣୁ ଏଠାରେ ମଧ ପୌର ନିର୍ବାଚନରେ ବିଜେଡି ପାଇଁ ସେତେଟା ସହଜ ହୋଇ ନ ପାରେ ବୋଲି ରାଜନୈତିକ ବିଶେଷଜ୍ଞମାନେ ମତପୋଷଣ କରୁଛନ୍ତି।

**ବ୍ୟାସନଗର, ଯାଜପୁର ପୌରାଞ୍ଚଳ**

■ନିର୍ବାଚନ କମିଶନରଙ୍କ ଅନୁରୋଧ ପରେ ରାଜନୀତି ସରଗରମ

ପଶ୍ଚିମବଙ୍ଗ ଡାକ୍ତରଙ୍କୁ ମାଡ଼ ଘଟଣା

### ବ୍ୟାସନଗର ଭାରତୀୟ ଚିକିତ୍ସକ ସଂଘର ପ୍ରତିବାଦ

**ଯାଜପୁର ଅଫିସ,୧୭।୬**

ପଶ୍ଚିମବଙ୍ଗର ନୀଳରତନ ସରକାରୀ ମେଡିକାଲ କଲେଜ ଓ ହସ୍‌ପିଟାଲରେ ଜଣେ ଡାକ୍ତରଙ୍କୁ ମାଡ଼ ଘଟଣା ପ୍ରତିବାଦରେ ବ୍ୟାସନଗର ଭାରତୀୟ ଚିକିତ୍ସିକ ସଂଘ ପକ୍ଷରୁ ସୋମବାର ସମସ୍ତ ସରକାରୀ ଓ ବେସରକାରୀ ଡାକ୍ତରଖାନାର ବର୍ହିବିଭାଗ ଚିକିତ୍ସା ବନ୍ଦ କରାଯାଇଥିଲା। ଏଥିରେ ଯାଜପୁରରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଟାଟା ମେଡିକା ହସପିଟାଲ୍, ଷ୍ଟିଲ ସିଟି ହସପିଟାଲ୍, ପ୍ରଭା କେୟାର ମଲ୍‌ଟି ସ୍ପେସିଆଲିଟି ହସପିଟାଲ୍, ଲକ୍ଷ୍ମୀ ହସ୍‌ପିଟାଲ୍, ଶର୍ମିଷ୍ଠା ହସ୍‌ପିଟାଲ ଓ ଅନିମା ନର୍ସିଂହୋମ କର୍ତ୍ତୃପକ୍ଷ ସାମିଲ ହୋଇଥିଲେ। ବିଭିନ୍ନ ବିଭାଗର ବିଶେଷଜ୍ଞ ପ୍ରସନ୍ନ କୁମାର ସାହୁ, ବସନ୍ତ ତ୍ରିପାଠୀ, ଅରୁଣ କୁମାର ବିଶ୍ୱାଳ, କୁଳମଣି ବାରିକ, ଗୌରୀ ଶଙ୍କର ଷଡଙ୍ଗୀ ପ୍ରମୁଖ ଡାକ୍ତରଙ୍କ କ୍ଲିନିକ ସମ୍ପୂର୍ଣ୍ଣ ରୂପେ ବନ୍ଦ ରହିଥିଲା । ସଂଘ ସମ୍ପାଦକ ଗୌରୀଶଙ୍କର ଷଡଙ୍ଗୀ ଜଣାଇଛନ୍ତି ଯେ, ଡାକ୍ତର ଓ ଚିକିତ୍ସା ପ୍ରତିଷ୍ଠାନରେ ଆକ୍ରମଣ କୌଣସି ପ୍ରକାରରେ ଗ୍ରହଣୀୟ ନୁହେଁ । ଏହା ବିରୋଧରେ ଜାତୀୟସ୍ତରରେ କଠୋର ଆଇନ ପ୍ରଣୟନ କରି ଦୋଷୀଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡାଦେଶ ପ୍ରଦାନ କରିବା ପାଇଁ ସଂଘ ପକ୍ଷରୁ ଦାବି ହୋଇଛି।

# ବିଭିନ୍ନ ସ୍ଥାନରେ ରଜ ପାଳନ ଶେଷ

**ରସୁଲପୁର,୧୭।୬(ଡିଏନଏ)**


ଦୋଳି ଖେଳିବାକୁ ଝିଅମାନେ ଭିଡ଼ ଜମାଇଛନ୍ତି।

**ରସୁଲପୁର ବ୍ଲକ**

ରସୁଲପୁର ବ୍ଲକର ବିଭିନ୍ନ ସ୍ଥାନରେ ରଜ ମଉଜ ପର୍ବ ଶେଷ ହୋଇଛି । ଏହି ଅବସରରେ ଗାଁ କୁମାରୀଙ୍କ ମଧ୍ୟରେ ନାନା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଝିଅମାନେ ରଜପାନ ଦେଇ ଶ୍ରଦ୍ଧା, ସ୍ନେହ, ଭାଇଚାରର ବାର୍ତ୍ତା ଦେଇଛନ୍ତି। ଏହି କ୍ରମରେ ଦେଖିବାକୁ ଗଲେ ବ୍ଲକର ବାରବାଟୀ ପଞ୍ଚାୟତର ମାଣତୀର ଓ ପାଳସାହି ଗ୍ରାମରେ ରଜ ମଉଜକୁ ନେଇ ବିଶେଷ ଉତ୍ସାହ ଦେଖାଦେଇଥିଲା। ଏଠାରେ ଗାଁର ଝିଅଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । କୁନି କୁନି ପିଲାଙ୍କୁ ନେଇ ପୁଚି, ଦୌଡିଡିଆଁ, ଜିଲାପି ଦୌଡ, ସଂଗୀତ, ନୃତ୍ୟ ଆଦିରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବଡ ଝିଅମାନଙ୍କ ମଧ୍ୟରେ ଦୋଳି ଖେଳ ପ୍ରତିଯୋଗିତା ଆଦିରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପାଳସାହି ଗ୍ରାମରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେହିପରି ରସୁଲପୁର ପଞ୍ଚାୟତ ଖୋସାଲପୁର ଗାଁରେ ରଜ ଉତ୍ସବ ପାଳନ କରାଯାଇଥିଲା। ଶେଷ ରଜରେ ଗାଁର ଲଳନାଙ୍କ ମଧ୍ୟରେ ଅନୁଷ୍ଠିତ ଦୋଳି ଓ ପିଠା ପ୍ରତିଯୋଗିତା ଆଦି ଦେଖିବା ପାଇଁ ଆଖପାଖ ଗାଁର ବହୁ ଝିଅ ଓ ମହିଳାଙ୍କର ଭିଡ ଜମିଥିଲା। ଏହି ଅବସରରେ ଜୁନିଅର ବାଳକଙ୍କ ମଧ୍ୟରେ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଭୋଟକା ପଞ୍ଚାୟତର ଦକ୍ଷୀଣ ଭୋଟକା ଗ୍ରାମରେ ଦୋଳି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । କଲଣ ପଞ୍ଚାୟତରେ ମଧ୍ୟ ରଜ ମଉଜ ପାଳନବେଳେ ନାନା ପ୍ରକାର ସାଂସ୍କୃତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଠାରେ ପ୍ରସ୍ତୁତ ମଞ୍ଚରେ ଗାଁ ଝିଅମାନେ ସେମାନଙ୍କ କଳାନୈପୁଣ୍ୟତା ପ୍ରଦର୍ଶନ କରିଥିଲେ। ଏହା ଦର୍ଶକଙ୍କୁ ବିଶେଷ ଖୋରାକ ଯୋଗାଇ ଥିଲା । ସିଂହାପୁର ପଞ୍ଚାୟତର ବ୍ରାହ୍ମଣବାଡ ଗ୍ରାମରେ ଡ୍ରାମା ଓ ମେଲୋଡି ପରିବେଷଣ କରାଯାଉଥିଲା। ଏଥିରେ ଗାଁ କଳାକାରମାନେ ଅଭିନୟ କରିଥିଲେ।

### ସର୍ବଭାରତୀୟ କବାଡି ମଞ୍ଚରେ ମନସ୍ୱିନୀ ସମ୍ମାନିତ

**ରସୁଲପୁର,୧୭।୬(ଡିଏନଏ)**

ଖେଳାଳିରୁ ଖେଳ ପରିଚାଳିକା ପାଲଟିଛନ୍ତି ମନସ୍ୱିନୀ। ସଫଳ ଖେଳ ପରିଚାଳନା କରି ସର୍ବଭାରତୀୟ ଏ ଗ୍ରେଡ କବାଡି ପ୍ରତିଯୋଗିତା ମଞ୍ଚରେ କ୍ରୀଡା ମନ୍ତ୍ରୀ ତୁଷାରକାନ୍ତ ବେହେରାଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହୋଇଛନ୍ତି। ଯାଜପୁର ଜିଲା ରସୁଲପୁର ବ୍ଲକ ଖଣ୍ଡିତରଠାରେ ଅନୁଷ୍ଠିତ ୬୪ତମ ସର୍ବଭାରତୀ କବାଡି ପ୍ରତିଯୋଗିତା ମଞ୍ଚରେ ରବିବାର ରାତିରେ ୫ଜଣ ପ୍ରତିଭାଙ୍କୁ ସମ୍ମାନିତ କରାଯାଇଥିଲା। ସେମାନଙ୍କ ମଧ୍ୟରେ ରହିଥିଲେ ପ୍ରୋ-କବାଡି ପରିଚାଳିକା ମନସ୍ୱିନୀ। ତାଙ୍କୁ ଯାଜପୁର କବାଡି ଆସୋସିଏଶନ୍ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଟୁର୍ନାମେଣ୍ଟର ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟ ଅତିଥି କ୍ରୀଡା ଓ ଯୁବ ବ୍ୟାପାର ମନ୍ତ୍ରୀ ବେହେରା, ମୁଖ୍ୟବକ୍ତା ସରକାରଙ୍କ ଉପମୁଖ୍ୟ ସଚେତକ ପ୍ରଣବ କୁମାର ବଳବନ୍ତରାଏ ତାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ସେ ଗ୍ରାମାଞ୍ଚଳର ଖେଳାଳିଙ୍କ ପାଇଁ ପ୍ରେରଣାର ଉତ୍ସ ସାଜିଛନ୍ତି ବୋଲି ଅତିଥିମାନେ ପ୍ରକାଶ କରିଛନ୍ତି।

### ରାଜ୍ୟସ୍ତରୀୟ ସଂଗୀତ ପ୍ରତିଯୋଗିତା, ମହାସମ୍ମିଳନୀ

**ଯାଜପୁର ଟାଉନ,୧୭।୬(ଡିଏନଏ)**

ଯାଜପୁରର ସଂଗୀତ ଅନୁଷ୍ଠାନ 'ସଂଗୀତ ସାଧନାଶ୍ରମ' ଆନୁକୂଲ୍ୟରେ ସଂଗୀତଜ୍ଞ ସ୍ୱର୍ଗତ ଯୋଗେନ୍ଦ୍ର ନାଥ ପତିଙ୍କ ସ୍ମୃତିରେ ସ୍ଥାନୀୟ ଗୌତମ ବୁଦ୍ଧ ସଂସ୍କୃତି ଭବନରେ ୨ଦିନ ବ୍ୟାପି ରାଜ୍ୟସ୍ତରୀୟ ସଂଗୀତ ପ୍ରତିଯୋଗିତା ଓ ମହାସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ ଜିଲାରୁ ବହୁ ଖ୍ୟାତନାମା ସଂଗୀତ ଶିଳ୍ପୀ ଓ ଶତାଧିକ ପ୍ରତିଭାଗୀମାନେ ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାରେ ମୁଖ୍ୟଅତିଥି ଭାବେ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ଶାସ୍ତ୍ରୀୟ ସଂଗୀତଜ୍ଞ ତବଲାବାଦକ ପଣ୍ଡିତ ଉମେଶ ଚନ୍ଦ୍ର କର, ଶାସ୍ତ୍ରୀୟ କଣ୍ଠ ସଂଗୀତ ରଘୁନାଥ ସାହୁ, ଓଡ଼ିଶୀ ଓ ହିନ୍ଦୁସ୍ତାନୀ କଣ୍ଠ ସଂଗୀତ ହରିଶ ଚନ୍ଦ୍ର ଧଳ ପ୍ରମୁଖ ଯୋଗଦେଇ କହିଥିଲେ ଯେ, ଯାଜପୁର କଳା ଓ ସଂସ୍କୃତି ପୀଠର ପରିଚାୟକ। ଏହି ମାଟିରୁ ବହୁ ଖ୍ୟାତନାମା କଳାକାର ଜନ୍ମ ହୋଇ ରାଜ୍ୟ, ଦେଶ ଓ ବିଦେଶରେ କଳା ପରିବେଷଣ କରି ନିଜ ମାଟି ପାଇଁ ଗୌରବ ଆଣିପାରିଛନ୍ତି। ଏହି ୨ଦିନ ସଂଗୀତ ସନ୍ଧ୍ୟା ଆସରରେ ଗାୟକ ଭାବେ ରଘୁନାଥ ସାହୁ, ଓଡ଼ିଶୀ ସଂଗୀତରେ ନିମାକାନ୍ତ ରାଉତରାୟ, ମର୍ଦ୍ଦଳ ବାଦକରେ ସୀତାକାନ୍ତ ଜେନା, ସୀତାର ବାଦକରେ ଭୀମସେନ ମହାରଣା, ଭଜନ ଓ ଗଜଲରେ ଶ୍ରୀକର ପାଢ଼ୀ ଓ ସୀମା ପାଢ଼ୀ, ସବଲାରେ ସମରେନ୍ଦ୍ର ନାୟକ, ବେହେଲାରେ ମନୋରଞ୍ଜନ ପଣ୍ଡା ପ୍ରମୁଖଙ୍କ ସଂଗୀତ ଆସରରେ ଦର୍ଶକମାନେ ମନମୁଗ୍ଧ ହୋଇଥିଲେ। ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିବା କଣ୍ଠଶିଳ୍ପୀଙ୍କୁ ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ପ୍ରତିଯୋଗିତାରେ ଜୁନିୟର ଗ୍ରୁପ୍‌ର ସତ୍ୟଜିତ୍ କର ଓ ସିନିୟର ଗ୍ରୁପ୍‌ର ସଚ୍ଚିଦାନନ୍ଦ ସାହୁଙ୍କୁ ଚାମ୍ପିୟନ ଟ୍ରଫି ମୁଖ୍ୟଅତିଥିଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ଅନୁଷ୍ଠାନ ସମ୍ପାଦକ କଣ୍ଠଶିଳ୍ପୀ ଓ ସଂଗୀତ ନିର୍ଦ୍ଦେଶକ ପୃଥ୍ୱୀରାଜ ପଣ୍ଡା ଓ କର୍ମକର୍ତ୍ତା ଦାମୋଦର ନନ୍ଦ, ଗୌରାଙ୍ଗ ପାଣିଗ୍ରାହୀ, ନିଳକଣ୍ଠ ପଣ୍ଡା, ସନାତନ ସାହୁ, ଚିତ୍ତରଞ୍ଜନ ପଣ୍ଡା, ଅରୁଣ ନାଥ ଶର୍ମା ପ୍ରମୁଖ ସହଯୋଗ କରିଥିଲେ। ଅନୁଷ୍ଠାନର ସଭ୍ୟ ବିରଜା କିଙ୍କର ପତି ଧନ୍ୟବାଦ ଅର୍ପଣ କରିଥିଲେ।

### ନାଳିଆଡ଼ାବରେ ସବୁଜ ରଜ ମହୋତ୍ସବ

**କାଳିଆପାଣି,୧୭।୬(ଡି.ଏନ୍.ଏ.)**

ସୁକିନ୍ଦା ବନ ବିଭାଗ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆମ ଚେତନା ପକ୍ଷରୁ ରବିବାର ରାସୋଁଳ ଫରେଷ୍ଟ ସେକ୍ସନର ନାଳିଆଡାବଠାରେ ସବୁଜ ରଜ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସହକାରୀ ବନ ସଂରକ୍ଷକ ସୌଭାଗ୍ୟ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ମହୋତ୍ସବରେ ତୁମୁଣୀ ଓ ନାଳିଆଡାବ ଅଞ୍ଚଳର ସମସ୍ତ ଅଧିବାସୀ ଭାଗ ନେଇଥିଲେ। କଟକ ବନଖଣ୍ଡ ଅଧିକାରୀ ଏସ୍‌ଏମ୍‌ଟି ରହମାନ ମୁଖ୍ୟ ଅତିଥିଭାବେ ଯୋଗଦେଇ ନଗଡା ଅଞ୍ଚଳରେ ସବୁଜ ବିପ୍ଳବ ପାଇଁ ସମସ୍ତଙ୍କ ସହଯୋଗ ଲୋଡିଥିଲେ। ଏହି ଅବସରରେ ତୁମୁଣୀ ଗ୍ରାମରେ ରହୁଥିବା ୨୧ଟି ଜୁଆଙ୍ଗ ଜନଜାତି ଆଦିବାସୀ ସରକାରୀ ସୁବିଧା ସୁଯୋଗରୁ ବଞ୍ଚିତ ରହୁଥିବା ଡିଏଫଓ ରହମାନଙ୍କୁ ଜଣାଇଥିଲେ। ଏ ସମ୍ପର୍କିତ ଦାବିଗୁଡିକୁ ରାଜ୍ୟ ସରକାର ଓ ଯାଜପୁର ଜିଲାପାଳଙ୍କ ନିକଟରେ ଉପସ୍ଥାପନ କରିବେବୋଲି ରହମାନ ପ୍ରତିଶ୍ରୁତି ଦେଇଛନ୍ତି। ମହହୋତ୍ସବରେ ଅନ୍ୟତମ ସମ୍ମାନିତ ଅତିଥିଭାବେ ଟମକା ରେଞ୍ଜର ଘନଶ୍ୟାମ ମୁଦୁଲୀ ଯୋଗ ଦେଇଥିଲେ। ବନପାଳ ଗ-ଣେଶ ଚନ୍ଦ୍ର ଦାସ ଓ ଧ୍ରୁବ ଚରଣ ବିଶ୍ୱାଳ, ବନରକ୍ଷୀ ସରୋଜ ମଲିକ ପ୍ରମୁଖ ଉପସ୍ଥିତ ସମସ୍ତ ଜନସାଧରଣଙ୍କୁ ମିଷ୍ଟାନ୍ନ ବଣ୍ଟନ କରିଥିଲେ।

### ୧୯୯୯ ମାଟ୍ରିକ ବ୍ୟାଚ୍‌ର ବନ୍ଧୁମିଳନ


ବନ୍ଧୁମିଳନ ସମାରୋହରେ ପୁରାତନ ଛାତ୍ରୀଛାତ୍ର ଓ ଶିକ୍ଷକ ଉପସ୍ଥିତ ।

**ଦଶରଥପୁର,୧୭।୬ (ଡି.ଏନ.ଏ.)**

ଯାଜପୁର ଜିଲା ଦଶରଥପୁର ବ୍ଲକ ଅନ୍ତର୍ଗତ ନନ୍ଦିପୁର ହାଇସ୍କୁଲର ୧୯୯୯ ମସିହା ମାଟ୍ରିକ ବ୍ୟାଚ୍‌ର ବନ୍ଧୁମିଳନ ସମାରୋହ ରବିବାର ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ପ୍ରାୟ ୪୦ରୁ ଉର୍ଦ୍ଧ୍ୱ ପୁରାତନ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ସେହିପରି ଉକ୍ତ ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ କରିଥିବା ଶିକ୍ଷକମାନେ ମଧ୍ୟ ଉପସ୍ଥିତ ଥିଲେ। ଏହି ଅବସରରେ ଉପସ୍ଥିତ ସମସ୍ତ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ପୁରାତନ ଛାତ୍ର ସନ୍ତୋଷ ମହାନ୍ତି, ଆଶୀଷ ତ୍ରିପାଠୀ, ବିଶ୍ୱନାଥ ସାମଲ, ସୁବ୍ରତ ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଅନ୍ୟ ଛାତ୍ରୀଛାତ୍ର ସହଯୋଗ କରିଥିଲେ ।

### 'ଉତ୍କଳୀୟ ସଂସ୍କୃତିରେ ରଜ ଏକ ଗଣପର୍ବ'

**ଧର୍ମଶାଳା,୧୭।୬(ଡି.ଏନ୍.ଏ.)**

ଧର୍ମଶାଳା ସାହିତ୍ୟ ସମାଜ ପକ୍ଷରୁ ରଜ ଉତ୍ସବ ଓ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ଜୟନ୍ତୀ ରବିବାର ସନ୍ଧ୍ୟାରେ ଜାରକା ଉ.ପ୍ରା ବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ସାହିତ୍ୟ ସମାଜ ସଭାପତି ଜଗନ୍ନାଥ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ବିଶିଷ୍ଟ ସାହିତ୍ୟିକ କାମଦେବ ଶତପଥୀ ମୁଖ୍ୟଅତିଥିଭାବେ ଯୋଗଦେଇ ରଜ ଉତ୍ସବ ପାଳନ ଓ ଉପେନ୍ଦ୍ର ଭଞ୍ଜଙ୍କ ସାହିତ୍ୟ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ପ୍ରାବନ୍ଧିକ ବାମଦେବ ପାଢୀ ଓ ଶିକ୍ଷକ ନେତା ଯୁଧିଷ୍ଠିର ସ୍ୱାଇଁ ଯୋଗଦେଇ ଉତ୍କଳୀୟ ସଂସ୍କୃତିରେ ରଜ ଏକ ଗଣପର୍ବ ବୋଲି କହିଥିଲେ। ଉପସଭାପତି ବେଣୁଧର ନାୟକ ଅତିଥି ପରିଚୟ ପ୍ରଦାନ, ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ସ୍ୱାଇଁ ସମ୍ପାଦକୀୟ ଅଭିଭାଷଣ ଦେଇଥିଲେ। ସାହିତ୍ୟିକ ଅଭିମନ୍ୟୁ ଧଳ, ଅର୍ଜୁନ ପୃଷ୍ଟି, ଚନ୍ଦନ ପ୍ରଧାନ, ଧ୍ରୁବ ଚରଣ ବିଶ୍ୱାଳ, ନୃସିଂହ ଚରଣ ମିଶ୍ର, ଗୋବିନ୍ଦ ଚନ୍ଦ୍ର ସାହୁ, ଯୁଗଳ କିଶୋର ଦାସ ଓ ଗୋଲକ ଚନ୍ଦ୍ର ପଲେଇ ରଜ ଉତ୍ସବ ଓ ଭଞ୍ଜଙ୍କ ଜୀବନାଦର୍ଶ ସମ୍ପର୍କରେ ଆଲୋକପାତ କରିଥିଲେ। କବିତା ପାଠୋତ୍ସବରେ କବି ନାରାୟଣ ଦତ୍ତ, ରତ୍ନାକର ନାୟକ, ବ୍ରଜ କିଶୋର ଦାଶ, ବନଗିରି ମୁଦୁଲି, ପ୍ରଶାନ୍ତ ସ୍ୱାଇଁ ପ୍ରମୁଖ ବହୁ କବି ସ୍ୱରଚିତ କବିତା ପାଠ କରିଥିଲେ।ଶେଷରେ ସ୍ରୁମ୍ନକାର ନବଘନ ଜେନା ଧନ୍ୟବାଦ ଦେଇଥିଲେ।

# ଜରାଜୀର୍ଣ୍ଣ ଅବସ୍ଥାରେ ସଂଗ୍ରାମୀ ଭବନ

**ରତ୍ନଗିରି,୧୭।୬(ଡି.ଏନ.ଏ.)**



■ଅଦ୍ୟାବଧି ନିର୍ମାଣ ହୋଇନି ଶହୀଦଙ୍କ ପ୍ରତିମୂର୍ତ୍ତି

■ରାଜନୈତିକ ଇଚ୍ଛାଶକ୍ତି ଓ ପ୍ରଶାସନିକ ଅବହେଳା

■ସରୀସୃପଙ୍କ ବାସସ୍ଥାନ ପାଲଟିଛି ସଂଗ୍ରାମୀ ଭବନ ପରିସର

ଭାରତ ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ଘଟଣାବଳୀକୁ ଜନମାନସରେ ଉଜ୍ଜୀବିତ କରି ରଖିବା ଓ ଉକ୍ତ ସ୍ମୃତି ଆଧାରରେ ଆଗାମୀ ପିଢ଼ି ସଂଗ୍ରାମୀଙ୍କ ପ୍ରେରଣାରେ ଉଦ୍‌ବୁଦ୍ଧ ହୋଇ କିପରି ଦେଶ ପାଇଁ ଆଗେଇ ଆସିବେ, ସେହି ଲକ୍ଷ୍ୟ ନେଇ ବରୀ ବ୍ଲକର ବରୀପାଳଠାରେ ସଂଗ୍ରାମୀ ଭବନ ନିର୍ମାଣ ହୋଇଥିଲା। ମାତ୍ର ରାନୈତିକ ଇଚ୍ଛା ଶକ୍ତି ଓ ପ୍ରଶାସନିକ ଅବହେଳା ଯୋଗୁ ଏହା ବର୍ତ୍ତମାନ ଜରାଜୀର୍ଣ୍ଣ ହୋଇ ପଡ଼ିରହିଛି। ୧୯୪୨ ଅଗଷ୍ଟ ୨୬ ତାରିଖ ଗହ୍ମାପୂର୍ଣ୍ଣିମାର ଜହ୍ନ ଉଠିବା ପୂର୍ବରୁ ଦେଶ ମାତୃକାର ସ୍ୱାଧୀନତା ସଂଗ୍ରାମୀ ଇଂରେଜଙ୍କ ବିରୋଧରେ ଲଢ଼ି କଳାମାଟିଆ ନିକଟରେ ଶହୀଦ୍ ହୋଇଥିଲେ। ସେହି ସ୍ୱାଧୀନତା ସଂଗ୍ରାମୀମାନେ ହେଉଛନ୍ତି ଶ୍ରୀରାମପୁରର ସାଉଣ୍ଟି ମଲ୍ଲିକ, ସେରପୁରର ସାନନ୍ଦ ସ୍ୱାଇଁ, କୃଷ୍ଣନଗରର ହାଡିବନ୍ଧୁ ପଣ୍ଡା ଓ ହାଟସାହିର ମାୟାଧର ଭୂୟାଁ। ସେମାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ରାଜ୍ୟ ସରକାରଙ୍କ ସଂସ୍କୃତି ଓ ପର୍ଯ୍ୟଟନ ବିଭାଗ ତରଫରୁ ଅର୍ଥ ମଞ୍ଜୁର କରାଯାଇ ୧୨।୧୨।୨୦୦୬ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ତତ୍କାଳୀନ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଦେବୀପ୍ରସାଦ ମିଶ୍ର ଓ ତତ୍କାଳୀନ ବରୀ ବିଧାୟକ ଦେବାଶିଷ ନାୟକ ଉକ୍ତ ସ୍ମୃତି ଭବନକୁ ଉଦ୍‌ଘାଟନ କରିଥିଲେ। ଶହୀଦ୍ ସ୍ମୃତି ରକ୍ଷା ପାଇଁ ଏହି ସଂଗ୍ରାମୀ ଭବନ ପରିସରରେ ନିର୍ମାଣ ହୋଇଥିଲା ଏକ ସ୍ମୃତି ସ୍ତମ୍ଭ। ଯାହାକୁ କି ବର୍ତ୍ତମାନ ଏକ ଝଙ୍କାଳିଆ ବର ଗଛ ଆଢୁଆଳରେ ରଖିଛି। ଏଠାରେ ନିର୍ମାଣ ହୋଇଥିବା ଗୃହ ମଧ୍ୟ ବନ୍ଦ ଥିବା ଦେଖିବାକୁ ମିଳିଛି। ରକ୍ଷଣାବେକ୍ଷଣ ଅଭାବରୁ ସଂଗ୍ରାମୀ ଭବନ ପରିସରରେ ଅନାବନା ଗଛ ଉଠି ସରୀସୃପଙ୍କ ବାସସ୍ଥଳୀ ପାଲଟିଛି। ବରୀ ପାଇଁ ଶହୀଦ ହୋଇଥିବା ୪ ଜଣ ବୀର ପୁରୁଷଙ୍କ ତୈଳଚିତ୍ର ପାଇଁ ପିଣ୍ଡି ନିର୍ମାଣ ହୋଇଥିଲା। ଦୀର୍ଘ ୧୨ ବର୍ଷ ବିତିଯାଇଥିଲେ ବି ଅଦ୍ୟାବଧି ସେମାନଙ୍କ ପ୍ରତିମୂର୍ତ୍ତି ସ୍ଥାପନ ହୋଇନାହିଁ। ନିର୍ବାଚନ ସମୟରେ ବିଭିନ୍ନ ରାଜନୈତିକ ଦଳର ନେତାମାନେ ବରୀ ଏକ ସଂଗ୍ରାମୀ ପୀଠ। ସେମାନଙ୍କ ପରିଚୟରେ କେବଳ ବରୀ ନୁହେଁ, ସାରା ଭାରତ ବର୍ଷ ଗର୍ବ ଅନୁଭବ କରେ ବୋଲି ମତ ରଖିଥାନ୍ତି। ହେଲେ ପରବର୍ତ୍ତୀ ଅବସ୍ଥାରେ ସେମାନଙ୍କୁ ଭୁଲିଯିବା ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ବୋଲି ବହୁ ବୁଦ୍ଧିଜୀବୀ କହିଛନ୍ତି। ଚଳିତ ସାଧାରଣ ନିର୍ବାଚନରେ ବରୀରୁ ନିର୍ବାଚିତ ହୋଇଥିବା ବିଧାୟିକା ସୁନନ୍ଦା ଦାସ, ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ (ବବି) ବହୁ ବରିଷ୍ଠ ଅଧିକାରୀଙ୍କୁ ନେଇ ଘଟଣାସ୍ଥଳ ପରିଦର୍ଶନ କରିଥିବା ଜଣାପଡିଛି। ଏହି ସ୍ମାରକୀର ରକ୍ଷଣାବେକ୍ଷଣ ଓ ଉନ୍ନତୀକରଣ ପାଇଁ ଖୁବ୍‌ଶୀଘ୍ର ପଦକ୍ଷେପ ନିଆଯିବ ଓ ଅନ୍ୟ ପର୍ଯ୍ୟଟନ ସ୍ଥଳୀ ଭଳି ଏହା ଏକ ସ୍ୱତନ୍ତ୍ର ସ୍ଥାନର ମର୍ଯ୍ୟାଦା ପାଇବ ବୋଲି ବିଧାୟିକା ଦାସ ପ୍ରକାଶ କରିଛନ୍ତି। ବିଗତ ଦିନରେ ରାଜନେତାଙ୍କ ପ୍ରତଶ୍ରୁତି ପାଣିର ଗାର ହୋଇଥିବାବେଳେ ବର୍ତ୍ତମାନର ବିଧାୟିକା ସଂଗ୍ରାମୀ ଭବନର ଉନ୍ନତି ପାଇଁ କି ପଦକ୍ଷେପ ନେବେ ତାହା ସମୟ କହିବ। ସ୍ୱାଧୀନତା ସଂଗ୍ରାମୀଙ୍କ ବଂଶଧର ଗଗନ ବିହାରୀ ଜେନା କୁହନ୍ତି, ସଂଗ୍ରାମୀ ଭବନର ରକ୍ଷଣାବେକ୍ଷଣ ଓ ୪ ଜଣ ସହୀଦଙ୍କ ପ୍ରତିମୂର୍ତ୍ତି ସ୍ଥାପନ ହେବାର ଆବଶ୍ୟକତା ରହିଛି। ଛାତ୍ର ସୌମ୍ୟ ସ୍ୱାଇଁ କୁହନ୍ତି, ଇତିହାସ ପଢ଼ି ସଂଗ୍ରାମୀ ଭବନ ଦେଖିବାକୁ ଯାଇଥିଲେ। ହେଲେ ସହୀଦଙ୍କ ପ୍ରତିମୂର୍ତ୍ତି ନ ଥିବାରୁ ଦୁଃଖ ଲାଗିଲା। ଯାଜପୁରର ପୂର୍ବତନ ପ୍ରଶାସନିକ ଓ ଜନଗଣନା ଅଧିକାରୀ ସୁରେଶ ଚନ୍ଦ୍ର ସାମଲ କୁହନ୍ତି, ସରକାରଙ୍କ ପକ୍ଷରୁ ଅର୍ଥ ମଞ୍ଜୁର ପରେ ଏଭଳି ଦୂରବସ୍ଥା ଉପରେ ରାଜନେତା ଓ ପ୍ରଶାସନ ନଜର ଦେବା ଉଚିତ।



ପିତା, ମାତା ଓ ଗୁରୁଜନମାନଙ୍କୁ ଭକ୍ତି କରୁଥିବା ଲୋକଙ୍କୁ ଈଶ୍ୱର ଆଶୀର୍ବାଦ କରନ୍ତି।
- ଜଗତ୍‌ଗୁରୁ ଶଙ୍କରାଚାର୍ଯ୍ୟ



## ସଂକ୍ଷେପରେ

### ଦୁର୍ଘଟଣାରେ ଜଣେ ମୃତ

**ଚଣ୍ଡିଖୋଲ/ଛତିଆ,୧୭।୬(ଡି.ଏନ.ଏ.):** ୧୬ ନଂ. ଜାତୀୟ ରାଜପଥର ବୈରୀ ଥାନା ଅନ୍ତର୍ଗତ ଛତିଆର ଭଟିଆ ଛକ ନିକଟରେ ରବିବାର ବିଳମ୍ବିତ ରାତିରେ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ବଡ଼ଚଣା ଥାନା ଅନ୍ତର୍ଗତ ଚଣ୍ଡିତଳ ଗ୍ରାମର ପପୁ ବେହେରା (୨୭) ଓ ଗୁରୁତର ହେଲେ ଉକ୍ତ ଗ୍ରାମର କାହ୍ନା ମହାନ୍ତି (୨୮)। ଖବରପାଇ ଛତିଆ ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କୁ ଆମ୍ବୁଲାନ୍ସ ଯୋଗେ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ଡାକ୍ତର ସେଠାରେ ପପୁଙ୍କୁ ମୃତ ଘୋଷଣା କରିଥିଲେ। କାହ୍ନା ଏବେ ଚିକିତ୍ସାଧୀନ ଅଛନ୍ତି। ପପୁଙ୍କ ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବାବେଳେ ଏପର୍ଯ୍ୟନ୍ତ କୌଣସି ଅଭିଯୋଗ ହୋଇନାହିଁ। ପ୍ରକାଶ ଯେ, ପପୁ ଓ କାହ୍ନା ଉଭୟ ସାଙ୍ଗ ହୋଇଥିବାବେଳେ କୌଣସି କାମରେ ଟାଙ୍ଗି ଯାଇଥିଲେ। ସେଠାରେ କାମ ସାରି ମୋଟରସାଇକେଲ ଘରକୁ ଫେରୁଥିଲେ। ଏହି ସମୟରେ ଭଟିଆ ଛକ ନିକଟରେ ଏକ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା।

### ବାଇକ୍ ଡିକି ଭାଙ୍ଗି ଦେଢ଼ ଲକ୍ଷ ଟଙ୍କା ଲୁଟ୍

**ଦଶରଥପୁର,୧୭।୬(ଡିଏନ୍ଏ):** ମଙ୍ଗଳପୁର ବଜାର ଉପରୁ ସୋମବାର ଦୁର୍ବୃତ୍ତମାନେ ଡିକି ଭାଙ୍ଗି ଦେଢଲକ୍ଷ ଟଙ୍କା ଲୁଟି ନେଇଥିବା ମଙ୍ଗଳପୁର ଥାନାରେ ଲିଖିତ ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ, ବିରିପଟା ଗ୍ରାମର ସରୋଜ କୁମାର ଧଳ ଏକ ଗୋଷ୍ଠୀର ଲୋନ୍ ଟଙ୍କା ପରିଶୋଧ କରିବାକୁ ମଙ୍ଗଳପୁର ବଜାରସ୍ଥିତ ଷ୍ଟେଟ୍ ବ୍ୟାଙ୍କ ଶାଖାକୁ ଆସିଥିଲେ। ସରୋଜଙ୍କ ବାଇକ୍ ଡିକି ମଧ୍ୟରେ ଦେଢ ଲକ୍ଷ ଟଙ୍କା ଥିବାବେଳେ ସେ ଗାଡିକୁ ବ୍ୟାଙ୍କ ସମ୍ମୁଖରେ ରଖି ବ୍ୟାଙ୍କକୁ ଯାଇଥିଲେ। ବ୍ୟାଙ୍କରୁ ଫେରି ତାଙ୍କ ଡିକି ଭାଙ୍ଗି କେହି ଦୁର୍ବୃତ୍ତ ଦେଢଲକ୍ଷ ଟଙ୍କା ଲୁଟି ନେଇଥିବା ଦେଖିଥିଲେ। ଏନେଇ ସରୋଜ ମଙ୍ଗଳପୁର ଥାନାରେ ଏକ ଲିଖତ ଅଭିଯୋଗ କରିବା ପରେ ପୋଲିସ ଘଟଣାସ୍ଥଳକୁ ଯାଇ ତଦନ୍ତ କରି ଫେରିଛି।

### ରଜ ମହୋତ୍ସବ ଉଦ୍‌ଯାପିତ

**ଛତିଆ,୧୭।୬(ଡି.ଏନ୍.ଏ.):** ବଡ଼ଚଣା ବ୍ଲକ ଅନ୍ତର୍ଗତ ଛତିଆ ପଞ୍ଚାୟତର ଅମରାବତୀ ପାଟଣା ତାରିଣୀ ଯୁବକ ସଂଘ ପକ୍ଷରୁ ଆୟୋଜିତ ରଜ ମହୋତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ୩ ଦିନ ଧରି କୁନି କୁନି ପିଲାଙ୍କୁ ନେଇ ନୃତ୍ୟ ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଦୟାନିଧି ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ଛତିଆ ବ୍ରହ୍ମାକୁମାରୀ ଆଶ୍ରମର ବିକେ. କୁସୁମ, ବିକେ. ବିଧି, ଅମୂଲ୍ୟ କୁମାର ପ୍ରମୁଖ ଯୋଗଦେଇ ଏହିଭଳି କାର୍ଯ୍ୟକ୍ରମ ଅଞ୍ଚଳର ପ୍ରତିଭାକୁ ଆଗକୁ ନେବ ବୋଲି ମତବ୍ୟକ୍ତ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଗୁଡନ, ଲିଜା, ଶ୍ରେୟା, ମୁନୁ, ପିଙ୍କି, ମାମାଲି, ରାନି, ସରସ୍ୱତୀ, ଲାଡଲି, ପୂର୍ଣ୍ଣିମା, ସ୍ୱିଟି, ରୂପା, ଟୁନି, ତନୁ, ଗେହ୍ଲି, ସାଗରିକା ପ୍ରମୁଖ ନୃତ୍ୟ ପରିବେଷଣ କରି ଦର୍ଶକଙ୍କ ହୃଦୟ ଜିଣିଥିଲେ। ଏହି ମହୋତ୍ସବରେ ଦୋଳି ସମେତ ପାରମ୍ପରିକ ଖେଳ ଅନୁଷ୍ଠିତ ହୋଇଥିଲା। ମା' ତାରିଣୀ ଯୁବକ ସଂଘର ସମସ୍ତ ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ।

### ସ୍ନାନ ମଣ୍ଡପରେ ଦର୍ଶନଦେଲେ ମହାପ୍ରଭୁ

**ଜେନାପୁର,୧୭।୬(ଡି.ଏନ୍.ଏ.):** ଧର୍ମଶାଳା ବ୍ଲକ ଚଉଶଠୀପଡା ଗଡ଼ ଜଗନ୍ନାଥ ମନ୍ଦିରରେ ସୋମାବାର ଦେବସ୍ନାନ ପୂର୍ଣ୍ଣମା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମହାପ୍ରଭୁ ଜଗନ୍ନାଥ, ବଳଭଦ୍ର, ମା' ସୁଭଦ୍ରା ଓ ସୁଦର୍ଶନଙ୍କ ରୀତିନୀତି ଅନୁସାରେ ଦେବସ୍ନାନ ସମ୍ପର୍ଣ୍ଣ କରାଯାଇଥିଲା। ପରେ ସୁସଜ୍ଜିତ ବେଶରେ ମହାପ୍ରଭୁ ସ୍ନାନବେଦୀରେ ଗଜାନନ ବେଶରେ ଦର୍ଶନ ଦେଇଥିଲେ। ରାଜା ବିଦ୍ୟାଧର ଛୋଟରାୟ ଭୂୟାଁମହାପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପଣ୍ଡିତ ମାଧବାନନ୍ଦ ପଣ୍ଡା, ସୌମ୍ୟରଞ୍ଜନ ପଣ୍ଡା, ରଶ୍ମିରଞ୍ଜନ ପଣ୍ଡା, ମନ୍ମଥ ପଣ୍ଡା, ହରଗୋବିନ୍ଦ ପଣ୍ଡା, ତପନ ପଣ୍ଡା, ଗଣେଶ୍ୱର ପଣ୍ଡା ପ୍ରମୁଖଙ୍କ ଦ୍ୱାରା ସମସ୍ତ କାର୍ଯ୍ୟ ସମ୍ପର୍ଣ୍ଣ କରାଯାଇଥିଲା। ଏହି ଅବସରରେ ବହୁ ଭକ୍ତଙ୍କ ଭିଡ ହୋଇଥିଲା। ସନ୍ଧ୍ୟାରେ ଭଜନ କିର୍ତ୍ତନ ସମାବେଶ ହୋଇଥିଲା।



# ଧାର୍ଯ୍ୟ ଧାନଚାଷ ଲକ୍ଷ୍ୟ ଅଧୁରା

**ରସୁଲପୁର,୧୭।୬(ଡିଏନଏ)**



**ରସୁଲପୁର ବ୍ଲକ**
- ଖରିଫ ଚାଷରେ ବାଧା ଉପୁଜିବା ସମ୍ଭାବନା
- ପଡ଼ିଆ ପଡ଼ିଛି ଅଧିକାଂଶ ଚାଷ ଜମି

କୃଷି ବର୍ଷକୁ ଖରିଫ ଓ ରବି ଋତୁରେ ବିଭକ୍ତ କରାଯାଇଛି। ଏପ୍ରିଲରୁ ସେପ୍ଟେମ୍ବରକୁ ଖରିଫ, ଅକ୍ଟୋବରରୁ ମାର୍ଚ୍ଚକୁ ରବି ଋତୁ ବୋଲି କୁହାଯାଉଛି। ଖରିଫରେ ଧାନ, ଆଖୁ ଓ ଖରାଦିନିଆ ପନିପରିବା ଚାଷ ହୋଇଥାଏ। ରବିରେ ଡାଲିଜାତୀୟ ଓ ପନିପରିବାକୁ ପ୍ରମୁଖ ଫସଲ ଭାବେ ଚାଷ କରାଯାଉଛି। କୃଷି ଓ କୃଷକଙ୍କ ପାଇଁ ସରକାରଙ୍କ ପକ୍ଷରୁ ବ୍ୟାପକ ଯୋଜନା କରାଯାଉଛି। କୃଷି, ସମବାୟ, ମଞ୍ଜି ନିଗମ ଭଳି ପ୍ରମୁଖ ବିଭାଗଗୁଡିକ ଯୋଜନାକୁ କାର୍ଯ୍ୟକାରୀ କରିବା ଦିଗରେ ପ୍ରମୁଖ ଭୂମିକା ଗ୍ରହଣ କରୁଛନ୍ତି। ଚଳିତ ଖରିଫ ଋତୁରେ ଏ ସବୁ ବିଭାଗ ଚାଷୀଙ୍କୁ ସହାୟତା କରିବାରେ ବିଫଳ ହୋଇଛନ୍ତି। ମଞ୍ଜି ନିଗମ ବିହନ ଯୋଗାଇବାରେ, କୃଷି ବିଭାଗ ଫନୀ କ୍ଷତିଗ୍ରସ୍ତ ଚାଷୀ ଚିହ୍ନଟ କରିବାରେ, ସମବାୟ ବିଭାଗ ପ୍ରକୃତ ଚାଷୀଙ୍କୁ ଋଣ ପ୍ରଦାନରେ ବିଫଳ ହୋଇଛନ୍ତି। ଏହିଭଳି ବହୁବିଧ ସମସ୍ୟା ରସୁଲପୁର ବ୍ଲକର ଚାଷୀ ସମ୍ମୁଖୀନ ହୋଇଛନ୍ତି। ଏଠାରେ ଫନୀ କ୍ଷୟକ୍ଷତି ଠିକ୍‌ଭାବେ ଆକଳନ କରାଯିବାକୁ ନେଇ ଚାଷୀ ମହଲରେ ଅସନ୍ତୋଷ ଦେଖାଦେଇଛି। ଏବେ ଖରିଫ ଚାଷରେ ବାଧା ଉପୁଜିବା ସମ୍ଭାବନା ଯୋଗୁ ଚାଷୀକୂଳକୁ ଆଉ ଏକ ଶକ୍ତ ଧକ୍କା ଲାଗିଛି। ଫନୀ ଖରାଦିନିଆ ପନିପରିବା ଚାଷକୁ ପ୍ରଭାବିତ କରିଛି। ଅନିଶ୍ଚିତ ପାଣିପାଗ ଧାନ ଚାଷକୁ ପ୍ରଭାବିତ କରିଛି। ରଜ ସରିଗଲା ହେଲେ ଧାନ ଚାଷକୁ ନେଇ ରହିଥିବା ଧାର୍ଯ୍ୟ ଲକ୍ଷ୍ୟ ଅଧୁରା ରହିଛି। ସ୍ୱଳ୍ପ ମିଆଦି ଧାନ ଚାଷକୁ ଅନ୍ୟୁନ ୪୫ଦିନ ବିତିଲାଣି। ଏବେ ବି ଅର୍ଦ୍ଧାଧିକ ଧାନବିଲରେ ବିହନ ପଡିନାହିଁ। ଏ ସବୁ ଜମିରେ ଖରିଫ ଧାନଚାଷ ହେବା ସମ୍ଭାବନା କ୍ଷୀଣ ହୋଇଯାଇଛି। ଏହିଭଳି ଅସ୍ୱାଭାବିକ ସ୍ଥିତିରେ ସ୍ୱଳ୍ପ ମିଆଦି ଧାନ ଅମଳ ବିଶେଷ ପ୍ରଭାବିତ ହେବ ବୋଲି କୁହାଯାଉଛି। ଏଥିପାଇଁ ସରକାରଙ୍କ ଚାଷ ଓ ଚାଷୀ ପ୍ରତି ରହିଥିବା ଉଦାସୀନତା ଭାବକୁ ଦାୟୀ କରାଯାଉଛି। ଏହି ବ୍ଲକର ମୋଟ ୩୦ହଜାର ଏକର ଜମିରୁ ୨୭ହଜାର ଜମିରେ ନାନା ପ୍ରକାର ଚାଷ କରାଯାଉଛି। ଏହି ବ୍ଲକରେ ଖରିଫ ଋତୁରେ ଶତକଡା ୮୦ ଭାଗ ଜମିରେ ଧାନ ଚାଷ ହେଉଛି। ଏହିକ୍ରମରେ ଦେଖିବାକୁ ଗଲେ ୨୦୧୯-୨୦ କୃଷି ବର୍ଷରେ ହାରାହାରି ୭ହଜାର ଏକରରୁ ଊର୍ଦ୍ଧ୍ୱ କ୍ଷେତରେ ପନିପରିବା ଚାଷ କରାଯାଇଛି। ବାକି ୨୦ହଜାର ଏକର ଜମିରେ ଧାନଚାଷ କରାଯିବା ନେଇ କୃଷି ବିଭାଗ ପକ୍ଷରୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ସେଥିରୁ ପ୍ରାୟତଃ ୧୦ହଜାରରୁ ଊର୍ଦ୍ଧ୍ୱ ଏକର ଜମିରେ ସ୍ୱଳ୍ପ ମିଆଦି (୩ ମାସିଆ, ବିଆଳି କିସମର) ଧାନ ଚାଷ ପାଇଁ ଲକ୍ଷ୍ୟ ରଖାଯାଇଛି। ଚଳିତ ବର୍ଷ ସରକାରୀ ରିହାତି ଧାନ ବିହନ ଚାଷୀଙ୍କୁ ନ ମିଳିବା, ପାଣିପାଗର ଅନିୟମିତତା ଯୋଗୁ ଏହି କିସମର ଚାଷ ବିଶେଷ ପ୍ରଭାବିତ ହୋଇଛି। ଅଧିକାଂଶ ଜମିକୁ ବିହନ ନ ଯାଇ ପଡ଼ିଆ ପଡିଛି। ହେଲେ ଅଧିକାଂଶ ଚାଷୀ ଖାଲୁଆ ଜମିରେ ଧାନଚାଷ ଆରମ୍ଭ କରିଛନ୍ତି। ମୌସୁମୀ ପହଞ୍ଚିବାରେ ବିଳମ୍ବ ଘଟିବାରୁ ଚାଷୀଙ୍କୁ କାଳବୈଶାଖୀ ବର୍ଷା ଉପରେ ଭରଷା କରିବାକୁ ପଡିଛି। ସରକାରୀ ବିହନକୁ ଅପେକ୍ଷା ନ କରି ଚାଷୀ ନିଜ ସଂଗୃହୀତ ବିହନକୁ ବ୍ୟବହାର କରି ସ୍ୱଳ୍ପ ମିଆଦି ଧାନ ଚାଷ କରିଛି। ଏହାଦ୍ୱାରା ଅମଳ ଆଶାନୁରୂପକ ହୋଇପାରିବ ନାହିଁ ବୋଲି କୁହାଯାଉଛି। ଏହାଛଡା କୃଷି ବିଭାଗ ପକ୍ଷରୁ ଚକାଦାରୀ ଧାଡି ରୁଆ ଓ ଧାଡି ବୁଣା ଧାନ କାର୍ଯ୍ୟ ଏବେ ସୁଦ୍ଧା ଆରମ୍ଭ ହୋଇନାହିଁ। ଦୀର୍ଘ ମିଆଦି ସ୍ୱଳ୍ପ ମିଆଦି(୬ମାସିଆ-ଶାରଦ) ଧାନ ଚାଷ ପାଇଁ ସମୟ ଉପଯୋଗୀ ରହିଛି। ଏହାର ଭାଗ୍ୟ ମୌସୁମୀ ବର୍ଷା ଉପରେ ନିର୍ଭର କରୁଛି। ମୋଟାମୋଟି ଭାବେ ଦେଖାଗଲେ ଖରିଫ ଋତୁରେ ଚାଷୀକୂଳକୁ ବ୍ୟାପକ କ୍ଷତି ସହିବାକୁ ପଡିଛି। ଫନୀ ବାତ୍ୟା ପ୍ରଭାବ ପରେ ସରକାରୀ ଉଦାସୀନତା ଭାବ ଚାଷୀଙ୍କ ଉପରେ ଭାରି ପଡିଛି। ଏ ସମ୍ପର୍କରେ କୃଷି ଓବରସିଅର ନରହରି ଧଳଙ୍କୁ ପଚାରିବାରୁ, ଗୁରୁବାର ଜିଲାରେ ଖରିଫ ଚାଷକୁ ନେଇ ଷ୍ଟାଟେର୍ଜି ମିଟିଂ ଅନୁଷ୍ଠିତ ହୋଇଯାଇଛି। ଏବେ ରଜ ଛୁଟି ଚାଲିଛି। ଅଫିସ ଖୋଲିବା ପରେ ନିଷ୍ପତ୍ତି ସମ୍ପର୍କରେ ଜଣାପଡିବ ବୋଲି ପ୍ରକାଶ କରିଛନ୍ତି।

### ମାଟ୍ରିକ ଟପ୍ପର ପୁରସ୍କୃତ

**ସିଂହପୁର,୧୭।୬(ଡି.ଏନ୍.ଏ.)**

ସିଂହପୁର ଅନ୍ତର୍ଗତ ପାଳିମୀ ଜନତା ନୋଡାଲ ଉଚ୍ଚ ବିଦ୍ୟାଳୟର ଛାତ୍ର ଶୁଭମ୍ ସାମଲ ଚଳିତ ମାଟ୍ରିକ ପରୀକ୍ଷାରେ ବିଦ୍ୟାଳୟରେ ସର୍ବୋଚ୍ଚ ୫୨୬ ନଂ. ରଖିଥିଲେ। ଶୁଭମ୍‌ଙ୍କୁ ବସନ୍ତ କୁମାରୀ ମହାନ୍ତି ମେମୋରିଆଲ ଟ୍ରଷ୍ଟର ରାଜା ମହାନ୍ତିଙ୍କ ତରଫରୁ ସୋମବାର ଆଳି ବିଧାୟକ ପ୍ରତାପ କେଶରୀ ଦେବ ୧୦ ହଜାର ଟଙ୍କା ଆର୍ଥିକ ରାଶି ଓ ମାନପତ୍ର ପ୍ରଦାନ କରିଛନ୍ତି। ଏ ନେଇ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଅମୀୟ ସାମଲ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ଆଳି ବିଧାୟକ ପ୍ରତାପ, ସମ୍ମାନିତ ଅତିଥି ଗ୍ରନ୍ଥକାର ଅମିତ୍ ମଲିକ, ଏରଡଙ୍ଗ ସରପଞ୍ଚ ପୁରୁଷୋତ୍ତମ ପଲାଇ ଯୋଗଦେଇଥିଲେ। ରାଜା ମହାନ୍ତି ସ୍ୱାଗତ ଭାଷଣରେ ଆସନ୍ତା ଡିସେମ୍ବର ୨୬ ଓ ୨୭ ତାରିଖରେ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ପାଳନ କରାଯିବାକୁ ସ୍ଥିର ହୋଇଛି କହିବା ସହ ବିଧାୟକଙ୍କ ସହଯୋଗ କାମନା କରିଥିଲେ। ଶିକ୍ଷକ ଗୋବର୍ଦ୍ଧନ ସାହୁ ଶିକ୍ଷକ ଅଭାବ ଓ ଆରଏମଏସ ମାଧ୍ୟମରେ ଭଙ୍ଗା ଆଜବେଷ୍ଟସ ଗୃହ ଉଚ୍ଛେଦ କରି ଛାତଘର ନିର୍ମାଣ ପାଇଁ ବିଧାୟକଙ୍କ ନିକଟରେ ଦାବି କରିଥିଲେ। ଜ୍ଞାନେନ୍ଦ୍ର ସାମଲ(ବାବୁଲି) ସଭାକାର୍ଯ୍ୟ ଆୟୋଜନ ଓ ପରିଚାଳନା କରିଥିଲେ।

- କୋରେଇ ରଜ ମହୋତ୍ସବ-୨୦୧୯ ଉଦ୍‌ଯାପିତ

## ୫ ଅନୁଷ୍ଠାନ, ୪ ପ୍ରତିଭା ସମ୍ବର୍ଦ୍ଧିତ



ମଞ୍ଚରେ କୃତୀ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**କୋରେଇ,୧୭।୬(ସ୍ୱ.ପ୍ର.)**

ବିଜୟ ଆଦର୍ଶ ଫାଉଣ୍ଡେଶନ୍ ଆନୁକୂଲ୍ୟରେ କୋରେଇ ବ୍ଲକର ମୃତ୍ୟୁଞ୍ଜୟପୁର (ପଣ୍ଡୁଲା)ଗାଁ ହିଙ୍ଗୁଳା ମନ୍ଦିରସ୍ଥିତ କଲ୍ୟାଣ ମଣ୍ଡପ ପରିସରରେ ଚାଲିଥିବା ୩ ଦିନିଆ କୋରେଇ ରଜ ମହୋତ୍ସବ-୨୦୧୯ ରବିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ ଫାଉଣ୍ଡେଶନର ସଭାପତି ବ୍ୟଙ୍ଗକବି ବାଇଧର ମାଝି ଅଧ୍ୟକ୍ଷତା କରିଥିଲେ। ଜାତୀୟ ମାନବାଧିକାର କମିଟିର ବରିଷ୍ଠ ସଦସ୍ୟ ମନୋଜ କୁମାର ଜେନା ମୁଖ୍ୟ ଅତିଥିଭାବେ ଯୋଗଦେଇ ନାରୀଙ୍କ ପ୍ରତିଭା ପରିପ୍ରକାଶ ପାଇଁ ଏହି ମହୋତ୍ସବ ଏକ ପରିସର ସୃଷ୍ଟି କରିଛି ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ସ୍ୱପ୍ନେଶ ଦାସ, ମୁଖ୍ୟବକ୍ତା ଭାବେ ପ୍ରାଧ୍ୟାପକ ଶିବ ଚରଣ ମାଝି ଯୋଗଦେଇ ଗଣପର୍ବ ଉପଲକ୍ଷେ ରଜ ଓଡ଼ିଆଙ୍କ ଆନନ୍ଦର ଉତ୍ସ, ଏହାକୁ ସାକାର କରିବା ପାଇଁ ପିଠା, ଦୋଳି, ଗୀତ ଆଦି ପ୍ରତିଯୋଗିତା ଫାଉଣ୍ଡେଶନର ଏକ ନିଆରା ପରମ୍ପରା ସୃଷ୍ଟି କରିଛି ବୋଲି ବକ୍ତବ୍ୟରେ କହିଥିଲେ। ଫାଉଣ୍ଡେଶନର ସମ୍ପାଦକ ଦୀପକ କୁମାର ଦାସ ଅନୁଷ୍ଠାନର ଆଭିମୁଖ୍ୟ ସମ୍ପର୍କରେ ବିବରଣୀ ପାଠ କରିଥିଲାବେଳେ ମଳିନ କୁମାର ମହାନ୍ତି ସ୍ୱାଗତ ଭାଷଣ ଓ ହେମନ୍ତ କୁମାର ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିଥିଲେ। ଚଳିତବର୍ଷ ସୁମିତ୍ରା ଜେନାଙ୍କୁ ମୁଖ୍ୟଅତିଥି 'ଶ୍ରେଷ୍ଠ ଓଡିଆଣୀ' ମୁକୁଟ ପିନ୍ଧାଇ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ମହିଳା ବର୍ଗର ସୁକାନ୍ତି ମଲ୍ଲିକ, ସଂଗ୍ରାମଜିତା ପଣ୍ଡା, ମଧୁସ୍ମିତା ନାୟକ, କନିଷ୍ଠ ବର୍ଗରେ ତପସ୍ୱିନୀ ମଲ୍ଲିକ, ରିଷିତା ମିଶ୍ର, ସୟାନୀ ନାୟକ ଓ ବରିଷ୍ଠ ବର୍ଗରେ ଶ୍ୱେତା ମିଶ୍ର, ଶର୍ମିଷ୍ଠା ମହାନ୍ତି, ଅଙ୍କିତା ମିଶ୍ର, ଶାଳିନୀ ନାୟକ ପ୍ରମୁଖଙ୍କୁ ପୁରସ୍କୃତ କରାଯିବା ସହ ଭାଷାବିତ୍ ରଙ୍ଗାଧର ମହାପାତ୍ର, କୃତୀ ଶିକ୍ଷକ ରହିବଲ୍ଲଭ ଦାସ, ସମାଜ ସେବାରେ ରାଜେନ୍ଦ୍ର କୁମାର ବିଶ୍ୱାଳ ଓ କଳା କ୍ଷେତ୍ରରେ ନାଟ୍ୟ ନିର୍ଦ୍ଦେଶକ ନରୋତ୍ତମ ପରିଡା ପ୍ରମୁଖଙ୍କୁ ମାନପତ୍ର ଓ ଉପଢୌକନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସ୍ମାଇଲ ଫାଉଣ୍ଡେଶନ (ଶର୍ଙ୍ଗଚିଲା), ସମାଜ ଦର୍ପଣ (ବରୁଣ୍ଡାଇ), ଠାକୁରପାଟଣା ଯୁବ ପରିଷଦ (ଖମଣ), ବଜରଙ୍ଗ ଦଳ-କୋରଇ ପ୍ରଖଣ୍ଡ, ଶହୀଦ ଭଗତ ସିଂହ ଯୁବକ ସଂଘ (ବ୍ୟାସନଗର) ପ୍ରମୁଖ ୫ ସ୍ୱେଚ୍ଛାସେବୀ ସଙ୍ଗଠନକୁ ପୁରସ୍କୃତ କରାଯାଇଥିଲା। ପରିଶେଷରେ ଶ୍ରଦ୍ଧାଞ୍ଜଳି ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଫାଉଣ୍ଡେଶନ୍‌ର ବରିଷ୍ଠ ସଭ୍ୟ ବିଶ୍ୱଜିତ ପଟ୍ଟନାୟକ, ସୁଦର୍ଶନ ମିଶ୍ର, ଚିରଞ୍ଜିବୀ ମହାପାତ୍ର, ରଶ୍ମିପ୍ରିୟା ଜେନା, ସ୍ୱପ୍ନାରାଣୀ ମିଶ୍ର, ପ୍ରକାଶ ଦାସ, ଅରବିନ୍ଦ ଦାସ, ବିଶ୍ୱରଞ୍ଜନ ଦାସ ପ୍ରମୁଖ ସମସ୍ତ କର୍ମକର୍ତ୍ତା ଓ ସଭ୍ୟ ପରିଚାଳନାରେ ସହଯୋଗ କରିଥିଲେ।

### ସ୍ୱେଚ୍ଛାସେବୀ ଅନୁଷ୍ଠାନକୁ ସମ୍ବର୍ଦ୍ଧନା

**ଚଣ୍ଡିଖୋଲ/ଛତିଆ, ୧୭।୬(ଡି.ଏନ୍.ଏ.)**

'ଫନୀ' ବିପନ୍ନଙ୍କ ନିକଟରେ ଯେଉଁ ଅନୁଷ୍ଠାନ ସେବା ଯୋଗେଇ ଦେଇଛନ୍ତି ସେମାନେ ପ୍ରକୃତ ସେବାକାରୀ ବୋଲି ସମ୍ବର୍ଦ୍ଧନା ସଭାରେ ମତ ପ୍ରକାଶ ପାଇଛି। ବଡଚଣା ବ୍ଲକ ଛତିଆ ନିକଟ ସୋଲର ଉଦାସ ଆଶ୍ରମ ପରିସରରେ ରବିବାର ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗ୍ରନ୍ଥକାର ଅରୁଣ ପଣ୍ଡା ଅଧ୍ୟକ୍ଷତା କରିଥିଲେ। ଓଡ଼ିଶା ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ଅନନ୍ତ ସୂର୍ଯ୍ୟନାରାୟଣ ନାଇଡୁ ମୁଖ୍ୟଅତିଥି ଓ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସୂଚନା କମିଶନର ଜଗଦାନନ୍ଦ ଦାସ, କର୍କଟ ରୋଗ ବିଶେଷଜ୍ଞ କୃପାସିନ୍ଧୁ ପଣ୍ଡା, ଉତ୍କଳ ବିପନ୍ନ ସହାୟତା ସମିତି ସଭାପତି ଅଭୟ ସାମନ୍ତରାୟ, ରୋଟାରୀ କ୍ଲବ ସଦସ୍ୟ ବସନ୍ତ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଉଦାସ ଆଶ୍ରମର ପ୍ରତିଷ୍ଠାତା ବାବା ରବୀନ୍ଦ୍ର ନାଥ ଦାସଙ୍କ ସଞ୍ଚାଳନରେ ଆୟୋଜିତ ସଭାରେ ସେବା ଯୋଗାଇଦେଇଥିବା ଅନୁଷ୍ଠାନ ଉତ୍କଳ ପ୍ରାଦେଶିକ ମାରୱାରି ସମ୍ମେଳନ, ଓଁକାର ନାଥ ମିଶନ୍, ଲୋକ ସେବକ ମଣ୍ଡଳ ସମେତ ଦର୍ପଣ ତହସିଲଦାର ଅଶୋକ କୁମାର ଦାସ, ବିଦ୍ୟୁତ ବିଭାଗ ସହକାରୀ ଯନ୍ତ୍ରୀ ଶୈଳେସ ରଞ୍ଜନ ପଟେଲ, ଅଗ୍ନି ନିର୍ବାହୀ ଅଧିକାରୀ ପ୍ରଭାକର ସାହୁ, କମିଶନରେଟ ପୋଲିସ୍ ଶରତ କୁମାର ସାମଲ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସତ୍ୟରଞ୍ଜନ ଦାସ ପ୍ରାରମ୍ଭିକ ସୂଚନା ଓ ଅତିଥି ପରିଚୟ ପ୍ରଦାନ କରିଥିଲାବେଳେ ମାଧବାନନ୍ଦ ମହାପାତ୍ର ଧନ୍ୟବାଦ ଦେଇଥିଲେ।

## ଜିଲାସ୍ତରୀୟ ଲୋକକଳା ଦିବସ ପାଳିତ



ସଂସ୍କୃତି ଭବନ ପରିସରରେ ଆୟୋଜିତ ଲୋକକଳା ଦିବସ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**ଯାଜପୁର ଟାଉନ,୧୭।୬(ଡି.ଏନ୍.ଏ)**

ଯାଜପୁରଟାଉନସ୍ଥିତ ଗୌତମ ବୁଦ୍ଧ ସଂସ୍କୃତି ଭବନଠାରେ ଜିଲା ସଂସ୍କୃତି ବିଭାଗ ପକ୍ଷରୁ ଶନିବାର ଜିଲାସ୍ତରୀୟ ଲୋକକଳା ଦିବସ ପାଳିତ ହୋଇଯାଇଛି। ଜିଲା ସଂସ୍କୃତି ଅଧିକାରୀ ସନ୍ତୋଷ କୁମାର ସେଠୀଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥିଭାବେ ପ୍ରକଳ୍ପ ନିର୍ଦ୍ଦେଶକ ମନୋଜ କୁମାର ବେହେରା କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଗଣପର୍ବ ରଜ ଅବସରରେ ସରକାରଙ୍କ ପକ୍ଷରୁ ଏଭଳି ଏକ କାର୍ଯ୍ୟକ୍ରମର ଆୟୋଜନ ଓଡ଼ିଆ ପରମ୍ପରା ଓ ସଂସ୍କୃତିକୁ ଋଦ୍ଧିମନ୍ତ କରିଛି। ଏହି ଦିବସ ପାଳନ ମଧ୍ୟ ଓଡ଼ିଆ ଲୋକକଳାକୁ ଅଧିକ ପ୍ରଚାରିତ ଓ ପ୍ରସାରିତ କରିବାରେ ସହାୟକ ହେବ ବୋଲି ସେ କହିଥିଲେ। ମୁଖ୍ୟବକ୍ତାଭାବେ ଜୁଣଭଦ୍ରା କଲେଜ ଅଧ୍ୟାପକ ଦାମୋଦର ବେହେରା ଯୋଗଦେଇ କଳା ଓ କଳାକାର ପାଇଁ କୌଣସି ପରିସୀମା ନାହିଁ। ଏଥିସହ ଓଡ଼ିଶାକୁ କଳା ଓ କଳାକାରଙ୍କ ଏନ୍ତୁଡିଶାଳା ବୋଲି କହିଛନ୍ତି। ଏହି ଅବସରରେ କଳାକାରଙ୍କ ପକ୍ଷରୁ ବିଭିନ୍ନ ଲୋକକଳା କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସଭା ପୂର୍ବରୁ କଳାକାରଙ୍କର ଏକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଜିଲା ସଂସ୍କୃତି ସଂଘର ଉପସଭାପତି ଅନିରୁଦ୍ଧ ପରିଡା, ଗୁଣନିଧି ନାୟକ, ମହେଶ୍ୱର ପରିଡା, ମୋହନ ମଲ୍ଲିକ, ପ୍ରସନ୍ନ କର, ପ୍ରମୋଦ ଦାସ, ପ୍ରସନ୍ନ ଆଚାର୍ଯ୍ୟ, ବିଞ୍ଝାରପୁର ବ୍ଲକ କଳାକାର ସଂଘର ପ୍ରତିନିଧି ସଂଗୀତଜ୍ଞ ଦୀନେଶ ମଲ୍ଲିକ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜିଲା କାର୍ଯ୍ୟାଳୟର କର୍ମଚାରୀ ବିନୋଦ ସିଂ, ସତ୍ୟଜିତ ନାୟକ, ପ୍ରତାପ ଜେନା, ଅଜିତ୍ ବେହେରା, ସୁଶାନ୍ତ ଗୋଛାୟତ ପ୍ରମୁଖ ସହଯୋଗ କରିଥିଲେ।

## ଦେବସ୍ନାନ ପୂର୍ଣ୍ଣିମାରେ ଶ୍ରୀଜିଉଙ୍କ ପ୍ରତ୍ୟକ୍ଷ ସ୍ନାନ

ପବିତ୍ର ଦେବ ସ୍ନାନ ପୂର୍ଣ୍ଣିମା ବିଭିନ୍ନ ଦେବାଳୟଗୁଡିକରେ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ଯାଜପୁର ଜିଲାର ଯାଜପୁର ସହର, ବିଞ୍ଝାରପୁର ବ୍ଲକ, ଧର୍ମଶାଳା, ବରୀ, କୋରେଇ ଆଦି ବ୍ଲକର ବିଭିନ୍ନ ଜଗନ୍ନାଥ ମନ୍ଦିରରେ ରୀତିନୀତି ଅନୁଯାୟୀ ଦେବସ୍ନାନ ପୂର୍ଣ୍ଣିମା ପାଳିତ ହୋଇଯାଇଛି। ସ୍ନାନ ବେଦୀରେ ଠାକୁରଙ୍କୁ ସ୍ନାନ କରାଯିବା ପରେ ପ୍ରଭୁଙ୍କୁ ଗଜାନନ ବେଶରେ ସୁସଜ୍ଜିତ କରାଯାଇଥିଲା। ସମସ୍ତ ଜଗନ୍ନାଥ ମନ୍ଦିରରେ ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ବହୁ ଶ୍ରଦ୍ଧାଳୁ ପ୍ରଭୁଙ୍କ ଦର୍ଶନ କରି ଆଶିଷ ଭିକ୍ଷା କରିଥିଲେ।



ଯାଜପୁର ସହରସ୍ଥିତ ବୈତରଣୀ ନଦୀକୂଳରେ ଥିବା ଜଗନ୍ନାଥ ମନ୍ଦିରରେ ସ୍ନାନ ପୂର୍ଣ୍ଣିମା।



କୋରେଇ ବ୍ଲକ ବେଗନାଠାରେ ଦେବସ୍ନାନ ଉତ୍ସବ।



ବିଞ୍ଝାରପୁରରେ ଦେବସ୍ନାନ ପୂର୍ଣ୍ଣିମା।



ବରୀ ବ୍ଲକ ଜମୁଡ଼ିହସ୍ଥିତ ଜଗନ୍ନାଥ ମନ୍ଦିର





ଧର୍ମଶାଳା ବ୍ଲକ ଅଭୟପୁର ପଞ୍ଚାୟତସ୍ଥିତ ଜ୍ଞାନେଶ୍ୱର ମନ୍ଦିର ଓ ଭାଲୁଖାଇସ୍ଥିତ ଜଗନ୍ନାଥ ମନ୍ଦିରରେ ସ୍ନାନ ପୂର୍ଣ୍ଣିମା।

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୧୮ ଜୁନ୍, ୨୦୧୯




ପିତା ପରମ ଆରାଧ, ପିତାଙ୍କୁ ସନ୍ତୁଷ୍ଟ କରିପାରିଲେ ସବୁ ଦେବତାମାନେ ମଧ ସନ୍ତୋଷ ଲାଭ କରନ୍ତି।
- କଠୋପନିଷେଧ



## ସଂକ୍ଷେପରେ

### ଅଗ୍ନିକାଣ୍ଡରେ ଦୁଇ ବଖରା ଜଳିଗଲା

**ଓଡ଼ଗାଁ,୧୭।୬(ସ୍ୱ.ପ୍ର.):** ଓଡ଼ଗାଁ ତହସିଲ ଅନ୍ତର୍ଗତ କୁମ୍ଭିଆପଲ୍ଲୀ ଗ୍ରାମରେ ସୋମବାର ସକାଳେ ନିଆଁ ଲାଗି ଦୁଇ ପରିବାରଙ୍କ ଦୁଇ ବଖରା ପୋଡିଯାଇଛି । ସ୍ଥାନୀୟ ଦମକଳ କେନ୍ଦ୍ରରୁ ପ୍ରାପ୍ତ ସୂଚନା ଅନୁସାରେ ଅଗ୍ନିକାଣ୍ଡରେ ପ୍ରମୋଦ ପ୍ରଧାନ ଓ ପ୍ରଫୁଲ୍ଲ ପ୍ରଧାନଙ୍କ ବଖରାଏ ଲେଖାଏ ସମୁଦାୟ ଦୁଇବଖରା ପୋଡିଯାଇଛି । ସକାଳ ପ୍ରାୟ ୮ଟାରେ ଗୋଟିଏ ପରିବାର ଘରେ ଦୀପ ଲଗାଇଥିବାବେଳେ ଏଥିରୁ ନିଆଁ ଚାଳରେ ଲାଗିଥିବା ଅନୁମାନ କରାଯାଉଛି। ଦମକଳ ବାହିନୀ ସୂଚନା ପାଇ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏଥିରେ ଉଭୟ ପରିବାରର ସମସ୍ତ ଲୁଗାପଟା, ଧାନ ଚାଉଳ ଓ ଆସବାବପତ୍ର ପୋଡି ନଷ୍ଟ ହୋଇଯାଇଛି। ସେମାନଙ୍କୁ ତୁରନ୍ତ ପଲିଥିନ ଓ ସହାୟତା ପ୍ରଦାନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ବାଇକ୍ ଦୁର୍ଘଟଣାରେ ବୃଦ୍ଧ ଗୁରୁତର

**ଦଶପଲ୍ଲା,୧୭।୬ (ଡି.ଏନ.ଏ.):** ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥର ସ୍ଥାନୀୟ ଦୁର୍ଗାବଜାରଠାରେ ସୋମବାର ବାଇକ୍ ଦୁର୍ଘଟଣାରେ ଜଣେ ବୃଦ୍ଧ ଗୁରୁତର ହୋଇଛନ୍ତି। ସେ ହେଲେ ଗୋଛା ଗ୍ରାମର ମହେଶ୍ୱର ନାୟକ। ମଧ୍ୟାହ୍ନ ପ୍ରାୟ ୧୨ଟାରେ ସେ ବ୍ଲକ କାର୍ଯ୍ୟାଳୟ ନିକଟରେ ଛିଡା ହୋଇଥିବାବେଳେ ଏକ ବାଇକ୍ ତାଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ତାଙ୍କୁ ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି।

### ରକ୍ତଦାନ ଶିବିର, ୧୧୦ ୟୁନିଟ୍ ସଂଗୃହୀତ

**ନୟାଗଡ଼ ଅଫିସ,୧୭।୬:** ନୟାଗଡ଼ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ରବିବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ଛାତ୍ର ପରିଷଦ ଓ ବିଦ୍ୟାଳୟର ରୌପ୍ୟ ଜୟନ୍ତୀ ଉପଲକ୍ଷେ ଅନୁଷ୍ଠିତ ଶିବିରରେ ୧୧୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ପ୍ରାଧାପକ ଡ. ହରପ୍ରସାଦ ମହାପାତ୍ର ସଭାପତିତ୍ୱ କରିଥିବାବେଳେ ରଣପୁର ବିଧାୟକ ତଥା ଜୀବନ ବିନ୍ଦୁର ରାଜ୍ୟ ସଂଯୋଜକ ସତ୍ୟନାରାୟଣ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିର ଉଦ୍ଘାଟନ କରିଥିଲେ। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଶ୍ୱେତ ମହାପାତ୍ର ବିଶିଷ୍ଟ ଅତିଥିଭାବେ ଯୋଗଦେଇ ରକ୍ତଦାନର ମହତ୍ୱ ଓ ଜରୁରୀ ଆବଶ୍ୟକତା ଉପରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାମାଜିକ କର୍ମୀ ଦୁଃଖିଶ୍ୟାମ ଦାଶ, ଦାମୋଦର ସାହୁ, ଖବରଦାତା ପ୍ରଦୀପ୍ତ ପଟ୍ଟନାୟକ, ଶିକ୍ଷା ବିକାଶ ସମିତି ଓ ପରିଚାଳନା କମିଟି କାର୍ଯ୍ୟକର୍ତ୍ତା, ବିଦ୍ୟାଳୟର ଆଚାର୍ଯ୍ୟାଆଚାର୍ଯ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟ ରକ୍ତ ଭଣ୍ଡାର ପକ୍ଷରୁ ଡ. ଆଶୁତୋଷ ପଟ୍ଟନାୟକ, ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ, ରବୀନ୍ଦ୍ର ନାଥ ସାହୁ ପ୍ରମୁଖ ରକ୍ତ ସଂଗ୍ରହ କରିବାରେ ସହଯୋଗ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଅମ୍ବିକା ପ୍ରସାଦ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

## ■ ମୌସୁମୀ ଆସିବାରେ ବିଳମ୍ବ
# ଆଗେଇପାରୁ ନାହିଁ ଚାଷକାର୍ଯ୍ୟ

**ନୟାଗଡ଼ ଅଫିସ,୧୭।୬**


ଏକ ଜମିରେ ଧାନ ବୁଣାଯାଇଥିଲେ ହେଁ ବର୍ଷା ଅଭାବରୁ ଗଜା ବାହାରିପାରୁ ନାହିଁ।

■ଆବଶ୍ୟକଠାରୁ ହୋଇଛି କମ୍ ବର୍ଷା
■ଗଚ୍ଛିତ ରହିଛି ଅଧିକ ବିହନ
■୧୫୪ରୁ ବିହନ ନେଇଛନ୍ତି ମାତ୍ର ୬୩ ପ୍ୟାକ୍ସ

ଜୁନ୍ ମାସର ଅଧାରୁ ଅଧିକ ଦିନ ବିତିସାରିଛି। ହେଲେ ଏ ପର୍ଯ୍ୟନ୍ତ ମୌସୁମୀର ଦେଖାନାହିଁ। ବର୍ତ୍ତମାନ ସମୟରେ ବର୍ଷା ପରିବର୍ତ୍ତେ ସାରା ରାଜ୍ୟରେ ଗୀଷ୍ମର ଲହରି ଜାରି ରହିଛି। ନୟାଗଡ଼ ଜିଲାରେ ମଧ ସମାନ ଅବସ୍ଥା। ବର୍ଷା ଅଭାବରୁ ଏଠାରେ ଚାଷକାର୍ଯ୍ୟ ଆଗେଇପାରୁ ନାହିଁ। କାଁ ଭାଁ କାଳବୈଶାଖୀ ପ୍ରଭାବରେ ବର୍ଷା ହେଉଥିବା ଦେଖିବାକୁମିଳିଛି। ୧୬ତାରିଖ ସୁଦ୍ଧା ଜିଲାରେ ମୋଟ ୩୬୬ ମିଲିମିଟର ବର୍ଷା ହୋଇଛି, ଯାହା ପୂର୍ବ ବର୍ଷଗୁଡିକ ତୁଳନାରେ ବହୁ କମ୍। ୨୦୧୮ ଜୁନ୍‌ରେ ୮୦୮.୮୫ମିମି ବର୍ଷା ହୋଇଥିବାବେଳେ ୨୦୧୭ରେ ୧୦୬୩.୫ ଓ ୨୦୧୬ରେ ୧୧୫୮.୩୫ମିମି ବର୍ଷା ହୋଇଥିଲା। ଚଳିତ ମାସରେ ଦଶପଲ୍ଲା ବ୍ଲକରେ ସର୍ବାଧିକ୭୯.୮୦ମିମି ଓ ଓଡ଼ଗାଁ ବ୍ଲକରେ ସର୍ବନିମ୍ନ ୨୭.୨୦ମିମି ବର୍ଷା ହୋଇଥିଲା। ସେହିପରି ଭାପୁରରେ ୪୧.୭୦ ମିମି, ଗଣିଆରେ ୪୬, ଖଣ୍ଡପଡ଼ାରେ ୪୭.୧୦, ନୟାଗଡ଼ରେ ୩୪.୮୦, ନୂଆଗାଁରେ ୫୫.୧୪ ଓ ରଣପୁର ବ୍ଲକରେ ୩୪.୮୦ ମିମି ବର୍ଷା ହୋଇଛି। ବର୍ଷା ପରିମାଣ କମିଥିବାରୁ ବିଲରେ ଧାନବିହନ ବୁଣିଥିବା ଚାଷୀମାନେ ଗଜା ହେବା ନେଇ ସନ୍ଦେହରେ ଅଛନ୍ତି। ପାଣିପାଗ ବିଭାଗ ଚଳିତ ସପ୍ତାହ ସୁଦ୍ଧା ମୌସୁମୀ ଆସିବାର ନାହିଁ କହିବା ପରେ ସେମାନେ ଚିନ୍ତା ପ୍ରକଟ କରିଛନ୍ତି।

ପ୍ରକାଶ ଯେ, ଜିଲାରେ ମୋଟ ୧,୩୩,୫୪୦ ହେକ୍ଟର ଜମି ରହିଛି। ଚଳିତବର୍ଷ ୯୮ ହଜାର ହେକ୍ଟର ଜମିରେ ଧାନ ଚାଷ କରାଯିବ। ମୋଟ ଜମି ମଧ୍ୟରୁ ୩୬୧୨୮ ହେକ୍ଟର ଖାଲ, ୪୫୦୪୯ ମଧ୍ୟମ ଓ ୧୬୩୨୩ ହେକ୍ଟର ଢିପ ଜମି। ଏଥିରୁ ୮୦ ପ୍ରତିଶତ ଜମିରେ ଧାନ ବୁଣା ହେଉଥିବା ବେଳେ ୨୦ ପ୍ରତିଶତ ଜମିରେ ରୁଆ କାର୍ଯ୍ୟ ହୋଇଥାଏ। ଜିଲାରେ ୫୦୦୦କୁଇଣ୍ଟାଲ ବିହନ ଆବଶ୍ୟକ ଥିବାବେଳେ କୃଷି କାର୍ଯ୍ୟାଳୟରେ ୫୫୦୦ କୁଇଣ୍ଟାଲ ମହଜୁଦ୍ ଅଛି। ଏଥିରୁ ୪୦୦୦କୁଇଣ୍ଟାଲ ବିହନ ବଣ୍ଟନ ହୋଇସାରିଛି। ମୌସୁମୀ ବର୍ଷା ହୋଇ ନ ଥିବାରୁ ଗଜା ମରୁଡ଼ି ହେବା ଆଶଙ୍କା ରହିଛି। ଯଦି ଗଜା ମରୁଡ଼ି ହୁଏ ତେବେ ଗଚ୍ଛିତ ଥିବା ବିହନ ଚାଷୀମାନଙ୍କୁ ବଣ୍ଟନ କରାଯିବ। ସେହିଭଳି ଯଦି ଆବଶ୍ୟକ ହୁଏ ଆଉ ୧୦୦୦ କୁଇଣ୍ଟାଲ ବିହନ ଅଣାଯିବ ବୋଲି ସହକାରୀ ବିହନ ଉତ୍ପାଦନ ଅଧିକାରୀ ସନ୍ତୋଷ କୁମାର ପରିଡ଼ା ପ୍ରକାଶ କରିଛନ୍ତି। ଚଳିତବର୍ଷ ୯ ପ୍ରକାର ବିହନ ବଣ୍ଟନ କରାଯିବାକୁ ଆସିଛି। ଅନ୍ୟପଟେ ଚାଷୀମାନଙ୍କୁ ବିହନ ବଣ୍ଟାଯିବା ପାଇଁ ଜିଲାରେ ୧୫୪ ପାକ୍ସ (ସେବା ସମବାୟ ସମିତି) ଥିବା ବେଳେ ସେଥିରୁ ବର୍ତ୍ତମାନ ମାତ୍ର ୬୩ଟି ପାକ୍ସ ବିହନ ବିକ୍ରୟ ପାଇଁ ନେଇଛନ୍ତି। ଯେଉଁ ପ୍ୟାକ୍ସ ବିହନ ନେଇନାହାନ୍ତି ସେଠାକାର ଚାଷୀମାନେ କେଉଁଠୁ ବିହନ କିଣିବେ ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ନିକଟସ୍ଥ ବେସରକାରୀ ଡିଲରମାନଙ୍କଠାରୁ ଚାଷୀମାନେ ବିହନ କିଣି ନେଇପାରିବେ ବୋଲି କୃଷି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ନୂଆ ବିହନ କୁଇଣ୍ଟାଲ ପିଛା ୩୦୭୪ ଟଙ୍କା ହୋଇଥିବା ବେଳେ ସବ୍‌ସିଡ଼ିରେ ଚାଷୀମାନଙ୍କୁ ୧୮୦୦ ଟଙ୍କାରେ ପ୍ରଦାନ କରାଯାଉଛି। ସେହିଭଳି ପୁରୁଣା କିସମ ବିହନ ୩୦୭୪ ଟଙ୍କା ହୋଇଥିବା ବେଳେ ସବ୍‌ସିଡ଼ିରେ ଚାଷୀମାନଙ୍କୁ ୨୦୦୦ ଟଙ୍କାରେ ଦିଆଯାଉଛି। ଜିଲାର ସବୁ ଅଞ୍ଚଳର ଚାଷୀ ଏବେ ମୌସୁମୀ ବର୍ଷାକୁ ଚାତକ ଭଳି ଚାହିଁରହିଛନ୍ତି।

### ବରୁଣେଇ ରଜ ମହୋତ୍ସବ ଉଦ୍‌ଯାପିତ

**ଖୋର୍ଦ୍ଧା ଅଫିସ,୧୭।୬**

ସାଂସ୍କୃତିକ ଅନୁଷ୍ଠାନ ଦିଶାନ୍ତ ଆନୁକୂଲ୍ୟରେ ସ୍ଥାନୀୟ ବରୁଣେଇ ପୀଠରେ ତିନି ଦିନ ଧରି ଚାଲିଥିବା ବରୁଣେଇ ରଜ ମହୋତ୍ସବ ସୋମବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଜଟଣୀର ନୀଳଶୈଳ ନୃତ୍ୟାଞ୍ଜଳୀ ଅନୁଷ୍ଠାନର ସମ୍ବଲପୁରୀ ନୃତ୍ୟ ଦର୍ଶକଙ୍କୁ ବିମୋହିତ କରିଥିଲା। ଖୋର୍ଦ୍ଧା ମହାବୀର ଡ୍ୟାନ୍ସ ଗ୍ରୁପର ରଜ ନୃତ୍ୟ ଓ ଗୀତ ଦର୍ଶକଙ୍କୁ ମଞ୍ଚ ନିକଟରେ ବାନ୍ଧି ରଖିଥିଲା। ଅର୍ଜୁନପୁର ମୂର୍ଚ୍ଛନା ଅନୁଷ୍ଠାନର ଗୋଟିପୁଅ ନୃତ୍ୟରେ ବନ୍ଦନୃତ୍ୟ ଓ ପଞ୍ଚଦେବ ସ୍ତୁତି ଦର୍ଶକଙ୍କୁ ବେଶ ବିମୋହିତ କରିଥିଲା। ସେହିଭଳି ନୃତ୍ୟଶ୍ରୀ ଖୋର୍ଦ୍ଧା, ଡିଭାଇନ୍ ଡ୍ୟାନ୍ସ ଗ୍ରୁପ ଖୋର୍ଦ୍ଧା, ମା' ମଙ୍ଗଳା ପାଇକ ଆଖଡା ଖୋର୍ଦ୍ଧା, ଶିଳ୍ପୀକା ଡ୍ୟାନ୍ସ ଏକାଡେମୀ ଭୁବନେଶ୍ୱର, ମହାବୀର ପାଇକ ଆଖଡା ରତନପୁର, ମା ଚୈତାଳୀ କଳା ସଂସଦର କଳାକାରଙ୍କ ବିଭିନ୍ନ ସଂସ୍କୃତିକ କାର୍ଯ୍ୟକ୍ରମ ବେଶ୍ ଆକର୍ଷଣୀୟ ଥିଲା। ଜିତେନ୍ଦ୍ର କୁମାର ସାହୁଙ୍କ ମ୍ୟାଜିକ୍ ଶୋ ଦର୍ଶକଙ୍କୁ ବିଭୋର କରିଥିଲା। ଅନୁଷ୍ଠାନର ସଭାପତି ତଥା ଖୋର୍ଦ୍ଧା ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟ ଅତିଥିଭାବେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଯୋଗଦେଇ କହିଥିଲେ, ଖୋର୍ଦ୍ଧା ହେଉଛି ବୀର ମାଟି। ଏହି ମାଟି ତାର ଐତିହ୍ୟ ଏବଂ ସଂସ୍କୃତିକୁ ବଜାୟ ରଖିଛି।

## ହାତୀ ବେଶରେ ଦର୍ଶନ ଦେଲେ ୩ ଠାକୁର


ସ୍ନାନମଣ୍ଡପରେ ହାତୀବେଶରେ ଶ୍ରୀଜୀଉ।

**ରଣପୁର,୧୭।୬(ସ୍ୱ.ପ୍ର.)**

ନୟାଗଡ ଜିଲା ରଣପୁର ଜଗନ୍ନାଥ ମନ୍ଦିରରେ ସୋମବାର ଜ୍ୟେଷ୍ଠ ପୂର୍ଣ୍ଣିମା ତିଥିରେ ସ୍ନାନଯାତ୍ରା ପାଳିତ ହୋଇଛି। ମନ୍ଦିର ସ୍ନାନ ମଣ୍ଡପରେ ମହାପ୍ରଭୁ ଜଗନ୍ନାଥ,ବଡଠାକୁର ବଳଭଦ୍ର, ମା'ସୁଭଦ୍ରା ଓ ପ୍ରଭୁ ସୁଦର୍ଶନ ପରମ୍ପରା ମୁତାବକ ସ୍ନାନ କରିବା ପରେ ଭକ୍ତମାନଙ୍କୁ ହାତୀ ବେଶରେ ଦର୍ଶନ ଦେଇଥିଲେ । ମଧ୍ୟରାତ୍ରରେ ଠାକୁରମାନେ ମନ୍ଦିର ରତ୍ନବେଦି ଛାଡିବା ପରେ ପୂଜାପଣ୍ଡା ପଢିଆରୀ ମାନେ ପହଣ୍ଡି କରି ସ୍ନାନ ମଣ୍ଡପକୁ ନେଇଥିଲେ। ମନ୍ଦିରରେ ଥିବା କୂଅରୁ ୧୦୮ ଗରାରେ ଜଳ ଅଣାଯାଇ ପ୍ରତିଷ୍ଠା କରାଯିବା ସହିତ ଅଗରୁ, ଚନ୍ଦନ, କର୍ପୂର ପକାଇ ପୂଜା ପରେ ଶ୍ରୀଜୀଉମାନଙ୍କୁ ସ୍ନାନ କରାଯାଇଥିଲା। ଏହାପରେ ଶ୍ରୀଜୀଉଙ୍କ ଶରୀରରେ ଚନ୍ଦନ ଲଗାଯାଇ ବଲ୍ଲଭ କରାଯାଇଥିଲା । ଅବକାଶ ପରେ ଠାକୁରମାନଙ୍କୁ ହାତୀ ବେଶରେ ସଜ୍ଜିତ କରାଯାଇଥିଲା। ଅତ୍ୟଧିକ ଗାଧୋଇବା ଦ୍ୱାରା ଶ୍ରୀଜୀଉମାନଙ୍କୁ ଜ୍ୱର ହୋଇଥାଏ। ଏଥିଯୋଗୁ ସେମାନେ ୧୫ ଦିନ ଧରି ଅଣସର ଘରେ ରହିବେ ଏବଂ କୌଣସି ଭକ୍ତଙ୍କୁ ଦର୍ଶନ ଦେବେ ନାହିଁ । ଏହି ଦିନରେ ପୂଜକମାନେ ଠାକୁରମାନଙ୍କୁ ଗୁପ୍ତ ନୀତିରେ ଚିକିତ୍ସା କରିବେ । ସ୍ନାନ ପୂର୍ଣ୍ଣିମା ସକାଳଠାରୁ ଶ୍ରୀଜୀଉଙ୍କୁ ଦର୍ଶନ ପାଇଁ ମନ୍ଦିରରେ ପ୍ରବଳ ଭିଡ ପରିଲକ୍ଷିତ ହୋଇଥିଲା। ବିଭିନ୍ନ ଆଲୋକମାଳାରେ ମନ୍ଦିର ସୁସଜ୍ଜିତ ହୋଇଥିଲା। ବହୁ ଭକ୍ତଙ୍କ ସମାଗମକୁ ଦେଖି ସ୍ଥାନୀୟ ପୋଲିସ ତରଫରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା । ଅପରପକ୍ଷେ ଗୁଣ୍ଡିଚା ଯାତ୍ରା ପାଇଁ ରଥ ଖଳାରେ ମହାରଣାମାନେ ଦିବାରାତ୍ର ୩ରଥ ନିର୍ମାଣରେ ଲାଗି ପଡିଛନ୍ତି ।

### ନାବାଳିକାଙ୍କୁ ଅପହରଣ ଅଭିଯୋଗ

**ଟାଙ୍ଗୀ(ଖୋର୍ଦ୍ଧା), ୧୭।୬(ଡି.ଏନ.ଏ.)**

ଟାଙ୍ଗୀ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ କରାଯାଇଥିବା ନେଇ ତାଙ୍କ ମା' ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସୂଚନାରୁ ପ୍ରକାଶ, ୨ ଭଉଣୀ ରଜଯାତ୍ରା ଦେଖିବାକୁ ସୋରଣ ପାଲାପଡିଆକୁ ଯାଇଥିଲେ। ସେଠାରେ ଜଣେ ଅଚିହ୍ନା ବ୍ୟକ୍ତି ଆସି ତୁମ ବାପା ପଥର ଖଣିରେ କାମ କରିଛନ୍ତି, ଆସ ଟଙ୍କା ନେଇଯିବ କହି ବଡ ଝିଅକୁ ସାଙ୍ଗରେ ନେଇ ଯାଇଥିଲେ। ତେବେ ବଡ଼ଝିଅ ଦୀର୍ଘ ସମୟ ପର୍ଯ୍ୟନ୍ତ ନ ଫେରିବାରୁ ତାଙ୍କ ମା' କୁହୁଡି ଫାଣ୍ଡିରେ ଝିଅକୁ କେହି ଅପହରଣ କରିଥିବା ନେଇ ଲିଖିତ ଅଭିଯୋଗ କରିଛନ୍ତି । ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

### ଲୋକକଳା ଦିବସ ପାଳିତ

**ଟାଙ୍ଗୀ(ଖୋର୍ଦ୍ଧା), ୧୭।୬(ଡି.ଏନ.ଏ.)**

ଖୋର୍ଦ୍ଧା ଜିଲା ରତନପୁର ଗ୍ରାମର ସ୍ୱେଚ୍ଛାସେବୀ ସଂଗଠନ 'ଲୋକକଳା ଦିଏ ଆହ୍ୱାନ' ଓ 'କଳିଙ୍ଗ କନ୍ୟା' ପାଇକଆଖଡ଼ା ତରଫରୁ ସୋମବାର ୨ ଦିନ ଧରି ଲୋକକଳା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ହୁଲାହୁଲି, ଲୋକଗୀତ, ଲୋକନାଚ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଶିକ୍ଷାବିତ୍ ପବିତ୍ର ପ୍ରଧାନ, ରତନପୁର ନାଏବ ସରପଞ୍ଚ ପ୍ରମୋଦ ସେଠୀ, ଅନୁଷ୍ଠାନର ସଭ୍ୟ ଶତ୍ରୁଘ୍ନ ଜେନା, କଳିଙ୍ଗ କନ୍ୟା ପାଇକଆଖଡ଼ାର ପ୍ରତିଷ୍ଠାତା ସୁନୀତା ବେହେରା ପ୍ରମୁଖ ଉତ୍ସବରେ ଯୋଗଦେଇ କଳାକାରମାନଙ୍କୁ ଉତ୍ସାହିତ କରିଥିଲେ।

## ଭକ୍ତଙ୍କୁ ଦର୍ଶନ ଦେବେ ପଟିଦିଅଁ


ଶିଳ୍ପୀ ପଟି ଦିଅଁ ପ୍ରସ୍ତୁତ କରୁଛନ୍ତି।

**ରଣପୁର,୧୭।୬(ସ୍ୱ.ପ୍ର.)**

ନୟାଗଡ ଜିଲା ରଣପୁରର ଜଗନ୍ନାଥ ମନ୍ଦିରରେ ସୋମବାର ଦେବସ୍ନାନ ପୂର୍ଣ୍ଣିମା ପାଳିତ ହୋଇଛି । ସ୍ନାନ ନୀତି ପରେ ଶ୍ରୀଜୀଉମାନେ ହାତୀ ବେଶରେ ଦର୍ଶନ ଦେଇ ସ୍ନାନ ମଣ୍ଡପରୁ ଫେରିବା ବାଟରେ ଅସୁସ୍ଥ ହୋଇ ୧୫ ଦିନ ଅଣସରରେ ବିଜେ କରିବେ। ଗୋପନ ନୀତିରେ ପ୍ରଭୁଙ୍କ ଚିକିତ୍ସା ହେବ। ଅଣସର ଘରେ ପଟି ବନ୍ଧା ହେବ। ଶ୍ରୀ ବିଗ୍ରହମାନଙ୍କ ଦର୍ଶନ ମିଳିବ ନାହିଁ। ବିକଳ୍ପ ସ୍ୱରୂପ ଶ୍ରୀ ମନ୍ଦିରରେ ପଟିଦିଅଁଙ୍କୁ ଭକ୍ତମାନେ ଦର୍ଶନ କରିବେ ।

ରଣପୁର ଦାଣ୍ଡସାହିରେ ଏବେ ପଟିଦିଅଁମାନଙ୍କ ସାଜସଜ୍ଜା ଚାଲିଛି । ଦାଣ୍ଡସାହିର ରାଧାମୋହନ ମହାପାତ୍ରଙ୍କ ପୁତ୍ର ଦୁର୍ଗା ପ୍ରସାଦ (ବୁଢା) ୧୦ ବର୍ଷ ବୟସରୁ ବାପାଙ୍କଠାରୁ ଏହି କଳା ଶିକ୍ଷା କରି ପ୍ରତ୍ୟେକ ବର୍ଷ ପଟିଦିଅଁ ପ୍ରସ୍ତୁତି କରି ଆସୁଛନ୍ତି। ଦୁର୍ଗାପ୍ରସାଦ ଓ ତାଙ୍କ ପୁଅ ବଡଠାକୁର ଏବଂ ସୁଭଦ୍ରାଙ୍କ ପଟିଦିଅଁ ପ୍ରସ୍ତୁତିରେ ଏବେ ନିମଗ୍ନ । ସ୍ନାନ ପୂର୍ଣ୍ଣିମା ରାତ୍ର ଶେଷ ପ୍ରହରରେ ଶ୍ରୀମନ୍ଦିରରେ ଅଣସର ପଟିଡୋର ଶେଷ ହେବା କ୍ଷଣି ପଟିଦିଅଁମାନେ ମନ୍ଦିରକୁ ବିଜେ କରିବେ। ଅଣସର ପଟି ସମ୍ମୁଖରେ ପଟିଦିଅଁଙ୍କୁ ଅଧିଷ୍ଠିତ କରାଯିବ। ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପଟିଦିଅଁ ଦାଣ୍ଡସାହିରୁ ବିଜେ କରିବେ । ଶିଳ୍ପୀ ଏବଂ ତାଙ୍କ ପୁଅ ୫ ପ୍ରକାର ଦେଶୀ ରଙ୍ଗ ବିନିଯୋଗରେ ନିର୍ଦ୍ଦିଷ୍ଟ ଭାଗମାପରେ ପଟିଦିଅଁ ପ୍ରସ୍ତୁତି କରି ଚାଲିଛନ୍ତି। ଓସାର ଅଢେଇ ଫୁଟ, ଉଚ୍ଚତା ୩ଫୁଟ ବିଶିଷ୍ଟ ଏହି ଦିଅଁ ଗଢିବାରେ ନୂଆ କପଡା, କଇଁଆ ଅଠା, ହେଙ୍ଗୁଳ, ହରତାଳ ଆଦି ସାମଗ୍ରୀ ଲାଗି ହେଉଛି । ପଟିଦିଅଁଙ୍କ ପାଇଁ ଘରକୁ ରଙ୍ଗ ଆସିବା ପରେ ଚିତ୍ରକାରଙ୍କ ପରିବାର ସଦସ୍ୟ ଏବଂ ଚିତ୍ରଶିଳ୍ପୀମାନେ ହବିଷ ପାଳି ନୂଆ ଲୁଗା ପରିଧାନ କରି ନିଷ୍ଠାର ସହ ଦିଅଁ ପ୍ରସ୍ତୁତ କରିଥାନ୍ତି। ଏ ସମ୍ପର୍କରେ ଶିଳ୍ପୀ କୁହନ୍ତି ସ୍ନାନ ବେଦୀରୁ ମହାପ୍ରଭୁଙ୍କୁ ଆଣି ଅଣସରରେ ବିଜେ କରିବା ପରେ ଅଣସର ତାଟି ଡେରା ଯାଇଥାଏ । ଏହା ପରେ ଅନ୍ଧାର ଥାଉ ଥାଉ ଛତି କାହାଳୀ ବାଜା ଘଣ୍ଟ ଘଣ୍ଟା ମଶାଲ ସହ ୩ ପୂଜାପଣ୍ଡା ମନ୍ଦିରରୁ ବାହାରି ଶିଳ୍ପୀଙ୍କ ଘରକୁ ଆସି ପୂଜା ଅର୍ଚ୍ଚନା କରନ୍ତି । ଏକ ଶୋଭାଯାତ୍ରାରେ ପଟିଦିଅଁ ୩ପୂଜାପଣ୍ଡାଙ୍କ ସହ ମନ୍ଦିରକୁ ବିଜେ କରନ୍ତି। ଶିଳ୍ପୀ ଦିଅଁଙ୍କୁ ନେଇ ସ୍ଥାପନ କରି ଆସନ୍ତି। ଏହି ପଟିଦିଅଁ ପ୍ରସ୍ତୁତିରେ ଏବେ ଦୁର୍ଗା ପ୍ରସାଦ ମହାପାତ୍ରଙ୍କ ସାନପୁଅ ସାରଥି ମହାପାତ୍ର ସହଯୋଗ କରି ଆସୁଛନ୍ତି ।

## ■ ନୟାଗଡ଼ ଚିନିକଳ ବିକ୍ରି ଗୁଜବ ପ୍ରସଙ୍ଗ
# ଜିଲାପାଳଙ୍କୁ ଭେଟିଲା ଚିନିକଳ ବଞ୍ଚାଅ ସମିତି

**ନୟାଗଡ଼ ଅଫିସ,୧୭।୬**

ନୟାଗଡ଼ ଚିନିକଳ ବିକ୍ରି ହୋଇଥିବା ଗୁଜବ ପ୍ରସଙ୍ଗରେ ସୋମବାର ଚିନିକଳ ବଞ୍ଚାଅ ସମିତି ସଦସ୍ୟମାନେ ଜିଲାପାଳଙ୍କୁ ଭେଟିଛନ୍ତି। ବନ୍ଦ ହୋଇପଡ଼ିଥିବା ଚିନିକଳର ସ୍ଥାୟିତ୍ୱ, ଏହାର ସୁରକ୍ଷା ଓ ଚଳିତ ଋତୁରେ ଏହା କିପରି କାର୍ଯ୍ୟକ୍ଷମ କରାଯାଇପାରିବ ସେ ଦିଗରେ ପ୍ରଶାସନ ଧ୍ୟାନ ଦେବାକୁ ଦାବିପତ୍ରରେ ଦର୍ଶାଯାଇଛି। ସମିତି ସଦସ୍ୟମାନଙ୍କ ପକ୍ଷରୁ କୁହାଯାଇଛି ଯେ, ନୟାଗଡ଼ରେ ଥିବା ଏକମାତ୍ର ଚିନିକଳ ୫ବର୍ଷ ହେଲା ବନ୍ଦ ହୋଇପଡ଼ିଛି। ଫଳରେ ଜିଲାର ହଜାର ହଜାର ଆଖୁଚାଷୀ ହତାଶ ହୋଇପଡ଼ିଛନ୍ତି। ସେମାନଙ୍କ ଆର୍ଥିକ ଅବସ୍ଥା ଦୋହଲି ଯାଇଛି। ବନ୍ଦ ଥିବାରୁ କାରଖାନାର ଯନ୍ତ୍ରପାତି ନଷ୍ଟ ହେବାକୁ ବସିଲାଣି। ତେଣୁ ତୁରନ୍ତ ଏହା କିପରି କାର୍ଯ୍ୟକ୍ଷମ ହେବ ସେ ଦିଗରେ ଧ୍ୟାନ ଦେବାକୁ ସଦସ୍ୟମାନେ ଦାବି କରିଛନ୍ତି। ଶ୍ରମିକ ନେତା ବିଶ୍ୱନାଥ ମହାପାତ୍ରଙ୍କ ନେତୃତ୍ୱରେ ସନ୍ତୋଷ କୁମାର ପ୍ରଧାନ, ମନୋଜ କୁମାର ସାହୁ ପ୍ରମୁଖ ଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ।



ଜିଲାପାଳଙ୍କୁ ଭେଟିବାକୁ ଆସିଥିବା ସମିତି ସଦସ୍ୟମାନେ।

## ■ ଜିଲାସ୍ତରୀୟ ବିଶ୍ୱ ମରୁଭୂମି ଓ ମରୁଡ଼ି ନିରାକରଣ ଦିବସ ସଚେତନତା
# ପରିବେଶର ଅବକ୍ଷୟ ଯୋଗୁ ମରୁଡ଼ି ପରିସ୍ଥିତି ଆଶଙ୍କା

**ଖଣ୍ଡପଡା,୧୭।୬(ସ୍ୱ.ପ୍ର.)**



ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

ମାନବ ସମାଜ ସହିତ ସମଗ୍ର ଜୀବ ଜଗତର ସ୍ଥିତି ରକ୍ଷା ନିମନ୍ତେ ପରିବେଶ ସୁରକ୍ଷା ଜରୁରୀ ଅଟେ । ସାମ୍ପ୍ରତିକ ପରିସ୍ଥିତିରେ ବୃକ୍ଷ, ଜଙ୍ଗଲ ତଥା ପରିବେଶର ଦ୍ରୁତ ଅବକ୍ଷୟ ମାନବ ସମାଜ ସହିତ ପଶୁପକ୍ଷୀ, ନାନାଦି କୀଟପତଙ୍ଗ ଆଦିଙ୍କ ପାଇଁ ବିନାଶର ଭୟଙ୍କର ସୂଚନା ଦେଲାଣି । ପରିବେଶ ଅବକ୍ଷୟ ଯୋଗୁ ମରୁଡିସ୍ଥିତି ସୃଷ୍ଟି ହେବାର ସତର୍କ ଘଣ୍ଟି ଦେଲାଣି। ଏହାର ନିରାକରଣ ପାଇଁ ସମାଜର ପ୍ରତ୍ୟେକ ସ୍ତରରୁ ସଫଳ ଉଦ୍ୟମ ହେବା ଜରୁରୀ ହୋଇ ପଡିଛି ବୋଲି ସୋମବାର କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ଜିଲା ସ୍ତରୀୟ ବିଶ୍ୱ ମରୁଭୂମି ଓ ମରୁଡି ନିରାକରଣ ଦିବସ ସଚେତନତା ଶିବିରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନୟାଗଡ ବନଖଣ୍ଡ ଅଧିକାରୀ ଧନରାଜ ହନୁମନ୍ତ ମତବ୍ୟକ୍ତ କରିଛନ୍ତି।

୧୭ ତାରିଖ ସାରା ବିଶ୍ୱରେ ବିଶ୍ୱ ମରୁଭୂମି ଓ ମରୁଡି ନିରାକରଣ ଦିବସ ପାଳନ କରାଯାଉଛି । ସ୍ଥାନୀୟ ନୀଳମାଧବ ମହାବିଦ୍ୟାଳୟରେ ନୟାଗଡ ବନଖଣ୍ଡ ପକ୍ଷରୁ ତଥା କଲେଜ ଏନସିସି ଓ ଏନଏସଏସ ସହଯୋଗରେ ଆୟୋଜିତ ସଚେତନତା ଶିବିରରେ ଅଧ୍ୟକ୍ଷ ସୁକାନ୍ତ କୁମାର ନାୟକ ସଭାପତିତ୍ୱ କରିଥିଲେ। ଅନ୍ୟତମ ଅତିଥି ଭାବେ ଅଧ୍ୟାପକ ଅଶୋକ କୁମାର ମହାରଣା, ହୃଷିକେଶ ମିଶ୍ର, ପ୍ରଭାକର ଶିରୋମଣୀ ଯୋଗଦେଇ ପରିବେଶର ଅବକ୍ଷୟ ଯୋଗୁ ଜଳବାୟୁ ଓ ଜଳଚକ୍ରର ପରିବର୍ତ୍ତନ ଆଗାମୀ ଭବିଷ୍ୟତ ପାଇଁ ବିପଦପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେ। ଏସବୁର ନିରାକରଣ ପାଇଁ ବୃକ୍ଷ ରୋପଣ ତଥା ନୂତନ ଜଙ୍ଗଲ ସୃଷ୍ଟିର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ପରିପ୍ରେକ୍ଷୀରେ ଆମେ ସମସ୍ତେ ମାନସିକ ସ୍ତରରେ ପ୍ରସ୍ତୁତ ହୋଇ ଜଣେ ଜଣେ ଗୋଟିଏ ଲେଖାଏ ଗଛ ଲଗାଇ ସେଗୁଡିକୁ ବଞ୍ଚାଇ ପାରିଲେ ଆମେ ବଞ୍ଚିବା ପାରିବା ବୋଲି ଅତିଥିମାନେ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମକୁ ବନାଞ୍ଚଳ ଅଧିକାରୀ ଶ୍ରୀଧର ପଣ୍ଡା ସଞ୍ଚୋଳନା କରିଥିବା ବେଳେ ଯୁବ ରେଡକ୍ରସର କାଉନସିଲର ଅଧ୍ୟାପକ ମାନଗୋବିନ୍ଦ ରାଉତ ଧନ୍ୟବାଦ ଦେଇଥିଲେ। ପରେ କଲେଜ ପରିସରରେ ବନ ବିଭାଗ ପକ୍ଷରୁ ଯୋଗଇ ଦିଆ ଯାଇଥିବା ବିଭିନ୍ନ ଚାରାକୁ ଅତିଥିଙ୍କ ସେ ମତ ଛାତ୍ରୀଛାତ୍ରମାନେ ରୋପଣ କରିଥିଲେ। ଉକ୍ତ ଶିବିରରେ ଜିଲାର ବିଭିନ୍ନ ବନାଞ୍ଚଳର ସମସ୍ତ କର୍ମଚାରୀ, ଗ୍ରାମ୍ୟ ଜଙ୍ଗଲ ସୁରକ୍ଷା କମିଟିର ସଦସ୍ୟ ଯୋଗଦେଇ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୧୮ ଜୁନ, ୨୦୧୯



ପିତା ଯଦି ଚରିତ୍ରବାନ ହୋଇଥାନ୍ତି, ସେ ନିଜର ସନ୍ତାନ ପାଇଁ କିଛି ଧନ ସଞ୍ଚୟ ନ ପାରିଲେ ମଧ ସନ୍ତାନ ଗୋଟିଏ ଅମୂଲ୍ୟ ଐତିହ୍ୟର ଉତ୍ତରାଧିକାରୀ ହୋଇଯାଏ ।
- ମାକ୍‌ଲିଓଡ଼୍



## ସଂକ୍ଷେପରେ

### ଶ୍ରୀଜଗନ୍ନାଥଙ୍କ ଦେବସ୍ନାନ ନୀତି



**ଦଶପଲ୍ଲା,୧୭।୬ (ଡି.ଏନ.ଏ.):** ପବିତ୍ର ସ୍ନାନ ପୂର୍ଣ୍ଣିମା ଅବସରରେ ଦଶପଲ୍ଲାଠାରେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ସମସ୍ତ ନୀତି ସମ୍ପନ୍ନ ହୋଇଛି। ପୂର୍ବାହ୍ନରେ ଶ୍ରୀ ଜୀଉଙ୍କୁ ରାଜନଅର ମଧ୍ୟରେ ଥିବା ସ୍ନାନ ବେଦୀକୁ ପହଣ୍ଡି କରି ନିଆଯିବା ପରେ ସ୍ନାନ କରାଯାଇଥିଲା। ବିଧି ଅନୁଯାୟୀ ଧୂପ ଓ ଅବକାଶ ନୀତି ସମାପନ କରାଯିବା ପରେ ଅପରାହ୍ନରେ ଶ୍ରୀ ଜୀଉଙ୍କ ଗଜାନନ ବେଶ ଅନୁଷ୍ଠିତ ହୋଇଥିଲା। ଏହି ବେଶ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ସନ୍ଧ୍ୟା ଆଳତି ପରେ ରାତ୍ର ଧୂପ, ବଡସିଂହାର ନୀତି ସମ୍ପନ୍ନ କରାଯାଇଥିଲା।

### ଟାଙ୍ଗୀର ବିଭିନ୍ନ ସ୍ଥାନରେ ରଜ ମହୋତ୍ସବ

**ଟାଙ୍ଗୀ(ଖୋର୍ଦ୍ଧା),୧୭।୬(ଡି.ଏନ.ଏ.):** ଗଡ଼ବଡପାରୀର ଆରାଧ ଦେବୀ ମା' ରାମଚଣ୍ଡୀ ଠାକୁରାଣୀଙ୍କ ପୀଠରେ ୪ ଦିନ ବ୍ୟାପୀ ରଜ ମହୋତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ଗାୟିକା ପ୍ରଭାତୀ ବେହେରା ଓ ସ୍ମିତା ରାଉତ ବାଦୀପାଲା ପରିବେଷଣ କରିଥିଲେ। ଜଗତସିଂହପୁର ପୂଜା ଆଣ୍ଡ୍ ପୂଜା ଡ୍ୟାନ୍ସଗ୍ରୁପ୍‌ର କଳାକାରଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଦର୍ଶକ ଉପଭୋଗ କରିଥିଲେ। କନ୍ଧ ନୟାଗଡର ଶ୍ରୀଐଶାନ୍ୟେଶ୍ୱରଦେବଙ୍କ ପୀଠରେ ମଧ ଗାୟକ ପ୍ରଭାକର କଳସ, ବିଭୁପ୍ରସାଦ ଦାସ, ବସନ୍ତ କୁମାର ଦାସ ଓ ବୈକୁଣ୍ଠ ଶତପଥୀ ପ୍ରମୁଖ ବାଦୀ ପାଲା ପରିବେଷଣ କରିଥିଲେ। ସେହିପରି ଚିଲିକା ଉପକୂଳ ଜଟିଆପାଟଣା ଗ୍ରାମରେ ଯୁବତୀ/ଯୁବକଙ୍କଠାରୁ ଆରମ୍ଭ କରି ମହିଳାମାନେ ରଜର ମଜା ଉଠାଇଥିଲେ। ଏଠାରେ ପୁଚିଖେଳ, ଦଉଡି ଡିଆଁ, ଓଡିଆଣୀ ବୋହୂଚୋରି ଖେଳ ବେଶ୍ ଆମୋଦଦାୟକ ଥିଲା।

### ଦୁର୍ଘଟଣାରେ ଆହତ ଡାକ୍ତରଙ୍କ ପରଲୋକ

**ବାଲୁଗାଁ,୧୭।୬(ଡି.ଏନ.ଏ.):** ଦୁର୍ଘଟଣାରେ ଆହତ ହୋଇ ଚିକିତ୍ସିତ ହେଉଥିବା ଖୋର୍ଦ୍ଧା ଜିଲା ବାଲୁଗାଁ ଅଞ୍ଚଳର ପ୍ରତିଷ୍ଠିତ ଡ଼ାକ୍ତର ବସନ୍ତ କୁମାର ପଣ୍ଡା(୭୭)ଙ୍କ ସୋମବାର ପରଲୋକ ଘଟିଛି । ବାଲୁଗାଁର ସୁପରିଚିତ ଡ଼ାକ୍ତର ସ୍ୱର୍ଗତ ରାଧାଚରଣ ପଣ୍ଡାଙ୍କ ସେ ଦ୍ୱିତୀୟ ପୁତ୍ର । ତାଙ୍କର ବିୟୋଗରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ପ୍ରକାଶ ଯେ, ଜଣେ ସମ୍ପର୍କୀୟଙ୍କ ଦ୍ୱାଦଶାହ କାର୍ଯ୍ୟରେ ଯାଉଥିବା ବେଳେ ତାଙ୍କ କାରକୁ ଏକ ବସ୍ ପଛରୁ ଧକ୍‌କା ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଏକ ଘରୋଇ ଡାକ୍ତରଖାନା ଚିକିତ୍ସା କରାଯାଇଥିଲା। ପରେ ଭୁବନେଶ୍ୱର ସ୍ଥିତ ନିଜ ଝିଅ ଘରେ ରହି ଡ଼ା. ପଣ୍ଡା ଚିକିତ୍ସିତ ହେଉଥିବା ବେଳେ ସୋମବାର ପୂର୍ବାହ୍ନ ୧୦ଟାରେ ତାଙ୍କର ମୃତ୍ୟୁ ଘଟିଥିଲା।

# ସ୍ନାନବେଦୀରେ ତିନି ଠାକୁରଙ୍କ ଗଜାନନ ବେଶ

**ଖଣ୍ଡପଡା,୧୭।୬(ସ୍ୱ.ପ୍ର.)**

ସୋମବାର ଜ୍ୟେଷ୍ଠ ପୂର୍ଣ୍ଣମୀ ଅବସରରେ କଣ୍ଟିଲୋ ନୀଳମାଧବ ଜୀଉଙ୍କ ପାର୍ଶ୍ୱ ମନ୍ଦିରରେ ବିରାଜିତ ପ୍ରଭୁ ଜଗନ୍ନାଥ, ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ସ୍ନାନ ଯାତ୍ରା ପାରମ୍ପରିକ ରୀତିରେ ଶେଷ ହୋଇଛି। ପୂର୍ବାହ୍ନ ସାଢେ ୮ଟାରେ ମଙ୍ଗଳାର୍ପଣ ପରେ ଶ୍ରୀସୁଦର୍ଶନ ଜୀଉ, ପରେ ବଡ ଠାକୁର ବଳଭଦ୍ର, ମା' ସୁଭଦ୍ରା ଓ ଶେଷରେ କାଳିଆ ଠାକୁର ଶ୍ରୀଜଗନ୍ନାଥଙ୍କୁ ସ୍ନାନ ମଣ୍ଡପକୁ ଧାଡି ପହଣ୍ଡିରେ ବିଜେ କରାଯାଇଥିଲା । ଚୁଆ, ଚନ୍ଦନ, କର୍ପୁର ଆଦି ପକାଯାଇ ଜଳକୁ ଅଧିବାସ ପୂର୍ବକ ପୂର୍ବାହ୍ନ ସାଢେ୧୦ଟାରେ ସ୍ନାନ ମଣ୍ଡପରେ ବଳଭଦ୍ରଙ୍କୁ ୩୦ଗଡୁ, ସୁଭଦ୍ରାଙ୍କୁ ୨୨ ଗଡୁ, ଶ୍ରୀଜଗନ୍ନାଥଙ୍କୁ ୩୩ ଗଡୁ ଓ ସୁଦର୍ଶନଙ୍କୁ ୧୮ ଗଡୁ ଜଳରେ ଏପରି ୧୦୮ କୁମ୍ଭ ଜଳ ଦ୍ୱାରା ସମସ୍ତ ନିଯୋଗୀମାନଙ୍କ ଉପସ୍ଥିତିରେ ସ୍ନାନ କରାଯାଇଥିଲା । ସ୍ନାନ ମଣ୍ଡପରେ ନିଯୋଗିଆ ଓ ସେବାସୀମାନେ ଯାଇ ଠାକୁରଙ୍କ ଦାନ୍ତଘଷା ନୀତି କରିବା ପରେ ଯଜ୍ଞାମୃତ କରାଯାଇ ପୁନଶ୍ଚ ସହସ୍ର କୁମ୍ଭ ଜଳରେ ଠାକୁରଙ୍କୁ ସ୍ନାନ କରାଯାଇଥିଲା । ପୂର୍ବାହ୍ନ ପ୍ରାୟ ସାଢେ୮ଟାରେ ଏକ ଶୋଭାଯାତ୍ରା କଣ୍ଟିଲୋ ଖୁଦବେହେରା ପାଟଣା ଗ୍ରାମରେ ପହଞ୍ଚିଥିଲା । ସେଠାରେ କାରିଗର ପ୍ରଶାନ୍ତ କୁମାର ସାହୁଙ୍କ ଦ୍ୱାରା ପ୍ରସ୍ତୁତ ହାତୀବେଶ ସଜ ଓ ତାହିଆକୁ ପୂଜାର୍ଚ୍ଚନା କରାଯାଇ ସ୍ନାନ ମଣ୍ଡପକୁ ଅଣାଯାଇଥିଲା । ଠାକୁରଙ୍କୁ ଗଜାନନ ବେଶ କରାଯାଇ ବଲ୍ଲଭ ନୀତି ଅନୁଷ୍ଠିତ ହୋଇଥିଲା । ପରେ ପହଡ ଖୋଲା ହୋଇ ନୀଳମାଧବ ଜୀଉଙ୍କ ସନ୍ଧ୍ୟା ଧୂପ ସମ୍ପନ୍ନ ହୋଇଥିଲା । ସ୍ନାନ ବେଦୀରେ ଠାକୁରମାନଙ୍କୁ ଗଜାନନ ବେଶରେ ଦର୍ଶନ କଲେ କୋଟି ଜନ୍ମର ପାପ କ୍ଷୟ ହୋଇଥାଏ ବୋଲି ବିଶ୍ୱାସ ରହିଥିବାରୁ ବହୁ ଶ୍ରଦ୍ଧାଳୁଙ୍କ ଭିଡ ଲାଗି ରହିଥିଲା । ଅଧିକ ସ୍ନାନ ଫଳରେ ଅସୁସ୍ଥ (ଜ୍ୱର) ହୋଇ ପଡିବାରୁ ବିଳମ୍ବିତ ରାତିରେ ଶ୍ରୀ ଜୀଉମାନଙ୍କୁ ସ୍ନାନ ବେଦୀରୁ ଅଣସର ଘରକୁ ପହଣ୍ଡି ବିଜେ କରାଯାଇ ନିଆ ଯାଇଛି । ଚଳିତ ବର୍ଷ ସ୍ନାନ ଯାତ୍ରା ପାଳନ ନିମନ୍ତେ ପୁରୀ ବାଲିସାହି ଜିଆର ସ୍ୱାମୀ ମଠର ମହନ୍ତ ସ୍ୱାମୀ ଇନ୍ଦ୍ରନୀଳମଣି ମହାରାଜ ସମସ୍ତ ସହଯୋଗ ଯୋଗାଇ ଦେଇଥିବା ମନ୍ଦିର ମ୍ୟାନେଜର ହରିହର ଦାଶ ସୂଚନା ଦେଇଛନ୍ତି । ସେହିପରି ଜ୍ୟେଷ୍ଠ ପୂର୍ଣ୍ଣମୀ ଉପଲକ୍ଷେ ଖଣ୍ଡପଡା, ଖଳିସାହି, ମର୍ଦ୍ଦରାଜପୁର ଓ ଏହାର ଆଖପାଖ ଅଞ୍ଚଳ ଉତ୍ସବ ମୁଖର ହୋଇ ଉଠିଥିଲା । ଖଣ୍ଡପଡା ସହରାଞ୍ଚଳସ୍ଥିତ ଶ୍ରୀ ଜଗନ୍ନାଥ ମନ୍ଦିରରୁ ସେବାୟତମାନେ ଏକକ ମୂର୍ତ୍ତି ଶ୍ରୀଜଗନ୍ନାଥଙ୍କୁ ପହଣ୍ଡି ବିଜେ କରାଇ ନିକଟସ୍ଥ ସ୍ନାନ ବେଦୀକୁ ବିଜେ କରାଇଥିଲେ । ପରେ ଶ୍ରୀ ଜଗନ୍ନାଥଙ୍କୁ ଗଜାନନ ବେଶ କରାଯାଇଥିଲା। ସେହିପରି ରଥଗଡା ଛକ ଶ୍ରୀ ରଘୁନାଥଙ୍କ ମନ୍ଦିର ପରିସରରେ ପୂଜା ପାଉଥିବା ମହିମା ମେରୁ(ଶ୍ରୀ ଜଗନ୍ନାଥ, ବଳଭଦ୍ର ଓ ଦେବୀ ସୁଭଦ୍ରା)ଙ୍କୁ ପହଣ୍ଡିରେ ସ୍ନାନ ମଣ୍ଡପକୁ ନିଆଯାଇ ଗଜାନନ ବେଶ କରାଯାଇଥିଲା । ସନ୍ଧ୍ୟା ଦର୍ଶନ ପରେ ପୂଜାର୍ଚ୍ଚନା କରାଯାଇ ଶ୍ରୀ ଜୀଉମାନଙ୍କୁ ଅଣସର ଗୃହକୁ ବିଜେ କରାଯାଇଥିଲା। କଣ୍ଟିଲୋ ନିକଟସ୍ଥ ସିଧାମୂଳା ଗୋକୁଳାନନ୍ଦ ଜୀଉ ମନ୍ଦିରରେ ପାରମ୍ପରିକ ରୀତିରେ ଜୀଉମାନଙ୍କୁ ସ୍ନାନ କରାଯିବା ସହ ଗଜାନନ ବେଶରେ ସଜା ଯାଇଥିଲା । ସୂଚନା ଯୋଗ୍ୟ ଯେ, ପବିତ୍ର ଜ୍ୟେଷ୍ଠ ପୂର୍ଣ୍ଣମୀରେ ମହାପ୍ରଭୁ ଜଗନ୍ନାଥଙ୍କର ଆବିର୍ଭାବ ତଥା ଜନ୍ମ ତିଥି ଅଟେ । ଠାକୁରଙ୍କ ହାତୀ ବେଶ ପଛରେ ରହିଥିବା କିମ୍ବଦନ୍ତୀ ଅନୁଯାୟୀ ଗଣେଶଙ୍କ ପରମ ଭକ୍ତ ଭାବେ ପରିଚିତ ଉତ୍ତର ପ୍ରଦେଶର ଗଣପତି ଭଟ୍ଟ ଏକଦା ପୁରୀ ଶ୍ରୀକ୍ଷେତ୍ର ପରିଭ୍ରମଣରେ ଆସିଥିଲେ। ସେ ଜଗନ୍ନାଥଙ୍କୁ ଗଣେଶ ରୂପରେ ଦର୍ଶନ କରିବାକୁ ଇଚ୍ଛା କରିଥିଲେ । ମାତ୍ର ସେ ଶ୍ରୀ ଗଣେଶଙ୍କୁ ଦେଖି ନ ପାରି ଦୁଃଖିତ ମନରେ ଫେରି ଆସିଲେ। ସେହି ରାତିରେ ଭଟ୍ଟଙ୍କୁ ସ୍ୱପ୍ନାଦେଶ ହେଲା ତୁମେ ଆସନ୍ତା କାଲି ଆସି ଦର୍ଶନ କର । ପରଦିନ ଠାକୁରଙ୍କ ସ୍ନାନ ପୂର୍ଣ୍ଣମୀ ଥାଏ । ସ୍ୱପ୍ନାଦେଶ କ୍ରମେ ଗଣପତି ଭଟ୍ଟ ପୁନର୍ବାର ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସିବା ବେଳେ ସ୍ନାନ ବେଦୀରେ ଥିବା ପ୍ରସାଦକୁ ମହାପ୍ରଭୁ ଶୁଣ୍ଢ ବୁଡାଇ ହାତୀଙ୍କ ପରି ଭୋଜନ କରୁଥିବା ଦେଖିବାକୁ ପାଇଥିଲେ । ସେହି ଦିନଠାରୁ ଦେବସ୍ନାନ ପୂର୍ଣ୍ଣମୀରେ ମହାପ୍ରଭୁଙ୍କର ଗଜାନନ ବା ହାତୀ ବେଶ ଅନୁଷ୍ଠିତ ହୋଇ ଆସୁଛି ।



ନୀଳମାଧବ ମନ୍ଦିର ପାର୍ଶ୍ୱ ଠାକୁରଙ୍କ ସ୍ନାନ ମଣ୍ଡପରେ ହାତୀବେଶ।

## ରଥଖଳାରୁ....

### ତିନି ରଥର ୪ ନାହାକା ଉଠିଲା

**ପୁରୀ ଅଫିସ, ୧୭।୬**

ସୋମବାର ପବିତ୍ର ଦେବସ୍ନାନ ପୂର୍ଣ୍ଣମୀରେ ତିନିରଥର ୪ ନାହାକ ଉଠିଛି। ଅକ୍ଷୟତୃତୀୟା ଠାରୁ ଶ୍ରୀନଅର ସମ୍ମୁଖ ରଥଖଳାରେ ତିନି ମୁଖ୍ୟ ବିଶ୍ୱକର୍ମାଙ୍କ ତତ୍ତ୍ୱାବଧାନରେ ରଥକାମ ଚାଲିଛି। ପ୍ରଥମେ ତୁମ୍ବରେ ପଇ ସଂଯୋଗ କରାଯାଇ ଶ୍ରୀକ୍ଷେତ୍ର ଭଉଁରୀରେ ତିନି ରଥର ଦୁଇଟି ଲେଖାଏ ଚକ ଅଖ ତେରା ଯାଇଥିଲା। ଚକ ନିର୍ମାଣ ସରିବା ପରେ ବଳକା ୩୬ଟିଚକ ଓ ୧୮ଟିଅଖ ସଂଯୋଗ କରାଯାଇଥିଲା। ଦଣ୍ଡା ଖଞ୍ଜାଯିବା ପରେ ଅଖରେ ମେଣ୍ଟି (ଅଖ ମଝିରେ କାଠ ଖଞ୍ଜିବା) କରାଯାଇ ଦଣ୍ଡା ଉଠିଥିଲା। ଦଣ୍ଡାରେ କଣଗୁଜ ଓ ନିରାଡି ସଂଯୋଗ ସହ ଗୟଳ ମୋଡ଼ା ହୋଇଥିଲା। ସୋମବାର ତିନି ରଥର ନାହାକ ଉଠାଯାଇଛି ବୋଲି ନନ୍ଦିଘୋଷ ରଥର ମୁଖ୍ୟ ବିଶ୍ୱକର୍ମା ବିଜୟ ମହାପାତ୍ର ସୂଚନା ଦେଇଛନ୍ତି। ସେ କହିଛନ୍ତି, ରଥ ନିର୍ମାଣର ଏକ ବିଧି ରହିଛି। ସେହି ଅନୁସାରେ କାମ କରାଯାଇଥାଏ। ଦେବସ୍ନାନ ପୂର୍ଣ୍ଣମୀରେ ତିନି ରଥର ୪ଟି ଲେଖାଏ ନାହାକା ଉଠିବା ପରମ୍ପରା ରହିଛି। ତେଣୁ ଆଜି ତିନି ରଥର ନାହାକା ଉଠାଯାଇଥିଲା। ସେହିପରି ଭୋଇ ସର୍ଦ୍ଦାର ରବି ଭୋଇ କହିଛନ୍ତି, ମହାରଣା ଓ ଭୋଇ ସେବକମାନେ ମିଳିତ ଭାବେ ଏହି କାର୍ଯ୍ୟକୁ ସମ୍ପାଦନା କରିଛନ୍ତି। ନନ୍ଦିଘୋଷ ରଥର ରୂପକାର ସେବକ ରାଜେନ୍ଦ୍ର ମହାପାତ୍ର କହିଛନ୍ତି, ତିନି ରଥର ୪୪ଟି କଣଗୁଜ ସରିଛି। ଏବେ ସିଂହାସନ କାମ ଆରମ୍ଭ ହୋଇଛି।

# ଜଗନ୍ନାଥ ମନ୍ଦିରରେ ଦେବସ୍ନାନ ପୂର୍ଣ୍ଣିମା

**ନୟାଗଡ଼ ଅଫିସ,୧୭।୬**

ପବିତ୍ର ଦେବସ୍ନାନ ପୂର୍ଣ୍ଣିମା ଅବସରରେ ନୟାଗଡ଼ ସହରସ୍ଥିତ ଜଗନ୍ନାଥ ମନ୍ଦିରରେ ସୋମବାର ସକାଳେ ଠାକୁରଙ୍କ ସ୍ନାନନୀତି କରାଯାଇଥିଲା। ବଡ଼ପଣ୍ଡା ଉଦୟ ନାଥ ଦାଶଙ୍କଠାରୁ ମିଳିଥିବା ସୂଚନାନୁସାରେ ଭୋର ୪ଟାରେ ଠାକୁରଙ୍କୁ ଦେବସ୍ନାନ ମଣ୍ଡପକୁ ପହୁଡ଼ କରି ଅଣାଯାଇଥିଲା। ପରେ ଚତୁର୍ଥାବିଗ୍ରହଙ୍କୁ ଜଳଧୂପ, ପଞ୍ଚାମୃତ, ମାଗସ୍ନାନ, ମଙ୍ଗଳ ଆଳତି କରାଯାଇଥିଲା। ପୂର୍ବାହ୍ନ ୯ଟାରେ ୧୦୮ କଳସ ଜଳରେ ଠାକୁରଙ୍କୁ ସ୍ନାନ କରାଯାଇ ୧୦ଟାରେ ଗଜାନନ ବେଶରେ ସଜ୍ଜିତ କରାଯାଇଥିଲା। ଛେରାପହଁରା କାର୍ଯ୍ୟକ୍ରମ ପରେ ଠାକୁରଙ୍କୁ ବନ୍ଦାପନା କରାଯାଇ ଧୂପ ଅର୍ପଣ କରାଯାଇଥିଲା। ଏହା ପରଠାରୁ ରାତି ୧୦ଟା ପର୍ଯ୍ୟନ୍ତ ଠାକୁର ଗଜାନନ ବେଶରେ ଭକ୍ତମାନଙ୍କୁ ଦର୍ଶନ ଦେଇଥିଲେ। ପରେ ଠାକୁରଙ୍କୁ ଅଣସର ଘରକୁ ନିଆଯାଇଥିଲା। ସେହିପରି ଶରଣକୁଳ ଲଡୁବାବାଙ୍କ ମନ୍ଦିରରେ ପୂଜା ପାଉଥିବା ଶ୍ରୀ ଜଗନ୍ନାଥ, ଶ୍ରୀ ବଳଭଦ୍ର ଓ ମା' ସୁଭଦ୍ରାଙ୍କ ସ୍ନାନଯାତ୍ରା ମନ୍ଦିର ବେଢ଼ାରେ ଥିବା ସ୍ନାନମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ସକାଳୁ ପଣ୍ଡାମାନେ ତିନିଠାକୁରଙ୍କୁ ରତ୍ନସିଂହାସନରୁ ସ୍ନାନମଣ୍ଡପକୁ ପହଣ୍ଡି କରାଇ ସେଠାରେ ଠାକୁରଙ୍କ ଅବକାଶ ନୀତି କରାଯାଇଥିଲା। ପରେ ୧୦୮ କଳସ ଜଳରେ ତିନି ଠାକୁରଙ୍କୁ ସ୍ନାନ କରାଯାଇଥିଲା। ବଡପଣ୍ଡା ପତିସୁଆର ଓ ପ୍ରତିହାରୀ ସେବକମାନେ ଠାକୁରଙ୍କୁ ନୂତନ ପାଟବସ୍ତ୍ର ପରିଧାନ କରାଇବା ସହ ପୁଷ୍ପ ଓ ତୁଳସୀ ମାଳରେ ସୁସଜ୍ଜିତ କରାଇଥିଲେ। ସ୍ନାନମଣ୍ଡପରେ ଠାକୁରଙ୍କ ସମସ୍ତ ନୀତି ସମାପନ କରାଯିବା ପରେ ଭକ୍ତମାନଙ୍କୁ ଦର୍ଶନ ପାଇଁ ସୁଯୋଗ ଦିଆଯାଇଥିଲା।



ନୟାଗଡ଼ ସହରସ୍ଥିତ ଜଗନ୍ନାଥ ମନ୍ଦିରରେ ଶ୍ରୀଜୀଉଙ୍କ ଗଜାନନ ବେଶ।

# ବୋଲଗଡ଼ରେ ଶ୍ରୀଜୀଉଙ୍କ ସ୍ନାନ ଯାତ୍ରା

**ବୋଲଗଡ,୧୭।୬(ଡି.ଏନ.ଏ.)**

ପବିତ୍ର ଦେବସ୍ନାନ ପୂର୍ଣ୍ଣିମା ଅବସରରେ ବୋଲଗଡ ବ୍ଲକର ବୋଲଗଡ଼, ଅସରଳା ଓ ବାଙ୍କୋଇଠାରେ ଦେବସ୍ନାନ ନୀତି ଅନୁଷ୍ଠିତ ହୋଇଯାଇଛି। ବୋଲଗଡ଼ସ୍ଥିତ ଜଗନ୍ନାଥ ମନ୍ଦିରରେ ପ୍ରାତଃ ସମୟରେ ଠାକୁରଙ୍କ ନୀତି ଅନୁଷ୍ଠିତ ହୋଇଥିଲା। ପୂର୍ବାହ୍ନ ୮ଟାରେ ଶ୍ରୀବିଗ୍ରହମାନଙ୍କୁ ପହଣ୍ଡି ବିଜେ କରାଯାଇ ଦେବସ୍ନାନ ମଣ୍ଡପକୁ ନିଆଯାଇଥିଲା। ୧୧ଟାରେ ଶ୍ରୀଜୀଉମାନଙ୍କ ଦେବସ୍ନାନ କରାଯାଇଥିଲା। ସେହିପରି ଅସରଳାସ୍ଥିତ ଶ୍ରୀ ଦଧିବାମନଙ୍କ ମନ୍ଦିରରେ ଶ୍ରୀ ବିଗ୍ରହଙ୍କୁ ଦେବସ୍ନାନ କରାଯାଇଥିଲା । ବାଙ୍କୋଇସ୍ଥିତ ଜଗନ୍ନାଥ ମନ୍ଦିରରେ ମଧ ଦେବସ୍ନାନ ନୀତି ଅନୁଷ୍ଠିତ ହୋଇଯାଇଛି।



ବୋଲଗଡ଼ ସ୍ଥିତ ଦେବସ୍ନାନ ମଣ୍ଡପରେ ଶ୍ରୀଜୀଉ।

# ସଞ୍ଜୀବ ଦୁର୍ଗା କ୍ରିକେଟ୍ ଉଦ୍‌ଯାପିତ

## ବେଙ୍ଗଲ ଟାଇଗର୍ ବିଜୟୀ

**କୃଷ୍ଣପ୍ରସାଦ,୧୭।୬(ଡି.ଏନ.ଏ.)**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ଗୋମୁଣ୍ଡିଆ ପଞ୍ଚାୟତର ମା' ସଞ୍ଜୀବ ଦୁର୍ଗା ଯୁବ ସଂସଦ ତରଫରୁ ରଜ ଉତ୍ସବ ଅବସରରେ ଗ୍ରାମୀଣ କ୍ରିକେଟ୍ ପ୍ରତିଯୋଗିତା ଆୟୋଜିତ ହୋଇଛି। ସୋମବାର ହୋଇଥିବା ଏହି ଖେଳରେ ବେଙ୍ଗଲ ଟାଇଗର୍ ଟିମ ବିଜୟ ଲାଭ କରିଛି। ଉଦ୍‌ଯାପନୀ ଦିବସରେ ବେଙ୍ଗଲ ଟାଇଗର୍ ଓ ସାଇ ସଂସ୍କୃତି ରୟାଲ ଟିମ୍ ମଧ୍ୟରେ ଖେଳ ହୋଇଥିଲା। ବେଙ୍ଗଲ ଟାଇଗର୍ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୧ଶହ ରନ୍ ସଂଗ୍ରହ କରିଥିବାବେଳେ ସାଇ ସଂସ୍କୃତି ସମୁଦାୟ ୭୮ରନ୍ କରି ପରାଜିତ ହୋଇଥିଲା । ଉତ୍ସବକୁ ଗ୍ରାମ୍ୟ କମିଟି ସଭାପତି ବାଙ୍କନିଧି ସାହୁ ଉଦ୍‌ଘାଟନ କରିଥିବାବେଳେ ମୁଖ୍ୟଅତିଥି ଭାବେ ଅନୁଷ୍ଠାନର ସମ୍ପାଦକ ସୁରେନ୍ଦ୍ର ଦାସ ଯୋଗଦେଇଥିଲେ । ଦିଲୀପ କୁମାର ଜେନା, ଦୁଃଶାସନ ନାୟକ ଖେଳ ପରିଚାଳନା କରିଥିବାବେଳେ ସୁରେଶ ଚନ୍ଦ୍ର ସାହୁ ଧାରା ବିବରଣୀ ପ୍ରଦାନ କରିଥିଲେ । ବରିଷ୍ଠ ଶିକ୍ଷକ ଗଣେଶ କୁମାର ନାୟକ, ଯୁବ ପ୍ରତିଭା ଦିଲୀପ କୁମାର ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଉଭୟ ଦଳକୁ ପୁରସ୍କୃତ କରିଥିଲେ ।

■ ହଇରାଣ କରୁଛନ୍ତି ପୁଅବୋହୂ

# ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ବୃଦ୍ଧା ମା'



ଏସ୍‌ପିଙ୍କ ନିକଟକୁ ଅଭିଯୋଗ କରିବାକୁ ଆସିଥିବା କେତକୀଙ୍କ ସହ ଝିଅ ଓ ଜ୍ୱାଇଁ।

**ନୟାଗଡ଼ ଅଫିସ,୧୭।୬**

ନୟାଗଡ଼ ଜିଲା ରଣପୁର ଥାନା ସୁଆଁସିଆ ସାହିରେ ପୁଅବୋହୂ ମିଶି ବୃଦ୍ଧା ମା'ଙ୍କୁ ହଇରାଣ କରୁଛନ୍ତି। ଏ ନେଇ ବୃଦ୍ଧା ମା' ରଣପୁର ଥାନାରେ ଅଭିଯୋଗ କରିଥିଲେ ମଧ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ନ ନେବାରୁ ସୋମବାର ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ବୃଦ୍ଧା ଜଣକ ହେଲେ ସୁଆଁସିଆ ସାହିର କେତକୀ ନନ୍ଦ (୭୫)। କେତକୀଙ୍କ ଅଭିଯୋଗ ଅନୁସାରେ ତାଙ୍କର ୪ ପୁଅ ଓ ୨ଝିଅ ଅଛନ୍ତି। ୩ ପୁଅ ବାହାରେ ରହୁଥିବା ବେଳେ ୨ ନମ୍ବର ପୁଅ ଗ୍ରାମରେ ରୁହନ୍ତି। ଗ୍ରାମରେ ସେ ରହୁଥିବା ସମୟରେ ପୁଅବୋହୂ ତାଙ୍କୁ ହଇରାଣ କରନ୍ତି। ଦିନକୁ ଦିନ ଏହା ବଢ଼ିବାରୁ ସେ ଯାଜପୁରରେ ରହୁଥିବା ତାଙ୍କ ଝିଅ ପାଖକୁ ପଳାଇଥିଲେ। ୫ବର୍ଷ ହେଲା ସେଠାରେ ରହିଆସୁଛନ୍ତି। ମଝିରେ ମଝିରେ ଚାଉଳ ଓ ଭତ୍ତା ପାଇଁ ଗ୍ରାମକୁ ଆସନ୍ତି। ଫନୀରେ ଟଙ୍କା ମିଳିବାକୁ ଥିବାରୁ ସେ ମେ ୨୪ ତାରିଖରେ ଝିଅ ସାଙ୍ଗରେ ଗ୍ରାମକୁ ଆସିଥିଲେ। ହେଲେ ପୁଅ ସୁରେନ୍ଦ୍ର ନନ୍ଦ ଓ ବୋହୂ ସୁନିତା ନନ୍ଦ ମିଶି ତାଙ୍କୁ ବାଡ଼େଇ ଘରୁ ବାହାର କରି ଦେଇଥିଲେ। ଏପରି କି ତାଙ୍କ ଝିଅକୁ ମଧ ବାଡ଼େଇଥିଲେ। ଏ ନେଇ କେତକୀ ରଣପୁର ଥାନାରେ ଅଭିଯୋଗ କରିବାକୁ ଯାଇଥିଲେ। ହେଲେ ଥାନାରେ କୌଣସି ମାମଲା ରୁଜୁ କରାଗଲା ନାହିଁ। କିଛି ଦିନ ପରେ କେତକୀ ଗତ ୧୩ ତାରିଖରେ ଏସ୍‌ପିଙ୍କ ନିକଟକୁ ଅଭିଯୋଗ କରିବାକୁ ଆସିଥିଲେ। ରଣପୁର ପୋଲିସ ଏ ଖବର ପାଇବା ପରେ ୧୪ ତାରିଖରେ କେତକୀ ଓ ତାଙ୍କ ଝିଅଙ୍କୁ ଥାନାକୁ ଡାକିଥିଲା। ହେଲେ କୌଣସି ସମାଧାନ ନ କରି ଛାଡ଼ି ଦେଇଥିଲା। ନ୍ୟାୟ ନ ପାଇବାରୁ ସୋମବାର କେତକୀ ଝିଅ ଓ ଜ୍ୱାଇଁଙ୍କୁ ଧରି ପୁନର୍ବାର ଏସ୍‌ପିଙ୍କ ନିକଟକୁ ଯାଇଥିଲେ। ଏସ୍‌ପି ଶଶିଭୂଷଣ ଶତପଥୀ ଘଟଣାର ତଦନ୍ତ କରାଯାଉଥିବା ପ୍ରକାଶ କରିଛନ୍ତି। ଏ ନେଇ ରଣପୁର ଥାନା ଅଧିକାରୀ ବୈଦ୍ୟନାଥ ଭୋଇ କହନ୍ତି, ଥାନାରେ ଏ ନେଇ ଦୁଇଟି ମାମଲା ରୁଜୁ କରାଯାଇଛି। କେତକୀଙ୍କ ଅଭିଯୋଗକୁ ଆଧାର କରି ୧୪ ତାରିଖରେ ୧୩୦/୧୯ରେ ମାମଲା ରୁଜୁ କରାଯାଇଛି। ସେହିଭଳି ସୁନିତା ନନ୍ଦ ମଧ ଥାନାରେ ତାଙ୍କ ଶାଶୁ ଓ ନଣନ୍ଦ ତାଙ୍କୁ ବାଡ଼େଇଥିବା ଅଭିଯୋଗ କରିଛନ୍ତି। ଏହି ଅଭିଯୋଗକୁ ଭିତ୍ତି କରି ୧୩୧/୧୯ରେ ମାମଲା ରୁଜୁ କରାଯାଇ ତଦନ୍ତ କରାଯାଉଥିବା ଥାନା ଅଧିକାରୀ ପ୍ରକାଶ କରିଛନ୍ତି।

# ଯାତ୍ରା ପଡ଼ିଆରେ ବିଜେ କଲେ ଠାକୁର

**ବୋଲଗଡ଼,୧୭।୬(ଡି.ଏନ୍.ଏ.)**

ବୋଲଗଡ଼ ବ୍ଲକର ବିଭିନ୍ନ ସ୍ଥାନରେ ରଜପର୍ବ ପାଳନ କରାଯାଇଛି। ବୋଲଗଡ଼ ଗଡ଼ ମା'ରାମଚଣ୍ଡୀଙ୍କ ପୀଠ, ଆରିକମାର ମା'କୋଶଳାଶୁଣୀ ପୀଠ, ଅସରଳ, ସଂପୁର, ଗୋଡିଆଳି ଓ ରାଜସୁନାଖଳା ଆଦି ବିଭିନ୍ନ ସ୍ଥାନରେ ରଜଯାତ୍ରା ଲୋକଙ୍କ ପାଇଁ ଆକର୍ଷଣ ପାଲଟିଥିଲା। ମା' ଯାତ୍ରା ପଡ଼ିଆରେ ବିଜେକରି ଆଟୋପ ପଟୁଆରରେ ପୁଣି ମନ୍ଦିରକୁ ବାହୁଡିଥିଲେ। ଅସରଳା ଗ୍ରାମରେ ଦଧିବାମନଜୀଉଙ୍କୁ ଏକ ପଟୁଆରରେ ଗ୍ରାମ ପରିକ୍ରମାପୂର୍ବକ ରଜଯାତ୍ରା ପଡିଆକୁ ବିଜେ କରାଯାଇଥିଲା। ଯାତ୍ରା ପଡିଆରେ ୪ଦିନ ଧରି ନାଟକ ମହୋତ୍ସବ ଅନୁଷ୍ଠିତ ହୋଇଥିଲା। ଆରିକମାସ୍ଥିତ ମା'କୋଶଳାଶୁଣୀଙ୍କ ପୀଠରେ ମାଛ ଭୋଗ କରାଯାଇଥିଲା। ଏହି ଦିନ ମାଛ ଧରି ନୂତନ ଚୁଲି, ନୂତନ ମାଟି ହାଣ୍ଡିରେ ମାଛ ରନ୍ଧା ଯାଇଥିଲା। ସାଗରଗାଁ ପଞ୍ଚାୟତର ଗୋଡିଆଳି ରଜଯାତ୍ରା ପଡ଼ିଆରେ ହୋମଯଜ୍ଞାଦି କାର୍ଯ୍ୟକ୍ରମ ମାଧ୍ୟମରେ ଧୁମ୍‌ଧାମ୍‌ର ସହ ରଜ ଉତ୍ସବ ପାଳନ କରାଯାଇଥିଲା।



ଅସରଳା ରଜଯାତ୍ରା ପଟୁଆରରେ ଘୋଡ଼ାନାଚ ଦୃଶ୍ୟ।

# କରାଯାଉନି ସଚେତନତା, ବଢୁଛି ବାଲ୍ୟ ବିବାହ

**ନୂଆଗାଁ,୧୭।୬(ଡି.ଏନ.ଏ.)**

ବାଲ୍ୟ ବିବାହ ରୋକିବା ପାଇଁ ସରକାର ଅନେକ ସଚେତନତାମୂଳକ କାର୍ଯ୍ୟକ୍ରମ କରୁଥିବା ବେଳେ ନୟାଗଡ ଜିଲା ନୂଆଗାଁ ବ୍ଲକରେ ତାହାର ଅଭାବ ପରିଲକ୍ଷିତ ହୋଇଛି। ଏଥିଯୋଗୁଁ ଏ ଅଞ୍ଚଳରେ ଦିନକୁ ଦିନ ବାଲ୍ୟ ବିବାହ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । ବିଶେଷକରି ଅଭାବ ଅନଟନ ଓ ପ୍ରେମଜନିତ କାରଣରୁ ବାଲ୍ୟ ବିବାହ କରାଯାଉଥିବା ଜଣାପଡିଛି। ଏପରିକି ଅଧିକାଂଶ ସ୍କୁଲରେ ପଢୁଥିବା ତେର ବର୍ଷରୁ କମ ବୟସର ପିଲାମାନେ ଯୌନଶୋଷଣର ଶିକାର ହେଉଛନ୍ତି। ପରିସ୍ଥିତିରେ ପଡି ସେମାନେ ବିବାହ କରିବାକୁ ବାଧ୍ୟ ହେଉଛନ୍ତି। ସ୍କୁଲ କଲେଜ କର୍ମଚାରୀ, ଛାତ୍ରୀଛାତ୍ର, ଅଭିଭାବକମାନଙ୍କ ମଧ୍ୟରେ ସଚେତନତାର ଅଭାବ ଏହା ଏକ କାରଣ ବୋଲି କୁହାଯାଉଛି।

କିଭଳି ଭାବରେ ବାଲ୍ୟ ବିବାହ ରୋକାଯାଇପାରିବ ସେ ନେଇ ସରକାରୀ ସ୍ତରରେ ପ୍ରଚେଷ୍ଟା ଜାରି ରହିବା ସହ ତାହାର ଗୁରୁଦାୟିତ୍ୱ ଅଙ୍ଗନୱାଡି କର୍ମୀ, ଆଶାକର୍ମୀ ,ଶିଶୁ ସୁରକ୍ଷା ବିଭାଗ, ଆଇସିଡିଏସ ପ୍ରମୁଖଙ୍କୁ ପ୍ରଦାନ କରାଯାଇଛି । ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ ମାଧ୍ୟମରେ ବାଲ୍ୟ ବିବାହର କୁପରିଣାମ ବିଷୟରେ ଲୋକଙ୍କୁ ବୁଝାଇ ପାରିଲେ ଏହା ରୋକାଯାଇ ପାରିବ ବୋଲି ଆଶା କରାଯାଇଛି । କିନ୍ତୁ ନୂଆଗାଁ ବ୍ଲକରେ ଏ ବିଷୟରେ ଜନସାଧାରଣ, ଅଭିଭାବକ ସଚେତନ ନଥିବାରୁ କମ ବୟସର ପିଲାମାନେ ବିପଥଗାମୀ ହେଉଛନ୍ତି। କିଭଳି ଭାବେ ଏହାକୁ ରୋକାଯାଇ ପାରିବ ସେ ନେଇ ଆମେ ବିଭିନ୍ନ ବର୍ଗର ଲୋକଙ୍କ ମତାମତ ନେଇଥିଲୁ ।

## କଣ କହନ୍ତି ଏମାନେ...



■ କୋମଳମତି ଛାତ୍ରୀମାନେ ଭଲମନ୍ଦର ବିଚାର କରି ପାରନ୍ତି ନାହିଁ । ତେଣୁ ସେମାନେ ଅତି ସହଜରେ ଅନ୍ୟର କଥାକୁ ବିଶ୍ୱାସ କରି ନିଅନ୍ତି। ସେମାନଙ୍କୁ ଯଦି ବାଲ୍ୟ ବିବାହର କୁପରିଣାମ ବିଷୟରେ ସଚେତନ କରାଯାଇ ପାରନ୍ତର ତାହେଲେ ବାଲ୍ୟ ବିବାହ ସଂଖ୍ୟା ବୃଦ୍ଧି ପାଆନ୍ତା ନାହିଁ ।

**- ଭାଗ୍ୟଲତା ଦେଈ, ପ୍ରଧାନ ଶିକ୍ଷୟିତ୍ରୀ ନୂଆଗାଁ ବାଳିକା ଉଚ୍ଚ ବିଦ୍ୟାଳୟ**



■ ବର୍ତ୍ତମାନ ନୂଆଗାଁ ଅଞ୍ଚଳରେ ହେଉଥିବା ବାଲ୍ୟ ବିବାହ ମୁଣ୍ଡ ବ୍ୟଥାର କାରଣ ହୋଇଛି । ପ୍ରତିଦିନ ନାବାଳିକା ନିଖୋଜ ହେବା ନେଇ ପରିବାର ଲୋକେ ଅଭିଯୋଗ କରୁଛନ୍ତି। ଧରାପଡିବା ପରେ ପ୍ରେମିକ ସହ ବିବାହ ପାଇଁ ଜିଦ୍ ଧରୁଛନ୍ତି। ବାପାମା ବାଧ୍ୟ ହୋଇ ନାବାଳିକାଙ୍କୁ ବିବାହ କରାଇ ଦେଉଛନ୍ତି। ଏ କ୍ଷେତ୍ରରେ ପ୍ରଥମେ ନାବାଳିକାଙ୍କ ଅଭିଭାବକମାନଙ୍କୁ ବାଲ୍ୟ ବିବାହର କୁପରିଣାମ ବିଷୟରେ ସଚେତନ କରାଯିବା ସହ ପିଲାମାନଙ୍କୁ ମୋବାଇଲ ବ୍ୟବହାର ଠାରୁ ଦୂରଇ ରଖାଯିବା ପାଇଁ କୁହାଯିବ। ପିଲା ପାଠ ପଢିବା ପାଇଁ ଯାଉଛି କି କାହା ସହ ମିଳାମିଶା କରୁଛି ତାହା ଅଭିଭାବକ ବୁଝିବା କଥା। ବାପା ମାଆ ସଚେତନ ହୋଇ ପିଲାଙ୍କୁ ନିଜ ଦୃଷ୍ଟିରେ ରଖିଲେ ଏଭଳି ଘଟଣା ଘଟିବ ନାହିଁ ।

**- ମନୋରମା ମଲିକ, ଆଇଆଇସି ନୂଆଗାଁ ଥାନା**



■ ବାପା ମାଆ ସଚେତନ ହୋଇ ପାରିଲେ ପିଲାମାନେ ବିପଥଗାମୀ ହୋଇ ପାରିବେ ନାହିଁ । ବର୍ତ୍ତମାନ ସମୟରେ ସଚେତନ ଅଭାବରୁ ନାବାଳିକାମାନେ ନିଜ ଭବିଷ୍ୟତକୁ ଅନ୍ଧକାର ମଧ୍ୟକୁ ଠେଲି ଦେଉଛନ୍ତି । ତେଣୁ ପ୍ରଶାସନ ପକ୍ଷରୁ ଅଭିଭାବକମାନଙ୍କୁ ସଚେତନ କରାଇବା ଆବଶ୍ୟକ ।

**- ଶୁଭସ୍ମିତା ଦାଶ, +୩ ଛାତ୍ରୀ, ନୂଆଗାଁ ମହାବିଦ୍ୟାଳୟ**



■ ନୂଆଗାଁ ବ୍ଲକରେ କୌଣସି ସଚେତନତା ମୂଳକ କାର୍ଯ୍ୟକ୍ରମ କରାଯାଉ ନାହିଁ। ଯାହାଦ୍ୱାରା କେଉଁଟା ଭୁଲ କେଉଁଟା ଠିକ ତାହା ଜନସାଧାରଣ ଜାଣି ପାରୁ ନାହାନ୍ତି । ବର୍ତ୍ତମାନ ନୂଆଗାଁ ଅଞ୍ଚଳର ସ୍କୁଲରେ ପଢୁଥିବା କୋମଳମତି ବାଳିକାମାନେ ବିପଥଗାମୀ ହେବା ସହ ଘରଛାଡି ଚାଲି ଯାଉଥିବା ଦେଖିବାକୁ ମିଳୁଛି ।

**- ରମେଶ ଚନ୍ଦ୍ର ପ୍ରଧାନ, ସମିତି ସଭ୍ୟ ନୂଆଗାଁ**

■ କେବଳ ନୂଆଗାଁ ବ୍ଲକ ନୁହେଁ ଅନେକ ସ୍ଥାନରେ ବାଲ୍ୟ ବିବାହ ହେଉଥିବା ଦେଖିବାକୁ ମିଳୁଛି । ଖବର ପାଇଲେ ଆମେ ସେଠାରେ ପହଞ୍ଚି ତାକୁ ବନ୍ଦ କରୁଛୁ । ସରକାରଙ୍କ ନିର୍ଦ୍ଦେଶ ଆସିଲେ ଆମେ ନିଶ୍ଚିତ ସଚେତନତା କାର୍ଯ୍ୟକ୍ରମ କରିବୁ ।

**- ଆରତୀ ପଟ୍ଟନାୟକ, ନୂଆଗାଁ ସିଡିପିଓ**